# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜୁନ୍ ୧୫/୨୦୨୩ (୧୬ ପୃଷ୍ଠା) | Bhubaneswar, Thursday, June 15/2023 | Page 16 | ₹ 7.00 | RAYAGADA

୪୯ଶ ଭାଗ ୨୦୦ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 49 ISSUE 200 | ମୂଲ୍ୟ₹୭/-







## ଉଦ୍‌ଘାଟନ ପୂର୍ବରୁ ଭୁଶୁଡ଼ିଲା ଗୁଜରାଟର ତପି ବ୍ରିଜ୍

**ଗାନ୍ଧୀନଗର, ୧୪।୬:** ଗୁଜରାଟର ତପି ଦେଇ ପ୍ରବାହିତ ମିନ୍‌ଧୋଲା ନଦୀ ଉପରେ ନିର୍ମିତ ବ୍ରିଜ୍ ଉଦ୍‌ଘାଟନ ପୂର୍ବରୁ ବୁଧବାର ସକାଳେ ଭୁଶୁଡ଼ି ପଡ଼ିଛି। ୨୦୨୧ରେ ୨ କୋଟି ଟଙ୍କା ବ୍ୟୟରେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ନିର୍ମାଣରେ ବ୍ୟାପକ ଦୁର୍ନୀତି ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ ଆଣିଛନ୍ତି। ଅତି ନିମ୍ନମାନର ସାମଗ୍ରୀ ଏଥିରେ ବ୍ୟବହାର କରାଯାଇଥିବା କୁହାଯାଉଛି। ତପିର ମାୟାପୁରରୁ ଦେଗାମାକୁ ସଂଯୋଗ କରିବାକୁ ଥିବା ଏହି ବ୍ରିଜ୍ ଭୁଶୁଡ଼ିବା ଫଳରେ ପ୍ରାୟ ୧୫ ଗ୍ରାମ ପ୍ରଭାବିତ ହୋଇଛି।

## ଦୋଷୀ ହେଲେ ବି ଲଢ଼ିପାରିବେ ଟ୍ରମ୍ପ୍

ୱାଶିଂଟନ୍, ୧୪।୬

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ବିରୋଧରେ ବେଆଇନ ଭାବେ ଗୁରୁତ୍ୱପୂର୍ଣ୍ଣ ସରକାରୀ ଦସ୍ତାବିଜ ରଖିବା ଅଭିଯୋଗ ସ୍ଥିର ହୋଇଛି। ୭୭ ବର୍ଷୀୟ ଟ୍ରମ୍ପ୍ ୨୦୨୧ରେ ରାଷ୍ଟ୍ରପତି ପଦରୁ ଅବ୍ୟାହତି ନେବା ପରେ ଏହି ଗୁପ୍ତ ତଥା ସମ୍ବେଦନଶୀଳ ଦସ୍ତାବିଜଗୁଡ଼ିକୁ ନିଜ ବାଥରୁମ୍ ଓ ଶୟନକକ୍ଷରେ ରଖିଥିଲେ। ମଙ୍ଗଳବାର ଫ୍ଲୋରିଡାସ୍ଥିତ ମିଆମି ଫେଡେରାଲ କୋର୍ଟରେ ସେ ୩୭ ଅଭିଯୋଗକୁ ଖଣ୍ଡନ କରିବା ସହ ନିଜକୁ ନିର୍ଦ୍ଦୋଷ ଦର୍ଶାଇଥିଲେ। ଟ୍ରମ୍ପ୍ କୋର୍ଟରେ ଆତ୍ମସମର୍ପଣ କରିବା ପରେ ତାଙ୍କୁ ଗିରଫ କରାଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ଛାଡ଼ି ଦିଆଯାଇଥିଲା। ଜଣେ ପୂର୍ବତନ ରାଷ୍ଟ୍ରପତିଙ୍କ ବିରୋଧରେ ଏପରି ଆପରାଧିକ ମାମଲା ଚାଲିବା ଆମେରିକା ଇତିହାସରେ ପ୍ରଥମ ଘଟଣା।

୨୦୨୪ ରାଷ୍ଟ୍ରପତି ନିର୍ବାଚନରେ ରିପବ୍ଲିକାନ୍ ପାର୍ଟିର ପ୍ରାର୍ଥୀ ଦୌଡ଼ରେ



ଡୋନାଲ୍ଡ ଟ୍ରମ୍ପ୍

ଆଗୁଆ ଥିବା ଡୋନାଲ୍ଡ ଟ୍ରମ୍ପ୍ ଗତ ଏପ୍ରିଲରେ ବ୍ୟବସାୟିକ ରେକର୍ଡ ଜାଲିଆତି ଅଭିଯୋଗରେ ଏକ କୋର୍ଟରେ ହାଜର ହୋଇଥିଲେ। ମେ' ୯ରେ ଟ୍ରମ୍ପ୍‌ଙ୍କ ବିରୋଧରେ ଲେଖିକା ଇ. ଜିନ୍ କାରୋଲ୍ ବଳାତ୍କାର ଅଭିଯୋଗ ଆଣିଥିଲେ। ଟ୍ରମ୍ପ୍ ଏହି ଅଭିଯୋଗକୁ ମଧ୍ୟ ସେତେବେଳେ ଖଣ୍ଡନ କରିଥିଲେ। ଟ୍ରମ୍ପ୍ କାରୋଲଙ୍କୁ ବଳାତ୍କାର କରିଥିବା ନେଇ ବିଚାରପତି କୌଣସି ପ୍ରମାଣ ପାଇ ନ ଥିଲେ। ତେବେ ସେ ତାଙ୍କୁ ଯୌନ ଶୋଷଣ କରିଥିବା ପ୍ରମାଣ ମିଳିଥିବାରୁ ଲେଖିକାଙ୍କୁ ୫ ନିୟୁତ ଡଲାର ପ୍ରଦାନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ୩ ମାମଲା ପରେ ଟ୍ରମ୍ପ୍ ୨୦୨୪ରେ ହ୍ୱାଇଟ୍ ହାଉସ୍ ଦୌଡ଼ରେ ସାମିଲ ହୋଇପାରିବେ କି ନାହିଁ ସେନେଇ ଏବେ ବିତର୍କ ଆରମ୍ଭ ହୋଇଛି। ନ୍ୟୁୟର୍କ ହେଉ କି ଫ୍ଲୋରିଡା କୋର୍ଟରେ ଅଥବା କାରୋଲଙ୍କ ମାମଲାରେ ଟ୍ରମ୍ପ୍ ଦୋଷୀ ସାବ୍ୟସ୍ତ ହେଲେ ମଧ୍ୟ ରାଷ୍ଟ୍ରପତି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ବୋଲି ଆଇନ ବିଶେଷଜ୍ଞମାନେ ମତ ଦେଇଛନ୍ତି। ୟୁନିଭର୍ସିଟି ଅଫ୍ କାଲିଫର୍ନିଆର ଆଇନ ପ୍ରଧାପକ ରିଚାର୍ଡ ହସେନଙ୍କ ମତରେ ଟ୍ରମ୍ପ୍‌ଙ୍କ ବିରୋଧରେ ଅଭିଯୋଗ ସ୍ଥିର ହେଲେ ମଧ୍ୟ ଏପରି କି ସେ ଦୋଷୀ ସାବ୍ୟସ୍ତ ହେଲେ ବି ନିର୍ବାଚନ ଲଢ଼ିବାରୁ ତାଙ୍କୁ ଅଟକାଯାଇପାରିବ ନାହିଁ। ସମ୍ବିଧାନ ଅନୁସାରେ ଯଦି ଜଣେ ପ୍ରାର୍ଥୀ ଆମେରିକାରେ ଜନ୍ମିତ ହୋଇଥିବେ, ତାଙ୍କୁ ୩୫ ବର୍ଷ ହୋଇଥିବ ଏବଂ ଦେଶରେ ସେ ଅନ୍ୟୂନ ୧୪ ବର୍ଷ ରହିଥିବେ ତେବେ ନିର୍ବାଚନ ଲଢ଼ିପାରିବେ। ଏହାବାଦ୍ ଅନ୍ୟ କେତେକ ସାମ୍ବିଧାନିକ କଟକଣା ରହିଛି, ଯାହାକି ଟ୍ରମ୍ପ୍‌ଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ନୁହେଁ।

## ସଂକ୍ଷେପରେ

### ଗ୍ରୀସ୍‌ରେ ବୋଟ୍ ବୁଡ଼ି ୭୯ ମୃତ

**ଆଥେନ୍ସ, ୧୪।୬:** ଗ୍ରୀସ୍ ପେଲୋପୋନେସ୍ସର ଲୋନିଆନ୍ ସମୁଦ୍ରରେ ବୋଟ୍ ବୁଡ଼ି ୭୯ ପ୍ରବାସୀଙ୍କ ମୃତ୍ୟୁ ଘଟିଛି। ରେସ୍କ୍ୟୁ ଟିମ୍ ଦ୍ୱାରା ପାଖାପାଖି ୧୦୦ ଜଣଙ୍କୁ ଉଦ୍ଧାର କରାଯାଇଛି। ମାତ୍ରାଧିକ ଲୋକ ବୋଟ୍‌ରେ ବସିଥିବା ଯୋଗୁ ଭାରସାମ୍ୟ ହରାଇ ବୋଟ୍‌ଟି ବୁଡ଼ିଯାଇଥିବା କୋଷ୍ଟଗାର୍ଡ କହିଛନ୍ତି। ଉଦ୍ଧାର କାର୍ଯ୍ୟରେ ନୌସେନା ଜାହାଜ, ସେନା ବିମାନ ଓ ହେଲିକପ୍ଟର ନିୟୋଜିତ କରାଯାଇଥିଲା। ଘଟଣାରେ ଗୁରୁତରଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

### ଜମ୍ମୁରେ ଏକକାଳୀନ ୪ ଥର ଭୂକମ୍ପ ଝଟକା

**ଜମ୍ମୁ, ୧୪।୬:** ଜମ୍ମୁରେ ବୁଧବାର ଏକକାଳୀନ ୪ଟି ଭୂକମ୍ପ ଝଟକା ଅନୁଭୂତ ହେବା ଯୋଗୁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖିବାକୁ ମିଳିଥିଲା। ସୁରକ୍ଷାକୁ ଦୃଷ୍ଟିରେ ରଖି ସ୍ଥାନୀୟ ପ୍ରଶାସନ ଡୋଡା ଓ କିସ୍ତୱାର ଜିଲାର ସମସ୍ତ ସ୍କୁଲ ବନ୍ଦ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ଡୋଡାରେ ୫.୪ ତୀବ୍ରତା ବିଶିଷ୍ଟ ଭୂକମ୍ପ ଅନୁଭୂତ ହୋଇଥିଲା। ତେବେ ଭୂକମ୍ପ ଝଟକାରେ କୌଣସି କ୍ଷୟକ୍ଷତି ସୂଚନା ମିଳିନାହିଁ।

### ଡ୍ରଗ୍ସ ମାମଲାରେ କାବାଲି ଫିଲ୍ମ ପ୍ରଯୋଜକ ଗିରଫ



କେ.ପି. ଚୌଧୁରୀ

**ହାଇଦ୍ରାବାଦ, ୧୪।୬:** ସୁପରଷ୍ଟାର ରଜନୀକାନ୍ତଙ୍କ ଅଭିନୀତ ଫିଲ୍ମ କାବାଲିର ପ୍ରଯୋଜକ କେ.ପି. ଚୌଧୁରୀଙ୍କୁ ବୁଧବାର ଡ୍ରଗ୍ସ ମାମଲାରେ ହାଇଦ୍ରାବାଦ ପୋଲିସ ଗିରଫ କରିଛି। ୯୦ ପ୍ୟାକେଟ୍‌ରୁ ପାଖାପାଖି ୮୨.୭୫ ଗ୍ରାମର କୋକେନ ପୋଲିସ ତାଙ୍କ ନିକଟରୁ ଜବତ କରିଛି। ଜବତ ଡ୍ରଗ୍ସର ବଜାର ମୂଲ୍ୟ ୭୮.୫ ଲକ୍ଷ ଟଙ୍କା ହେବ। ତେଲଙ୍ଗାନା ଖାମ୍ମାନ ଜିଲା ବୋନାକାଲ ମଣ୍ଡଳରେଚୌଧୁରୀଙ୍କ ଘର। ୨୦୧୬ରେ ସେ ଫିଲ୍ମ ଜଗତରେ ପ୍ରବେଶ କରିଥିଲେ। ଗୋଆରେ ତାଙ୍କର ଏକ କ୍ଲବ୍ ଥିବାବେଳେ ସେଠାରେ ସେ ଡ୍ରଗ୍ସ କାରବାର କରୁଥିବା ପୋଲିସ କହିଛି।

### ମା'ବାପାଙ୍କ ମୃତଦେହ ନିକଟରୁ ୪ ଦିନର ଶିଶୁ ଉଦ୍ଧାର

**ଡେରାଡୁନ୍, ୧୪।୬:** ଉତ୍ତରାଖଣ୍ଡ ଡେରାଡୁନ୍‌ର ଏକ ବନ୍ଦଘର ଭିତରୁ ଦମ୍ପତିଙ୍କ ମୃତଦେହ ସାଙ୍ଗକୁ ଏକ ୪ ଦିନର ନବଜାତକକୁ ବୁଧବାର ପୋଲିସ ଉଦ୍ଧାର କରିଛି। ମୃତ ଦମ୍ପତି ହେଲେ ଉତ୍ତର ପ୍ରଦେଶ ସାହାରନପୁର ଜିଲାର କାଶିଫ (୨୫) ଏବଂ ଆନମ (୨୨)। ଆନମ କାଶିଫଙ୍କ ଦ୍ୱିତୀୟ ସ୍ତ୍ରୀ ଥିଲେ। ଘରୁ ଦୁର୍ଗନ୍ଧ ବାହାରୁଥିବା ସୂଚନା ପାଇ ପୋଲିସ ଟିମ୍ ସେଠାରେ ପହଞ୍ଚିଥିଲା। ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଇ ଦିଆଯାଇଥିବାବେଳେ ନବଜାତକକୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଋଣ ଭାର ଯୋଗୁ ଦମ୍ପତି ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

# ଆଜି ଲ୍ୟାଣ୍ଡଫଲ୍ କରିବ 'ବିପର୍ଯ୍ୟୟ'

ନୂଆଦିଲ୍ଲୀ, ୧୪।୬

ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ପୂର୍ବାନୁମାନ ଅନୁସାରେ ଭୀଷଣ ସାମୁଦ୍ରିକ ଝଡ଼ ବିପର୍ଯ୍ୟୟ ଗୁରୁବାର ଗୁଜରାଟର ସୌରାଷ୍ଟ୍ର, କଚ୍ଛ ଏବଂ ପାକିସ୍ତାନ ଉପକୂଳରେ ଲ୍ୟାଣ୍ଡଫଲ୍ କରିବ। ସୁରକ୍ଷା ଦୃଷ୍ଟିରୁ ସମୁଦ୍ରକୂଳିଆ ଅଞ୍ଚଳକୁ ଖାଲି କରିଦିଆଯାଇଛି। ପ୍ରଶାସନ ପକ୍ଷରୁ ଉପକୂଳବର୍ତ୍ତୀ ଇଲାକାରେ ହାଇ ଆଲର୍ଟ ଜାରି କରାଯାଇଛି। ବାତ୍ୟା ପାଇଁ ପଶ୍ଚିମତଟ ରେଲୱେ ପକ୍ଷରୁ ୯୫ଟି ଟ୍ରେନ୍ ବାତିଲ କରାଯାଇଛି। ଗୁଜରାଟ ଉପକୂଳବର୍ତ୍ତୀ ଇଲାକାରୁ ବଦ୍ୟାବଧି ୫୦,୦୦୦ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ବାତ୍ୟା ପ୍ରଭାବରେ ସ୍ଥାନୀୟ ଅଞ୍ଚଳରେ ଘଣ୍ଟାପ୍ରତି ୧୫୦ କି.ମି. ବେଗରେ ପବନ ବହିବ। ଅନ୍ୟପକ୍ଷେ ସାମୁଦ୍ରିକ ଝଡ଼ ବିପର୍ଯ୍ୟୟ ପ୍ରଭାବରେ ଦେଵଭୂମି ଦ୍ୱାରକା ଜିଲାରେ ସର୍ବାଧିକ ୧୨୧ ଏମ୍.ଏମ୍. ବର୍ଷା ରେକର୍ଡ କରାଯାଇଛି। ଜାମନଗର, ଜୁନାଗଡ଼, ରାଜକୋଟ ପୋରବନ୍ଦର ଏବଂ କଚ୍ଛ ଜିଲାରେ ଲଗାଣ ବର୍ଷା ଜାରି ରହିଛି। ଭୀଷଣ ପବନ ବହିବା ଯୋଗୁ ଦ୍ୱାରକାରେ ଥିବା ଆକାଶବାଣୀର ୯୦ ମିଟର ଉଚ୍ଚତାର ଟାୱାର ଭାଙ୍ଗି ଯାଇଛି।

ବାତ୍ୟାର ମୁକାବିଲା ପାଇଁ ଉପକୂଳ ଇଲାକାରେ ୧୫ ଏନ୍‌ଡିଆର୍‌ଏଫ୍ ଟିମ୍, ୧୨ ଏସ୍‌ଡିଆର୍‌ଏଫ୍ ଟିମ୍ , ରାଜ୍ୟ ସଡ଼କ ଓ ଗୃହ ନିର୍ମାଣ ବିଭାଗର ୧୧୫ ଟିମ୍ ସାଙ୍ଗକୁ ରାଜ୍ୟ ବିଦ୍ୟୁତ ବିଭାଗର ୩୯୭ ଟିମ୍ ମୁତୟନ କରାଯାଇଛି। ବୁଧବାର କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କଚ୍ଛ ସ୍ଥିତି ସମୀକ୍ଷା କରିଥିଲେ। ଭୁଜ ଏୟାରଫୋର୍ସରେ ବାତ୍ୟା ପ୍ରସ୍ତୁତି କାର୍ଯ୍ୟର ତଦାରଖ କରିବା ସହ କେ.କେ. ପଟେଲ ସୁପର ସ୍ପେଶାଲିଷ୍ଟ ହସ୍ପିଟାଲ ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ବାତ୍ୟା ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ପାକିସ୍ତାନ ଉପକୂଳ ଅଞ୍ଚଳରେ ଆରମ୍ଭ ହୋଇଯାଇଛି। ସ୍ଥାନୀୟ ସରକାରଙ୍କ ପକ୍ଷରୁ ପାଖାପାଖି ୫୭,୦୦୦ ଲୋକଙ୍କୁ ସୁରକ୍ଷା ଶିବିରକୁ ନିଆଯାଇଛି।





ସାମୁଦ୍ରିକ ଝଡ଼ ବିପର୍ଯ୍ୟୟ ସ୍ଥଳଭାଗ ଛୁଇଁବା ପୂର୍ବରୁ ଗୁଜରାଟର କଚ୍ଛ ଜିଲା ଗୁନାଉ ଗ୍ରାମରେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଜଣେ ବିଏସ୍‌ଏଫ୍ ଯବାନ ଟ୍ରାକ୍ଟରରୁ ଶିଶୁଙ୍କୁ ଓହ୍ଲାଉଛନ୍ତି।

### ଉପକୂଳ ଅଞ୍ଚଳରେ ହାଇ-ଆଲର୍ଟ
### ୫୦,୦୦୦ ଲୋକ ସ୍ଥାନାନ୍ତରିତ

## ପ୍ରାର୍ଥୀପତ୍ର ଦାଖଲ ବେଳେ ହିଂସା

କୋଲକାତା, ୧୪।୬

ପଶ୍ଚିମବଙ୍ଗରେ ହେବାକୁ ଥିବା ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ବୁଧବାର ଦକ୍ଷିଣ ୨୪ ପ୍ରଗଣା ଭାଙ୍ଗୋରେ ଅଞ୍ଚଳରେ ପ୍ରାର୍ଥୀପତ୍ର ଦାଖଲ ସମୟରେ ହିଂସାକାଣ୍ଡ ଘଟିଛି। ନିର୍ବାଚନକୁ ନେଇ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ଇଣ୍ଡିଆନ୍ ସେକ୍ୟୁଲାର ଫ୍ରଣ୍ଟ (ଆଇଏସ୍‌ଏଫ୍) ମଧ୍ୟରେ ଜୋର୍‌ଦାର ସଂଘର୍ଷ ଦେଖିବାକୁ ମିଳିଛି। ଦୁଇ ଗୋଷ୍ଠୀ ମଧ୍ୟରେ ବୋମା ଫୋପଡ଼ା ପିଙ୍ଗା କରାଯାଇଥିବାବେଳେ କାର୍ ଭଙ୍ଗାରୁଜା କରାଯାଇଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲା। ସଂଘର୍ଷରେ ଉଭୟ ଟିଏମ୍‌ସି ଏବଂ ଆଇଏସ୍‌ଏଫ୍‌ର କର୍ମୀ ଆହତ ହୋଇଥିବା ପୋଲିସ କହିଛି। ସେହିପରି ପ୍ରାର୍ଥୀପତ୍ର ଦାଖଲବେଳେ ବାଙ୍କୁରାରେ ମଧ୍ୟ ଟିଏମ୍‌ସି ଓ ଭାଜପା କର୍ମୀଙ୍କ ମଧ୍ୟରେ ହିଂସା ଦେଖିବାକୁ ମିଳିଥିଲା। ଆସନ୍ତା ଜୁଲାଇ ୮ରେ ପଶ୍ଚିମବଙ୍ଗରେ ପଞ୍ଚାୟତ ନିର୍ବାଚନ ହେବ।



## କୋଲକାତା ଏୟାରପୋର୍ଟରେ ନିଆଁ

କୋଲକାତା, ୧୪।୬

କୋଲକାତାସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅନ୍ତର୍ଜାତୀୟ ବିମାନବନ୍ଦରରେ ବୁଧବାର ରାତି ୯ଟା ୧୦ମିନିଟରେ ଅଗ୍ନିକାଣ୍ଡ ଘଟିଛି। ବିମାନଯାତ୍ରୀମାନେ ବୋର୍ଡିଂ ପାସ୍ ସଂଗ୍ରହ କରୁଥିବା ଦି ପୋର୍ଟାଲ ଏରିଆରେ ନିଆଁ ଲାଗିଥିବାବେଳେ ଏହାକୁ ଆୟତ୍ତ କରିବା ପାଇଁ ୩ଟି ଅଗ୍ନିଶମ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିଛି। ବିମାନବନ୍ଦରର ସିକ୍ୟୁରିଟି ଚେକ୍ ପଏଣ୍ଟର କିଛି ଭାଗରେ ମଧ୍ୟ ନିଆଁ ଲାଗିଥିବା ସୂଚନା ମିଳିଛି। ସମସ୍ତ ବିମାନଯାତ୍ରୀ ଓ କର୍ମଚାରୀଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଛି। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇନାହିଁ।

## ଭାରତ ଛାଡୁଛନ୍ତି ମିଲିଅନେୟାର

ନୂଆଦିଲ୍ଲୀ, ୧୪।୬

ଚଳିତବର୍ଷ ଭାରତରୁ ମିଲିଅନେୟାର ମାନଙ୍କ ଗଣପଳାୟନ ହେବ। ୨୦୨୩ରେ ଦେଶ ୬,୫୦୦ ହାଇ-ନେଟ୍-ଓର୍ଥ ଇଣ୍ଡିଭିଜୁଆଲ (ଏଚ୍‌ଏନ୍‌ଡବ୍ଲ୍ୟୁଆଇ)ଙ୍କୁ ହରାଇବ ବୋଲି ହେନ୍‌ଲେ ପ୍ରାଇଭେଟ୍ ୱେଲ୍‌ଥ ମାଇଗ୍ରେଶନ୍ ରିପୋର୍ଟରେ ପ୍ରକାଶ ପାଇଛି।

ବିଶ୍ୱବ୍ୟାପୀ ସମ୍ପତ୍ତି ଓ ନିବେଶ ମାଇଗ୍ରେଶନ୍ ଟ୍ରେଣ୍ଡ ଉପରେ ନଜର ରଖୁଥିବା ନ୍ୟୁ ୱାର୍ଲ୍ଡ ୱେଲ୍‌ଥ ପକ୍ଷରୁ କୁହାଯାଇଛି ଯେ, ୨୦୨୩ରେ ଚାଇନା ସର୍ବାଧିକ ୧୩,୫୦୦ ମିଲିଅନେୟାରଙ୍କୁ ହରାଇବ। ସେହିପରି ଭାରତ ୬,୫୦୦ ଏଚ୍‌ଏନ୍‌ଡବ୍ଲ୍ୟୁଆଇଙ୍କୁ ହରାଇ ଏହି କ୍ଷେତ୍ରରେ ଦ୍ୱିତୀୟ ସ୍ଥାନରେ ରହିବ। ଏହାସତ୍ତ୍ୱେ ଭାରତର ସ୍ଥାନରେ କିଛି ମାତ୍ରାରେ ଉନ୍ନତି ଆସିପାରେ। କାରଣ ଗତବର୍ଷ ଭାରତରୁ ୭,୫୦୦ ମିଲିଅନେୟାର ବିଦେଶକୁ ଚାଲିଯାଇଥିଲେ। ନ୍ୟୁ ୱାର୍ଲ୍ଡ ୱେଲ୍‌ଥ ଗବେଷଣା ମୁଖ୍ୟ ଆଣ୍ଡ୍ରୁ ଆମୋଇଲ୍ସ କହିଛନ୍ତି, ଭାରତରୁ ପଳାୟନ କରୁଥିବା ମିଲିଅନେୟାରଙ୍କ ତୁଳନାରେ ନୂଆ ସୃଷ୍ଟି ହେଉଥିବା ମିଲିଅନେୟାରଙ୍କ ସଂଖ୍ୟା ଅଧିକ ଥିବାରୁ ଏହା ବିଶେଷ ଚିନ୍ତାର କାରଣ ନୁହେଁ। ହେନ୍‌ଲି ଆଣ୍ଡ୍ ପାଟନର୍ସ ଅନୁସାରେ ଯେଉଁ ଧନୀ ବ୍ୟକ୍ତିଙ୍କ ନିବେଶଯୋଗ୍ୟ ସମ୍ପତ୍ତିର ମୂଲ୍ୟ ୧ ନିୟୁତ ଡଲାର କିମ୍ବା ତଦୂର୍ଦ୍ଧ୍ୱ ତାଙ୍କୁ ଏଚ୍‌ଏନ୍‌ଡବ୍ଲ୍ୟୁଆଇ କୁହାଯାଏ। ହେନ୍‌ଲି ଆଣ୍ଡ୍ ପାଟନର୍ସ ସିଇଓ ଜୁଏର୍ଗ ଷ୍ଟିଫେନ୍ କହିଛନ୍ତି, ଗତ ୧ ଦଶନ୍ଧି ମଧ୍ୟରେ ଦେଶାନ୍ତରୀ ହୋଇଥିବା ମିଲିଅନେୟାରଙ୍କ ସଂଖ୍ୟା ବଢ଼ିଛି। ସାରା ବିଶ୍ୱରେ ୨୦୨୩ରେ ୧,୨୨,୦୦୦ ଓ ୨୦୨୪ରେ ୧,୨୮,୦୦୦ ମିଲିଅନେୟାର ଦେଶାନ୍ତରୀ ହୋଇପାରନ୍ତି।

## ଲଣ୍ଡନରେ ଭାରତୀୟ ଯୁବତୀଙ୍କୁ ହତ୍ୟା

ଲଣ୍ଡନ, ୧୪।୬

ଲଣ୍ଡନର ୱେମବ୍ଲେସ୍ଥିତ ନିଲ୍ଡ କ୍ରିସେଣ୍ଟରେ ଜଣେ ଭାରତୀୟ ଯୁବତୀଙ୍କୁ ହତ୍ୟା କରାଯାଇଛି। ହାଇଦ୍ରାବାଦର ୨୭ ବର୍ଷୀୟା କୋନ୍ଥାମ ତେଜସ୍ୱିନୀଙ୍କୁ ତାଙ୍କ ଫ୍ଲାଟମେଟ୍ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ଯୁବକ ବ୍ରାଜିଲର। ଘଟଣା ନେଇ ମେଟ୍ରୋପଲିଟାନ୍ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ମଙ୍ଗଳବାର ଦିନ ସକାଳ ୧୦ଟାରେ ତେଜସ୍ୱିନୀଙ୍କୁ ଛୁରା ମାଡ଼ କରି ହତ୍ୟା କରାଯାଇଥିଲା। ତେଜସ୍ୱିନୀଙ୍କୁ ଆହତ ଅବସ୍ଥାରେ ଜଣେ ଯୁବତୀ ହସ୍ପିଟାଲ ନେଇଥିଲେ। ଉଚ୍ଚଶିକ୍ଷା ପାଇଁ ଲଣ୍ଡନ ଯାଇଥିବା ତେଜସ୍ୱିନୀ କେତେଜଣ ବାନ୍ଧବୀଙ୍କ ସହ ଏକ ଫ୍ଲାଟରେ ରହୁଥିଲେ। ଗତ ସପ୍ତାହରେ ଅଭିଯୁକ୍ତ ବ୍ରାଜିଲର ଯୁବକ ଜଣକ ସେଠାକୁ ସିଫ୍ଟ ହୋଇଥିବା ତେଜସ୍ୱିନୀଙ୍କ ସମ୍ପର୍କୀୟ ଭଉଣୀ ବିଜୟା କହିଛନ୍ତି। ତେବେ ମେଟ୍ରୋପଲିଟାନ ପୋଲିସ ଘଟଣା ତଦନ୍ତ ଚଳାଇଛନ୍ତି।



କୋନ୍ଥାମ ତେଜସ୍ୱିନୀ

## ଚାପ ଯୋଗୁ ଚାକିରି ଛାଡୁଛନ୍ତି କର୍ମଚାରୀ

ୱାଶିଂଟନ୍, ୧୪।୬

କାର୍ଯ୍ୟାଳୟରେ କର୍ମଚାରୀଙ୍କ ଉପରେ ଚାପ କ୍ରମାଗତ ବଢ଼ିବାରେ ଲାଗିଛି। ଏହାର ପ୍ରଭାବ ସେମାନଙ୍କ କାର୍ଯ୍ୟଶୈଳୀ ଉପରେ ପଡ଼ିଛି। ଆମେରିକାର ଆନାଲିଟିକ୍ସ ଆଡ୍‌ଭାଇଜରି କମ୍ପାନୀ ଗଲୁପ ପକ୍ଷରୁ କରାଯାଇଥିବା ସର୍ଭେ ଅନୁସାରେ କର୍ମକ୍ଷେତ୍ରରେ ଚାପ ବଢ଼ିବା ଯୋଗୁ କର୍ମଚାରୀ ଓ ମାଲିକଙ୍କ ମଧ୍ୟରେ ଝଗଡ଼ା ଦେଖିବାକୁ ମିଳୁଛି। ଷ୍ଟ୍ରେସ୍‌ରେ ରହୁଥିବା କର୍ମଚାରୀଙ୍କ ଚାକିରି ଓ ବ୍ୟକ୍ତିଗତ ଜୀବନମଧ୍ୟରେ କେଉଁ ପ୍ରକାର ଅନୁଭୂତି ରହୁଛି, ସେ ସମ୍ପର୍କରେ ଗାଲୁପ 'ଷ୍ଟେଟ୍ ଅଫ୍ ଦ ଗ୍ଲୋବାଲ ୱାର୍କ ପ୍ଲେସ୍ ୨୦୨୩'ରେ ଉଲ୍ଲେଖ କରାଯାଇଛି।



ବିଶ୍ୱରେ ମୋଟ ୫୯% କର୍ମଚାରୀଙ୍କ ସ୍ଥିତି କ୍ୱାଇଟ୍ କ୍ୱିଟିଙ୍ଗରେ ରହିଛି ଅର୍ଥାତ୍ ସେମାନେ କୌଣସି ସଂସ୍ଥାରେ କାର୍ଯ୍ୟ କରୁନାହାନ୍ତି। ସେହିପରି ୧୮% ଲାଉଡ୍ କ୍ୱିଟିଙ୍ଗ୍ ସ୍ଥିତିରେ ଅଛନ୍ତି। ସେମାନେ ହେଲେ ଚାକିରି ଛାଡ଼ିବାକୁ ଥିବା କର୍ମଚାରୀ। ୧୬୦ ଦେଶର ୧,୨୨,୪୧୬ ଜଣ କର୍ମଚାରୀଙ୍କୁ ନେଇ ଉକ୍ତ ସର୍ଭେ କରାଯାଇଛି। ବିଶ୍ୱବ୍ୟାପୀ ପ୍ରତି ୧୦ ଜଣଙ୍କ ମଧ୍ୟରେ ୬ ଜଣ ଚାକିରି ଛାଡୁଛନ୍ତି। ଚାକିରି ଛାଡୁଥିବା କର୍ମଚାରୀଙ୍କ ମଧ୍ୟରୁ ୪୧% ଗୋଟିଏ ସଂସ୍ଥା ଛାଡ଼ି ଅନ୍ୟତ୍ର କାର୍ଯ୍ୟ କରୁଥିବା ଜଣାପଡ଼ିଛି। ସେହିପରି ୨୮% ନିଜ ଦରମା ଓ ଲାଭପ୍ରାପ୍ତି ପାଇଁ ଚାକିରି ଛାଡୁଥିବାବେଳେ ୧୬% କାର୍ଯ୍ୟ ଦକ୍ଷତା ହାସଲ ପାଇଁ କର୍ମକ୍ଷେତ୍ର ପରିବର୍ତ୍ତନ କରୁଥିବା ଜଣାପଡ଼ିଛି। କର୍ମଚାରୀଙ୍କ ଅସନ୍ତୋଷକୁ ଦୂର କରିବା ପାଇଁ କମ୍ପାନୀ ମାଲିକ ପ୍ରତ୍ୟେକ କାର୍ଯ୍ୟରେ ସେମାନଙ୍କ ସହ ଜଡ଼ିତ ରହିବା ଆବଶ୍ୟକ। ଅନ୍ୟପକ୍ଷେ ଅଫିସରେ ସହଯୋଗ ପ୍ରଦର୍ଶନ କରୁଥିବା ମ୍ୟାନେଜରଙ୍କର ମଧ୍ୟ ଆବଶ୍ୟକତା ରହିଛି। ସୁସମ୍ପର୍କ ସ୍ଥାପନ ଦ୍ୱାରା କର୍ମକ୍ଷେତ୍ରର ବାତାବରଣ ଭଲ ରହିବା ସହ କର୍ମଚାରୀ ଚାକିରି ଛାଡ଼ିବା ଅସୁବିଧା ଦୂର କରାଯାଇପାରିବ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜୁନ୍ ୧୫/୨୦୨୩ | Bhubaneswar, Thursday, June 15/2023 | ପୃଷ୍ଠା-୧




**ରେକର୍ଡ ଭାଙ୍ଗିଲେ ଅଦିତି**

କଲମ୍ବିଆର ମେଡେଲିନଠାରେ ଅନୁଷ୍ଠିତ ଆର୍ଚେରୀ ବିଶ୍ୱକପ ଷ୍ଟେଜ୍-୩ରେ ଚମତ୍କାର ପ୍ରଦର୍ଶନ କରି ଭାରତର ଅଦିତି ସ୍ୱାମୀ ୧୮ ବର୍ଷରୁ କମ୍ ବିଶ୍ୱରେକର୍ଡ ଭାଙ୍ଗିଛନ୍ତି।

୧୪

୧୨

**ବିଜୟଙ୍କ ସହ ଏକାଠି ନଜର ଆସିବେ ମୃଣାଳ**

ଅଭିନେତ୍ରୀ ମୃଣାଳ ଠାକୁର୍‌ଙ୍କ ଆଗାମୀ ଫିଲ୍ମରେ ସେ ଅଭିନେତା ବିଜୟ ଦେବରକୋଣ୍ଡାଙ୍କ ସହ ଏକାଠି ନଜର ଆସିବେ।



# ମା’ ଆଗରେ ପୁଅକୁ ଟାଣି ନେଲା କୁମ୍ଭୀର

- ନଦୀରୁ ମିଳିଲା କ୍ଷତବିକ୍ଷତ ମୃତଦେହ
- ଉତ୍ତେଜନା, ରାସ୍ତା ଅବରୋଧ

**କେନ୍ଦ୍ରାପଡ଼ା,୧୪।୬(ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ନିମପୁର ଗ୍ରାମରେ ବୁଧବାର ପହିଲି ରଜରେ ଏକ ଅଭାବନୀୟ ଘଟଣା ଘଟିଛି । ମା’ ସହିତ ନଦୀକୁ ଗୋଧାଇ ଯାଇଥିବା ପୁଅକୁ କୁମ୍ଭୀର ଟାଣି ନେବା ଘଟଣା ଏଠାରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି । ମୃତକ ହେଲେ ଅଶୋକ ଆଚାର୍ଯ୍ୟଙ୍କ ଏକମାତ୍ର ପୁଅ ଆଶୁତୋଷ (୧୦)। ବହୁ ଖୋଜାଖୋଜି ପରେ ଆଶୁତୋଷଙ୍କ କ୍ଷତବିକ୍ଷତ ମୃତଦେହ ନଦୀରୁ ଉଦ୍ଧାର କରାଯାଇଛି। ଏହି ଘଟଣା ପରେ ପହିଲି ରଜର ଖୁସି ନିମପୁର ଗାଁରୁ ଉଭେଇ ଯାଇଛି।

ସୂଚନା ଅନୁଯାୟୀ, ବୁଧବାର ସକାଳ ପ୍ରାୟ ସାଢେ ୭ଟାରେ ଆଶୁତୋଷ ଓ ତାଙ୍କ ମା’ ବ୍ରାହ୍ମଣୀ ନଦୀକୁ ଗାଧୋଇବାକୁ ଯାଇଥିଲେ। ତୁଠରେ ହୋଇଥିବା ତାରବାଡ଼ରେ ଉଭୟ ଗାଧୋଉଥିବା ସମୟରେ ଆଗରୁ ଛକି ରହିଥିବା ଏକ ବିରାଟ କୁମ୍ଭୀର ଆଶୁତୋଷଙ୍କୁ ଝାମ୍ପି ନଦୀ ଭିତରକୁ ନେଇଯାଇଥିଲେ। ଏହାଦେଖି ଆଶୁତୋଷଙ୍କ ମା’ ଚିତ୍କାର କରିବା ସହିତ ପୁଅକୁ କୁମ୍ଭୀର ମୁହଁରୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ। ହେଲେ ସେଥିରେ ସେ ସଫଳ ହୋଇ ନ ଥିଲେ। ତାଙ୍କ ଚିତ୍କାର ଶୁଣି ପରିବାର ଲୋକଙ୍କ ସହିତ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ପଟ୍ଟାମୁଣ୍ଡାଇ ଦମକଳ ବାହିନୀକୁ ଖବର ଦେଇଥିଲେ। ଏହାପରେ ଗ୍ରାମବାସୀ ଡିଙ୍ଗୀ(ଛୋଟ ଡଙ୍ଗା)ରେ ଆଶୁତୋଷଙ୍କୁ ଉଦ୍ଧାର ପାଇଁ ଉଦ୍ୟମ କରିଥିଲେ। ହେଲେ ନଦୀର ଆର ପଟେ ଆଶୁତୋଷଙ୍କ କ୍ଷତବିକ୍ଷତ ମୃତଦେହ



ଆଶୁତୋଷ ଆଚାର୍ଯ୍ୟ

ମିଳିଥିଲା। ପଟ୍ଟାମୁଣ୍ଡାଇ ଦମକଳ ବାହିନୀଙ୍କ ପାଖରେ ପାୱାର ବୋଟ ନ ଥିଲା। ଆଳି ଦମକଳ ବାହିନୀ ଆସି ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଗ୍ରାମବାସୀ ଆଶୁତୋଷଙ୍କ ମୃତଦେହକୁ କୂଳକୁ ଆଣିସାରିଥିଲେ। ଏହି ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା । ତୁରନ୍ତ କୁମ୍ଭୀରକୁ ଧରିବା ପାଇଁ ସାଧାରଣରେ ଦାବି କରାଯିବା ସହିତ ସମସ୍ତ ତୁଠରେ ବାରିକେଡ୍ କରିବା ପାଇଁ ଜୋର୍ ଦିଆଯାଇଥିଲା । ସ୍ଥାନୀୟ ଲୋକେ ପଟ୍ଟାମୁଣ୍ଡାଇ-ରାଜନଗର ଉପର ରାସ୍ତାକୁ ଅବରୋଧ କରିଥିଲେ। ଖବର ପାଇ ପଟ୍ଟାମୁଣ୍ଡାଇ ତହସିଲଦାର ☞ପୃଷ୍ଠା-୨

## ନିମ୍ନମାନର ତାରବାଡ଼ ଜୀବନ ନେଉଛି

କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ନିମପୁର ନିକଟସ୍ଥ ବ୍ରାହ୍ମଣୀ ନଦୀରେ ପଞ୍ଚମ ଶ୍ରେଣୀ ଛାତ୍ର ଆଶୁତୋଷ ଆଚାର୍ଯ୍ୟଙ୍କୁ କୁମ୍ଭୀର ଟାଣି ନେଇଥିଲା। ପ୍ରାୟ ଘଣ୍ଟାଏ ପରେ ଆଶୁତୋଷଙ୍କ ମୃତଦେହ ମିଳିଥିଲା। ତୁଠରେ ନିମ୍ନମାନର ତାରବାଡ଼ (ବାରିକେଡ୍) ଯୋଗୁ ଆଶୁତୋଷଙ୍କ ଜୀବନ ଗଲା ବୋଲି ଗ୍ରାମବାସୀ କ୍ଷୋଭ ପ୍ରକାଶ କରି କହିଛନ୍ତି।

କେନ୍ଦ୍ରାପଡ଼ା ଜିଲାର ୭ ନଦୀ ଓ ୨୭ ଶାଖା ନଦୀ ଅଞ୍ଚଳରେ କୁମ୍ଭୀର ଦେଖାଦେବା ସହ ଏମାନଙ୍କ ଉପଦ୍ରବ ଦେଖିବାକୁ ମିଳିଛି। ବନବିଭାଗ ଗତ

**କୁମ୍ଭୀର ଆଁରେ ନଦୀ ତଟବର୍ତ୍ତୀ ଗାଁ**

୧୦ ବର୍ଷ ମଧ୍ୟରେ ମାତ୍ର ୧୬ ଜଣଙ୍କୁ ମୃତ ଦର୍ଶାଇଥିବା ବେଳେ ସ୍ଥାନୀୟ ଅଧିବାସୀ କୁହନ୍ତି, ବହୁ ଲୋକଙ୍କୁ କୁମ୍ଭୀର ଟାଣି ନେଇଥିଲେ ମଧ୍ୟ ମୃତଦେହ ନ ମିଳିବାରୁ ଏହା ମିସିଂ କେସ୍‌ରେ ସୀମିତ ରହିଛି। ଏଭଳି ମିସିଂ ଘଟଣା ସ୍ଥାନୀୟ ୫ଟି ଥାନାରେ ଅନୁସନ୍ଧାନ କଲେ ଶତାଧିକ ମାମଲା ନଜରକୁ ଆସିବ ବୋଲି କୁହନ୍ତି ବୁଦ୍ଧିଜୀବୀ ଦୋଳଗୋବିନ୍ଦ ଜେନା। କୁମ୍ଭୀର ଆକ୍ରମଣର ଶିକାର ସଂଖ୍ୟା ପ୍ରତିବର୍ଷ ୨୦ରୁ ☞ପୃଷ୍ଠା-୨



ଭୁବନେଶ୍ୱର ରାଜ୍ୟ ସଂଗ୍ରହାଳୟରେ ବୁଧବାର ଆୟୋଜିତ ରଜ ଉତ୍ସବରେ ଯୁବତୀମାନେ ଦୋଳି ଖେଳୁଛନ୍ତି। (ଫଟୋ-ମୌସମ)

# ବାଧ୍ୟତାମୂଳକ ହେବ ବୋର୍‌ୱେଲ ପଞ୍ଜୀକରଣ

**ଭୂତଳ ଜଳ ପାଇଁ ଖୁବ୍‌ଶୀଘ୍ର ନୂଆ ନିୟମ**

- ଗଠନ ହେବ ଗ୍ରାଉଣ୍ଡ ୱାଟର ଅଥରିଟି
- ପ୍ରଦୂଷଣକାରୀଙ୍କ ବିରୋଧରେ ୨୦ ଲକ୍ଷ ଯାଏ ହେବ ଜରିମାନା

**ଭୁବନେଶ୍ୱର,୧୪।୬(ଅନିଲ ଦାସ)**

ବର୍ଷାଭାବ ରାଜ୍ୟର ଜଳ ଉତ୍ସ ଉପରେ ଗଭୀର ପ୍ରଭାବ ପକାଇଲାଣି। ପ୍ରଚଣ୍ଡ ଗ୍ରୀଷ୍ମ ଯୋଗୁ ବର୍ଷର ଅଧିକାଂଶ ଦିନ ନଦୀ, ହ୍ରଦ, ଝରଣା, ପୋଖରୀ ଶୁଖିଲା ପଡୁଛି। ଭୂଗର୍ଭ ଜଳ ଉପରେ ଚାପ ବଢ଼ିଚାଲିଛି। ରାଜ୍ୟର ଅନେକ ଜିଲାରେ ଭୂତଳ ଜଳସ୍ତର ଭୟଙ୍କର ଭାବେ ତଳକୁ ଖସିବାରେ ଲାଗିଛି। ଏପରି କି କେତେକ ସ୍ଥାନରେ ଗଭୀର ନଳକୂପରୁ ମଧ୍ୟ ପାଣି ବାହାରୁ ନାହିଁ। ଶିଳ୍ପଠାରୁ ଆରମ୍ଭ କରି ବ୍ୟବସାୟିକ, ଘରୋଇ ବ୍ୟବହାର ପାଇଁ ମନଇଚ୍ଛା ପାଣି ଶୋଷା ଯାଉଥିବାରୁ ପରିସ୍ଥିତି ସଙ୍ଗିନ ହେଲାଣି। ରାଜ୍ୟରେ କେଉଁ ଶିଳ୍ପ କେତେ ପାଣି ଶୋଷୁଛନ୍ତି ତାହାର ମଧ୍ୟ କିଛି ହିସାବ ନାହିଁ। ଭୂତଳ ଜଳ ସଙ୍କଟ ଜଳଜଳ ହୋଇ ଦିଶିଲାଣି। ମନଇଚ୍ଛା ଭୂଗର୍ଭ ଜଳ ବ୍ୟବହାର ଓ ପ୍ରଦୂଷଣକୁ ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହାର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ଆଣିବାକୁ ଏନ୍‌ଜିଟି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏନ୍‌ଜିଟି ଛାଟ ପରେ ଜଳସମ୍ପଦ ବିଭାଗ ପକ୍ଷରୁ ଏ ନେଇ ତତ୍ପରତା ପ୍ରକାଶ ପାଇଛି। ରାଜ୍ୟରେ ଖୁବ୍‌ଶୀଘ୍ର ଓଡ଼ିଶା ଭୂତଳ ଜଳ ଅଧିନିୟମ(ରୁଲ୍ସ)-୨୦୨୩ କାର୍ଯ୍ୟକାରୀ ନେଇ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି।

ଆଉ ମନଇଚ୍ଛା ଭୂଗର୍ଭରୁ ପାଣି ଶୋଷି ହେବନି। ଏଥିପାଇଁ ପଞ୍ଜୀକରଣ ବାଧ୍ୟତାମୂଳକ ହେବ। ଶିଳ୍ପ, ବ୍ୟବସାୟିକ, ୱାଟର ପାର୍କ, ବୃହତ୍ ଓ ☞ପୃଷ୍ଠା-୨

**ଭୁବନେଶ୍ୱର ସମେତ ୮ ବ୍ଲକ୍‌ରେ ଚିନ୍ତାଜନକ ସ୍ଥିତି**

ଗ୍ରାଉଣ୍ଟ ୱାଟର ରିସୋର୍ସ ଆସେସ୍‌ମେଣ୍ଟ(ଜିଡବ୍ଲୁଆରଏ) ରିପୋର୍ଟ ଅନୁଯାୟୀ ରାଜ୍ୟରେ ୧୮,୯୭,୧୫୦.୫୩ ହେକ୍ଟର ମିଟର ଜଳ ସଞ୍ଚରଣ ହେଉଥିବା ବେଳେ ୧,୫୩, ୧୭୩.୧୬ ହେକ୍ଟର ମିଟର ଜଳ ତଳକୁ ଖସୁଛି। ରାଜ୍ୟର ୮ଟି ବ୍ଲକରେ ଭୂଗର୍ଭସ୍ଥ ଜଳସ୍ତର ବିପଜ୍ଜନକ ଭାବେ ହ୍ରାସ ପାଉଛି। ସେହି ବ୍ଲକ୍‌ଗୁଡ଼ିକ ହେଲା ତାଳଚେର, ବାଲିଆପାଳ, କୋରେଇ, ଗରଦପୁର, ବୋଲଗଡ଼, ନୂଆପଡ଼ା, ଭୁବନେଶ୍ୱର ଓ ନୟାଗଡ଼। ଏହିସବୁ ବ୍ଲକରେ ଭୂଗର୍ଭ ଜଳ ୭୦ରୁ ୯୦ ପ୍ରତିଶତ ବ୍ୟବହାର କରାଯାଉଛି। ଏହାଛଡ଼ା ୪୪ଟି ବ୍ଲକରେ ଭୂତଳ ଜଳ ସେମି କ୍ରିଟିକାଲ ସ୍ତରକୁ ଯାଉଥିବା ନେଇ ସତର୍କ କରାଯାଇଛି। ଉକ୍ତ ବ୍ଲକଗୁଡ଼ିକରେ ଯଦି ଭୂଗର୍ଭସ୍ଥ ଜଳ ସଞ୍ଚରଣ ବୃଦ୍ଧି ନ ହୁଏ ତେବେ ଆଗାମୀ ଦିନରେ ପାଣି ଟୋପାଏ ପାଇଁ ଡହଳବିକଳ ହେବାକୁ ପଡ଼ିବ।

# ୨୦ ସୁଦ୍ଧା ଓଡ଼ିଶାରେ ମୌସୁମୀ

**ଭୁବନେଶ୍ୱର,୧୪।୬(ଅନିଲ ଦାସ)**

ଆସନ୍ତା ୨୦ ତାରିଖ ମଧ୍ୟରେ ରାଜ୍ୟକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରିବା ସମ୍ଭାବନା ରହିଛି। ଏ ନେଇ ପାଗ ଅନୁକୂଳ ହେଉଛି। ଗତ କିଛିଦିନ ଧରି ରାଜ୍ୟକୁ ଉତ୍ତର-ପୂର୍ବ ଦିଗରୁ ବାୟୁ ପ୍ରବାହ ହେଉଥିବା ବେଳେ ଦୁଇଦିନ ହେବ ଦକ୍ଷିଣ-ପଶ୍ଚିମ ଦିଗରୁ ବହୁଛି। ପାଗ ଅନୁକୂଳ ହେଉଥିବାରୁ ଆସନ୍ତା ୧୮ରୁ ୨୧ ମଧ୍ୟରେ ମୌସୁମୀ ପୂର୍ବ ଭାରତର କିଛି ଅଂଶକୁ ଛୁଇଁବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଅନ୍ୟପକ୍ଷରେ ରାଜ୍ୟରେ ତାତି ସାମାନ୍ୟ ହ୍ରାସ ପାଇଛି। ଉପକୂଳ ଓଡ଼ିଶାରେ ପାଗ ମେଘୁଆ ରହୁଥିବା ବେଳେ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ତାତି ୨ରୁ ୩ ଡିଗ୍ରୀ ସେଲ୍‌ସିୟସ କମିଛି। ଆସନ୍ତା ୫ ଦିନ ଯାଏ ପାଗରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ସୂଚନା ଦିଆଯାଇଛି। ମଙ୍ଗଳବାର ଭଳି ବୁଧବାର ଉପକୂଳ ଜିଲାରେ ତାତି କମିଥିଲେ ମଧ୍ୟ ଗୁଳୁଗୁଳି ଅସ୍ତବ୍ୟସ୍ତ କରୁଛି। ଅଧିକାଂଶ ଜିଲାରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ତଳେ ରହିଛି। ତେବେ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର କେତେକ ଜିଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସୋନପୁରରେ ସର୍ବୋଚ୍ଚ ତାପମାତ୍ରା ୪୪.୧ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ସମ୍ବଲପୁର ୪୩.୭, ଝାରସୁଗୁଡ଼ା ୪୩.୬, ହୀରାକୁଦ ୪୩.୭, ଭବାନୀପାଟଣା ୪୩, ବୌଦ୍ଧ ୪୨.୮, ବଲାଙ୍ଗୀର ୪୨.୫, ଟିଟିଲାଗଡ଼ ୪୨.୫, ବରଗଡ଼ ୪୨.୨, ମାଲକାନଗିରି ୪୨, ସୁନ୍ଦରଗଡ଼ ୪୧.୩, ନୂଆପଡ଼ା ୪୧, ତାଳଚେର ୪୦.୬, ଅନୁଗୋଳ ୪୦.୧, ରାଉରକେଲା ୪୦, ନୟାଗଡ଼ ୪୦, ଫୁଲବାଣୀରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

# ବିରୋଧୀ ଦମନ ପାଇଁ ଇଡି ଅସ୍ତ୍ର

- ତାମିଲନାଡୁ ମନ୍ତ୍ରୀ ସେନ୍ଥିଲ ବାଲାଜୀ ଗିରଫ
- ହଠାତ୍ ଅସୁସ୍ଥ, ଆଇସିୟୁରେ ଭର୍ତ୍ତି
- କେନ୍ଦ୍ରକୁ ଘେରିଲେ ବିରୋଧୀ

**ଚେନ୍ନାଇ/ନୂଆଦିଲ୍ଲୀ,୧୪।୬ (ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)**



ଥିରୁ ଭି.ସେନ୍ଥିଲ ବାଲାଜୀ ଏବଂ ତାଙ୍କୁ ମେଡିକାଲ ନିଆଯିବା ସମୟର ଦୃଶ୍ୟ।

ଦିଲ୍ଲୀ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ତାମିଲନାଡୁ, କର୍ଣ୍ଣାଟକ, ପଞ୍ଜାବ, କେରଳ, ରାଜସ୍ଥାନ, ଛତିଶଗଡ଼, ବିହାର ଓ ଝାଡ଼ଖଣ୍ଡ ସବୁଠି କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। କେନ୍ଦ୍ରରେ କ୍ଷମତାସୀନ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ୨୦୨୪ ଲୋକ ସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଅଣଭାଜପା ଶାସିତ ରାଜ୍ୟଗୁଡ଼ିକରେ ବିରୋଧୀଙ୍କୁ ଦମନ କରିବା ପାଇଁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)କୁ ଅସ୍ତ୍ରରୂପେ ବ୍ୟବହାର କରୁଥିବା ଅଭିଯୋଗ ହେଉଛି। ଏହିକ୍ରମରେ ବୁଧବାର ତାମିଲନାଡୁର ବିଦ୍ୟୁତ୍ ଓ ଅବକାରୀ ମନ୍ତ୍ରୀ ତଥା ଡିଏମ୍‌କେ ନେତା ଥିରୁ ଭି. ସେନ୍ଥିଲ ବାଲାଜୀଙ୍କୁ ୧୮ ଘଣ୍ଟା ଜେରା ପରେ ଇଡି ଗିରଫ କରିଛି। ଗିରଫଦାରି ପରେ ସ୍ୱାସ୍ଥ୍ୟ ହଠାତ୍ ବିଗିଡ଼ିଯିବାରୁ ତାଙ୍କୁ ଚେନ୍ନାଇସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି କରି ଏଞ୍ଜିଓଗ୍ରାମ୍ କରାଯାଇଛି। ଏହି ଗିରଫଦାରିକୁ ବିରୋଧୀ ଦଳଗୁଡ଼ିକ ଦୃଢ଼ ନିନ୍ଦା କରିଛନ୍ତି।

ତାମିଲନାଡୁର ବିଦ୍ୟୁତ୍ ଓ ଅବକାରୀ ମନ୍ତ୍ରୀ ତଥା ଡିଏମ୍‌କେର କରୁର ଜିଲା ସମ୍ପାଦକ ନେତା ଥିରୁ ଭି.ସେନ୍ଥିଲ ବାଲାଜୀଙ୍କୁ ଏକ ମନି ଲଣ୍ଡରିଂ ମାମଲାରେ ବୁଧବାର ଇଡି ଗିରଫ କରିଛି। ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ନେତୃତ୍ୱାଧୀନ କ୍ୟାବିନେଟ୍‌ର କୌଣସି ମନ୍ତ୍ରୀଙ୍କ ବିରୋଧରେ କେନ୍ଦ୍ରୀୟ ଏଜେନ୍ସି ଏପରି କାର୍ଯ୍ୟାନୁଷ୍ଠାନ ନେବାରେ ଏହା ହେଉଛି ପ୍ରଥମ ଘଟଣା। ୪୭ ବର୍ଷୀୟ କରୁର ଷ୍ଟ୍ରଙ୍ଗ୍‌ମ୍ୟାନ୍ ବାଲାଜୀ ୨୦୧୪ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ☞ପୃଷ୍ଠା-୨

> ସଚିବାଳୟରେ ଇଡି ଚଢ଼ାଉ ଦେଶର ସଂଘୀୟ ସହଯୋଗିତାର ଉଲ୍ଲଂଘନ। ଭାଜପା ନିଜ ବିରୋଧୀଙ୍କୁ ଧମକ ଦେଉଛି। ଏହାର ଦମନମୂଳକ କାର୍ଯ୍ୟାନୁଷ୍ଠାନକୁ ନେଇ ଡିଏମ୍‌କେ ନଇଁଯିବ ନାହିଁ। ଜନ ସାଧାରଣ ସବୁ ଦେଖୁଛନ୍ତି। ୨୦୨୪ ଲୋକ ସଭା ନିର୍ବାଚନରେ ଭାଜପାକୁ ମୁହଁତୋଡ଼ ଜବାବ ଦେବେ।
>
> -ଏମ୍.କେ. ଷ୍ଟାଲିନ୍, ତାମିଲନାଡୁ ମୁଖ୍ୟମନ୍ତ୍ରୀ

## ଡାକ୍ତର ଜଗନ୍ନାଥ ମହାପାତ୍ରଙ୍କ ପରଲୋକ



**ଭୁବନେଶ୍ୱର,୧୪।୬ (ଅନୁରାଧା ମହାରଣା)**

ଭୁବନେଶ୍ୱରର ପୂର୍ବତନ ପୌରାଧ୍ୟକ୍ଷ ତଥା ବିଶିଷ୍ଟ ଡାକ୍ତର ଜଗନ୍ନାଥ ମହାପାତ୍ରଙ୍କ ବୁଧବାର ଶହୀଦନଗରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା। କିଛିଦିନ ହେବ ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ବାସଭବନରେ ଶେଷ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ପ୍ରାଣୀ ଯନ୍ତ୍ରଣାର ତୁଳନା

# ୧୬% ବୟସ୍କା ମହିଳା ଦୁର୍ବ୍ୟବହାର ଶିକାର

**ନୂଆଦିଲ୍ଲୀ,୧୪।୬**

ଦେଶରେ ମହିଳା ନିର୍ଯାତନାକୁ ରୋକିବା ଲାଗି ସରକାରଙ୍କ ପକ୍ଷରୁ ବହୁ ପଦକ୍ଷେପ ଗ୍ରହଣ କରାଯାଇଛି। ମହିଳା ସଶକ୍ତୀକରଣ ପାଇଁ ଅନେକ ଯୋଜନା ଗଠନ ସତ୍ତ୍ୱେ ମହିଳାଙ୍କ ପ୍ରତି ହେଉଥିବା ଅତ୍ୟାଚାର କମିପାରି ନାହିଁ। ଆଜି ବି ଅନେକ ସ୍ଥାନରେ ମହିଳା ନିର୍ଯାତିତା। ଏକ ଅଣସରକାରୀ ସଙ୍ଗଠନ (ଏନ୍‌ଜିଓ) ହେଲ୍ପଏଜ୍ ଇଣ୍ଡିଆ ପକ୍ଷରୁ କରାଯାଇଥିବା ସର୍ଭେ ଅନୁସାରେ ଦେଶରେ ୧୬ ପ୍ରତିଶତ ବୟସ୍କା ମହିଳା ଦୁର୍ବ୍ୟବହାରର ଶିକାର ହେଉଛନ୍ତି।

ଉଭୟ ଶାରୀରିକ ଓ ମାନସିକ ଭାବେ ବୟସ୍କା ମହିଳାଙ୍କୁ ନିର୍ଯାତନା ଦିଆଯାଉଥିବା ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି।



ଜୁନ୍ ୧୫ରେ ପାଳନ ହେଉଥିବା ବିଶ୍ୱ ବୟସ୍କ ଦୁର୍ବ୍ୟବହାର ସଚେତନତା ଦିବସ ଅବସରରେ ଏନ୍‌ଜିଓ ତରଫରୁ ୬୦ରୁ ୯୦ ବୟସ ବର୍ଗର ମହିଳାଙ୍କୁ ନେଇ ଏହି ସର୍ଭେ କରାଯାଇଛି। ମେ’ରୁ ଜୁନ୍ ମାସ ପର୍ଯ୍ୟନ୍ତ ଚାଲିଥିବା ଉକ୍ତ ସର୍ଭେରେ ଉଭୟ ସହରାଞ୍ଚଳ, ଗ୍ରାମାଞ୍ଚଳ ଓ ଦୁଇ କେନ୍ଦ୍ରଶାସିତ ଅଞ୍ଚଳର ମୋଟ ୭,୯୧୧ ଜଣ ମହିଳାଙ୍କୁ ସାମିଲ କରାଯାଇଥିଲା।

ଦୁର୍ବ୍ୟବହାରର ଶିକାର ହେଉଥିବା ମୋଟ ବୟସ୍କ ମହିଳାଙ୍କର ୫୦%ଙ୍କୁ ଶାରୀରିକ ନିର୍ଯାତନା ଦିଆଯାଉଛି। ସେହିପରି ୪୬%ଙ୍କୁ ବେଖାତିର ବ୍ୟବହାର ପ୍ରଦର୍ଶନ କରାଯାଉଥିବାବେଳେ ୪୦%ଙ୍କୁ ମାନସିକ ଏବଂ ଆବେଗ ☞ପୃଷ୍ଠା-୨

# ମଣିପୁର ହିଂସାରେ ୯ ମୃତ, ୧୦ ଆହତ

**ଶାନ୍ତି ଆଣିବାରେ କେନ୍ଦ୍ର ବିଫଳ**

**ଇମ୍ଫାଲ/ନୂଆଦିଲ୍ଲୀ,୧୪।୬**

ଭାଜପା ଶାସନାଧୀନ ମଣିପୁରରେ ମେଇତି ଓ କୁକି ସମ୍ପ୍ରଦାୟ ମଧ୍ୟରେ ମାସାଧିକ କାଳ ଧରି ଚାଲିଥିବା ଜାତିଆଣ ସଂଘର୍ଷ ଥମିବାର ନାଁ ନେଉନାହିଁ। ମଙ୍ଗଳବାର ବିଳମ୍ବିତ ରାତିରେ ଖାମେନ୍‌ଲୋକ ଅଞ୍ଚଳର କୁକି ଗ୍ରାମରେ ବନ୍ଧୁକଧାରୀମାନେ ସ୍ଥାନୀୟ ଲୋକଙ୍କୁ ଆକ୍ରମଣ କରିଛନ୍ତି। ଏହି ହିଂସାରେ ଜଣେ ମହିଳାଙ୍କ ସମେତ ୯ ଜଣଙ୍କ ମୃତ୍ୟୁ ଘଟିଛି। ସାନି ହିଂସା ପରେ ସମ୍ପୃକ୍ତ ଅଞ୍ଚଳରେ ପୁଣି କର୍ଫ୍ୟୁ ଜାରି କରାଯାଇଛି। ରାଜ୍ୟକୁ ଶାନ୍ତି ଫେରାଇ ଆଣିବା ପାଇଁ ମଣିପୁର ଓ କେନ୍ଦ୍ର ସରକାରଙ୍କ ସବୁ ଉଦ୍ୟମ ବିଫଳ ହୋଇଥିବା କୁହାଯାଉଛି। କଂଗ୍ରେସ ବୁଧବାର ମଣିପୁର ସ୍ଥିତିକୁ ନେଇ କେନ୍ଦ୍ରକୁ ଟାର୍ଗେଟ କରିଛି। ଦଳର ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି, ମଣିପୁରରେ ଲୋକଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ଏହି ଉତ୍ତର ପୂର୍ବାଞ୍ଚଳ ରାଜ୍ୟକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ବିଳମ୍ବିତ ଗସ୍ତର କିଛି ସୁଫଳ ମିଳିନାହିଁ। ଏପରି କି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଗତ ସପ୍ତାହରେ ମଣିପୁର ଯାଇ ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂଙ୍କ ସହ ଆଲୋଚନା କରି ସମାଧାନ ଉଦ୍ୟମ କରିଥିଲେ। ହେଲେ ଅଶାନ୍ତି ଦୂର ହୋଇନାହିଁ। ଏସବୁ ସତ୍ତ୍ୱେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୀରବ ରହିଛନ୍ତି। ମଣିପୁରର ସାମ୍ପ୍ରତିକ ସ୍ଥିତି ପାଇଁ ଭାଜପାର ବିଭାଜନବାଦୀ ରାଜନୀତି ଦାୟୀ ବୋଲି ଜୟରାମ ସମାଲୋଚନା କରିଛନ୍ତି।

ପ୍ରକାଶ ଯେ, ମେଇତି ସମ୍ପ୍ରଦାୟର ଲୋକଙ୍କୁ ଏସ୍‌ଟି ବର୍ଗରେ ସଂରକ୍ଷଣ ଦେବା ପାଇଁ ମଣିପୁର ହାଇକୋର୍ଟଙ୍କ ରାୟ ପରେ ମେ’ ୩ରୁ ରାଜ୍ୟରେ ହିଂସା ଲାଗିରହିଛି। ଅଦ୍ୟାବଧି ୧୦୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୩୧୦ ଜଣ ଆହତ ହେଲେଣି। ରାଜ୍ୟର ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ସେନା ଓ ଅର୍ଦ୍ଧସାମରିକ ବଳ ଯବାନଙ୍କୁ ମୁତୟନ କରାଯାଇଛି। ୧୬ ଜିଲା ମଧ୍ୟରୁ ୧୧ଟିରେ କର୍ଫ୍ୟୁ ଜାରି କରାଯାଇଛି। ଗୁଜବ ରୋକିବା ପାଇଁ ଇଣ୍ଟରନେଟ୍ ସେବାକୁ ବାତିଲ କରାଯାଇଛି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କହି ଜାଣିଲେ କଦଳୀ ମୁଣ୍ଡା ବିକାଯାଏ
କହି ନ ଜାଣିଲେ ମାଗୁର ମାଛ ଚାହିଁଥାଏ ।**

ଜଣେ ଯଦି ଭଲ କଥା କହିପାରେ, ତା'ହେଲେ ସେ ଖରାପ ଜିନିଷକୁ ମଧ୍ୟ ଖୁବ୍‌ଶୀଘ୍ର ଉପଯୁକ୍ତ ମୂଲ୍ୟରେ ବିକ୍ରି କରିଦେଇପାରେ । ବ୍ୟବସାୟରେ ସଫଳତା ପାଇଁ ମଧୁର ବଚନ ଓ ଉତ୍ତମ ବ୍ୟବହାରର ଅଧିକ ଗୁରୁତ୍ୱ ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**କରୁ ଯଦି ଡରୁ କାହିଁକି ?
ଡରୁ ଯଦି କରୁ କାହିଁକି ?**

କାର୍ଯ୍ୟ କରିସାରିବା ପରେ ତା'ର ଫଳାଫଳକୁ ନେଇ ମନରେ କୌଣସି ପ୍ରକାର ଦ୍ୱନ୍ଦ୍ୱ ଭାବ ବା ଭୟ ରଖିବା ଅନୁଚିତ । ସେହିପରି କୌଣସି କାର୍ଯ୍ୟ ଆରମ୍ଭ କରିବାରେ ଯଦି ମନରେ କିଛି ଭୟ ରହିଥାଏ ତା'ହେଲେ ସେଭଳି କାର୍ଯ୍ୟଠାରୁ ନିଜକୁ ଦୂରେଇ ରଖିବା ବା ସେଥିରେ ହାତ ନ ଦେବା ଉଚିତ୍ ବୋଲି ଏଠାରେ ଉଲ୍ଲେଖ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# କମ୍ପ୍ରୋମାଇଜ୍ ନ କଲେ କାମ ମିଳେନି: ରାଣୀ ପ୍ରିୟଦର୍ଶିନୀ

## ଓଲିଉଡ୍‌ରେ କାଷ୍ଟିଂ କାଉଚ୍ ଝଡ଼

ଭୁବନେଶ୍ୱର, ୧୪।୬
(ସତ୍ୟଜିତ୍ ରାଉତ)

ଓଲିଉଡ୍‌ରେ କାଷ୍ଟିଂ କାଉଚ୍‌କୁ ନେଇ ଲାଗି ରହିଥିବା ବିବାଦ ଦିନକୁ ଦିନ ଘନେଇବାରେ ଲାଗିଛି । ପ୍ରତିଦିନ ଜଣେ ପରେ ଜଣେ ଅଭିନେତ୍ରୀ କାଷ୍ଟିଂ କାଉଚ୍‌କୁ ନେଇ ମୁହଁ ଖୋଲୁଛନ୍ତି । ବୁଧବାର ଅଭିନେତ୍ରୀ ରାଣୀ ପ୍ରିୟଦର୍ଶିନୀ ଏ ପ୍ରସଙ୍ଗରେ ବହୁ କଥା କହିଛନ୍ତି । ଏପରିକି କମ୍ପ୍ରୋମାଇଜ୍ ନ କଲେ ନବାଗତା ଅଭିନେତ୍ରୀମାନଙ୍କୁ କାମ ମିଳେ ନାହିଁ । ଓଲିଉଡ୍‌ରେ କାଷ୍ଟିଂ କାଉଚ୍ ହେଉଛି । ମୁଁ ମଧ କାଷ୍ଟିଂ କାଉଚ୍‌ର ଶିକାର ହୋଇଛି । ଏଠି ଝିଅମାନଙ୍କୁ ଏକ୍ସପୋଜ୍ କରାଯାଉଛି । ନବାଗତା ଅଭିନେତ୍ରୀମାନଙ୍କୁ ହିରୋଇନ୍ କରାଇଦେବା ପାଇଁ ବର୍ଷ ବର୍ଷ ଧରି ୟୁଜ୍ କରାଯାଉଛି । ପ୍ରଥମେ ପାଖରେ ରଖି କମ୍ପ୍ରୋମାଇଜ୍ କରନ୍ତି ଓ ପରେ ସେମାନଙ୍କୁ କାମ ଦିଅନ୍ତି । ବିନା କାଷ୍ଟିଂ କାଉଚ୍ ଓ କମ୍ପ୍ରୋମାଇଜ୍‌ରେ କୌଣସି ପ୍ରଯୋଜକ-ନିର୍ଦ୍ଦେଶକ କାମ ଦିଅନ୍ତି ନାହିଁ । ଯିଏ ବି କାଷ୍ଟିଂ କାଉଚ୍ କରିଛି ବରବାଦ ହୋଇ ଘରେ ବସିଛି ।



କିନ୍ତୁ ବିନା କମ୍ପ୍ରୋମାଇଜ୍‌ରେ କାମ କରିଥିବା ଅଭିନେତ୍ରୀ ଆଜି ଆଗଧାଡ଼ିରେ ରହି ସୁପରହିଟ୍ ବୋଲି ରାଣୀ କହିଛନ୍ତି । ମଙ୍ଗଳବାର ଅଭିନେତ୍ରୀ ରୁପଶ୍ରୀ ପଣ୍ଡା ମଧ ମୁହଁ ଖୋଲି କହିଥିଲେ, ପ୍ରଯୋଜନା ସଂସ୍ଥାର କଥାରେ ରାଜି ନ ହେବାରୁ ତାଙ୍କୁ ସିରିଏଲ୍‌ରେ ସୁଯୋଗ ଦିଆଯାଇ ନ ଥିଲା । ତେବେ ଏଭଳି ଏକାଧିକ ଅଭିଯୋଗ ପରେ ଓଲିଉଡ୍ ଜଗତକୁ ନେଇ ଚାରିଆଡ଼େ ଚର୍ଚ୍ଚା ସୃଷ୍ଟି ହେଉଛି । ସୂଚନାଯୋଗ୍ୟ, ଫିଲ୍ମରେ କାମ ଦେବାକୁ କହି ପ୍ରଯୋଜକ ସଞ୍ଜୟ ନାୟକ ନବାଗତାଙ୍କୁ ଶୋଷଣ କରିଥିବା ନେଇ ପ୍ରକୃତି କିଛିଦିନ ତଳେ ଗଣମାଧ୍ୟମରେ ଅଭିଯୋଗ କରିଥିଲେ । ଏହାପରେ କୋର୍ଟରେ ମାନହାନୀ ମାମଲା କରିବେ ବୋଲି ସଞ୍ଜୟ ଚେତାବନୀ ଦେଇଥିଲେ । ପରେ ପ୍ରକୃତି ଶନିବାର ମୁମ୍ବାଇ ୱେଷ୍ଟ ଅନ୍ଧେରୀସ୍ଥିତ ଦାଦାଭାଇ ନୋରୋଜି ନଗର ଥାନାରେ ସଞ୍ଜୟଙ୍କ ବିରୋଧରେ ଏତଲା ଦେବା ପରେ ପୋଲିସ ମାମଲା ରୁଜୁ କରିଛି । ତେବେ ଏହାପରଠାରୁ କାଷ୍ଟିଂ କାଉଚ୍‌କୁ ନେଇ ଗଣମାଧ୍ୟମରେ ଝଡ଼ ସୃଷ୍ଟି ହୋଇଛି ।

# ଆର୍‌ବିଆଇ ନିର୍ଦ୍ଦେଶକୁ କଂଗ୍ରେସର ବିରୋଧ

## ଜାଣିଶୁଣି ଖିଲାପକାରୀଙ୍କୁ ବୁଝାମଣା ସୁଯୋଗ ପ୍ରସଙ୍ଗ

ନୂଆଦିଲ୍ଲୀ, ୧୪।୬(କୁଲ୍‌ଦୀପ୍ ସିଂ)

ଜାଣିଶୁଣି ଋଣ ଖିଲାପ କରିଥିବା ବ୍ୟକ୍ତି ଓ ସଂସ୍ଥା ସହ ବୁଝାମଣା କରି ସେମାନଙ୍କ ଋଣକୁ ଫଇସଲା କରିବାକୁ ଗତ ୮ ତାରିଖରେ ଆର୍‌ବିଆଇ ବ୍ୟାଙ୍କ ଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ନିର୍ଦ୍ଦେଶ ବିରୋଧରେ କଂଗ୍ରେସ କେନ୍ଦ୍ର ସରକାରଙ୍କ ଉପରେ ବୁଧବାର ବର୍ଷିଛି । ଆର୍‌ବିଆଇ ଏହି ନିର୍ଦ୍ଦେଶର ତୁରନ୍ତ ପୁନର୍ବିଚାର କରିବା ପାଇଁ ଦଳ ଦାବି କରିଛି । ଏଥିସହ ଖିଲାପକାରୀଙ୍କ ସହ ଆପୋଷ ବୁଝାମଣା କରି କୋଣସି ଋଣ ସମାଧାନ ନ କରିବାକୁ ବ୍ୟାଙ୍କକୁ ନିର୍ଦ୍ଦେଶ ଦେବାକୁ ଦାବି କରାଯାଇଛି । ଏଥିସହ ଆର୍‌ବିଆଇ ଉପରେ ଏହି ନିର୍ଦ୍ଦେଶ ସମ୍ପର୍କିତ କେନ୍ଦ୍ର ସରକାରଙ୍କ ପକ୍ଷରୁ କୌଣସି ଚାପ ରହିଛି କି ସେ ସମ୍ପର୍କରେ ଜଣାଇବାକୁ କଂଗ୍ରେସ ଏମ୍‌ପି ଜୟରାମ୍ ରମେଶ କହିଛନ୍ତି । ଏଥିସହ ଏଭଳି ନିର୍ଦ୍ଦେଶ ଆର୍‌ବିଆଇ କାହିଁକି ଦେଲେ ସେ ସମ୍ପର୍କରେ ଜୟରାମ ଏକ ସ୍ପଷ୍ଟୀକରଣ ମାଗିଛନ୍ତି । ଜୟରାମ କହିଛନ୍ତି ଯେ, ଗତ ୨ବର୍ଷ ତଳେ ଆର୍‌ବିଆଇ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରି ଜାଣିଶୁଣି ଖିଲାପ କରୁଥିବା ସଂସ୍ଥା ବା ବ୍ୟକ୍ତି ସହ କୌଣସି ପ୍ରକାରେ ଆପୋଷ ବୁଝାମଣା ନ କରିବା ସହ ସାନି ଋଣ ମଞ୍ଜୁର ନ କରିବାକୁ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ । ଏବେ କିପରି ଆର୍‌ବିଆଇ ନିଜ ନିର୍ଦ୍ଦେଶକୁ ବଦଳାଉଛି ତାହା ଆଶ୍ଚର୍ଯ୍ୟ କରୁଛି ବୋଲି ଜୟରାମ୍ କହିଛନ୍ତି ।

# ମୃତଦେହ ଚିହ୍ନଟ ପାଇଁ ପର୍ଯ୍ୟାପ୍ତ ସମୟ ମିଳିବ

## ବାହାନଗା ଟ୍ରେନ୍ ଦୁର୍ଘଟଣା

### ଚିହ୍ନଟ ସମ୍ଭବ ନ ହେଲେ ଗଣଦାହ

ଭୁବନେଶ୍ୱର, ୧୪।୬(ଅଭିଜିତ ଦାସ)

ବାହାନଗା ରେଳ ଦୁର୍ଘଟଣାରେ ମୃତକଙ୍କ ସଂଖ୍ୟା ୨୮୯ରେ ପହଞ୍ଚିଛି । ତେବେ ଚିହ୍ନଟ ଲାଗି ବିଭିନ୍ନ ପର୍ଯ୍ୟାୟରେ ୧୬୨ ମୃତଦେହ ଏମ୍‌ସକୁ ଆସିଥିବାବେଳେ ୮୧ ମୃତଦେହକୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି ଓ ଅବଶିଷ୍ଟ ୮୧ଟି ମୃତଦେହର ଚିହ୍ନଟ ପ୍ରକ୍ରିୟା ଏବେବି ଜାରି ରହିଛି । ଅଧିକାଂଶ ମୃତଦେହ କ୍ଷତବିକ୍ଷତ ହେବାସହ କଦାକାର ହୋଇଥିବାବେଳେ ଗୋଟିଏ ମୃତଦେହର ଏକାଧିକ ଦାବିଦାର ରହିବା ଓ ଡିଏନ୍‌ଏ ରିପୋର୍ଟ ଆସିବାରେ ବିଳମ୍ବ ହେଉଛି । ତେଣୁ ମୃତଦେହର ଚିହ୍ନଟ ଲାଗି ମୃତକଙ୍କ ପରିବାର ବା ସମ୍ପର୍କୀୟଙ୍କୁ ପର୍ଯ୍ୟାପ୍ତ ସମୟ ଦିଆଯିବ ବୋଲି ଏମ୍‌ସ ପରିସରରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଛି । ଗତ ୫ ତାରିଖରେ ଏମ୍‌ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଶୁତୋଷ ବିଶ୍ୱାସ କହିଥିଲେ, ମୃତକଙ୍କ ଚିହ୍ନଟ ପ୍ରକ୍ରିୟାରେ ଅସୁବିଧା ଯୋଗୁ ଡିଏନ୍‌ଏ ଟେଷ୍ଟିଂକୁ ଶେଷ ବିକଳ୍ପ ଭାବେ ଗ୍ରହଣ କରିଛୁ । ୪ରୁ ୫ ଦିନ ମଧ୍ୟରେ ଡିଏନ୍‌ଏ ଟେଷ୍ଟିଂ ରିପୋର୍ଟ ଆସିବ ବୋଲି ଦିଲ୍ଲୀସ୍ଥିତ ଏମ୍‌ସକୁ ଅନୁରୋଧ କରିଛୁ । ତେବେ ୮୧ ମୃତଦେହ ମଧ୍ୟରୁ ୭୫ଟିର ଡିଏନ୍‌ଏ ନମୁନା ସଂଗ୍ରହ କରାଯାଇ ଟେଷ୍ଟିଂ ନିମନ୍ତେ ଦିଲ୍ଲୀ ପଠାଯାଇଛି । ତେବେ ଡିଏନ୍‌ଏ ଟେଷ୍ଟିଂର ରିପୋର୍ଟ ଆସିବାରେ ବିଳମ୍ବ ହେତୁ ମୃତଦେହକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହେବାରୁ ଏନେଇ ସେ କହିଛନ୍ତି, ମୃତଦେହ ନେବା ଲାଗି ଡିଏନ୍‌ଏ ରିପୋର୍ଟକୁ ଅପେକ୍ଷା କରିବାକୁ ପଡିବ । ଏହାସହ ଚିହ୍ନଟ ଲାଗି ମୃତକଙ୍କ ପରିବାରକୁ ପର୍ଯ୍ୟାପ୍ତ ସମୟ ମିଳିବ । କିନ୍ତୁ ଏହାପରେ ରହିଯାଇଥିବା ଅଚିହ୍ନା ମୃତଦେହଗୁଡ଼ିକୁ ଏକାଠି ଗଣଦାହ କରିବାକୁ ଯୋଜନା କରାଯାଇଛି । ଏନେଇ ସରକାରଙ୍କ ପକ୍ଷରୁ ସଙ୍କେତ ମିଳିଲେ ଶବଦାହ ପ୍ରକ୍ରିୟା ଆରମ୍ଭ ହେବ । ବିଏମ୍‌ସି ପକ୍ଷରୁ ଶବଦାହ ଲାଗି ସମସ୍ତ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ରାଜଧାନୀର ୫ଟି ଶ୍ମଶାନରେ ସ୍ଥାନ ଚିହ୍ନଟ କରାଯାଇଛି । ଶ୍ମଶାନରେ ମହଜୁତ ପରିମାଣର କାଠ ରଖାଯାଇଛି ବୋଲି ବିଶ୍ୱାସ ସୂଚନା ଦେଇଛନ୍ତି ।

## ପ୍ରଥମ ପୃଷ୍ଠାରୁ...

### ମା' ଆଗରେ ପୁଅକୁ ...

ଦିଲୀପ ସେଠୀ, ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେଉରିଆ ଓ ଗ୍ରାମାଞ୍ଚଳ ଥାନା ଭାରପ୍ରାପ୍ତ ଅଧିକାରୀ ଅନ୍ତର୍ଯ୍ୟାମୀ ବିଶ୍ୱାଳ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ଦିନ ସାଢେ ଗୋଟାଏ ବେଳେ ରାସ୍ତାରୋକୋ ହଟିଥିଲା ।

### ନିମ୍ନମାନର ତାରବାଡ଼ ...

ଅଧିକ ହୋଇଛି । କିନ୍ତୁ ଗତ ୧୦ ବର୍ଷ ମଧ୍ୟରେ ମାତ୍ର ୪୮ ଜଣ ଆହତ ହୋଇଥିବା ଓ ଗତ ୫ ବର୍ଷ ମଧ୍ୟରେ ମାତ୍ର ୩୬ ପ୍ରାଣୀଙ୍କ ଜୀବନ ଯାଇଥିବା ବନବିଭାଗ ଦର୍ଶାଉଛି ବୋଲି ଜେନା କହିଛନ୍ତି ।

କୁମ୍ଭୀର ଉପଦ୍ରୁତ ନଦୀ ତଟବର୍ତ୍ତୀ ଗାଧୁଆତୁଠରେ ତାରବାଡ଼ ଘେରାଇବା ପାଇଁ ସ୍ଥାନୀୟ ଅଧିବାସୀ ଦାବି କରିଛନ୍ତି । ଏସମ୍ପର୍କରେ ନିମପୁର ଗ୍ରାମର ରାମନାଥ ଦାସ କୁହନ୍ତି, ଜାତୀୟ ଉଦ୍ୟାନ ଭିତରକନିକା ଓ ସଂରକ୍ଷଣ କେନ୍ଦ୍ରରେ ୧୭୦୦ରୁ ଅଧିକ ଲୁଣା କୁମ୍ଭୀର ଥିବା ବନ ବିଭାଗ ଗଣନା କରିଛି । ବାସ୍ତବରେ ଏମାନଙ୍କ ସଂଖ୍ୟା ଅଧିକ । ଭିତରକନିକା ସଂଲଗ୍ନ ବିଭିନ୍ନ ନଦୀ ଏମାନଙ୍କ ବାସସ୍ଥାନ ହୋଇଛି । କୁମ୍ଭୀର ହାବୁଡରେ ପଡ଼ିବା ଏହି ଉପାନ୍ତ ଅଞ୍ଚଳରେ ଏକ ନିତିଦିନିଆ ଘଟଣା ହୋଇଛି । ଭାଗ୍ୟ ଭଲ ଥିଲେ କୁମ୍ଭୀର ହାବୁଡରୁ ନିସ୍ତାର ମିଳେ । ୨୦୧୭ରେ ଡାଙ୍ଗମାଳ ପଞ୍ଚାୟତ ବାଙ୍କୁଆଳ ଗ୍ରାମର ମମତା ଦଳାଇ ନିଜ ଭଉଣୀକୁ ବଞ୍ଚାଇଥିବାବେଳେ କଣ୍ଡିରା ଗ୍ରାମର ସିଡୁ ମଲ୍ଲିକ ୨୦୧୮ରେ ଦାଦାଙ୍କୁ କୁମ୍ଭୀର ମୁହଁରୁ ରକ୍ଷା କରିଥିଲେ । ଏହି ଦୁଇଜଣଙ୍କୁ ଶିଶୁ ସାହସିକତା ପୁରସ୍କାର ମିଳିଥିବା ସେ ପ୍ରକାଶ କରିଛନ୍ତି । କୁମ୍ଭୀର ଆତଯାତ ନଦୀରେ ସ୍ୱତନ୍ତ୍ର ଗାଧୁଆତୁଠ ନିର୍ମାଣ ଦାୟିତ୍ୱ ବନବିଭାଗ ନେଇଛି । ମାତ୍ର ଭିତରକନିକାସ୍ଥିତ ସମସ୍ତ ୪୧୮ ଗ୍ରାମରେ ଗାଠୁଆତୁଠ ନିର୍ମାଣ ହୋଇ ପାରିନାହିଁ । ଚଣ୍ଡିଆଗଡ଼ି ଗ୍ରାମର କିଶୋର ସରକାର କୁହନ୍ତି, କୁମ୍ଭୀର ଉପଦ୍ରବ କରୁଥିବା ନଦୀ ତଟବର୍ତ୍ତୀ ଅଞ୍ଚଳବାସୀଙ୍କ ପାଇଁ ସୁରକ୍ଷିତ ଗାଧୁଆତୁଠ ଆବଶ୍ୟକ । ନଦୀ କୂଳରେ ବଲ୍ଲା ଓ ତାରଜାଲି ଦେଇ ଏହି ତୁଠ ହେବା କଥା । ତେବେ କେତେକ ସ୍ଥାନରେ ନିମ୍ନଧରଣର କାର୍ଯ୍ୟ ଯୋଗୁ ଏହି ତାରବାଡ଼ ରହୁନାହିଁ । ଗଡ଼ଗଡ଼ି, ବାଲକାଟି, ପତ୍ରପୁର, ନୂଆଗାଁଠାରୁ ଆରମ୍ଭ କରି ରାଜଗଡ଼, ନଳଦିଆ, ନରେନ୍ଦ୍ରପୁର, ନିମପୁର ଆଦି ନଦୀ ଘାଟ ଜନଜୀବନ ପାଇଁ ଅସୁରକ୍ଷିତ ହୋଇପଡ଼ିଛି । ଅନ୍ୟପକ୍ଷରେ କୁମ୍ଭୀର ଦ୍ୱାରା ମୃତ୍ୟୁ ଘଟିଲେ ୬ ଲକ୍ଷ ଟଙ୍କା ଏବଂ ଆହତଙ୍କୁ ୫୦ ହଜାର ଟଙ୍କା ସରକାରଙ୍କ ପକ୍ଷରୁ ଅନୁକମ୍ପା ରାଶି ପ୍ରଦାନ କରାଯାଉଛି । କିନ୍ତୁ ତାହା ଯଥେଷ୍ଟ ନୁହେଁ ବୋଲି ଲୋକେ କହୁଛନ୍ତି ।

ଏ ସମ୍ପର୍କରେ ରାଜକନିକା ରେଞ୍ଜର ମାନସ ଦାଶ କୁହନ୍ତି, କୁମ୍ଭୀର ଆକ୍ରମଣରୁ ବର୍ତ୍ତିବା ପାଇଁ ସଚେତନତା ସୃଷ୍ଟି କରାଯାଉଛି । ବିଭିନ୍ନ ନଦୀତୁଠରେ ସୁରକ୍ଷା ପାଇଁ ଗାଧୁଆ ତୁଠ ନିର୍ମାଣ ହେଉଛି । ମୃତାହତଙ୍କ ଅଭିଯୋଗକୁ ଭିତ୍ତିକରି କ୍ଷତିପୂରଣ ଦିଆଯାଉଥିବା ରେଞ୍ଜର ଦାଶ ପ୍ରକାଶ କରିଛନ୍ତି ।

### ବାଧ୍ୟତାମୂଳକ ହେବ ...

କ୍ଷୁଦ୍ର ଶିଳ୍ପ, ଆପାର୍ଟମେଣ୍ଟ କ୍ଷେତ୍ରରେ ବୋର୍‌ୱେଲ(ନଳକୂପ) କିମ୍ବା କୂପ ଖୋଳିବା ସକାଶେ ଅନୁମତି ନେବାକୁ ପଡ଼ିବ । ଭୂଗର୍ଭସ୍ଥ ଜଳ ସମ୍ପର୍କିତ ସମସ୍ତ କାର୍ଯ୍ୟ ତଦାରଖ କରିବାକୁ ଓଡ଼ିଶା ଭୂତଳ ଜଳ କର୍ତ୍ତୃପକ୍ଷ (ଓଡ଼ିଶା ଗ୍ରାଉଣ୍ଡ ୱାଟର ଅଥରିଟି) ଗଠନ ହେବ । ଏଥିରେ ଜଳସମ୍ପଦ ବିଭାଗ ସଚିବ ଅଧ୍ୟକ୍ଷ ରହିବେ ଏବଂ ଭୂତଳ ଜଳ ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ମେମ୍ବର କନ୍‌ଭେନର, ଆର୍‌ଡବ୍ଲ୍ୟୁଏସ୍‌ଏସ୍, ଆଇଆଇଟି ବିଶେଷଜ୍ଞ ଏହାର ସଦସ୍ୟ ରହିବେ । ଯେଉଁମାନେ ବୋର୍‌ୱେଲ କରିବାକୁ ଚାହିଁବେ ସେମାନେ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିବେ । ଆବେଦନ ପରେ ଏକ ବିଶେଷଜ୍ଞ ଟିମ୍ କ୍ଷେତ୍ର ପରିଦର୍ଶନ କରି ଆବେଦନକାରୀ ବୋର୍‌ୱେଲ ଖନନ ପାଇଁ ଯୋଗ୍ୟ କି ନୁହେଁ ତାହା ଯାଞ୍ଚ କରିବେ । ଯଦି ସମ୍ପୃକ୍ତ ଅଞ୍ଚଳରେ ପାଇପ ଯୋଗେ ପାନୀୟ ଜଳ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବ ତେବେ ସେ ସବୁ ସ୍ଥାନରେ ବୋର୍‌ୱେଲ କିମ୍ବା ଡଗ୍‌ୱେଲ ପାଇଁ ଅନୁମତି ମିଳିବ ନାହିଁ । ଆବେଦନକାରୀଙ୍କୁ ଏଥିପାଇଁ ଏକ ଫି' ଜମା କରିବାକୁ ପଡ଼ିବ । ପ୍ରାଥମିକ ଭାବେ ୩ ବର୍ଷ ପାଇଁ ଅନୁମତି ଦିଆଯିବ । ରାଜ୍ୟରେ କେତେ ବୋର୍‌ୱେଲ ଅଛି ସେ ନେଇ ଏକ ସର୍ଭେ କରାଯିବ ବୋଲି ବିଭାଗ ପକ୍ଷରୁ ଜାଣିବାକୁ ମିଳିଛି । ସେହିପରି ବ୍ୟବସାୟିକ, ବୃହତ୍, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ, ଆପାର୍ଟମେଣ୍ଟ ପାଇଁ ଛାତ ଉପର ବର୍ଷା ଜଳ ସଂରକ୍ଷଣ (ରୁଫ୍ ଟପ୍ ରେନ୍‌ୱାଟର ହାର୍ଭେଷ୍ଟିଂ) ବାଧ୍ୟତାମୂଳକ କରାଯିବ । ଏଥିସହିତ ବଡ଼ ବଡ଼ ଶିଳ୍ପାନୁଷ୍ଠାନ ଅବଜରଭେଶନ ୱେଲ୍ ନିର୍ମାଣ କରିବା ଲାଗି ବାଧ୍ୟତାମୂଳକ କରାଯାଇଛି । ଏହାଦ୍ୱାରା ସେମାନେ ନେଉଥିବା ପାଣିକୁ ଭୂତଳ ଜଳ ନିର୍ଦ୍ଦେଶାଳୟ ଅଧିକାରୀ ପ୍ରତି ୩ ମାସରେ ଥରେ ସ୍ଥିତି ଅନୁଧ୍ୟାନ କରିବେ । ଏହି ନିୟମ କାର୍ଯ୍ୟକାରୀ ହେବା ପରେ ସମସ୍ତ ଶିଳ୍ପାନୁଷ୍ଠାନ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ ପରିବର୍ତ୍ତେ ଅଥରିଟିଠାରୁ ଅନୁମତି ନେବେ । ଅନ୍ୟପକ୍ଷରେ ଭୂତଳ ଜଳ ପ୍ରଦୂଷଣକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଏହି ରୁଲ୍‌ସରେ ବ୍ୟବସ୍ଥା ରହିଛି । ବିଭିନ୍ନ ଶିଳ୍ପ ସଂସ୍ଥା ପ୍ରଦୂଷିତ ଜଳ ଏବଂ ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ନ ଥିବା ଆପାର୍ଟମେଣ୍ଟଗୁଡ଼ିକ ରିଭର୍ସ ବୋରିଂ କରି ଭୂତଳ ଜଳକୁ ପ୍ରଦୂଷିତ କରୁଛନ୍ତି । ସେଗୁଡ଼ିକୁ ଯାଞ୍ଚ କରାଯାଇ ଦଣ୍ଡବିଧାନ ବ୍ୟବସ୍ଥା କରାଯିବ । ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ନ ଥିବା ଆପାର୍ଟମେଣ୍ଟ ବିରୋଧରେ ୧୦ରୁ ୨୦ ଲକ୍ଷ ଯାଏ ଜରିମାନା କରିବା ବ୍ୟବସ୍ଥା ରହିଛି । ତେବେ ଏଥିରେ ଚାଷ ପାଇଁ ବ୍ୟବହୃତ ଗଭୀର ନଳକୂପକୁ ବାଦ୍ ଦିଆଯାଇଛି । ଚିଠା ରୁଲ୍ସକୁ ଆଇନ ବିଭାଗ ଅନୁମୋଦନ ମିଳିସାରିଛି । କ୍ୟାବିନେଟ ଅନୁମୋଦନ ପରେ ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ଜଳସମ୍ପଦ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ।

### ବିରୋଧୀ ଦମନ ...

ଜେ. ଜୟଲଳିଥାଙ୍କ ଏଆଇଏଡିଏମ୍‌କେ ସରକାର ଅମଳରେ ପରିବହନ ମନ୍ତ୍ରୀ ଥିବାବେଳେ 'ନିଯୁକ୍ତି ପାଇଁ ଟଙ୍କା' ନେଇଥିବା ଅଭିଯୋଗ ହୋଇଥିଲା । ନିକଟରେ ସୁପ୍ରିମକୋର୍ଟ ଏହି ମାମଲାର ତଦନ୍ତ କରିବାକୁ ଇଡିକୁ ଅନୁମତି ଦେଇଥିଲେ । ଇଡି ଅଧିକାରୀମାନେ ମନି ଲଣ୍ଡରିଂ ନିବାରଣ ଆଇନ (ପିଏମ୍‌ଏଲ୍‌ଏ) ବଳରେ ମଙ୍ଗଳବାର ସଚିବାଳୟ, ବାଲାଜୀଙ୍କ ଭାଇ ଓ ସହଯୋଗୀମାନଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ । ଏହା ପରେ ଅଧିକାରୀମାନେ ତାଙ୍କୁ ଦୀର୍ଘ ସମୟ ଧରି ଜେରା କରିବା ପରେ ଗିରଫ କରିଛନ୍ତି । ଗିରଫଦାରି ପରେ ହଠାତ୍ ସ୍ୱାସ୍ଥ୍ୟରେ ଅବନତି ହେବାରୁ ବୁଧବାର ଭୋର ସମୟରେ ତାଙ୍କୁ ଚେନ୍ନାଇର ଏକ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ପୂର୍ବାହ୍ନ ୧୦ଟା ୪୦ରେ ତାଙ୍କର କୋରୋନାରି ଏଞ୍ଜିଓଗ୍ରାମ କରାଯାଇଛି । ଯଥାଶୀଘ୍ର ସମ୍ଭବ ବାଇପାସ୍ ସର୍ଜରି କରାଇବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି । ଗିରଫ ପରେ ବାଲାଜୀଙ୍କୁ ଏକ ସ୍ଥାନୀୟ କୋର୍ଟରେ ହାଜର କରାଯାଇଥିଲା । ଅଦାଲତ ତାଙ୍କୁ ଜୁନ୍ ୨୮ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇଦେଇଛନ୍ତି । କୋର୍ଟରେ ତାଙ୍କୁ ହାଜର କରାଇବା ନେଇ ମାଡ୍ରାସ୍ ହାଇକୋର୍ଟରେ ପୃଥକ୍ ଭାବେ ଏକ ହେବିଅସ୍ କର୍ପସ୍ ଦାଖଲ ହୋଇଥିଲା ।

ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ବାଲାଜୀଙ୍କ ଉପରେ ଇଡି ଚଢ଼ାଉକୁ 'ଦମନମୂଳକ ରାଜନୀତି' କହି ସମାଲୋଚନା କରିଛନ୍ତି । ଷ୍ଟାଲିନ୍ ଓମାଣ୍ଡୁରାର ଏଷ୍ଟେଟ୍‌ସ୍ଥିତ ତାମିଲନାଡୁ ସରକାରୀ ମଲ୍ଟି ସୁପର ସ୍ପେଶାଲିଟି ହସ୍ପିଟାଲରେ ନିଜ କ୍ୟାବିନେଟ୍ ସହଯୋଗୀ ବାଲାଜୀଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି । ଇଡି ତଦନ୍ତ ନାମରେ ଡ୍ରାମା କରୁଛି । ଅଧିକାରୀମାନେ ବାଲାଜୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଛନ୍ତି ବୋଲି ଷ୍ଟାଲିନ୍ ଅଭିଯୋଗ ଆଣିଛନ୍ତି । ସେହିପରି ବାଲାଜୀଙ୍କୁ ଗିରଫ ବେଳେ ଆବଶ୍ୟକ ପ୍ରକ୍ରିୟାର ଉପଯୁକ୍ତ ଅନୁସରଣ କରାଯାଇ ନ ଥିବା ଡିଏମ୍‌କେ କହିଛି । ବାଲାଜୀଙ୍କୁ ନିର୍ଯାତନା ଦିଆଯାଇଥିବା ନେଇ ସଙ୍କେତ ମିଳିଥିବା ରାଜ୍ୟର ମନ୍ତ୍ରୀ ପି.କେ. ସେକାର ବାବୁ ପ୍ରକାଶ କରିଛନ୍ତି । ହସ୍ପିଟାଲକୁ ନିଆଯାଉଥିବାବେଳେ ବାଲାଜୀ ଅସୁସ୍ଥ ହୋଇପଡ଼ି କାନ୍ଦୁଥିବା ଦୃଶ୍ୟ ଟିଭିରେ ଦେଖିବାକୁ ମିଳିଛି । ବର୍ତ୍ତମାନ ତାଙ୍କୁ ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍ (ଆଇସିୟୁ)ରେ ରଖାଯାଇଛି । ବାଲାଜୀଙ୍କ କାନ ପାଖରେ ଫୁଲିଯାଇଛି । ତାଙ୍କୁ ନିର୍ଯାତନା ଦିଆଯାଇଥିବା ନେଇ ଡାକ୍ତର କହିଥିବା ସେକାର ବାବୁ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି । ଇତିମଧ୍ୟରେ ଡିଏମ୍‌କେ ନେତୃତ୍ୱାଧୀନ ଧର୍ମନିରପେକ୍ଷ ପ୍ରଗତିଶୀଳ ମେଣ୍ଟ (ଏସ୍‌ପିଏ) କେନ୍ଦ୍ରର ଭାଜପା ସରକାର ଏବଂ ଇଡି ଉପରେ ବର୍ଷିଛି । ଏହି ପ୍ରସଙ୍ଗରେ ଶୁକ୍ରବାର କୋଏମ୍ବାଟୁରରେ ବିଶାଳ ଜନସଭାର ଆୟୋଜନ କରାଯିବ ବୋଲି ଦଳ କହିଛି । ଏସ୍‌ପିଏ ନେତାଙ୍କ ସମେତ ତାମିଲନାଡୁ କଂଗ୍ରେସ କମିଟି ଅଧ୍ୟକ୍ଷ କେ.ଏସ୍. ଆଲାଗିରି, ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ), ସିପିଆଇ(ମାର୍କ୍ସବାଦୀ) ଓ ଅନ୍ୟ ବିରୋଧୀ ଦଳଗୁଡ଼ିକର ନେତାମାନେ ଏକ ମିଳିତ ବିବୃତିରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏକୁ ଜନବିରୋଧୀ ଆଖ୍ୟା ଦେଇଛନ୍ତି । ଗତ ୯ ବର୍ଷ ମଧ୍ୟରେ କେନ୍ଦ୍ର ସରକାର ଲୋକଙ୍କ ପାଇଁ କିଛି କରି ନ ଥିବା ସେମାନେ ସମାଲୋଚନା କରିଛନ୍ତି । ଅନ୍ୟପକ୍ଷେ ବିରୋଧୀ ଦଳ ନେତା ତଥା ଏଆଇଏଡିଏମ୍‌କେ ମୁଖ୍ୟ ଇ.କେ. ପାଲାନିସ୍ୱାମୀ ନୈତିକତା ଦୃଷ୍ଟିରୁ ବାଲାଜୀ ଇସ୍ତଫା ଦେବା ଉଚିତ ବୋଲି କହିଛନ୍ତି । ରାଜ୍ୟ ଭାଜପା ସଭାପତି କେ.ଏ. ଆନ୍ନାମଲାଇ ଡିଏମ୍‌କେର ଅଭିଯୋଗକୁ ଖଣ୍ଡନ କରି କହିଛି, ଇଡି କାର୍ଯ୍ୟାନୁଷ୍ଠାନ ନିଯୁକ୍ତି ପାଇଁ ଟଙ୍କା ମାମଲାରେ ୫ ବର୍ଷ ଧରି ଚାଲିଥିବା ତଦନ୍ତର ଏକ ଅଂଶ ।

> ତାମିଲନାଡୁ ଶକ୍ତିମନ୍ତ୍ରୀ ଥିରୁ ଭି. ସେନ୍ଥିଲ ବାଲାଜୀଙ୍କ ଘରେ ଇଡି ଚଢ଼ାଉ ଓ ତାଙ୍କୁ ଗିରଫ କରାଯିବା ଘଟଣାକୁ କଂଗ୍ରେସ ନିନ୍ଦା କରୁଛି । ବିରୋଧୀଙ୍କୁ ଭୟଭୀତ କରିବା ପାଇଁ ଏହା ହେଉଛି ମୋଦି ସରକାରଙ୍କ ଲଜ୍ଜାଜନକ ଉଦ୍ୟମ । ରାଜନୈତିକ ବିରୋଧୀଙ୍କୁ ଚୁପ୍ କରାଇବା ପାଇଁ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଦୁରୁପଯୋଗ ମୋଦି ସରକାର ପରିଚୟ ପାଲଟିଗଲାଣି । କେନ୍ଦ୍ର ବିରୋଧୀ ଅଭିଯାନ ଆହୁରି ମଜଭୁତ କରାଯିବ ।
>
> **–ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ**
>
> ସିବିଆଇ ଏବଂ ଇଡିର 'ଭାଜପା ସେନା' ନାମକରଣ କରାଯିବା ଉଚିତ । ତାମିଲନାଡୁ ମନ୍ତ୍ରୀଙ୍କ ଘରେ ଚଢ଼ାଉ ଓ ତାଙ୍କ ଗିରଫଦାରିକୁ ଆମେ ନିନ୍ଦା କରୁଛୁ । ଯେପରି ଭାବେ ତାଙ୍କୁ ଗିରଫ କରାଯାଇଛି ତାହା ମଧ ଅତ୍ୟନ୍ତ ଆପତ୍ତିଜନକ ।
>
> **–ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଏଏପି ଆବାହକ**
>
> ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ତାମିଲନାଡୁ ଗସ୍ତ କରି ଆସନ୍ତା ଲୋକ ସଭା ନିର୍ବାଚନରେ ଭାଜପା ୨୫ ଆସନ ଦଖଲ କରିବ ବୋଲି କହିବା ପରେ ମନ୍ତ୍ରୀଙ୍କୁ ଗିରଫ କରାଯାଇଛି । ଭାଜପା ଇଡି ଜରିଆରେ ଏପରି କାର୍ଯ୍ୟାନୁଷ୍ଠାନ ନେଇ ଆସନ ଜିତିବାକୁ ଲକ୍ଷ୍ୟ ରଖିବା ମୂର୍ଖାମି ବ୍ୟତୀତ କିଛି ନୁହେଁ । ତାମିଲନାଡୁ ଭାଜପାକୁ ବରଦାସ୍ତ କରିବ ନାହିଁ ।
>
> **–ଡି. ରାଜା, ସିପିଆଇ ସାଧାରଣ ସମ୍ପାଦକ**
>
> ଇଡି ଅଧିକାରୀମାନେ ମନ୍ତ୍ରୀ ବାଲାଜୀଙ୍କୁ ଗିରଫ ବେଳେ ଯେପରି ବ୍ୟବହାର ଦେଖାଇଛନ୍ତି ତାହା ଆଦୌ ଗ୍ରହଣୀୟ ନୁହେଁ । କେଉଁ ରାଜ୍ୟରେ ଏପରି ଘଟିନାହିଁ ଏବଂ କେଉଁ ଦଳ ଏହାକୁ ସାମ୍ନା କରିନାହିଁ କୁହନ୍ତୁ । କେନ୍ଦ୍ର ସରକାର ଓ ଏହାର ଏଜେନ୍ସିଗୁଡ଼ିକ ନିଜ ଆଚରଣକୁ ନେଇ ପୁନର୍ବିଚାର କରିବା ଉଚିତ ।
>
> **–ଓମାର ଅବ୍‌ଦୁଲ୍ଲା, ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନ୍ୟାଶନାଲ କନ୍‌ଫରେନ୍ସ ଉପାଧ୍ୟକ୍ଷ**

### ୧୬% ବୟସ୍କା ମହିଳା ...

ଜନିତ ନିର୍ଯାତନା ଭୋଗିବାକୁ ପଡୁଛି । ସର୍ଭେ ମୁତାବକ ୪୦% ମହିଳାଙ୍କୁ ସେମାନଙ୍କ ପୁଅ ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିବାବେଳେ ୩୧%ଙ୍କୁ ସେମାନଙ୍କ ସମ୍ପର୍କୀୟ ଏବଂ ୨୭% ବୋହୂମାନଙ୍କ ଦ୍ୱାରା ନିର୍ଯାତିତ ହେଉଥିବା ଜଣାପଡ଼ିଛି । ପରିବାର ଲୋକଙ୍କ ଜରିଆରେ ବୟସ୍କା ମହିଳା ନିର୍ଯାତନାର ଶିକାର ହେଉଥିବା ଏକ ଚିନ୍ତାଜନକ ବିଷୟ । ଭୟରେ ଏ ସମ୍ପର୍କରେ ଥାନାରେ କୌଣସି ପୀଡ଼ିତା ଅଭିଯୋଗ କରିନାହାନ୍ତି । ତେବେ ନିର୍ଯାତନା ବିରୋଧରେ ଥିବା ନ୍ୟାୟିକ ବ୍ୟବସ୍ଥା ସମ୍ପର୍କରେ ୭୮% ମହିଳା ଅବଗତ ନୁହନ୍ତି । ସମାଜରେ ଦେଖାଯାଉଥିବା ଏ ପ୍ରକାର ବ୍ୟତିକ୍ରମକୁ ରୋକିବା ପାଇଁ ସରକାରଙ୍କ ତରଫରୁ ବୟସ୍କା ମହିଳାଙ୍କ ପାଇଁ ବିଶେଷ ପ୍ରକାର ସ୍କିମ ପ୍ରସ୍ତୁତ କରିବା ସହ ଏହା ବିରୋଧରେ କଠୋର ଆଇନ ଲାଗୁ କରିବାର ଆବଶ୍ୟକତା ଥିବା ହେଲ୍ପଏଜ୍ ଇଣ୍ଡିଆର ସିଇଓ ରୋହିତ ପ୍ରସାଦ କହିଛନ୍ତି ।

### ଡାକ୍ତର ଜଗନ୍ନାଥ ମହାପାତ୍ରଙ୍କ ...

ଦର୍ଶନ ପରେ ତାଙ୍କ ପାର୍ଥିବ ଶରୀରକୁ ଜଗନ୍ନାଥ ହସ୍ପିଟାଲ, ବିଏମ୍‌ସି କାର୍ଯ୍ୟାଳୟ ଓ ଶହୀଦନଗର ପୂଜାମଣ୍ଡପକୁ ନିଆଯାଇଥିଲା । ଏହାପରେ ସତ୍ୟନଗର ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ।

ଡା. ମହାପାତ୍ର ୧୯୩୯ ଜାନୟାରୀ ୧୪ରେ ତତ୍କାଳୀନ ଅବିଭକ୍ତ କଟକ ଜିଲାର କରତ ଶାସନରେ ଜନ୍ମ ଗ୍ରହଣ କରିଥିଲେ । ପେସାରେ ଡାକ୍ତର ହୋଇଥିଲେ ମଧ ରାଜନୀତି ଓ ସମାଜସେବାରେ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଥିଲା । ୧୯୯୭ ମସିହାରେ ସେ ଭୁବନେଶ୍ୱର ମ୍ୟୁନିସିପାଲିଟିର ଶେଷ ଚେୟାରମ୍ୟାନ ହୋଇଥିଲେ । ତାଙ୍କ ସମୟରେ ଅର୍ଥାତ୍ ୨୦୦୦ ମସିହାରେ ଭୁବନେଶ୍ୱର ମ୍ୟୁନିସିପାଲିଟିରୁ ମହାନଗର ନିଗମ ହୋଇଥିଲା । ପରେ ସେ ଭୁବନେଶ୍ୱର ମହାନଗର ନିଗମର ପ୍ରଥମ ନନ୍ ଇଲେକ୍‌ଟେଡ୍ ମେୟର ହୋଇଥିଲେ । ଏଥିସହ ଇଣ୍ଡିଆନ ମେଡିକାଲ ଆସୋସିଏଶନ ଓଡ଼ିଶା ଶାଖାର ସେକ୍ରେଟାରି, ଶହୀଦନଗର ଦୁର୍ଗାପୂଜା କମିଟି ଓ ଭୁବନେଶ୍ୱର ଭସାଣୀ ଉତ୍ସବର ପ୍ରତିଷ୍ଠାତା ଥିଲେ । ତାଙ୍କ ଜନ୍ମ କଟକ ମାଟିରେ ହୋଇଥିଲେ ମଧ କର୍ମକ୍ଷେତ୍ର ରାଜଧାନୀ ଭୁବନେଶ୍ୱର ଥିଲା । ବରିଷ୍ଠ ନାଗରିକଙ୍କୁ ମାଗଣାରେ ଚିକିତ୍ସା ଯୋଗାଇ ଦେବାକୁ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରୁଥିଲେ । ଭୁବନେଶ୍ୱରର ଶିଶୁ ଓ ମହିଳାଙ୍କୁ ସୁଲଭ ଦରରେ ଚିକିତ୍ସା ଲାଗି ଶହୀଦନଗରରେ ଜଗନ୍ନାଥ ହସ୍ପିଟାଲ ନାମରେ ଏକ ଡାକ୍ତରଖାନା ମଧ ନିର୍ମାଣ କରିଥିଲେ । ସେ ଏମ୍‌ବିବିଏସ୍ ପରେ ଏମ୍‌ଡି ଡିଗ୍ରୀ କରିଥିଲେ । ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି । ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିବା ସହ ଶୋକ ପ୍ରକାଶ କରିଛନ୍ତି । ଡା. ମହାପାତ୍ରଙ୍କ ସ୍ତ୍ରୀ ଡାକ୍ତର ସଂଘମିତ୍ରା ମିଶ୍ର ହେଉଛନ୍ତି ଜଣେ ବିଶିଷ୍ଟ ସାହିତ୍ୟିକା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଟିକିଏ କଥାରେ କ୍ରୋଧ ପ୍ରକାଶ କରି ପରିବେଶକୁ ଗମ୍ଭୀର କରିଦେଇପାରନ୍ତି । କର୍ମକ୍ଷେତ୍ରକୁ ଯିବା ବାଟରେ ଅପ୍ରିୟ ସତ୍ୟ କହିବା ସମସ୍ୟା ସୃଷ୍ଟିର କାରଣ ହୋଇପାରେ । ଧନାଧିପ ବଳହୀନ ମଙ୍ଗଳଙ୍କ ସହ ରହିଥିବାରୁ ଅର୍ଥ ସମ୍ପର୍କକୁ ନେଇ ବିବାଦ ଦେଖାଦେବ । ଚୁ-ନାମାକ୍ଷର ବ୍ୟକ୍ତି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ପାଇବେ ।

**ବୃଷ** – କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ ବହନ କରି ବ୍ୟସ୍ତ ହୋଇ ପାରନ୍ତି । ବ-ନାମାକ୍ଷର ବ୍ୟକ୍ତିମାନେ ସଭାସମିତିରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭକରି ଖୁସି ରହିବେ । କଳା, ସଙ୍ଗୀତ, ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ସଭାସମିତି, ତର୍କ ବିତର୍କ ଆଲୋଚନାରେ ଭାଗ ନେଇ ପ୍ରଶଂସିତ ହେବେ । ସନ୍ତାନଙ୍କ ବିବାହ ସମସ୍ୟା ନେଇ ପରିବାରରେ ଦୁଶ୍ଚିନ୍ତା ବଢ଼ିପାରେ ।

**ମିଥୁନ** – ଆଜି ଘ-ନାମାକ୍ଷର ବ୍ୟକ୍ତିମାନେ ବିଶେଷ ଖର୍ଚ୍ଚାନ୍ତ ହେବା କାରଣରୁ ମନ ଭଲ ରହି ନ ପାରେ । ଏଣେ ସାଧାରଣ କଥାକୁ ନେଇ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହେବାର ଆଶଙ୍କା ରହିଛି । ଅବଶ୍ୟ ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ । ପ୍ରଶାସନିକ ସ୍ତରରେ ଓ ରାଜନୀତି କ୍ଷେତ୍ରରେ ଲୋକସମ୍ପର୍କ ବଢ଼ିବ ।

**କର୍କଟ** – ଆଜି ଆପଣଙ୍କର କୌଣସି କାମ ଅଟକିବ ନାହିଁ ଏବଂ ବିଭିନ୍ନ ଦିଗରୁ ପ୍ରୋତ୍ସାହନ ଲାଭ କରିବା ସହ ଅନୁକୂଳ ବାତାବରଣରୁ ଖୁସି ରହିବେ । ବାଣିଜ୍ୟ, ଯାନ୍ତ୍ରିକ ଶିଳ୍ପ ଓ ପରିବହନରେ ଆଶାନୁରୂପ ଫଳ ପାଇବେ । ଶତ୍ରୁ ଚେଷ୍ଟା କଲେ ମଧ କ୍ଷତି କରିପାରିବେ ନାହିଁ । ହେ-ନାମାକ୍ଷର ବ୍ୟକ୍ତିଙ୍କ ଲାଗି ଆର୍ଥିକ ଦିଗଟି ଭଲ ରହିବ ।

**ସିଂହ** – ଆଗାମୀ ସମୟକୁ ଆଖିଆଗରେ ରଖି କାମ କରନ୍ତୁ, ସବୁକିଛି ଠିକ୍ ହୋଇଯିବ । ବନ୍ଧୁଙ୍କ ଅର୍ଥ ସାହାଯ୍ୟ ଅଟକି ରହିଯାଇଥିବା କାମକୁ ତ୍ୱରାନ୍ୱିତ କରିବ । ମ-ନାମାକ୍ଷର ବ୍ୟକ୍ତିମାନେ ପଦାଧିକାରୀଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ଅସମର୍ଥ ହୋଇପାରନ୍ତି । ବ୍ୟବସାୟ ସମ୍ପର୍କିତ ସମସ୍ୟା ମଧ୍ୟାହ୍ନରେ ଦୂର ହୋଇଯିବ ।

**କନ୍ୟା** – ସାଧାରଣ କଥାକୁ କେନ୍ଦ୍ରକରି ମାନସିକ ସ୍ଥିତି ବିଗିଡ଼ି ଯାଇପାରେ । ଜମିଜମା କ୍ରୟ ବିକ୍ରୟ କ୍ଷେତ୍ରରେ ଥିବା ଆଶା ମନରେ ଦୁଃଖ ଦେଇପାରେ । ପୂ-ନାମାକ୍ଷର ବ୍ୟକ୍ତିମାନଙ୍କ ଆଜିର ଯାତ୍ରାର ଲକ୍ଷ୍ୟ ପୂରଣ ହେବ କିନ୍ତୁ ବ୍ୟସ୍ତତା ବଢ଼ିଯିବ । ଅବହେଳିତ କାମ କିମ୍ବା ଆଳସ୍ୟ ଯୋଗୁ ବନ୍ଧୁ ମହଲରେ ଅପମାନିତ ହୋଇପାରନ୍ତି ।

**ତୁଳା** – ପ୍ରତ୍ୟେକ କ୍ଷେତ୍ରରେ ସଂଯମତା ଅବଲମ୍ବନପୂର୍ବକ କାମ କରିବା ଭଲ ହେବ । ବନ୍ଧୁଙ୍କ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ । ପରିବାରରେ ଛୋଟ ଛୋଟ କଥାକୁ ନେଇ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ । ରୁ-ନାମାକ୍ଷର ବ୍ୟକ୍ତିମାନଙ୍କୁ ସନ୍ତାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ସକାଶେ ବିଶେଷ ଚିନ୍ତା କରିବାକୁ ପଡ଼ିପାରେ ।

**ବିଛା** – ନ-ନାମାକ୍ଷର ବ୍ୟକ୍ତିଙ୍କ ସାଧାରଣ କଥାରେ ଭୁଲ୍ ବୁଝାମଣାଜନିତ ପାରିବାରିକ ସମସ୍ୟା ଦେଖାଦେବ । ସାମାଜିକ ସ୍ତରରେ ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ । ପରିବହନରେ ଆଗାମୀ କ୍ଷେତ୍ର ସକାଶେ ନିଜକୁ ପ୍ରସ୍ତୁତ କରିପାରନ୍ତି । ସମସ୍ୟା ରହିଥିଲେ ମଧ କାମ ସମ୍ପାଦନ କରିବାରେ କୌଣସି ଅସୁବିଧା ହେବନାହିଁ ।

**ଧନୁ** – ଭି-ନାମାକ୍ଷର ବ୍ୟକ୍ତି ମନ୍ଥର ଗତିରେ କର୍ମକ୍ଷେତ୍ରରେ ଆଶାତୀତ ସଫଳତା ପାଇବେ । ପିଲାଙ୍କ ସଫଳତା, ମୂଲ୍ୟବାନ୍ ଦ୍ରବ୍ୟ ଲାଭ, ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ, ଯାତ୍ରାର ସୁଯୋଗ ଲାଭରୁ ଖୁସି ରହିବେ । ଆଜିର ଯାତ୍ରାରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ । ନୂତନ କାର୍ଯ୍ୟାରମ୍ଭ ସକାଶେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇପାରନ୍ତି ।

**ମକର** – ଏକାଧିକ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି । କର୍ମକ୍ଷେତ୍ରରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ । ପାରିବାରିକ ସ୍ତରରେ ଜିଦ୍‌ଖୋର ପ୍ରକୃତିରୁ ଅନର୍ଥ ସୃଷ୍ଟି ହେବ । ଖ-ନାମାକ୍ଷର ବ୍ୟକ୍ତିଙ୍କର ବ୍ୟବସାୟ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବ ।

**କୁମ୍ଭ** – ଯେତେ ପ୍ରତିବନ୍ଧକ ଆସିଲେ ମଧ ଦୃଢ଼ତାର ସହ କାମ ହାସଲରେ ସମର୍ଥ ହେବେ । ଗୋ-ନାମାକ୍ଷର ବ୍ୟକ୍ତିଙ୍କର ସଭାସମିତିରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବ । କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ସମସ୍ୟା ସମାଧାନ ହେବ । ଜମିଜମା କାରବାର, ନିର୍ମାଣ, ପ୍ରଶାସନ, ଗଣଯୋଗାଯୋଗ କ୍ଷେତ୍ରରେ ଉନ୍ନତ ଫଳ ପାଇବେ ।

**ମୀନ** – ଦ-ନାମାକ୍ଷର ବ୍ୟକ୍ତିମାନଙ୍କର ଆଜିର ପ୍ରତ୍ୟୁଷ ଯାତ୍ରା ଓ ନୂତନ କର୍ମାରମ୍ଭ ପ୍ରୀତିପଦ ରହିବ । ନୂତନ ବନ୍ଧୁ ସମ୍ପର୍କ ଆଜିର ଏକ ଗୁରୁତ୍ୱପୂର୍ଣ୍ଣ କାମକୁ ସାକାର କରିବାରେ ସାହାଯ୍ୟ କରିବ । କର୍ମକ୍ଷେତ୍ରରେ ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି । ଅପରିଚିତ ବ୍ୟକ୍ତିକୁ ବିଶ୍ୱାସ କରି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ ।

ଆଜି ରଜ ସଂକ୍ରାନ୍ତି, ଶ୍ରୀମନ୍ଦିରରେ ଅନବସର ଦ୍ୱାଦଶୀ ଗୁରୁବାର, ରାଜପ୍ରାସାଦ ବିଜେ, ଜୁନ୍ ୧୫ ତାରିଖ, ସିଦ୍ଧାନ୍ତ ଦର୍ପଣ ପ୍ରଣେତା ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ସାମନ୍ତଙ୍କ ତିରୋଧାନ ତିଥି, ରାଶି ନକ୍ଷତ୍ର-ଦ୍ୱିଜା/ମେଷ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୧୧ମି. ଗତେ ଘ.୦୬।୦୪ମି. ମଧ୍ୟେ, ଘ.୦୯।୩୫ମି. ଗତେ ଘ.୧୧।୨୦ମି. ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୦୧।୨୬ମି. ଗତେ ଘ.୦୩।୦୪ମି. ମଧ୍ୟେ ରାହୁକାଳ ।




# ବିଦ୍ୟୁତ୍ ତାର ସଂସ୍ପର୍ଶରେ ଦନ୍ତାହାତୀର ମୃତ୍ୟୁ

**କନ୍ଧମାଳ,୧୪ା୬(ଆଦିତ୍ୟେଶ୍ୱର ମିଶ୍ର):** ବୌଦ୍ଧ ଜିଲା କନ୍ଧମାଳ ବନଖଣ୍ଡ ଘୁଚାଙ୍ଗୀ ଗାଁ ନିକଟ ବିଲରେ ବୁଧବାର ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ଦନ୍ତାହାତୀର ମୃତ୍ୟୁ ଘଟିଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ ବୁଧବାର ପାହାନ୍ତିଆରେ ଏକ ହାତୀର ଚିତ୍କାର ଶୁଣିଥିଲେ। ସକାଳ ହେବା ପରେ ସେମାନେ ବିଲପଟେ ଯାଇ ସନ୍ଧାନ କରିବାରୁ ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ତାର ତଳେ ଦନ୍ତାହାତୀ ମରିପଡ଼ିଥିବା ଦେଖିବାକୁ ପାଇଥିଲେ। ଏ ନେଇ ବନ ବିଭାଗକୁ ଖବର ଦେବାପରେ ବିଦ୍ୟୁତ୍ ବିଭାଗ ସହାୟତା ନେଇ ବିଜୁଳି ସଂଯୋଗ କଟାଯାଇଥିଲା। ଘୁଚାଙ୍ଗୀ ଗ୍ରାମ୍ୟ ଜଙ୍ଗଲରେ ଦୀର୍ଘ ୨ମାସ ହେବ ଏକ ହାତୀପଲ ବିଚରଣ କରୁଛନ୍ତି। ଏମାନେ ମଙ୍ଗଳବାର ରାତିରେ ଗାଁ ନିକଟ ତୋଟାରୁ ଆମ୍ବ ଖାଇସାରି ବାଟରେ ଥବୀର ରଣାଙ୍କ ଆଖୁବାଡ଼ିରେ ପଶି ୧ ଏକର ପରିମିତ ଆଖୁ ନଷ୍ଟ କରିଥିଲେ। ସେଠାରୁ ଫେରିବାବେଳେ ବିଲର ହିଡ ଚଢ଼ିବାକୁ ଯାଇ ଦନ୍ତାହାତୀର ଶୁଣ୍ଢ ୧୧କେଭି ବିଦ୍ୟୁତ୍ ତାରରେ ଲାଗିବାରୁ ତା'ର ମୃତ୍ୟୁ ଘଟିଥିବା ସ୍ପଷ୍ଟ ହୋଇଛି। କାରଣ ହାତୀ ଶୁଣ୍ଢରେ ବିଦ୍ୟୁତ୍ ତାର ଲାଗି ପୋଡ଼ାଦାଗ ରହିଛି। ମୃତ ହାତୀଟି ମଧ୍ୟ ବୟସର ହେବ ବୋଲି ବନ ବିଭାଗ ସୂଚନା ଦେଇଛି। ଡିଏଫ୍ଓ ଦେବପ୍ରିୟ କମ୍ପ ପୂର୍ବାହ୍ନ ୧୦ଟାରେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ପ୍ରାଥମିକ ତଦନ୍ତରୁ ବିଦ୍ୟୁତ୍ ଆଘାତରେ ହାତୀର ମୃତ୍ୟୁ ଘଟିଥିବା ସେ ସୂଚନା ଦେବା ସହ ଭୁବନେଶ୍ୱରରୁ ଟିମ୍ ଆସି ତଦନ୍ତ କରିବା ପରେ ଠିକ୍ ତଥ୍ୟ ଜଣାପଡିବ ବୋଲି କହିଛନ୍ତି। କନ୍ଧମାଳରୁ ପ୍ରାଣୀଧନ ଚିକିତ୍ସକ ଭବେଶ କୁମାର ବେହେରା ହାତୀର ମୃତଦେହ ବ୍ୟବଚ୍ଛେଦ କରିବା ପରେ ନିକଟ ଜଙ୍ଗଲରେ ପୋତି ଦିଆଯାଇଛି।


ମୃତ ଦନ୍ତାହାତୀ

# ଆଲୁମିନିୟମ ବୋଝେଇ ଟ୍ରେନ୍ ମଝିରୁ ଅଲଗା ହେଲା

## ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଗଲା

**କେସିଙ୍ଗା,୧୪ା୬(ଡୁମେଶ୍ୱର ସାହୁ)**

ବାହାନଗା ପରେ ରାଜ୍ୟରେ ଗୋଟିଏ ପରେ ଗୋଟିଏ ଟ୍ରେନ୍ ଦୁର୍ଘଟଣା ରେଳଯାତ୍ରୀଙ୍କୁ ଭୟଭୀତ କରୁଛି। ଏଭଳି ସ୍ଥିତିରେ ବୁଧବାର ସମ୍ବଲପୁର ଡିଭିଜନ ଅନ୍ତର୍ଗତ କେସିଙ୍ଗା ରେଳ ଷ୍ଟେଶନର ୨ ନମ୍ବର ପ୍ଲାଟଫର୍ମରେ ଏକ ଆଲୁମିନିୟମ ବୋଝେଇ ମାଲବାହୀ ଟ୍ରେନ୍‌ର ଏକ ୱାଗନ୍ ମଝି ଭାଗରୁ ଛିଣ୍ଡି ଅଲଗା ହୋଇଯାଇଥିଲା। ତେବେ ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଛି। ଖବର ପାଇ ଘଟଣାସ୍ଥଳରେ ସ୍ଥାନୀୟ ରେଳ ବିଭାଗ ଅଧିକାରୀମାନେ ପହଞ୍ଚିଥିଲେ। ଟିଟିଲାଗଡ଼ରୁ ମେକାନିକ ଦଳ ପହଞ୍ଚି ପୋକଲିଂ ସଂଯୋଗ କରିଥିଲେ। ରେଲୱେ ପକ୍ଷରୁ ଯାଞ୍ଚ ପରେ ସାଢ଼େ ୧୨ଟାରେ ଟ୍ରେନ୍ ଛାଡିଥିଲା।

ସୂଚନାଯୋଗ୍ୟ ଯେ, ଆଲୁମିନିୟମ ବୋଝେଇ ମାଲବାହୀ ଟ୍ରେନ୍ ଦାମନଯୋଡ଼ିରୁ ଅନୁଗୋଳ ଅଭିମୁଖେ ଯାଉଥିଲା। ଟ୍ରେନ କେସିଙ୍ଗା ଷ୍ଟେଶନର ୨ନମ୍ବର ପ୍ଲାଟ ଫର୍ମରେ ଅଟକିଥିଲା। କେସିଙ୍ଗାରୁ ଟିଟିଲାଗଡ଼ ଅଭିମୁଖେ ଯିବା ପାଇଁ ସିଗ୍‌ନାଲ ମିଳିଥିଲା। ଲୋକୋପାଇଲଟ ଟ୍ରେନକୁ ଷ୍ଟାର୍ଟ କରିବାରୁ ବଗିର ସଂଯୋଗ ସ୍ଥଳରୁ ପୋକଲିଂ ଛିଣ୍ଡି ଯାଇ ପ୍ରାୟ ୩୦ ମିଟର ଦୂର ବଗି ଅତିକ୍ରମ କରିଯାଇଥିଲା। ଟ୍ରେନ ପାଇଲଟ ନିଜ ଉପସ୍ଥିତ ବୁଦ୍ଧିବଳରେ ଟ୍ରେନକୁ ଅଟକାଇଥିଲେ। ସାଙ୍ଗେ ସାଙ୍ଗେ ଷ୍ଟେଶନମାଷ୍ଟରଙ୍କୁ ଜଣାଇଥିଲେ। ଷ୍ଟେଶନମାଷ୍ଟର ଟିଟିଲାଗଡ଼ର ମେକାନିକ ଦଳକୁ ଖବର ଦେଥିଲେ। ମେକାନିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପୋକଲିଂ ସଂଯୋଗ କରିଥିଲେ। ପୋକଲିଂ କିଭଳି ଛିଣ୍ଡିଲା ସେ ନେଇ ବିଭାଗୀୟ ଅଧିକାରୀମାନେ ତଦନ୍ତ କରିଥିଲେ। ରେଳ ବିଭାଗୀୟ ପକ୍ଷରୁ ଯାଞ୍ଚ ପରେ ସାଢ଼େ ୧୨ଟାରେ ଟ୍ରେନଟିକୁ ଛାଡିବା ପାଇଁ ସିଗ୍ନାଲ ଦିଆଯାଇଥିଲା। ଏଥିରେ କୌଣସି କ୍ଷୟକ୍ଷତି ହୋଇ ନ ଥିବା ରେଲୱେ ବିଭାଗ ପକ୍ଷରୁ କୁହାଯାଇଛି।


କେସିଙ୍ଗା ଷ୍ଟେଶନରେ ଆଲୁମିନିୟମ ବୋଝେଇ ଟ୍ରେନ୍‌ର ବଗିକୁ ମେକାନିକ ଦ୍ୱାରା ସଂଯୋଗ କରାଯାଉଛି।

### ଟାଟା ଷ୍ଟିଲ କମ୍ପାନୀରେ ବ୍ଲାଷ୍ଟ ଫର୍ନେସ ଷ୍ଟିମ୍ ଲାଇନ୍ ଫାଟିବା ଘଟଣା

# ଓଏଚ୍ଆର୍‌ସିରେ ପିଟିଶନ ଦାଏର

## ଗୁରୁତରଙ୍କୁ ୧୫ ଲକ୍ଷ, ସାମାନ୍ୟ ଆହତଙ୍କୁ ୨ ଲକ୍ଷ କ୍ଷତିପୂରଣ ଦେବାକୁ ନିବେଦନ

**କଟକ,୧୪ା୬: (କାର୍ତ୍ତିକ ସାହୁ)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ନରେନ୍ଦ୍ରପୁରସ୍ଥିତ ଟାଟା ଷ୍ଟିଲ ମେରାମଣ୍ଡଳୀ କମ୍ପାନୀରେ ମଙ୍ଗଳବାର ବ୍ଲାଷ୍ଟ ଫର୍ନେସ ଷ୍ଟିମ୍ ଲାଇନ୍ ଫାଟିବା ଘଟଣାକୁ ନେଇ ଓଡ଼ିଶା ମାନବାଧିକାର ଆୟୋଗ(ଓଏଚ୍ଆର୍‌ସି)ରେ ଏକ ପିଟିଶନ ବୁଧବାର ଦାଏର ହୋଇଛି। ଆଇନଜୀବୀ ଶିବଶଙ୍କର ମହାନ୍ତି ଏହି ପିଟିଶନ ଦାଏର କରି ଗୁରୁତରଙ୍କୁ ୧୫ ଲକ୍ଷ ଓ ସାମାନ୍ୟ ଆହତଙ୍କୁ ୨ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ରାଶି ପ୍ରଦାନ ନିମନ୍ତେ ଟାଟା ଷ୍ଟିଲ କମ୍ପାନୀକୁ ନିର୍ଦ୍ଦେଶ ଦେବାକୁ ନିବେଦନ କରିଛନ୍ତି।

ମଙ୍ଗଳବାର ଅପରାହ୍ନ ପ୍ରାୟ ୧ଟାରେ ଉକ୍ତ କମ୍ପାନୀର ବିଏଫ୍ ପାୱାର ପ୍ଲାଣ୍ଟ-୨ ଷ୍ଟିମ୍ ଲାଇନ୍ ନିରୀକ୍ଷଣ କାର୍ଯ୍ୟ ଚାଲିଥିବାବେଳେ ହଠାତ୍ ପାଇପ୍ ଫାଟି ପ୍ରବଳ ମାତ୍ରାରେ ଉତ୍ତପ୍ତ ବାଷ୍ପ ନିର୍ଗମନ ହୋଇଥିଲା। ଏଥିରେ ଇଞ୍ଜିନିୟର ଓ ଶ୍ରମିକଙ୍କ ସମେତ ୧୯ ଜଣ ଆହତ ହୋଇଥିଲେ। ଓଏଚ୍ଆର୍‌ସି ପିଟିଶନ୍‌କୁ ପଞ୍ଜୀକରଣ କରି ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟର ସଚିବ, ଓଡ଼ିଶା ସରକାରଙ୍କ ଇସ୍ପାତ ଓ ଖଣି ମନ୍ତ୍ରଣାଳୟ, ଢେଙ୍କାନାଳ ଜିଲାପାଳଙ୍କୁ ଦୁର୍ଘଟଣା ସମ୍ପର୍କିତ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେବେ। ଏଥିସହ ଆହତମାନଙ୍କ ଚିକିତ୍ସା ନିମନ୍ତେ ନିଆଯାଇଥିବା ପଦକ୍ଷେପ ଓ ତଦନ୍ତ ରିପୋର୍ଟ ମଧ୍ୟ ଦାଖଲ କରିବେ। ସେହିପରି ଢେଙ୍କାନାଳ ଏସ୍‌ପି ମଧ୍ୟ ମାମଲା ପଞ୍ଜୀକରଣ ସମ୍ପର୍କିତ ତଥ୍ୟ ଓ ତଦନ୍ତର ବର୍ତ୍ତମାନ ସ୍ଥିତି ଉପରେ ରିପୋର୍ଟ ଦାଖଲ ସହ ଆହତଙ୍କୁ ଉପର ବର୍ଣ୍ଣିତ ମତେ କ୍ଷତିପୂରଣ ରାଶି ପ୍ରଦାନ ପାଇଁ ଆୟୋଗ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ନିବେଦନ କରିଛନ୍ତି। ଏହି ମାମଲାରେ ସେ କେନ୍ଦ୍ର ସରକାର, ଓଡ଼ିଶା ସରକାର, ଢେଙ୍କାନାଳ ଜିଲାପାଳ ଓ ଏସ୍‌ପିଙ୍କୁ ପକ୍ଷଭୁକ୍ତ କରିଛନ୍ତି।


BUYERS REQUIRED FOR VANAMEI SHRIMP
ବନମେଇ ଚିଙ୍ଗୁଡ଼ି ପାଇଁ କ୍ରେତା ଆବଶ୍ୟକ
- ଆମେ ଉଚ୍ଚ ଗୁଣମାନର ବନମେଇ ଚିଙ୍ଗୁଡ଼ି ଚାଷ କରୁଥିବା ଏକ କମ୍ପାନୀ ଅଟୁ
- ଆମେ ବନମେଇ ଚିଙ୍ଗୁଡ଼ି ପାଇଁ ସମ୍ଭାବ୍ୟ କ୍ରେତା ଆବଶ୍ୟକ କରୁଛୁ
- ଚିଙ୍ଗୁଡ଼ିର ଗଣନା 40 -100 ମଧ୍ୟରେ ଅଟେ
- ପରିମାଣ 20 -25 ଟନ୍ ମଧ୍ୟରେ ଅଟେ
- କୌଣସି ମଧ୍ୟସ୍ଥି ରହିବେ ନାହିଁ, ସିଧାସଳଖ ଚାଷୀ ଓ କ୍ରେତାଙ୍କ ମଧ୍ୟରେ ନେଣଦେଣ ସଞ୍ଚାଳିତ ହେବ
- We are a company that is doing high quality farming of **VANAMEI SHRIMP**
- We require potential buyers of VANAMEI SHRIMP
- Shrimp count ranges between 40 – 100
- Quantity ranges between 20 – 25 TON
- No middlemen is involved, transaction will be done from direct farmer to buyer

Location: CHANDBALI, DISTT. BHADRAK, ODISHA,
ସ୍ଥାନ: ଚାନ୍ଦବାଲି, ଜିଲ୍ଲା: ଭଦ୍ରକ, ଓଡ଼ିଶା CALL +91 – 77357 48087


# ଟ୍ରେନ୍ ଧକ୍କାରେ ମା'-ଝିଅ ମୃତ, ପୁଅ ଗୁରୁତର

**ବ୍ରହ୍ମପୁର,୧୪ା୬(ସୁବାସ ଚନ୍ଦ୍ର ପାଢ଼ୀ)**

ଆନ୍ଧ୍ରପ୍ରଦେଶର ପଲାସା ଜିଆର୍‌ପି ଥାନା ଅଞ୍ଚଳରେ ବୁଧବାର ଟ୍ରେନ୍ ଧକ୍କାରେ ମା' ଓ ୮ ମାସର ଝିଅଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ବର୍ଷୀୟ ପୁଅ ଗୁରୁତର ହୋଇଛନ୍ତି। ସେମାନେ ଏକ ଲେଭଲ କ୍ରସିଂ ପାର୍ ହେଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ଗଞ୍ଜାମ ଜିଲା ଜରଡ଼ା ଥାନା ଅନ୍ତର୍ଗତ ଚିଡ଼ୁପୁଡ଼ି ଗ୍ରାମର ୟୁ. ଶ୍ୟାମଙ୍କ ସ୍ତ୍ରୀ ୟୁ. ଶ୍ରାବଣୀ(୨୫) ତାଙ୍କ ଝିଅ ୟୁ. ଶ୍ରୀ ଓ ପୁଅ ୟୁ. ହର୍ଷତଙ୍କୁ ଧରି ଅପରାହ୍ନରେ ଇଚ୍ଛାପୁରମ୍ ନିକଟସ୍ଥ ଜଗନ୍ନାଥପୁରମ୍ ରେଲୱେ ଲେଭଲ୍ କ୍ରସିଂ ପାର୍ ହେଉଥିଲେ। ଗେଟ ପଡିଥିଲେ ମଧ୍ୟ ଶ୍ରାବଣୀ ପିଲାଙ୍କୁ ଧରି ରେଳଧାରଣାରେ ଚାଲିଥିଲେ। ଏହି ସମୟରେ ଆସୁଥିବା ମାଲବାହୀ ଟ୍ରେନ୍ ସେମାନଙ୍କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ଶ୍ରାବଣୀ ଓ ତାଙ୍କ ଶିଶୁକନ୍ୟାର ମୃତ୍ୟୁ ଘଟିଥିଲା। ପୁଅ ହର୍ଷତ ଗୁରୁତର ହୋଇଥିଲେ। ରେଲୱେ ପୋଲିସ ମୃତଦେହ ଜବତ କରିବା ସହ ହର୍ଷତଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି। ଏ ନେଇ ପଲାସା ଜିଆରପି ଥାନା ପୋଲିସ ନଂ.୯୨/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହା ଆତ୍ମହତ୍ୟା ନା ଦୁର୍ଘଟଣା ସେ ନେଇ ତଦନ୍ତ ଚାଲିଥିବା ପଲାସା ଜିଆରପି ଥାନା ଏସ୍‌ଆଇ ଶେଖ୍ ସରିଫ ସୂଚନା ଦେଇଛନ୍ତି।

### ବାହାନଗା ଟ୍ରେନ୍ ଦୁର୍ଘଟଣା

# ୧୨ ଦିନ ହେଲା ମିଳୁନି ପତ୍ତା

## ଫେରାଇ ଆଣିବାକୁ ପ୍ରଶାସନକୁ ଗୁହାରି

**କେନ୍ଦୁଝର,୧୪ା୬(ନରେଶ ପଟ୍ଟନାୟକ)**

ବାଲେଶ୍ୱର ଜିଲା ବାହାନଗା ଟ୍ରେନ୍ ଦୁର୍ଘଟଣା ପରେ ନିଖୋଜ ଥିବା ଜଣେ ଯୁବକଙ୍କୁ ଖୋଜୁଛନ୍ତି ପରିବାର ଲୋକେ। ପ୍ରାୟ ୧୨ ଦିନ ହେବ ତାଙ୍କର ପତ୍ତା ମିଳୁନାହିଁ କିମ୍ବା ଫୋନ ଲାଗୁନାହିଁ। ନିଖୋଜ ଯୁବକ ଜଣକ ପଣ୍ଡାପଡ଼ା ଥାନା ଅଧୀନ ପଟାବାରୀ ଗ୍ରାମର କୁମ୍ଭର୍ଣ୍ଣ ନାଏକ ଓ ଉଚ୍ଛୁଳି ନାଏକଙ୍କ ଏକମାତ୍ର ପୁତ୍ର ସିପୁନ୍ ନାଏକ(୨୧)। ଗୁରୁତର ଅବସ୍ଥାରେ ସିପୁନ୍ ଏକ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଗଣମାଧ୍ୟମରେ ଖବର ପ୍ରସାରଣ ହୋଇଥିଲା। ଏହା ଜାଣି ପରିବାର ଲୋକେ ବ୍ୟତିବ୍ୟସ୍ତ ହୋଇପଡ଼ିଛନ୍ତି। ଜିଲା ପ୍ରଶାସନ ସିପୁନ୍‌ଙ୍କୁ ଖୋଜି ଆଣିବାକୁ ପରିବାର ଲୋକେ ନିବେଦନ କରିଛନ୍ତି।

ସୂଚନା ଅନୁଯାୟୀ, ସିପୁନ୍ ଉତ୍ତର ପ୍ରଦେଶରେ ଜେସିବି ହେଲ୍‌ପର ଭାବେ ୩ ମାସ ହେବ କାର୍ଯ୍ୟ କରୁଥିଲେ। ରେଳ ଦୁର୍ଘଟଣା ପୂର୍ବଦିନ ସେ ଘରକୁ ଫେରୁଥିଲେ। ମାଲିକ ଷ୍ଟେଶନରେ ଛାଡ଼ିଥିବା ସିପୁନ୍ ଫୋନ୍ ଯୋଗେ ତାଙ୍କ ସ୍ତ୍ରୀଙ୍କୁ ଜଣାଇଥିଲେ। ସେଠାରୁ କୋଲକାତାରେ ପହଞ୍ଚି ହାଓଡ଼ାରୁ କରମଣ୍ଡଳ ଏକ୍ସପ୍ରେସ୍‌ରେ ଆସୁଥିଲେ। ଟ୍ରେନ୍ ବାହାନଗାଠାରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଦୁର୍ଘଟଣା ପରେ ତାଙ୍କ ସହ ଆଉ ଯୋଗାଯୋଗ ହୋଇପାରୁ ନ ଥିବାରୁ ପରିବାର ଲୋକେ ଚିନ୍ତାରେ ରହିଛନ୍ତି। ଜେସିବି ମଲିକଙ୍କ ଫୋନ୍ ନମ୍ବର ନ ଥିବାରୁ ତାଙ୍କ ସହିତ ସମ୍ପର୍କ ହୋଇପାରୁନାହିଁ ବୋଲି ତାଙ୍କ ସ୍ତ୍ରୀ କହିଛନ୍ତି। ଗରିବ ଲୋକ ହୋଇଥିବାରୁ ଖୋଜାଖୋଜି କରିପାରୁନାହାନ୍ତି। ଗଣମାଧ୍ୟମରୁ ସିପୁନ୍‌ଙ୍କ ଫଟୋ ଦେଖି ପରିବାର ଲୋକେ ଚିହ୍ନିଥିଲେ। ତାଙ୍କ ମୁଣ୍ଡରେ ବ୍ୟାଣ୍ଡେଜ ହୋଇଥିବା ବେଳେ କେଉଁ ମେଡିକାଲରେ ଚିକିତ୍ସିତ ହେଉଛନ୍ତି ତାହା ଜଣାପଡୁ ନ ଥିବା ତାଙ୍କ ସ୍ତ୍ରୀ ଉଷା କହିଛନ୍ତି। ସିପୁନ୍‌ଙ୍କ ଦେଢ଼ବର୍ଷର ଝିଅ ଏବଂ ମା',ବାପା ଘରେ ଥିବା ବେଳେ ସମସ୍ତେ ଦୁଃଖରେ ଭାଙ୍ଗି ପଡ଼ିଥିବା ସମ୍ପର୍କୀୟ ଭାଇ ରୋହିତ କୁମାର ବାରିକ କହିଛନ୍ତି। ଜିଲା ପ୍ରଶାସନ ସିପୁନ୍‌ଙ୍କୁ ଖୋଜିବାରେ ସହଯୋଗ କରି ଫେରାଇ ଆଣିବାକୁ ପରିବାର ପକ୍ଷରୁ ଗୁହାରି କରାଯାଇଛି। କେନ୍ଦୁଝର ଉପଜିଲାପାଳ ରାମଚନ୍ଦ୍ର କିସ୍କୁ କହିଛନ୍ତି, କଟକ ଏସ୍‌ସିବି ମେଡିକାଲ ଓ ଭୁବନେଶ୍ୱର ଏମ୍‌ସରେ ରେଳ ଦୁର୍ଘଟଣାର ସମସ୍ତ ଆହତ ଚିକିତ୍ସିତ ହେଉଛନ୍ତି। ସେମାନେ ପଣ୍ଡାପଡ଼ା ଥାନାରେ ତୁରନ୍ତ ଜଣାନ୍ତୁ। ତାଙ୍କୁ ଖୋଜିବା ସହ ଫେରାଇଆଣିବା ପାଇଁ ବ୍ୟବସ୍ଥା କରାଯିବ।


ସିପୁନ୍ ନାଏକ

# ନବବଧୂଙ୍କୁ ନେବାକୁ ଶ୍ୱଶୁରଘରେ ପହଞ୍ଚିଲେ ଜ୍ୱାଇଁ

**ଫୁଲବାଣୀ ଅଫିସ୍ /କୋଟଗଡ଼, ୧୪ା୬**
**(ରାକେଶ ରାଉତ/ସରୋଜ ବଳିଆରସିଂ)**

କନ୍ଧମାଳ ଜିଲା କୋଟଗଡ଼ ବ୍ଲକ ପାରିଗଡ଼ ପଞ୍ଚାୟତ ସାରୁପାଟା ଗାଁରେ ଯୌତୁକ ପ୍ରଥାକୁ ବିରୋଧ କରି ନବବିବାହିତା ବାହାଘର ଭାଙ୍ଗିଦେବା ଘଟଣାରେ ବୁଧବାର ଆସିଛି ନୂଆ ମୋଡ଼। ସ୍ୱାମୀ ନବବଧୂଙ୍କ ଘରକୁ ଆସି ଭୁଲ୍ ମାଗିବା ସହ ନିଜ ଘରକୁ ନେବା ପାଇଁ ଅଡ଼ି ବସିଛନ୍ତି। ଯାହା ହୋଇଛି ଭୁଲ୍ ହୋଇଛି, ଚାଲ ଘରକୁ ଯିବା ବୋଲି କହୁଛନ୍ତି। ହେଲେ ଝିଅଘର ପକ୍ଷ ମନା କରିବା ସହ ତୁମ ଗ୍ରାମଲୋକ ଏବଂ ବନ୍ଧୁବାନ୍ଧବ ଆସି ଘଟଣାର ସମାଧାନ କଲେ ଝିଅ ଶାଶୁଘର ଯିବ ବୋଲି କହିଛନ୍ତି। ଅନ୍ୟପଟେ ଜ୍ୱାଇଁଙ୍କୁ ଘରେ ରହିବାକୁ ଶ୍ୱଶୁର ଘର ସ୍ୱୀକୃତି ଦେଇଛନ୍ତି, କିନ୍ତୁ ଜ୍ୱାଇଁଙ୍କୁ ଅଲଗା ଘରେ ରଖିଛନ୍ତି।

ପ୍ରକାଶ ଯେ, ସାରୁପାଟା ଦୁର୍ଗମ ଇଲାକାର ଝିଅ ଦେବକୀ ଦିଗାଲ ଗତ ୯ ତାରିଖରେ ବାଲିଗୁଡ଼ା ଥାନା ବରିକିଆ ଗ୍ରାମର ଅର୍ଜୁନ ଦିଗାଲଙ୍କୁ ବିବାହ କରିଥିଲେ। ପରଦିନ କନ୍ୟାପକ୍ଷ ଲୋକେ ବରଘରକୁ ଆସିଥିବା ସମୟରେ ଯୌତୁକ ବାବଦକୁ ଏକ ମୋଟରସାଇକେଲ ଦେବାକୁ ବର ଦାବି କରିଥିଲେ। କନ୍ୟାପକ୍ଷ ଲୋକେ ବାଇକ୍ ଦେବାକୁ ଅକ୍ଷମ ବୋଲି କହିବାରୁ ଅର୍ଜୁନ ରାଗି



### ବାଇକ୍ ପାଇଁ ବରକୁ ଛାଡ଼ିବା ଘଟଣା

ଯାଇ ତୁମ ଝିଅକୁ ନେଇଯାଅ ବୋଲି ଅତିଥିଙ୍କ ଆଗରେ କହିଥିଲେ। ବରର ଏଭଳି ବ୍ୟବହାର ଦେଖି ନବବଧୂ ଦେବକୀ ଯୌତୁକକୁ ବିରୋଧ କରିବା ସହ ସଭା ମଧ୍ୟରେ ସମସ୍ତଙ୍କ ସମ୍ମୁଖରେ ମଙ୍ଗଳସୂତ୍ର ସହ ଶଙ୍ଖା ଓ ଚୁଡ଼ି ଖୋଲିଦେଇ ବାପଘରକୁ ଚାଲିଯାଇଥିଲେ। ଦେବକୀ ଜଣେ ଅଭାବୀ ଘରର ଝିଅ ହୋଇଥିବା ବେଳେ ଅର୍ଜୁନଙ୍କ ଏଭଳି ଯୌତୁକ ଦାବିକୁ ନବବଧୂ ସହ୍ୟ କରି ନପାରି ଏଭଳି ନିଷ୍ପତ୍ତି ନେଇଥିଲେ। ତେବେ ବର ଘର ଲୋକେ ନବବଧୂର ଅଭିଯୋଗକୁ ଖଣ୍ଡନ କରିବା ସହ ଏମିତି ସେମାନେ ଯୌତୁକ ଦାବି କରିନଥିବା କହିଛନ୍ତି। ଖବର ଲେଖାହେବା ସୁଦ୍ଧା ସାରୁପାଟାଗାଁରେ ଦେବକୀ ଓ ଅର୍ଜୁନଙ୍କ ପରିବାର ମଧ୍ୟରେ ଏକ ବୈଠକ ହୋଇଥିଲା। ଏଥିରେ ଦେବକୀଙ୍କ ପରିବାର ଲୋକେ କୋର୍ଟରେ ପୁଣି ବିବାହ ହେଲେ ଝିଅକୁ ଛାଡ଼ିବୁ ବୋଲି କହିଥିବା ବେଳେ ଅର୍ଜୁନଙ୍କ ପରିବାର ରାଜି ହୋଇଛନ୍ତି।




ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୫ ଜୁନ୍, ୨୦୨୩

ନ୍ୟାୟ ଓ ସଦାଚାରର ପୂର୍ଣ୍ଣତା ନିମିତ୍ତ ଜଣେ ସନ୍ଥର ପବିତ୍ରତା ଯେତିକି ଆବଶ୍ୟକ – ଜଣେ ଯୋଦ୍ଧାର ଖଣ୍ଡା ମଧ୍ୟ ସେତିକି ଆବଶ୍ୟକ। ଶିବାଜୀଙ୍କ ବ୍ୟତୀତ ତାଙ୍କର ସନ୍ଥଗୁରୁ ରାମଦାସ ପୂର୍ଣ୍ଣ ହୋଇପାରନ୍ତି ନାହିଁ। ନ୍ୟାୟକୁ ରକ୍ଷା କରିବା ପାଇଁ ଓ ଦୁର୍ବଳକୁ ବଳବାନର ଅତ୍ୟାଚାରରୁ ରକ୍ଷାକରିବା ପାଇଁ କ୍ଷତ୍ରିୟ ବୃତ୍ତିର ସୃଷ୍ଟି ହୋଇଛି। **–ଶ୍ରୀଅରବିନ୍ଦ**



# ପ୍ରାଣୀ ଯନ୍ତ୍ରଣାର ତୁଳନା



ପିଟର ସିଙ୍ଗର

କିଛି ସପ୍ତାହ ହେଲା ମୁଁ ଆମେରିକା ଓ ବ୍ରିଟେନ ଗସ୍ତରେ ଯାଇ ପ୍ରକାଶ ପାଇବାକୁ ଥିବା ନୂଆ ପୁସ୍ତକ ଆନିମଲ ଲିବରେଶନ (ପ୍ରାଣୀ ମୁକ୍ତି)ର ପ୍ରଚାର କରିଆସୁଛି। ଏଇ ବହିରେ ବିଶେଷକରି କୁକୁଡ଼ା, ଘୁଷୁରି, ମତ୍ସ୍ୟ ପାଳନ କରାଯାଉଥିବା ଫାର୍ମଗୁଡ଼ିକରେ ଅନେକ ପ୍ରାଣୀଙ୍କୁ ଆମେ କିଭଳି ଯନ୍ତ୍ରଣା ଦେଉଛୁ, ସେ ବିଷୟ ସ୍ଥାନିତ ହୋଇଛି। ନିରନ୍ତର ଭାବେ ଏଭଳି ଅତ୍ୟଧିକ ତଥା ଅନାବଶ୍ୟକ ଯନ୍ତ୍ରଣା ଆମ ସମୟର ଏକ ବଡ଼ ନୈତିକ ପ୍ରସଙ୍ଗ। ଏହି ଯୁକ୍ତି ଉପରେ କିଛି ଲୋକ ସନ୍ଦେହ ପ୍ରକାଶ କରିପାରନ୍ତି କାରଣ ସେମାନେ ଭାବନ୍ତି ଯେ ମଣିଷ ପ୍ରାଣୀମାନଙ୍କ ସହ ଅତୁଳନୀୟ ଓ ସେମାନଙ୍କ ତୁଳନାରେ ଏହାର ଗୁରୁତ୍ୱ ଅଧିକ। କିନ୍ତୁ ଏହା ସାଧାରଣରେ ତଥା ନୈତିକତାବାଦୀମାନଙ୍କ ମଧ୍ୟରେ ଅଧିକ ଗ୍ରହଣୀୟ ଯେ, ନୈତିକତା ଦୃଷ୍ଟିରୁ ଯନ୍ତ୍ରଣା ଦୂର କରିବା ଗୁରୁତ୍ୱପୂର୍ଣ୍ଣ, ତାହା ଯେ କୌଣସି ପ୍ରଜାତି ଜୀବର ହେଉ ପଛେ। କିନ୍ତୁ କିଛି ପ୍ରଜାତି ପାଇଁ ଏହି ବିଚାର ଅଧିକ ଜଟିଳ ପ୍ରଶ୍ନ ଉତ୍ଥାପନ କରେ। ଆମେ କିଭଳି ବିଭିନ୍ନ ପ୍ରଜାତିର ପ୍ରାଣୀଙ୍କ ଯନ୍ତ୍ରଣାକୁ ତୁଳନା କରିବା? ସୀମିତ ସମୟ ଓ ସଂସାଧନକୁ ଦେଖିଲେ ଜଣେ ମଣିଷକୁ ସାହାଯ୍ୟ କରିବା ବଦଳରେ ଆମେ କେତେ କୁକୁଡ଼ାଙ୍କୁ ସାହାଯ୍ୟ କରିବା ଉଚିତ? ଆମେ ଅନେକ ପ୍ରାଣୀଙ୍କର କ୍ଷତି କରିଚାଲିଥିବାବେଳେ ଘୁଷୁରି ଭଳି ପ୍ରାଣୀର ଯନ୍ତ୍ରଣା ଦୂର କରିବା ନିଷ୍ପତ୍ତି ଉପରେ ସମାନ ପ୍ରକାର ଦ୍ୱନ୍ଦ୍ୱାତ୍ମକ ପ୍ରଶ୍ନ ପଚରାଯାଇପାରେ। ଆମେ ଏହି ପ୍ରାଣୀର ଅତ୍ୟଧିକ କ୍ଷତି କରୁଛୁ। ଉଦାହରଣସ୍ୱରୂପ, ପ୍ରତିବର୍ଷ ଆମେ ଆବଦ୍ଧ ସ୍ଥାନରେ ବଢାଇ ଯନ୍ତ୍ରଣାକୁ ନଦେଖି ସେମାନଙ୍କୁ ହତ୍ୟା କରିଚାଲିଛୁ। ପୃଥିବୀ ଜନସଂଖ୍ୟା ତୁଳନାରେ ୧୫ ଗୁଣ ଅଧିକ ମାଛଙ୍କୁ ହତ୍ୟାକରୁଛୁ। ସେମାନଙ୍କୁ ଯନ୍ତ୍ରଣା ଦେବାର କ'ଣ ନୈତିକ ଆଧାର ରହିଛି? ଏଠାରେ ଆମେ ଗୁରୁତ୍ୱପୂର୍ଣ୍ଣ ଫିଲୋସୋଫିକ(ତାତ୍ତ୍ୱିକ) ଏବଂ ନ୍ୟୁରୋସାଇଣ୍ଟିଫିକ୍ ବିଷୟଗୁଡ଼ିକ ଉପରେ ବିଚାର କରିବା ଦରକାର। ଯନ୍ତ୍ରଣା ସହିବାରେ ଆମ ନିଜସ୍ୱ କ୍ଷମତା କିଭଳି ଏହିସବୁ ପ୍ରାଣୀମାନଙ୍କଠାରୁ ଅଲଗା ଏବଂ ଆମେ କିପରି ବିଭିନ୍ନ ପ୍ରଜାତିର ପ୍ରାଣୀଙ୍କ ଯନ୍ତ୍ରଣା ସହିବାର କ୍ଷମତାକୁ ତୁଳନା କରିପାରିବା? ତେବେ ଯନ୍ତ୍ରଣା ଦୂରକରିବା ଗୁରୁତ୍ୱପୂର୍ଣ୍ଣ ନା ଆଉ କିଛି ବିଷୟ ଯଥା ପ୍ରାଣୀ ପାଳନ ଓ ସେମାନଙ୍କୁ ଯନ୍ତ୍ରଣା ଦେବାରେ ଲୋକମାନଙ୍କ ଭବିଷ୍ୟତର ପସନ୍ଦକୁ ରୋକିବା ଦରକାର, ସେ ବିଷୟରେ ପ୍ରଶ୍ନ କରିବା ଆବଶ୍ୟକ। ଯଦି ଏହି ପସନ୍ଦକୁ ରୋକିବାରେ ଭୁଲ୍ ହୁଏ ତେବେ ମଣିଷ ଓ ଅନ୍ୟ ପ୍ରାଣୀମାନଙ୍କ ମଧ୍ୟରେ ଥିବା ପ୍ରଭେଦ ଅତ୍ୟଧିକ ହୋଇଯିବ।

ଆମେରିକାର ଏକ ଥିଙ୍କ୍ ଟ୍ୟାଙ୍କ୍ ରିଥିଙ୍କ ପ୍ରାୟୋରିଟିଜ୍ ଏହି ସବୁ ପ୍ରଶ୍ନ ଉପରେ ଅନୁଧ୍ୟାନ କରିଆସୁଛି। ପ୍ରାଣୀମାନଙ୍କ ଯନ୍ତ୍ରଣା ସ୍ତରକୁ ମଣିଷଙ୍କ ଯନ୍ତ୍ରଣା ସହ କିଭଳି ତୁଳନା କରିବା ଦରକାର ତାହାର ଆକଳନ ପାଇଁ ଏକ ଆଧାର ଯୋଗାଇଦେବାକୁ ଗବେଷକମାନେ ପ୍ରାଣୀମାନଙ୍କ ଅନୁଭବ ଉପରେ କରାଯାଇଥିବା ଅନୁଧ୍ୟାନଗୁଡ଼ିକର ସମୀକ୍ଷା କରିଥିଲେ। ଏହାକୁ ସରଳ କରିବାକୁ ସେମାନେ ସୁଖକୁ ଉତ୍ସାହିତ କରୁଥିବା ଏବଂ ଯନ୍ତ୍ରଣା ଦୂର କରୁଥିବା ଉପଯୋଗୀ ଦୃଷ୍ଟିକୋଣ ଗ୍ରହଣ କରିଥିଲେ। ସେମାନେ କଳନା କରିଥିଲେ ଯେ, ପ୍ରାଣୀଟି ଭୋଗୁଥିବା ଯନ୍ତ୍ରଣା ଉପରେ ଆମେ କମ୍ ଯତ୍ନଶୀଳ ହୋଇଥାଉ କାରଣ ତାହା ମଣିଷ ନୁହେଁ ବୋଲି ଆମ ଚିନ୍ତାଧାରାରେ ରହିଥାଏ। ଗବେଷକମାନେ ଦର୍ଶାଇଥିଲେ ଯେ, ଯନ୍ତ୍ରଣାର ତୀବ୍ରତା ଓ ଅବଧି ସମାନ। ଏଣୁ ପ୍ରାଣୀ ହେଉ କି ମଣିଷ, ସେମାନେ ଭୋଗୁଥିବା ଯନ୍ତ୍ରଣା ପ୍ରତି ଦୃଷ୍ଟିଦେବା ଉଚିତ।

ମଣିଷ ତୁଳନାରେ ପ୍ରାଣୀମାନେ କେତେ ଯନ୍ତ୍ରଣା ଭୋଗନ୍ତି ତାହା ଉପରେ ଅନୁଧ୍ୟାନ କରିବାକୁ ଗବେଷକମାନେ ଏବକାର ବୈଜ୍ଞାନିକ ସିଦ୍ଧାନ୍ତକୁ ଗ୍ରହଣ କରିଥିଲେ। ସେହି ସିଦ୍ଧାନ୍ତ ହେଉଛି ବେସିକ୍ ନ୍ୟୁରୋକେମିଷ୍ଟ୍ରି ଯାହା ଆବେଗିକ ଭାବନାକୁ ପ୍ରକାଶ କରେ। ଏହି ଭାବନା ପ୍ରାୟ ସବୁ ସ୍ତନ୍ୟପାୟୀ ପ୍ରାଣୀଙ୍କ ମଧ୍ୟରେ ସମାନ। ଗବେଷକମାନେ ମଧ୍ୟ ବିଭିନ୍ନ ପ୍ରଜାତିର ପ୍ରାଣୀଙ୍କ ଯନ୍ତ୍ରଣାର ଉଭୟ ବ୍ୟବହାରଗତ ଓ ମନସ୍ତାତ୍ତ୍ୱିକ ପ୍ରାମାଣିକ ତଥ୍ୟ ଉପରେ ଅନୁଧ୍ୟାନ କରିଥିଲେ। 'ଅନିମଲ ଲିବରେଶନ'ରେ ବ୍ୟବହାରଗତ ପ୍ରାମାଣିକ ତଥ୍ୟର ଏକ ସ୍ପଷ୍ଟ ଉଦାହରଣ ଉପରେ ଆଲୋଚନା କରାଯାଇଛି। ବ୍ୟବସାୟିକ ଉଦ୍ଦେଶ୍ୟରେ ପାଳନ କରାଯାଉଥିବା କୁକୁଡ଼ାଗୁଡ଼ିକୁ ଶୀଘ୍ର ବଢାଯାଉଛି। ଫଳରେ କୁକୁଡ଼ାଗୁଡ଼ିକର ପୂର୍ଣ୍ଣ ବିକାଶିତ ହୋଇ ନ ଥିବା ଗୋଡ଼ ସେମାନଙ୍କ ଓଜନ ସମ୍ଭାଳି ପାରୁନାହିଁ। ଏହାଦ୍ୱାରା ସେମାନେ ଛୋଟା ହୋଇଯାଆନ୍ତି। ଗବେଷକମାନେ କରିଥିବା ଏକ ଅନୁଧ୍ୟାନରେ ବ୍ୟବସାୟିକ ଉଦ୍ଦେଶ୍ୟରେ ପାଳନ କରାଯାଉଥିବା କୁକୁଡ଼ାଙ୍କୁ ଦୁଇପ୍ରକାର ରଙ୍ଗିନ ଖାଦ୍ୟ ଦିଆଯାଏ। ସେଥି ମଧ୍ୟରୁ ଗୋଟିକରେ ଆଣ୍ଟି ଇନଫ୍ଲାମାଟୋରି ଡ୍ରଗ୍ସ ଥାଏ। ଛୋଟେଇ ଚାଲୁଥିବା କୁକୁଡ଼ାଗୁଡ଼ିକ ଏହି ଡ୍ରଗ୍ସ ମିଶା ଖାଦ୍ୟକୁ ବେଶି ଖାଇବାକୁ ପସନ୍ଦ କରନ୍ତି ଏବଂ ସେମାନେ ଖାଦ୍ୟରେ ଗ୍ରହଣ କରୁଥିବା ଡ୍ରଗ୍ସ ଡୋଜ୍ ଅନୁପାତରେ ସେମାନଙ୍କ ଛୋଟାପଣ କମିଯାଏ। ଏହା ସୂଚିତ କରେ ଯେ,ଛୋଟା କୁକୁଡ଼ାଗୁଡ଼ିକ ଚାଲିବାବେଳେ୍ ଅଧିକ ଯନ୍ତ୍ରଣା ଭୋଗିଥାନ୍ତି ଏବଂ ଏହା ଦର୍ଶାଏ ଯେ, ଡ୍ରଗ୍ସର ପ୍ରଭାବରେ ମଣିଷର ଯେଭଳି ଯନ୍ତ୍ରଣା ଉପଶମ ହୁଏ ସମାନୁପାତିକ ଭାବେ ସେମାନଙ୍କର ଯନ୍ତ୍ରଣା କମିଥାଏ।



ଅନ୍ୟ ବ୍ୟବହାରଗତ ପ୍ରମାଣ ଦର୍ଶାଏ ଯେ ଯନ୍ତ୍ରଣା ହୃଦ୍‌ସ୍ପନ୍ଦନ, ରକ୍ତଚାପ, ହର୍ମୋନ ସ୍ତର, ସ୍ୱେଦ ନିର୍ଗମନ, ଚକ୍ଷୁପଟଳ ବୃଦ୍ଧି ଓ ଶରୀରରେ ରାସାୟନିକ କାର୍ଯ୍ୟକଳାପରେ ପରିବର୍ତ୍ତନ କରେ। ବ୍ୟବସାୟିକ ଉଦ୍ଦେଶ୍ୟରେ ଶୀଘ୍ର ବଢ଼ାଯାଉଥିବା କୁକୁଡ଼ାକୁ ଏକ ଉଦାହରଣ ଭାବେ ନିଆଯାଇପାରେ। କୁକୁଡ଼ାମାନଙ୍କ ଠାରେ ଫୁସ୍‌ଫୁସ୍, ହାର୍ଟ ଏବଂ ଅସ୍ଥି ସମସ୍ୟା ଦେଖାଯାଏ, ଯାହା ସେମାନଙ୍କ ଯନ୍ତ୍ରଣାର ଏକ ପ୍ରମାଣ। ଏହି ପ୍ରମାଣକୁ ଆଧାରକରି ରିଥିଙ୍କ ପ୍ରାୟୋରିଟିଜର ଗବେଷକମାନେ ଅନେକ ଆକଳନଭିତ୍ତିକ ଆଲେଖ୍ୟ ପ୍ରସ୍ତୁତ କରିଛନ୍ତି। କିଛି ପ୍ରାଣୀଙ୍କ ଯନ୍ତ୍ରଣାର ଭାଲ୍ୟୁ ବା ମୂଲ୍ୟାଙ୍କନ ସମ୍ପର୍କରେ ଏଥିରେ ଦର୍ଶାଯାଇଛି। ଯଦି ଯନ୍ତ୍ରଣାର ମୂଲ୍ୟାଙ୍କନ ମଣିଷ ପାଇଁ ୧.୦୦ ହୁଏ ତେବେ ଗବେଷକମାନଙ୍କ ଆକଳନ ଦର୍ଶାଏ ଯେ,ଏହା ଘୁଷୁରିର ୦.୫୨, କୁକୁଡ଼ା ପାଇଁ ୦.୩୩ ଏବଂ ଅକ୍ଟୋପସ ପାଇଁ ୦.୨୧ ବୋଲି ଗ୍ରହଣ କରିବାକୁ ପଡ଼ିବ। ସେମାନେ ଯନ୍ତ୍ରଣାର ମୂଲ୍ୟାଙ୍କନ କରି ମାଛର ୦.୧ରୁ କମ୍, କାର୍ପ (ରୋହି ଭାକୁର ଆଦି ମାଛ)ର ୦.୦୯ ଏବଂ ସାଲ୍‌ମନକୁ ୦.୦୬ ର୍ୟାଙ୍କରେ ରଖିଛନ୍ତି। କୌତୂହଳର ବିଷୟ, ମହୁମାଛିର ଏହା ୦.୦୭ ଥିବାବେଳେ କାର୍ଫିସର ୦.୦୪ରୁ କମ୍ ର୍ୟାଙ୍କରେ ରଖାଯାଇଛି। ଏହା ସ୍ପଷ୍ଟ ଯେ, ବିଭିନ୍ନ ପ୍ରଜାତିର ଏବଂ ଏପରିକି ବିଭିନ୍ନ ବର୍ଗର ପ୍ରାଣୀମାନଙ୍କ ଯନ୍ତ୍ରଣା ସହିବା କ୍ଷମତା ତୁଳନା କରିବାରେ କରାଯାଇଥିବା ଗବେଷଣାତ୍ମକ ପ୍ରୟାସକୁ ନେଇ ଆହ୍ୱାନ ଆସିବାରେ। କିନ୍ତୁ ଏହି ପ୍ରୟାସର ଗୁରୁତ୍ୱ ରହିଛି ଓ ଏହା ସମ୍ପୂର୍ଣ୍ଣ ନିର୍ବିବାଦୀୟ। ଏହାକୁ ଗ୍ରହଣ କରିବା ଆମ ନିଜ ନୈତିକ ଅଗ୍ରଗତି ଉପରେ ନିର୍ଭର କରେ।

**ପ୍ରାଧ୍ୟାପକ, ବାୟୋଏଥିକ୍ସ, ପ୍ରିନ୍ସଟନ୍ ୟୁନିଭର୍ସିଟି**

# ନାନା ମୁନି, ନାନା ମତ



ଅନୀତା ପଟ୍ଟନାୟକ

ବେଦରେ ସୁନ୍ଦର ଭାବରେ ବର୍ଣ୍ଣନା କରି କୁହାଯାଇଛି ଯେ – 'ଏକଂ ସତ୍ ବିପ୍ରା ବହୁଧା ଭବନ୍ତି' ଏହାର ଅର୍ଥ ସତ୍ୟ ହିଁ ଏକ କିନ୍ତୁ ଜ୍ଞାନୀ ବା ପଣ୍ଡିତମାନେ ଏହାକୁ ବିଭିନ୍ନ ପ୍ରକାର ବର୍ଣ୍ଣନା କରିଛନ୍ତି। ସମସ୍ତଙ୍କୁ ଗଳ୍ପ ପଢ଼ିବାକୁ ଭାରି ଭଲ ଲାଗେ। ସବୁ ବର୍ଗର ଲୋକଙ୍କୁ କ୍ଷୁଦ୍ରଗଳ୍ପ ଖୁବ୍ ସୁନ୍ଦର ଓ ମଧୁର ଲାଗେ। ସେଥିପାଇଁ ଯୋଗୀ ସନ୍ନ୍ୟାସୀ, ଅବତାରୀ ପୁରୁଷମାନେ ପରମ ସତ୍ୟକୁ ବୁଝାଇବା ସମୟରେ ମୂଲ୍ୟବୋଧଭିତ୍ତିକ ଗଳ୍ପର ସାହାଯ୍ୟ ନେଇଥାନ୍ତି। ଦିନେ ଆମକୁ ଦର୍ଶନଶାସ୍ତ୍ର ଶିକ୍ଷା ଦେଉଥିବା ଶିକ୍ଷକ ଆମ ଶ୍ରେଣୀଗୃହରେ 'ଆମେ କେଉଁଠାରୁ ଆସିଛୁ? କେଉଁଠାକୁ ଯିବୁ? ଆମର ଜୀବନର ଉଦ୍ଦେଶ୍ୟ କ'ଣ?' ବିଷୟଟିକୁ ଉପସ୍ଥାପନ କଲେ। ଆମଠାରୁ ପ୍ରଶ୍ନୋତ୍ତର ମାଧ୍ୟମରେ ସେ ଉତ୍ତର ଆଦାୟ କରିବାକୁ ଚେଷ୍ଟା କରି ପରବର୍ତ୍ତୀ କ୍ଲାସ୍‌ରେ ଏହାର ଉତ୍ତର ଦେବାକୁ କହିଥିଲେ। କିନ୍ତୁ ଭାଗ୍ୟର ବିଡ଼ମ୍ବନା ଏହାଥିଲା ଯେ ସେ ପରବର୍ତ୍ତୀ କ୍ଲାସ ନେବା ପୂର୍ବରୁ ତାଙ୍କର ବଦଳି ହୋଇଯାଇଥିଲା। କିନ୍ତୁ ଶ୍ରେଣୀଗୃହରେ ସେ ଯେଉଁ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ରଖିଥିଲେ ତାହା ଆଜି ବି ମୋର ମନେଅଛି। ସେହି ପୂଜ୍ୟ ଗୁରୁଙ୍କର ପ୍ରଶ୍ନ ଓ ଉତ୍ତର ମୁଁ ଆନନ୍ଦର ସହ ନିମ୍ନରେ ବର୍ଣ୍ଣନା କରୁଛି। ପାଠିକା ପାଠକମାନଙ୍କୁ ଅନୁରୋଧ ଏହି ପ୍ରଶ୍ନୋତ୍ତର ପଢ଼ି କେଉଁଟି ଠିକ୍ ଉତ୍ତର ତାହା ଜଣାଇଲେ ମୁଁ ଆନନ୍ଦିତ ହେବି।

ଶିକ୍ଷକ ସେହିଦିନ କହିଥିଲେ ଯେ ଜ୍ଞାନୀ ଗୁଣୀ ଲୋକମାନେ ଚିରନ୍ତନ ସତ୍ୟର ଅନୁସନ୍ଧାନକୁ ସେମାନଙ୍କର ମାନସିକ ଚିନ୍ତାଧାରା ସ୍ତରକୁ ନେଇ ପରିପ୍ରକାଶିତ କରିଥାନ୍ତି। ଶିକ୍ଷକ ଏହିପରି ଭାବରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରିଥିଲେ। ଶ୍ରେଣୀଗୃହର ସବୁଠାରୁ ଭଲପିଲା ସଞ୍ଜୟକୁ ଆମ ଶ୍ରେଣୀର ଧୃତରାଷ୍ଟ୍ର ବୋଲି ଏକ ପିଲାକୁ ଏହି ପ୍ରଶ୍ନ ପଚାରିବାକୁ କହିଲେ ଯଥା – ସେ କେଉଁଠାରୁ ଆସିଛି? କେଉଁଠାକୁ ଯିବ ଓ ତା'ର ଜୀବନର ଉଦ୍ଦେଶ୍ୟ କ'ଣ? ଧୃତରାଷ୍ଟ୍ର ଉତ୍ତର ଦେଲା – 'ମୁଁ ମାମୁଘରୁ ଆସିଛି। ବଜାରକୁ ଯିବି, ଫଳ କିଣିବା ମୋର ଉଦ୍ଦେଶ୍ୟ'। ଶିକ୍ଷକ ଏଥର ଶ୍ରେଣୀର ଅନ୍ୟ ଜଣେ ଛାତ୍ର ଅର୍ଜ୍ଜୁନକୁ ଶ୍ରେଣୀର – ଅନ୍ୟ ଏକ ଛାତ୍ର ଭୀଷ୍ମକୁ ପ୍ରଶ୍ନ ପଚାରିବାକୁ କହିଲେ। ଭୀଷ୍ମ ନିଜର ଉତ୍ତର ରଖି କହିଲା – 'ମୁଁ ମା'ବାପାଙ୍କ ପାଖରୁ ଆସିଛି। ମୋର ଜୀବନ ମୋର ଭାଗ୍ୟକୁ ନେଇ ଚାଲିଛି। ମୋର ଜୀବନର ଲକ୍ଷ୍ୟ ହେଉଛି ଯେ ମୁଁ ଏ ସଂସାରରେ ଯାହା ପାଇଛି ବା ପାଇବି ତା'ଠାରୁ ଅଧିକ କିଛି ଏ ସଂସାରକୁ ଦେବି। ମୋ ଜୀବନର ଲକ୍ଷ୍ୟ।' ଏଥର ଶିକ୍ଷକ ଶ୍ରେଣୀର ଛାତ୍ର ପଦ୍ମପାଦକୁ ସେହି ଶ୍ରେଣୀର ଛାତ୍ର ଶଙ୍କରକୁ ଅନୁରୂପ ପ୍ରଶ୍ନ ପଚାରିବାକୁ କହିଲେ। ପଦ୍ମପାଦ ଅତ୍ୟନ୍ତ ନମ୍ରତାର ସହିତ ଉତ୍ତର ଦେଇ କହିଲା 'ମୁଁ ପୂର୍ଣ୍ଣତାରୁ ଆସିଛି। ପୂର୍ଣ୍ଣତା ଆଡ଼କୁ ଯାଉଛି। ମୁଁ ବର୍ତ୍ତମାନ ପୂର୍ଣ୍ଣତାକୁ ଉପଲବ୍ଧି କରୁଛି। ଏହା ହିଁ ମୋର ଦୈନନ୍ଦିନ ଜୀବନ ଯାତ୍ରାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ।' ଏଥର ଶିକ୍ଷକ ସେହି ପ୍ରଶ୍ନଟିକୁ ଆମ ଶ୍ରେଣୀର ଅନ୍ୟ ଜଣେ ଛାତ୍ର ବିବେକାନନ୍ଦକୁ ବୁଦ୍ଧ ନାମକ ଅନ୍ୟ ଏକ ଛାତ୍ରକୁ ପଚାରିବାକୁ କହିଲେ। ବୁଦ୍ଧ ମୁଦ୍ରିତ ଚକ୍ଷୁରେ ଉତ୍ତର ରଖି କହିଲା 'ମୁଁ ଶୂନ୍ୟତାରୁ ଆସିଛି। ଶୂନ୍ୟତା ଆଡ଼କୁ ଯାଉଛି ଓ ଶୂନ୍ୟତା ହିଁ ମୋ ଜୀବନର ଏକ ମାତ୍ର ଲକ୍ଷ୍ୟ।' ଏଥର ଶିକ୍ଷକ ଶ୍ରେଣୀର ଅନ୍ୟ ଜଣେ ଛାତ୍ର ହସ୍ତମଲକକୁ ତ୍ରୋଟକ ନାମକ ଏକ ଛାତ୍ରକୁ ଏହି ପ୍ରଶ୍ନ ପଚାରିବାକୁ କହିଲେ। ତ୍ରୋଟକ ପ୍ରେମପୂର୍ଣ୍ଣ ଭାବେ ଉତ୍ତର ଦେଇ କହିଲେ 'ମୁଁ ଆସିନାହିଁ। ମୁଁ କେଉଁଠାକୁ ଯାଉନାହିଁ। ତେଣୁ ମୋର ଜୀବନର ଲକ୍ଷ୍ୟ ନାହିଁ।' ଏଥର ଶିକ୍ଷକ ଆମ ଶ୍ରେଣୀର ସତ୍ୟବନ୍ତ ଓ ଧୀରସ୍ଥିର ଛାତ୍ର ଯୁଧିଷ୍ଠିରକୁ ସେହି ଶ୍ରେଣୀର ଅନ୍ୟ ଜଣେ ଛାତ୍ର କୃଷ୍ଣକୁ ଅନୁରୂପ ପ୍ରଶ୍ନ ପଚାରିବାକୁ କହିଲେ। କୃଷ୍ଣ ଉତ୍ତର ଦେବା ଭଙ୍ଗୀରେ ଠିଆ ହେଲେ। କିନ୍ତୁ ଏ କ'ଣ? ତାଙ୍କର କୌଣସି ଉତ୍ତର ନ ଥିଲା। କେବଳ ଥିଲା 'ସ୍ମିତହାସ୍ୟ' ଶିକ୍ଷକ କହିଲେ କୃଷ୍ଣ ଏହି ପ୍ରଶ୍ନର ଉତ୍ତର କ'ଣ କେବଳ ସ୍ମିତହାସ୍ୟ। ସେ ଉତ୍ତର ଦେଇଥିଲେ 'ହଁ ସାର୍'।

ଏଥର ପଲ୍ଲବୀକୁ ମତେ ସେହି ପ୍ରଶ୍ନ ପଚାରିବାକୁ କହିଲେ, ମୁଁ ଉତ୍ତରରେ କହିଲି 'ମୁଁ ନିରାକାର ଥିଲି, ମାତୃଗର୍ଭରେ ଧୀରେ ଧୀରେ ମୁଁ ଆକାର ନେଲି। ପ୍ରତିଦିନ ମୋର ଚେଷ୍ଟା ହେଉଛି ମୋର ଏହି ଆକାରକୁ ଛାଡ଼ି ମୁଁ କିପରି ନିରାକାର ହୋଇଯିବି। ମୋର ଜୀବନର ଲକ୍ଷ୍ୟ ହେଉଛି ଯେ କିପରି ମତେ ଆଉଥରେ ଆକାର ନେବାକୁ ପଡ଼ିବ ନାହିଁ।'

ଦୁଃଖର ବିଷୟ ଶ୍ରେଣୀର ଦର୍ଶନଶାସ୍ତ୍ରର ଶିକ୍ଷକ ବଦଳି ହୋଇଯିବାରୁ ଆଜି ପର୍ଯ୍ୟନ୍ତ ଠିକ୍ ଉତ୍ତର ପାଇପାରିନାହିଁ। କେଉଁଟି ଠିକ୍ ଉତ୍ତର ଜଣାଇଲେ ମୁଁ ଚିରୋପକୃତ ହେବି।

**ଅବସରପ୍ରାପ୍ତ ପ୍ରାଧ୍ୟାପିକା,**
**ସେକ୍ଟର–୧୦, ସିଡିଏ, କଟକ**
**ମୋ: ୯୬୯୨୯୮୦୦୨୬**

## ଏଇ ଭାରତରେ

ଗ୍ରୀନ୍ ହାଉସ ଗ୍ୟାସ୍ ବା ସବୁଜ ଗୃହ ବାଷ୍ପ ବିଶ୍ୱତାପନ ବୃଦ୍ଧିର କାରଣ ପାଲଟୁଛି। ଏହାର ନିର୍ଗମନ କମ୍ କରିବା ପାଇଁ ବିଶ୍ୱରେ ପ୍ରୟାସ ଜାରି ରହିଥିବା ବେଳେ ବେଙ୍ଗାଲୁରୁର ଡ. ଏଜିହିଲ ସୁବିୟାନ ମିଥେନ ଗ୍ୟାସ୍‌କୁ ଏକ ସଂସାଧନ ଭାବେ ବ୍ୟବହାର କରି ବିଭିନ୍ନ ଉତ୍ପାଦ ପ୍ରସ୍ତୁତ କରୁଛନ୍ତି। ଏହା ପରିବେଶ ଉପଯୋଗୀ ଖାଦ୍ୟ ଓ ଗୋଖାଦ୍ୟ (ବିଭିନ୍ନ ପ୍ରକାର ଘାସ) ଉତ୍ପାଦନରେ ଚାଷୀମାନଙ୍କୁ ସାହାଯ୍ୟ କରୁଛି। ସୁବିୟାନ ଷ୍ଟ୍ରିଙ୍ଗ୍ ବାୟୋ ଷ୍ଟାର୍ଟଅପ୍ ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। ୨୦୧୩ରେ ସେ ଏହା ଆରମ୍ଭ କରିଥିଲେ। ବହୁ ଗବେଷଣା ପରେ ସେ ପରିବେଶ ଉପଯୋଗୀ ଉତ୍ପାଦ ପ୍ରସ୍ତୁତ କରିବାକୁ ସକ୍ଷମ ହୋଇଛନ୍ତି। ଏହା ପରିବେଶ ଉପଯୋଗୀ କୃଷିକୁ ଉତ୍ସାହିତ କରିପାରିଛି। ଷ୍ଟ୍ରିଙ୍ଗ୍ ବାୟୋର ଉତ୍ପାଦକୁ ଏବେ ସୁଦ୍ଧା ୨୫୦ କୃଷକ ବ୍ୟବହାର କରିସାରିଲେଣି। ଏହାକୁ ବ୍ୟବହାର କଲେ କୃଷିରୁ କମ୍ ମିଥେନ ନିର୍ଗମନ ହେଉଛି। ପ୍ରସ୍ତୁତ କରାଯାଇଥିବା ଉତ୍ପାଦଗୁଡ଼ିକ ମଧ୍ୟରୁ ୧୫ଟିକୁ ପ୍ୟାଟେଣ୍ଟ ମିଳିସାରିଛି ଓ ଆଉ ୪୦ଟି ପାଇଁ ଆବେଦନ କରାଯାଇଛି। ପ୍ୟାଟେଣ୍ଟ ପାଇଥିବା ଉତ୍ପାଦ ବ୍ୟବହାର କରି କୃଷକମାନେ ଲାଭବାନ ହେବା ଯେତିକି ଗୁରୁତ୍ୱପୂର୍ଣ୍ଣ, ମିଥେନ୍ ଗ୍ୟାସର ବ୍ୟବହାର ବିଶ୍ୱତାପନ ହ୍ରାସରେ ସୁବିୟାନଙ୍କ ଚେଷ୍ଟା ସେତିକି ମହତ୍ତ୍ୱପୂର୍ଣ୍ଣ।

## ୨୫ ବର୍ଷ ତଳର ଧରିତ୍ରୀ

**୧୫ ଜୁନ୍ ୧୯୯୮**

- ଦ୍ୱୀପାଞ୍ଚଳ ରାଷ୍ଟ୍ର ଗିନିଆ ବିସାଓରେ ସରକାରୀ ସୈନ୍ୟ ଓ ବିଦ୍ରୋହୀଙ୍କ ମଧ୍ୟରେ ଲାଗିଥିବା ଘମାଘୋଟ ଲଢ଼େଇ ଭୟରେ ଦେଶ ଛାଡ଼ି ଚାଲିଯାଉଥିବା ବେଳେ ନୌକା ବୁଡ଼ିଯିବାରୁ ୨୦୦ ମୃତ।
- ଭାରତ–ପାକିସ୍ତାନ ପ୍ରସଙ୍ଗ ନେଇ ଶିଳ୍ପ ସମୃଦ୍ଧ ୮ଟି ରାଜ୍ୟଗୋଷ୍ଠୀ (ଜି–୮)ର ପରାମର୍ଶକୁ ଭାରତର ଅଗ୍ରାହ୍ୟ।
- ଅଜ୍ଞାତ ଆତତାୟୀଙ୍କ ଗୁଳିମାଡ଼ରେ ବିହାର ବିଧାନସଭାର ସିପିଏମ୍ ବିଧାୟକ ଅଜିତ କୁମାର ସରକାରଙ୍କ ମୃତ୍ୟୁ।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | 7 | | | | 2 | | 4 |
| | | | | | 9 | | 6 | |
| | | | | 7 | 4 | 3 | | |
| | 7 | | 6 | | | | 5 | |
| | | 5 | | 2 | | | | |
| | | 6 | | | 8 | | | 2 |
| | | 1 | 3 | | | 5 | | |
| | | | 4 | 8 | | 9 | | 3 |
| | | | 9 | | 2 | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 7 | 9 | 4 | 2 | 5 | 8 | 6 | 1 |
| 1 | 6 | 4 | 8 | 7 | 9 | 3 | 2 | 5 |
| 2 | 8 | 5 | 6 | 3 | 1 | 7 | 4 | 9 |
| 5 | 2 | 3 | 1 | 9 | 7 | 4 | 8 | 6 |
| 4 | 1 | 6 | 2 | 8 | 3 | 5 | 9 | 7 |
| 8 | 9 | 7 | 5 | 4 | 6 | 1 | 3 | 2 |
| 9 | 4 | 8 | 7 | 5 | 2 | 6 | 1 | 3 |
| 6 | 5 | 2 | 3 | 1 | 4 | 9 | 7 | 8 |
| 7 | 3 | 1 | 9 | 6 | 8 | 2 | 5 | 4 |

ଗତକାଲିର ଉତ୍ତର

# ରାଜନୀତିର ଭାଗ୍ୟରେଖା



ମାୟାଧର ନାୟକ

ବହୁ ପ୍ରାର୍ଥୀ, ବହୁ କ୍ଷମତାପ୍ରାର୍ଥୀ, ବହୁ ଲାଳସୀବିଳାସୀବର୍ଗଙ୍କର ବ୍ୟକ୍ତିଗତ ଭାଗ୍ୟରେଖାର ବିରାଟ ମିଶାଣଫଳ ହୋଇଯାଇଛି ଭାରତୀୟ ରାଜନୀତିର ଭାଗ୍ୟରେଖା। ଆମେ ଯେତେବେଳେ ଅସଲ ରାଜନୀତିର ଭାଗ୍ୟରେଖା ଖୋଜୁଛେ ସେତେବେଳେ ମହା ମହା ଜ୍ୟୋତିଷୀମାନେ ବି ବାଟବଣା। ସେମାନେ ଯେତେବେଳେ ଭାରତୀୟ ରାଜନୀତିର ଭାଗ୍ୟରେଖା ଚିହ୍ନଟ କରନ୍ତି ସେତେବେଳେ ସେମାନଙ୍କୁ ଦିଶେ – ପ୍ରତ୍ୟେକ ରାଜନୈତିକ ଦଳର ମୁଣ୍ଡିଆଳମାନଙ୍କ ଭବିଷ୍ୟତ ଆକଳନର ସମ୍ଭାବନା। ତା' ଅର୍ଥ– ଯଦି ଗୋଟାଏ ସମୟରେ ଆମେ ଶୁଣୁଥିଲୁ 'ଇନ୍ଦିରା ଇଜ୍ ଇଣ୍ଡିଆ' ଇନ୍ଦିରା ହେଉଛନ୍ତି ଭାରତ। ଏବେ ଶୁଣୁଛୁ ମୋଦି ହେଉଛନ୍ତି ମହାଭାରତ ବିଶ୍ୱଗୁରୁ। ଅବଶ୍ୟ ଚାଇନା ରାଷ୍ଟ୍ରପତି ପୃଥିବୀର ଏକନମ୍ବର ନେତା ବୋଲି ତାଙ୍କ ମନ୍ତ୍ରୀମାନେ କହିଲେଣି। ଉତ୍ତରକୋରିଆର କିମ୍ ପ୍ରଚାର କରୁଛନ୍ତି, ସେ ଏ ବିଶ୍ୱର ସର୍ବଶ୍ରେଷ୍ଠ ଯୁବନେତା। ରୁଷିଆର ପୁଟିନ୍ ଯୁଦ୍ଧ ଜିତିଲେ ସେ ପୃଥିବୀର ରାଜା ହୋଇଯିବେ। ହିଟଲର ଦିନେ ପୃଥିବୀର ହିରୋ ହେବାକୁ ଚାହିଁଥିଲେ। ଯୁଦ୍ଧରେ ପରାସ୍ତ ହୋଇ ଆତ୍ମହତ୍ୟା କଲେ। ଆଲେକଜାଣ୍ଡାର ବିଶ୍ୱ ଜୟ କରିବାକୁ ଯାଇ ୩୩ବର୍ଷରେ ନିଃସ୍ୱ ମଣିଷ ହୋଇ ମରିଗଲେ। ଏଇଭଳି ବହୁ ଇତିହାସ ରହିଛି। ଏ ତ ଶେଷରେ ଚାଲିଛି ଏମିତିଗୁଡ଼ିଏ କ୍ଷମତାପ୍ରାର୍ଥୀମାନଙ୍କର ଝିମିଟିଖେଳ। ଆଜି ଭାରତୀୟ ରାଜନୀତି ଭାଗ୍ୟରେଖା କହିଲେ ମନେହୁଏ ଏକ ଅର୍ଦ୍ଧଜ୍ୱଳନ୍ତ ବିଶୁବରେଖାର ଅନ୍ଧକାର ଅଂଶ, ଯେଉଁଠି ଏ ଗ୍ରୀଷ୍ମପ୍ରଧାନ ଦେଶର ଜନଗଣ ଜୁପକାଠର ଛାଗଛାଗୀ।

ଭାରତ ଏକ ବିଚିତ୍ର ଦେଶ। ଏଠି ସବୁଧର୍ମ, ସବୁଜାତି, ଉପଜାତି, ନାନା ଭାଷା, ନାନା ପରିଧାନ ଅଛି। ତଥାପି ଆମେ ଭାରତୀୟ ବୋଲି ଗର୍ବ କରୁ। ଏଠି କେନ୍ଦ୍ରଠୁ ଆରମ୍ଭକରି ରାଜ୍ୟ ପର୍ଯ୍ୟନ୍ତ ଆଇନକାନୁନ ସମ୍ବିଧାନ ଅଛି। ଶାସକମାନଙ୍କ ସୁବିଧା ଅନୁଯାୟୀ ସମ୍ବିଧାନ–ଆଇନକାନୁନ ବଦଳାଯାଏ। ଏବେ ଆମେ ପୃଥିବୀରେ ଜନସଂଖ୍ୟାରେ ଏକନମ୍ବର। ଆମ ଦେଶ ଗଣତାନ୍ତ୍ରିକ। ଏଠି ଗଣମାନଙ୍କ ଭୋଟରେ ସରକାର ନିର୍ବାଚିତ ହୁଅନ୍ତି। ନିର୍ବାଚିତ ସରକାର ପ୍ରଥମେ ସମ୍ବିଧାନ–ଆଇନକାନୁନକୁ ଭାଙ୍ଗନ୍ତି। ମନଇଚ୍ଛା ବହୁମତରେ ଜିତିଥିବାରୁ ସମ୍ବିଧାନ ବଦଳାନ୍ତି। ସମ୍ବିଧାନ ଯେତେ ମୋଟା ହୋଇଚାଲିଛି– ଆମ ଗଣତନ୍ତ୍ର ସେତେ ଛୋଟା ହୋଇଯାଉଛି। ସମ୍ବିଧାନର ମୁଖଶାଳାରେ ଜାତି–ଧର୍ମ–ବର୍ଣ୍ଣ ନିର୍ବିଶେଷରେ ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର– ପରେ ସମାଜତନ୍ତ୍ର ଯୋଡ଼ାଯାଇଛି। ଆମ ଶାସକମାନେ କେହି ସମ୍ବିଧାନକୁ ମାନୁନାହାନ୍ତି। ଜାତି–ଧର୍ମ ନାଁରେ ଏଠି ରାଜନୀତି ଚାଲେ।

ଏଇ ଲୋକଙ୍କ ଭିତରୁ ତ ଜନପ୍ରତିନିଧି। ସମସ୍ତେ ପ୍ରାୟ ଭାଗ୍ୟରେଖାରେ ବେଶି ବିଶ୍ୱାସ କରନ୍ତି। ସେଥିପାଇଁ ଆମର ମଠ, ମନ୍ଦିର ଯେତେ ଅଛି – ସ୍କୁଲ, କଲେଜ, ଡାକ୍ତରଖାନା ସେତେ ନ ଥିବ। ଏପରିକି ଗଛରେ ସିନ୍ଦୂରମାରି ଲାଲ୍‌କନା ଗୁଡ଼ାଇ ମଧ୍ୟ ଆମେ ପୂଜାକରୁ। କେହିକେହି ସୂର୍ଯ୍ୟ, ତୁଳସୀ ଚଉଁରାକୁ ପୂଜା କରନ୍ତି। ସତ୍ୟ–ତ୍ରେତୟା–ଦ୍ୱାପର ଯୁଗର ଦେବଦେବୀ–ଭଗବାନମାନଙ୍କୁ ମନ୍ଦିର–ଫଟୋରେ ପୂଜାକରୁ। ଏ ଘୋର କଳି ଯୁଗରେ ଲୋକମାନେ ବେଶି ଠାକୁରପୂଜା କରୁଛନ୍ତି। ଏଥିପାଇଁ ଆମ ଶାସକମାନେ ମଠମନ୍ଦିର ପାଇଁ ରାଜକୋଷରୁ ଟଙ୍କା ଖର୍ଚ୍ଚ କରୁଛନ୍ତି। ଗୋଟିଏ ଗୋଟିଏ ଛୋଟ ଗାଁରେ ମଧ୍ୟ ଆଉ କିଛି ନ ଥାଉ ପଛେ ମନ୍ଦିର କିମ୍ବା ଗ୍ରାମଦେବତୀ କିଛି ନ ହେଲେ ବୃକ୍ଷଦେବୀ ନିଶ୍ଚୟ ଥିବେ। ସବୁ ଧର୍ମବିଶ୍ୱାସୀ ଲୋକେ ଏତେ ଠାକୁର ପୂଜାକରି ମଧ୍ୟ ଭାଗ୍ୟରେଖା ପାଇଁ ଜ୍ୟୋତିଷୀ, ବାବା, ସନ୍ନ୍ୟାସୀ, ଗୁଣିଆ, କାଳିଶି ପାଖକୁ ଯାଆନ୍ତି। ସେମାନେ ଜାତକ, ହସ୍ତରେଖା, ପାପୁଲି ଦେଖି ଗଣନାକରି ପ୍ରତିକାର ବ୍ୟବସ୍ଥା କହନ୍ତି। ରାଶିଫଳ କ୍ୟାଲେଣ୍ଡର ପ୍ରାୟ ଘରେ ଘରେ ଥିବ। ଖବରକାଗଜରେ ମଧ୍ୟ ରାଶିଫଳ ପ୍ରତିଦିନ ପ୍ରକାଶ ପାଏ। ବହୁ ଲୋକ ରାଶିଫଳ ଦେଖନ୍ତି। ପୃଥିବୀରେ ଯେତେ ଲୋକ ଅଛନ୍ତି ସେମାନଙ୍କର ବାରୋଟି ରାଶି ମଧ୍ୟରୁ ଗୋଟିଏ ନିଶ୍ଚୟ କାହାର ନା କାହାର ହୋଇଥିବ। ରାଶିମାନଙ୍କରେ କ'ଣ ସବୁ ଭଲମନ୍ଦ ଅଛି ସେଇ ଅନୁସାରେ କାମ କରନ୍ତି। ଗଣନାକାରୀ ରାଶିଫଳ ଦେଖି ଯଦି ଆପଣଙ୍କୁ ଡରାଇଦିଏ, ତା'ହେଲେ ଆପଣ ଛାନିଆ ହୋଇଯାଆନ୍ତି। ପ୍ରତିକାର ଯେତେ ବ୍ୟୟବହୁଳ ହେଲେ ବି କରନ୍ତି। ଆଜିକାଲି ରାଜଧାନୀ ଓ ସହରଗୁଡ଼ିକରେ ଜ୍ୟୋତିଷୀମାନେ ପାଞ୍ଜିଧରି ପସରା ମେଲାଇଛନ୍ତି। ଆପଣମାନେ ଜାତକ, ହାତଦେଖାଇ କିଛି ଉପଦେଶ ପାଇଁ ପକେଟରୁ କିଛି ଟଙ୍କା ଗଣନ୍ତି।

ଥରେ ସୁକିନ୍ଦା ଖଣିଅଞ୍ଚଳରେ ଜଣେ ଠିକାଦାର ଆଦିବାସୀ ଶ୍ରମିକବହୁଳ ଗାଁରେ ଶିବମନ୍ଦିର ତୋଳାଇ ପ୍ରତିଷ୍ଠା କରାଇବା ଦିନ ପୂଜାପାଠ କଲେ, ସମସ୍ତଙ୍କୁ ଭୋଜନ ବ୍ୟବସ୍ଥା କରାଇଥିଲେ। ସେଇ ରାସ୍ତାରେ ଏ ଅଧମ ଗଲାବେଳେ ଦଣ୍ଡେ ଠିଆହୋଇ ନିରୀକ୍ଷଣ କଲି ସେଠି ପୂଜକ ମାଇକରେ ମନ୍ତ୍ର ବୋଲୁଛି, ଠିକାଦାର ପାଳି ଧରୁଛି, ମଝିରେ ମାଇକ ବନ୍ଦକରି କହୁଛି ତା' କର୍ମଚାରୀକୁ ୧୦ ଟ୍ରିପ ସେଠିକି ପଠାଇଦେବ। ସେ ନେତା ଆସିଲେ ତାକୁ ଯାହା କହିଥିଲ ଦେଇଦେବ। ତା'ପରେ ପୁଣି ମାଇକ ସାଉଣ୍ଡ ଦେଇ ମନ୍ତ୍ର ଉଚ୍ଚାରଣ କରିବାକୁ ଲାଗିଲେ। ଭାବିଲି ଏ ମନ୍ଦିରଫନ୍ଦିର, ପୂଜାପାଠ କିଛି ନୁହେଁ , ବେପାରୀ ଲୋକ ଲାଭର ଲୋଭରେ ପାଗଳ। ଆଦିବାସୀମାନଙ୍କୁ ଭୁତାଇବା ପାଇଁ ଏ କାଣ୍ଡ। ଏ ମାଲିକ ମଧ୍ୟ ଭୋଟ ବେଳେ ତାଙ୍କ ପୋଷାନେତା କେମିତି ଜିତିବେ ସେ ବନ୍ଦୋବସ୍ତ କରନ୍ତି। ଶେଷରେ ଠାକୁରଙ୍କ ରାଣ ପକାଇ ଭୋଟଦେବାକୁ ମତାନ୍ତି।

ସାଧାରଣ ମଣିଷ–କୁଲିମୂଲିଆ ଧର୍ମଭୀରୁ। ଭାଗ୍ୟବାଦୀ। ସେମାନେ ଥରେ ଶପଥ କଲେ ଭାଙ୍ଗନ୍ତି ନାହିଁ। ଦଳ–ନେତାମାନେ ଏତେ ଧର୍ମରାଣ ଦେଇ ମଧ୍ୟ ମନରେ ଦ୍ୱନ୍ଦ୍ୱ ରହିଯାଏ। କାଳେ ଲୋକେ ଭୋଟ ନ ଦେବେ ସେଥିପାଇଁ ସେମାନଙ୍କ ପାଇଁ ରାଜକୋଷରୁ ଟଙ୍କା ବରାଦ କରି ନିଜ ଦଳ ଶାସନ ନାଁରେ ମାହାଳିଆ ସବୁ ବାଣ୍ଟନ୍ତି। ଧର୍ମସଂସ୍କୃତି ଭିତରେ ମାଗଣା ସଂସ୍କୃତି ଓଜନିଆ ପଡ଼ିଯାଏ। ମାଗଣାଖିଆମାନେ ମାତିଯାଆନ୍ତି। ସେଇ ରାଜନୈତିକ ନେତାମାନଙ୍କର ଭାଗ୍ୟରେଖାରେ ସୂର୍ଯ୍ୟୋଦୟ ହୁଏ। କେବେ ଅସ୍ତ ହେବ ତା' ମା' ଗଙ୍ଗେଇ ଜାଣନ୍ତି।



ଏତିକିରେ ନେତାମାନେ ଭରସା ପାଆନ୍ତି ନାହିଁ। ଯେଉଁ ଶିଳ୍ପପତିଙ୍କୁ ଦେଶର ଜମି, ଖଣି, ପାଣି, ଜଙ୍ଗଲ, ବନ୍ଦର, ରାସ୍ତାକାମ ଟେକି ଦେଇଥାନ୍ତି ବିକାଶରେ ଯେଉଁ କାର୍ଯ୍ୟ ହେବ ସେମାନଙ୍କ ଦ୍ୱାରା କରାନ୍ତି। ପୁଣି ସେସବୁ କାମରେ ନିଜ ଦଳୀୟ ସମର୍ଥକ ଠିକାଦାର ହୁଅନ୍ତି। ସେଇ ଶିଳ୍ପପତି, ଠିକାଦାରମାନେ ଦେଶର ସାଧାରଣ ଲୋକଙ୍କ ଟିକସରେ ଭର୍ତ୍ତି ରାଜକୋଷରୁ ପ୍ରାୟ ଅଧାଅଧି ମାରିନିଅନ୍ତି। ସେମାନେ ଭୋଟ୍ ବେଳେ ଦଳ ଓ ନେତାମାନଙ୍କୁ କୋଟି କୋଟି ଟଙ୍କା ଚାନ୍ଦା ଆକାରରେ ଏବଂ କୋଟି କୋଟି ଟଙ୍କା ଲୁଚାଛପାରେ ଦେଇଥାନ୍ତି। ସେ ଟଙ୍କାରୁ ଏତେ ମାଗଣା ଦେଇ ଭଗବାନ ରାଣ ପକାଇଥିଲେ ମଧ୍ୟ ଭୋଟ୍ ପିଛା ଏକହଜାରରୁ ଦଶହଜାର ଟଙ୍କା ପର୍ଯ୍ୟନ୍ତ ଲାଞ୍ଚ ଦିଅନ୍ତି। ଏ ନେତାମାନେ ଲୋକଙ୍କୁ ମାଗଣାଖିଆ ଭିକାରି କରିଦେଇ ଶେଷରେ ଲାଞ୍ଚୁଆ କରିଦେଉଛନ୍ତି। ଏଇତ ଭାରତୀୟ ରାଜନୀତିର ଭାଗ୍ୟରେଖା। ଭୋକିଲା ପଟୁଆର ଏମିତି ଚାଲିଛି ରାସ୍ତାରେ ସେ ରାସ୍ତା କୁଆଡେ ଗୋଟେ ଭଙ୍ଗା ବଟିଖୁଣ୍ଟ ପାଖେଥିବା ସେଇ ଦେଶୀ ମଦଭାଟି ଆଡେ।

**ଯାଜପୁର ରୋଡ, ଯାଜପୁର**
**ମୋ : ୯୮୬୧୩୪୧୬୩**

## ପାଠକ ଶ୍ରେଷ୍ଠ ବିଚାରକ

### ଏଲ୍‌ଇଡି ବଲ୍‌ବ କୁଆଡ଼େ ଗଲା

ମହାଶୟ,

ଓଡ଼ିଶା ଶାସନର ମୋ ସରକାର ଜନଗଣଙ୍କ ହିତାର୍ଥେ ବିନା ମୂଲ୍ୟରେ ଏଲ୍‌ଇଡି ବଲ୍‌ବ ମାଗଣାରେ ଯୋଗାଇ ଦେଇଥିଲେ। ପ୍ରତ୍ୟେକ ପଞ୍ଚାୟତର ପଲ୍ଲୀକୁ ଏହି ବଲ୍‌ବ ଯୋଗାଇ ଦିଆଯାଇଥିଲା। ତେବେ ଉକ୍ତ ବଲ୍‌ବ ସମସ୍ତ ଜନତା ପାଇପାରିଲେନାହିଁ କାହିଁକି? ଏହାର ପ୍ରକୃତ ଅନୁସନ୍ଧାନ କରାଯାଉ। ପରିତାପର ବିଷୟ ରାଜ୍ୟର ଏକାଧିକ ଗ୍ରାମାଞ୍ଚଳରେ ଉକ୍ତ ଇଲେକ୍ଟ୍ରି ବଲ୍‌ବ ଜନସାଧାରଣଙ୍କୁ ଦିଆଯାଇନାହିଁ। ମୋ ସରକାରଙ୍କଏଭଳି ପକ୍ଷପାତ ନୀତି ଭବିଷ୍ୟତରେ କଳଙ୍କର କାଳିମା ସଦୃଶ ହେବ। ଏକାଧିକ ପଞ୍ଚାୟତର ପୂର୍ବତନ ସରପଞ୍ଚ ଓ ଦଲାଲମାନେ ଏଥିରେ ଦୁର୍ନୀତି କରିଛନ୍ତି। ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ। ଉକ୍ତ ବଲ୍‌ବ କୁଆଡ଼େ ଗଲା। ରାଜ୍ୟ ସରକାର ଏ ଘଟଣାର ଉପଯୁକ୍ତ ତଦନ୍ତ କଲେ ବହୁ ରହସ୍ୟ ଉଦ୍‌ଘାଟନ ହେବ।

**–ଆଦିକନ୍ଦ ସାହୁ, କେନ୍ଦ୍ରାପଡ଼ା**

## ଚିରନ୍ତନୀ

ଜଳେ ପୁଣି ସିନ୍ଧୁ ବକ୍ଷେ
ଗିରି ଚୂଳେ କାଳାନଳ ସମ !
ଜଡ଼ରୂପୀ ହେ ଅନଳ ଅଗ୍ନି !
ତବ ପଦେ ନମୋନମ !
(ଜଡ଼–ଦର୍ଶନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ‘ଦର ହ୍ରାସ ନ କଲେ ରାଜ୍ୟବ୍ୟାପୀ ପ୍ରତିବାଦ ଚେତାବନୀ’

ଭୁବନେଶ୍ୱର, ୧୪।୬(ସୁନିତ୍ ମିଶ୍ର)




ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ବିଜେଡି ପକ୍ଷରୁ ବୁଧବାର ରାଜଭବନ ସମ୍ମୁଖରେ ଦିଆଯାଇଥିବା ଧାରଣାରେ ଦଳର ନେତା ଓ କର୍ମୀ ।

ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ବିଜେଡି ପକ୍ଷରୁ ବୁଧବାର ରାଜଭବନ ସମ୍ମୁଖରେ ଧାରଣା ଦିଆଯାଇଛି। ଗ୍ୟାସ୍ ଦର ନ କମିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ମଧ୍ୟ ଶାସକ ଦଳର ନେତାମାନେ ଚେତାବନୀ ଦେଇଛନ୍ତି। ବିଜେଡି ପକ୍ଷରୁ କରାଯାଇଥିବା ଏହି ଆନ୍ଦୋଳନରେ ଶତାଧିକ ମହିଳା, ଯୁବ, ଛାତ୍ର ନେତା ଓ କର୍ମୀମାନେ ଏକାଠି ହୋଇଥିଲେ। ସମସ୍ତେ ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ସ୍ଲୋଗାନ ଦେବା ସହ କେନ୍ଦ୍ର ସରକାର ବିରୋଧରେ ଗର୍ଜିଥିଲେ। ଏଠାରେ ମହିଳାମାନେ ଗ୍ୟାସ୍ ସିଲିଣ୍ଡର ଥୋଇବା ସହ ଚୁଲି ଜାଳି ପ୍ରତିବାଦ କରିଥିଲେ। ଯଦି କେନ୍ଦ୍ର ସରକାର ଗ୍ୟାସ୍ ଦର ତୁରନ୍ତ ହ୍ରାସ ନ କରନ୍ତି ତେବେ ଆଗାମୀ ଦିନରେ ବିଜେଡି ଏହି ପ୍ରତିବାଦ ରାଜ୍ୟର ସମସ୍ତ ଆର୍‌ଡିସି, ଜିଲାପାଳ, ବ୍ଲକ, ପଞ୍ଚାୟତ ଏବଂ ଗ୍ରାମାଞ୍ଚଳ ସ୍ତରରେ କରିବ ବୋଲି ଚେତାବନୀ ଦିଆଯାଇଛି।

ବିଜେଡି ଅଭିଯୋଗ କରିଛି, କେନ୍ଦ୍ର ସରକାରଙ୍କ ଉଜ୍ଜ୍ୱଳା ଯୋଜନା ଏବେ ଅନ୍ଧାର ଯୋଜନାରେ ପରିଣତ ହୋଇଛି। ୨୦୧୪ରେ ଯେଉଁ ରନ୍ଧନ ଗ୍ୟାସ୍ ସିଲିଣ୍ଡର ପିଛା ଦର ୪୧୦ ଟଙ୍କା ଥିଲା ତାହା ଏବେ ୧୧୩୦ ଟଙ୍କାରେ ପହଞ୍ଚିଛି। ଗତ ୯ ବର୍ଷ ମଧ୍ୟରେ ଏଲ୍‌ପିଜି ଦର ୩ ଗୁଣା ବୃଦ୍ଧି ପାଇସାରିଲାଣି। ଫଳରେ ଓଡ଼ିଶାର ଅନେକ ପରିବାର ଏବେ ସେମାନଙ୍କ ଉଜ୍ଜ୍ୱଳା ସିଲିଣ୍ଡର ଫେରାଇବାକୁ ଲାଗିଲେଣି। ରାଜ୍ୟର ମହିଳାମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ସବୁବେଳେ କାମ କରିଆସୁଥିବା ବିଜେଡି ତୁରନ୍ତ ଏଲ୍‌ପିଜି ଦର ହ୍ରାସ କରିବା ପାଇଁ ଦାବି କରିଆସୁଛି। ହେଲେ କେନ୍ଦ୍ର ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। କେନ୍ଦ୍ର ସରକାରଙ୍କ ଏଭଳି ଦରବୃଦ୍ଧି ପ୍ରତ୍ୟେକ ମହିଳାଙ୍କ ହାଣ୍ଡିଶାଳ ଉପରକୁ ମାଡ଼। ରାଜ୍ୟର ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ରାଜ୍ୟର ସାଢେ ୪ କୋଟି ଲୋକଙ୍କ ଯନ୍ତ୍ରଣା ସୃଷ୍ଟି କରିଛି। ୨୦୨୨ରେ ବର୍ଷରେ ୩ ଗୁଣା ଗ୍ୟାସ୍ ଦର ବୃଦ୍ଧି ମଧ୍ୟ ଗ୍ରହଣଯୋଗ୍ୟ ନୁହେଁ। ଏହି ଦରବୃଦ୍ଧି କାରଣରୁ ରାଜ୍ୟର ୯୦ ଲକ୍ଷ ମହିଳା ଗ୍ୟାସ୍ ରିଫିଲ୍ କରିପାରୁ ନାହାନ୍ତି। ନ୍ୟାଶନାଲ ଫ୍ୟାମିଲି ହେଲ୍‌ଥ ସର୍ଭେ(ଏନ୍‌ଏଫ୍‌ଏଚ୍‌ଏସ୍) ମୁତାବକ ବହୁ ମାତ୍ରାରେ ଏଲ୍‌ପିଜି ସିଲିଣ୍ଡର ବ୍ୟବହାର ଛାଡ଼ି ଦେଇଛନ୍ତି। ତେଣୁ ମହିଳାଙ୍କ ପାଇଁ କରାଯାଇଥିବା ଉଜ୍ଜ୍ୱଳା ଯୋଜନା ଫେଲ୍ ମାରିଥିବା ଜଣାପଡ଼ିଛି। ଦେଶର ୯୮ ପ୍ରତିଶତ ଘରେ ଏଲ୍‌ପିଜି ସିଲିଣ୍ଡର ବ୍ୟବହାର ହୋଇଥିବା କେନ୍ଦ୍ରସରକାର ଦାବି କରୁଥିବା ବେଳେ ସିଏଜି ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ଅଡିଟ୍ କରି ଏହି ଯୋଜନାରେ ହିତାଧିକାରୀ ସେମିତି ଅଧିକ ନ ଥିବାବେଳେ ଯେତିକି ଲୋକ ଗ୍ୟାସ୍ ସଂଯୋଗ ନେଇଛନ୍ତି ସେମାନେ ରିଫିଲିଂ ମଧ୍ୟ ଠିକ୍ ଭାବେ କରୁନାହାନ୍ତି। କହିବାକୁ ଗଲେ ଦେଶରେ ଉଜ୍ଜ୍ୱଳା ଯୋଜନାର ପ୍ରଦର୍ଶନ ସେତେଟା ଆଖିଦୃଶିଆ ନୁହେଁ ବୋଲି ରପୋର୍ଟରେ ପ୍ରକାଶ କରିଛନ୍ତି। ଉଜ୍ଜ୍ୱଳା ଗ୍ୟାସ୍ ଦର ଯେପରି ଦିନକୁ ଦିନ ବୃଦ୍ଧି ପାଇବାରୁ ଗରିବ ଲୋକଙ୍କ ପାଇଁ ପୁନଃ ରିଫିଲିଂ ସହଜ ହେଉ ନାହିଁ । ଫଳରେ ଏବେ ପ୍ରାୟ ଗ୍ୟାସ୍ ସିଲିଣ୍ଡର ଫେରାଇବାରେ ଲାଗିଛନ୍ତି। ହେଲେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଉପରେ ଏହାର କିଛି ଫରକ ପଡୁନାହିଁ। ଦର ହ୍ରାସ କ୍ଷେତ୍ରରେ କେନ୍ଦ୍ର ସରକାର ତୁରନ୍ତ ନିଷ୍ପତ୍ତି ନେଲେ ରାଜ୍ୟର ବହୁ ମହିଳା ରକ୍ଷା ପାଇଯିବେ।

## ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ଗର୍ଜିଲା ବିଜେଡି

ଅନ୍ୟପଟେ ବିଜେଡିର ଏକ ପ୍ରତିନିଧି ଦଳ ଭୁବନେଶ୍ୱର ଜିଲା ସଭାପତି ସୁଶାନ୍ତ ରାଉତଙ୍କ ନେତୃତ୍ୱରେ ରାଜ୍ୟପାଳଙ୍କୁ ଭେଟି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେଥିରେ ସେମାନେ ଉଲ୍ଲେଖ କରିଛନ୍ତି, ବିଜେଡି ସବୁବେଳେ ରାଜ୍ୟର ସାଢେ ୪ କୋଟି ଲୋକଙ୍କ ସାଙ୍ଗରେ ଅଛି। ତେଣୁ କେନ୍ଦ୍ର ସରକାର ଗ୍ୟାସ୍ ଦର ବୃଦ୍ଧିକରି ଯେଉଁ ଅଧିକ ଟଙ୍କା ନେଇଛନ୍ତି ତାକୁ ଲୋକମାନଙ୍କୁ ଫେରାନ୍ତୁ। ଉକ୍ତ ଟଙ୍କା ଡିବିଟି ମାଧ୍ୟମରେ ମହିଳାମାନଙ୍କ ବ୍ୟାଙ୍କ ଖାତାକୁ ଫେରାନ୍ତୁ ନଚେତ୍ ସେମାନଙ୍କୁ ମାଗଣା ଗ୍ୟାସ୍ ପ୍ରଦାନ କରନ୍ତୁ। ଲୋକମାନେ ଯେଉଁ ଦର ଦେଇ ଗ୍ୟାସ୍ କିଣିପାରିବେ ସେତିକି ଟଙ୍କା ଗ୍ୟାସ୍ ସିଲିଣ୍ଡର ପିଛା କରିବାକୁ ବିଜେଡି ପକ୍ଷରୁ ଦାବି କରାଯାଇଛି।

# ୧୭ରେ ଓଡ଼ିଶା ଆସିବେନି ଶାହ, ୨୨ରେ ଆସିବେ ନଡ୍ଡା

ଭୁବନେଶ୍ୱର, ୧୪।୬(ସୁନିତ୍ ମିଶ୍ର)



ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହଙ୍କ ଆସନ୍ତା ୧୭ରେ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। ହେଲେ ଏବେ ତାହା ବାତିଲ କରିଦିଆଯାଇଛି। ପୂର୍ବରୁ ମଧ୍ୟ ଶାହଙ୍କ ଭଦ୍ରକ ଆସିବା ସମ୍ପର୍କିତ ଖବର ଦଳ ପକ୍ଷରୁ ଦିଆଯାଇଥିବା ବେଳେ ତାକୁ ମଧ୍ୟ ପରବର୍ତ୍ତୀ ସମୟରେ ସ୍ଥଗିତ ରଖାଯାଇଥିଲା। ଆରବ ସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ‘ବିପର୍ଯ୍ୟୟ’ ଗୁରୁବାର ଗୁଜରାଟର ଉପକୂଳବର୍ତ୍ତୀ ସ୍ଥଳଭାଗ ଛୁଇଁବା ସହ ବ୍ୟାପକ ମାତ୍ରାରେ କ୍ଷୟକ୍ଷତି ଘଟାଇବାର ସମ୍ଭାବନା ରହିଥିବା ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି । ଏହି ବିପର୍ଯ୍ୟୟ ସ୍ଥିତିର ମୁକାବିଲା କରିବା ସହ ଧନଜୀବନ କ୍ଷୟକ୍ଷତିକୁ ହ୍ରାସ କରିବା ପାଇଁ କେନ୍ଦ୍ର ସରକାରଙ୍କ ତରଫରୁ ବ୍ୟାପକ ପ୍ରସ୍ତୁତ କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଶାହା ମିଳିତ ଭାବେ ପାଣିପାଗ ବିଭାଗ, ଏନ୍‌ଡିଆରଏଫ୍ ସହ ମିଶି ପ୍ରତି ମୁହୂର୍ତ୍ତରେ ସ୍ଥିତିର ସମୀକ୍ଷା କରୁଛନ୍ତି। ପାଖାପାଖି ୪୦ ହଜାରରୁ ଊର୍ଦ୍ଧ୍ୱ ଲୋକ ସ୍ଥାନାନ୍ତରିତ ହୋଇସାରିଛନ୍ତି। ବିପର୍ଯ୍ୟୟ ବାତ୍ୟାର ଭୟାବହତାକୁ ଉପଲବ୍ଧି କରିବା ସହ ସ୍ଥିତିର ମୁକାବିଲା କରିବା ଦୃଷ୍ଟିକୋଣରୁ ଶାହାଙ୍କ ୧୭ ତାରିଖ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଥିବା ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି ସଙ୍କଟ ଟଳିବା ପରେ ଖୁବ୍‌ଶୀଘ୍ର ଶାହାଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମର ତାରିଖ ଧାର୍ଯ୍ୟ ହେବ। ଅପରପକ୍ଷରେ ଆସନ୍ତା ୨୨ ତାରିଖରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ କଳାହାଣ୍ଡି ଗସ୍ତ କାର୍ଯ୍ୟକ୍ରମରେ କୌଣସି ପରିବର୍ତ୍ତନ ହୋଇନାହିଁ ବୋଲି ପୃଥ୍ୱୀରାଜ ସୂଚନା ଦେଇଛନ୍ତି।

# ୫ ବର୍ଷ ପରେ ପାଚିକା, ସହାୟିକାଙ୍କ କଥା ମନେପଡ଼ିଲା: ଭାଜପା

ଭୁବନେଶ୍ୱର, ୧୪।୬(ସୁନିତ୍ ମିଶ୍ର)

ଓଡିଶା ସରକାର ରାଜ୍ୟ ବିଦ୍ୟାଳୟଗୁଡିକରେ ନିୟୋଜିତ ହୋଇଥିବା ୧ ଲକ୍ଷ ୯ ହଜାର ପାଚିକା ଏବଂ ସହାୟିକାଙ୍କୁ ଶାଢୀ ପାଇଁ ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୫୦୦ ଟଙ୍କା ପ୍ରଦାନ କରିଛନ୍ତି। ୨୦୧୭-୧୮ରେ ସ୍କୁଲରେ ନିୟୋଜିତ ମହିଳାଙ୍କ ପାଇଁ ଶାଢୀ ଭତ୍ତା ବାବଦରେ ୨୫୦ ଟଙ୍କା ଲେଖାଏ ପ୍ରଦାନ କରିଥିଲେ। ଦୀର୍ଘ ୫ ବର୍ଷ ପରେ ରାଜ୍ୟ ସରକାରଙ୍କୁ ସେମାନଙ୍କ କଥା ମନେ ପଡିଛି ବୋଲି ଭାଜପା ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ମୃତି ପଟ୍ଟନାୟକ କହିଛନ୍ତି।

ସ୍ମୃତି ଟୁଇଟ୍ କରି କହିଛନ୍ତି, ରାଜ୍ୟ ସରକାର ପାଚିକା ଓ ସହାୟିକାଙ୍କ ସେବା ଏବଂ ଦାୟିତ୍ୱକୁ ନ ବୁଝି ଏଭଳି ତାଙ୍କ ସହ ପ୍ରତାରଣା କରିଛନ୍ତି। ଅନ୍ୟ ରାଜ୍ୟଗୁଡିକରେ ପାଚିକା ଏବଂ ସହାୟିକାମାନେ ଅଧିକ ସହାୟତା ରାଶି ପାଉଥିବା ବେଳେ ଓଡିଶାରେ କିନ୍ତୁ ଏହାର ବ୍ୟତିକ୍ରମ ଦେଖାଯାଇଛି। ଭାରତ ସରକାର ୧୦୦୦ ଟଙ୍କା ପ୍ରଦାନ କରୁଥିବା ବେଳେ ରାଜ୍ୟ ସରକାର ମାତ୍ର ୪୦୦ ଟଙ୍କା ମାସିକ ପ୍ରଦାନ କରୁଛନ୍ତି। ପିଏମ ପୋଷଣ ଯୋଜନାରେ କାର୍ଯ୍ୟରତ ପାଚିକା ଏବଂ ସହାୟିକାମାନଙ୍କୁ ପୁଡୁଚେରୀ ସରକାରଙ୍କ ଦ୍ୱାରା ମାସିକ ୧୦,୦୦୦ ଟଙ୍କା, ହରିୟାଣାରେ ୭୦୦୦ ଟଙ୍କା, ଉତ୍ତରାଖଣ୍ଡରେ ୩୦୦୦ ଟଙ୍କା, ଗୁଜରାଟରେ ୨୫୦୦ ଟଙ୍କା, ସେହିପରି ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶରେ ୨୦୦୦ ଟଙ୍କା ପ୍ରଦାନ କରାଯାଉଛି। ସରକାର ରାଜ୍ୟର ୫୦,୮୬୨ଟି ବିଦ୍ୟାଳୟର ନିୟୋଜିତ ଥିବା ୧.୦୯ ଲକ୍ଷ ପାଚିକା ଏବଂ ସହାୟିକାଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସେମାନଙ୍କୁ ଅନ୍ୟ ରାଜ୍ୟ ତୁଳନାରେ ଅତିରିକ୍ତ ସହାୟତା ପ୍ରଦାନ କରନ୍ତୁ ବୋଲି ସ୍ମୃତି କହିଛନ୍ତି।

# ସାଧାରଣ ଲୋକ ହଇରାଣ ହେଲେ ସେମାନଙ୍କର କିଛି ଯାଏ ଆସେ ନାହିଁ: ପୃଥ୍ୱୀରାଜ




ବିଦ୍ୟୁତ୍ କାଟ ପ୍ରତିବାଦରେ ବୁଧବାର କଟକ ଟିପିସିଓଡିଏଲ୍ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ପକ୍ଷରୁ ଦିଆଯାଇଥିବା ଧାରଣା ।

ଭୁବନେଶ୍ୱର, ୧୪।୬(ସୁନିତ୍ ମିଶ୍ର)

ଖରାଦିନରେ ବିଜୁଳି କାଟ ଲୋକମାନଙ୍କୁ ବହୁ ବାଧୁଛି। ହେଲେ ଏହାର କିଛି ସମାଧାନ ନାହିଁ। ଯେତେ ଯାହା ହେଲେ ମଧ୍ୟ ପ୍ରତ୍ୟେକ ଦିନ ଗାଁଠାରୁ ସହର ପର୍ଯ୍ୟନ୍ତ ସବୁଠି ବାରମ୍ବାର ବିଜୁଳି କାଟ ହେଉଥିବା ଦେଖିବାକୁ ମିଳୁଛି। ତେବେ ଅଘୋଷିତ ବିଜୁଳି କାଟକୁ ନେଇ ଭାଜପା ସବୁ ଟାଟା ପାୱାର ଅଫିସ୍ ଆଗରେ ପ୍ରତିବାଦ କରିଛି। ଭାଜପା ପକ୍ଷରୁ ହେବାକୁ ଥିବା ୨ ଦିନିଆ ପ୍ରତିବାଦ ସଭା ମଧ୍ୟରୁ ପ୍ରଥମ ଦିନରେ କଟକ ଟାଟା ପାୱାର କାର୍ଯ୍ୟାଳୟ ଆଗରେ ବିଞ୍ଚଣାରେ ବିଞ୍ଚିହୋଇ ବିରୋଧୀ ଦଳର ନେତାମାନେ ବିକ୍ଷୋଭ କରିଛନ୍ତି। ଦଳ ପକ୍ଷରୁ ଗୁରୁବାର ରାଜ୍ୟର ସବୁ ଟାଟା ପାୱାର କାର୍ଯ୍ୟାଳୟ ଆଗରେ ମଧ୍ୟ ଏଭଳି ପ୍ରତିବାଦ କରାଯିବ। ତେବେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ବିଜୁଳି ବିଭ୍ରାଟକୁ ନେଇ ଭାଜପା ଆନ୍ଦୋଳନ କରିଛି। ଏହାକୁ କାଉଣ୍ଟର କରିବା ଲାଗି ବିଜେଡି ଗ୍ୟାସ୍ ଦର ବୃଦ୍ଧି କଥା ଉଠାଉଛି। ଏକ ମସ୍ତବଡ଼ ଭୁଲ୍ କରୁଛନ୍ତି। ଓଡ଼ିଶାର ଲୋକଙ୍କ ଆଗରେ ପ୍ରମାଣିତ କରୁଛନ୍ତି ଯେ ସେମାନେ କମ୍ପାନୀ ପ୍ରୀତିରେ ଅଛନ୍ତି। ବିଦ୍ୟୁତ୍ ବିଭ୍ରାଟ ଯୋଗୁ ସାଧାରଣ ଲୋକ ହଇରାଣ ହେଲେ ମଧ୍ୟ ସେମାନଙ୍କର କିଛି ଯାଏ ଆସେ ନାହିଁ ବୋଲି ଭାଜପା ପକ୍ଷରୁ କୁହାଯାଇଛି।

## ଟାଟା ପାୱାର କାର୍ଯ୍ୟାଳୟ ଆଗରେ ପ୍ରତିବାଦକଲା ଭାଜପା

# ବିଦ୍ୟୁତ୍ କାଟ ପ୍ରତିବାଦରେ ୧୯ରେ ଗ୍ରୀଡ୍‌କୋ ଅଫିସ୍ ଘେରିବ କଂଗ୍ରେସ

ଭୁବନେଶ୍ୱର, ୧୪।୬(ସୁନିତ୍ ମିଶ୍ର)

ବାରମ୍ବାର ବିଦ୍ୟୁତ୍ କାଟ ଏବଂ ଅହେତୁକ ବିଦ୍ୟୁତ୍ ଦର ବୃଦ୍ଧି ପ୍ରତିବାଦରେ ଆସନ୍ତା ୧୯ରେ ରାଜ୍ୟ ଗ୍ରୀଡ୍‌କୋ ଅଫିସ ସମ୍ମୁଖରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯିବା ଲାଗି ନିଷ୍ପତ୍ତି ନିଆଯାଇଛି। ବକେୟା ବିଲ୍ ଉପରେ ସୁଧ କଷି ଲୋକଙ୍କୁ ଲୁଣ୍ଠନ କରିବା କାମରୁ ଟାଟା ପାୱାର ନିବୃତ୍ତ ରୁହନ୍ତୁ। ବାରମ୍ବାର ପ୍ରତିଶ୍ରୁତି ଦେବା ସତ୍ତ୍ୱେ ବିଜେଡି ସରକାର ଗୋଟିଏ ବି କଥା ପାଳନ କରିପାରିଲେ ନାହିଁ। ଜନଶୋଷଣ ଏ ସରକାରର ମୂଳମନ୍ତ୍ର ପାଲଟିଛି। ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ଓ ସଚିବମାନେ ବାରମ୍ବାର କହୁଛନ୍ତି, ଓଡ଼ିଶା ଏକ ବିଦ୍ୟୁତ୍ ବଳକା ରାଜ୍ୟ। କିନ୍ତୁ କାହିଁକି ଏଠି ବିଦ୍ୟୁତ୍ ଦାମ ୟୁନିଟ୍ ପିଛା ଏତେ ଅଧିକ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି।

କଂଗ୍ରେସ ଭବନଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଶରତ କହିଛନ୍ତି, ରାଜ୍ୟ ସରକାର ୨୦ ହଜାର କୋଟି ଟଙ୍କା ବିଦ୍ୟୁତ୍ ଭିତ୍ତିଭୂମିର ଉନ୍ନତୀକରଣ କରିବା ପାଇଁ ଗତ ୧୦ ବର୍ଷ ଭିତରେ ଖର୍ଚ୍ଚ କରିଥିବା ଦାବି କରୁଛନ୍ତି। ହେଲେ ଏହି ଟଙ୍କା ମଧ୍ୟରୁ ୫ ହଜାର କୋଟି ଟଙ୍କା ଟାଟା ପାୱାରକୁ ଭିତ୍ତିଭୂମି ସଜାଡ଼ିବା ଓ ଉନ୍ନତୀକରଣ କରିବା ପାଇଁ ଦିଆଯାଇଥିବା କୁହାଯାଇଛି। ତେବେ ବାକି ୧୫ ହଜାର କୋଟି ଟଙ୍କା କେଉଁ କ୍ଷେତ୍ରରେ ଖର୍ଚ୍ଚ ହୋଇଛି ଏବଂ କେଉଁ ବର୍ଷରେ କେତେ ଯାଇଛି ତାହାର ଏକ ସମ୍ପୂର୍ଣ୍ଣ ହିସାବ ରାଜ୍ୟ ସରକାର ଦିଅନ୍ତୁ। ଯଦି ରାଜ୍ୟ ସରକାରଙ୍କ ସ୍ୱଚ୍ଛତା ପ୍ରତି ବିଶ୍ୱାସ ଅଛି ତେବେ ଅବିଳମ୍ବେ ଏକ ଶ୍ୱେତପତ୍ର ପ୍ରକାଶ କରନ୍ତୁ ବୋଲି ସେ ଦାବି କରିଛନ୍ତି। ରାଜ୍ୟରେ ଲୋ ଭୋଲ୍‌ଟେଜ୍ ଯୋଗୁ ଆଲୁଅ ଥାଇ ମଧ୍ୟ ଜନସାଧାରଣ ଅନ୍ଧାରର କଷ୍ଟ ପାଉଛନ୍ତି। ଟାଟା ପାୱାର ପାଖରେ ଏ ସରକାର ସମ୍ପୂର୍ଣ୍ଣ ବନ୍ଧା ପଡ଼ିଛନ୍ତି। ରାଜନୈତିକ ପାଣ୍ଠି ଆଦାୟ ଯୋଗୁ ବର୍ତ୍ତମାନ ଏ ପରିସ୍ଥିତି ସୃଷ୍ଟି ହୋଇଛି। ଟାଟା ପାୱାରର ଗୁଣ୍ଡାମି ଓ ଜୁଲମ ଓଡ଼ିଶାରେ ଚଳିବ ନାହିଁ ବୋଲି ଶରତ କହିଛନ୍ତି।

# ବିହନ ଗ୍ରାମ ଯୋଜନା ଫେଲ୍ ମାରିଛି : କଂଗ୍ରେସ

ଭୁବନେଶ୍ୱର, ୧୪।୬(ଅନିଲ ଦାସ)

ପ୍ରତିବର୍ଷ ବିହନ ଗ୍ରାମ ଯୋଜନାରେ ରାଜକୋଷରୁ ବହୁ କୋଟି ଟଙ୍କା ବ୍ୟୟ କରାଯାଉଛି। ଆଜି ପର୍ଯ୍ୟନ୍ତ ଫସଲର ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧି ପାଇଁ ଆବଶ୍ୟକ ବିହନର ପ୍ରତିବଦଳ ହାର ବୃଦ୍ଧି କରାଗଲା ନାହିଁ। ସରକାରଙ୍କ ବିହନ ଗ୍ରାମ ଯୋଜନା ସମ୍ପୂର୍ଣ୍ଣ ଫେଲ୍ ମାରିଛି । ଚଳିତବର୍ଷ ଚାଷୀ ବିହନ ପାଇବାରେ ଘୋର ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ ପଟ୍ଟନାୟକ କହିଛନ୍ତି। ଏଥିପାଇଁ ସେ ରାଜ୍ୟ ସରକାରଙ୍କୁ ଦାୟୀ କରିଛନ୍ତି। ଗତ ୨ ବର୍ଷ ହେଲା ସରକାର ଚାଷୀଙ୍କୁ ରିହାତି ମୂଲ୍ୟରେ ବିହନ ଯୋଗାଇବାରେ ଯେଉଁ ଓଟିପି ବ୍ୟବସ୍ଥା କରିଛନ୍ତି ଭିତ୍ତିଭୂମି ନ ଥିବା ହେତୁ ଚାଷୀ ବିହନ ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟ ସରକାର ଯେଉଁ ଓଟିପି ବ୍ୟବସ୍ଥା କରିଛନ୍ତି, ତାହା ସ୍ମାର୍ଟଫୋନ୍ ନ ଥିବା ଅଞ୍ଚଳରେ ଚାଷୀଙ୍କ ନିକଟରେ ପହଞ୍ଚି ପାରିନାହିଁ । ଗ୍ରାମାଞ୍ଚଳର ସବୁ ସ୍ଥାନକୁ ଇଣ୍ଟରନେଟ୍ ପହଞ୍ଚି ପାରୁନାହିଁ। ଏବେ ସୁଦ୍ଧା ରାଜ୍ୟର ୫ ହଜାର ଗ୍ରାମକୁ ମଧ୍ୟ ମୋବାଇଲ ଟାୱାର ସଂଯୋଗ କରାଯାଇ ନାହିଁ। ଏବେ ରାଜ୍ୟରେ ମୌସୁମୀର ପ୍ରାକ୍ ସୂଚନା ଜଣାପଡ଼ିଥିଲେ ମଧ୍ୟ ସରକାର ଚାଷୀଙ୍କୁ ସରକାରୀ ବିହନ ଯୋଗାଇପାରୁ ନାହାନ୍ତି। କେବଳ ପ୍ରଚାର ଓ ପ୍ରସାର ସର୍ବସ୍ୱ ହୋଇଛି। ବାସ୍ତବତା ଦୃଷ୍ଟିରୁ ଚାଷୀ ଏବେ ବିହନ ପାଉନାହିଁ। ଚାଷୀଙ୍କ ନିକଟରେ କିପରି ସହଜ ଉପାୟରେ ଉନ୍ନତମାନର ବିହନ ପହଞ୍ଚା ଯାଇପାରିବ ଏବଂ ଓଡ଼ିଶାରେ ବିହନ ପ୍ରତିବଦଳ ହାର ଅଭିବୃଦ୍ଧି କରାଯାଇ ପାରିବ ସେ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି।

## ବିହନ ପାଇଁ ଚିନ୍ତାରେ ଚାଷୀ

**MCL** ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିଏବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in

**ବିଜ୍ଞପ୍ତି**

“ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ ।”

R-5154

**ଡାକ ବିଭାଗ (ସିଭିଲ ୱିଙ୍ଗ୍)**

**ଶତକଡ଼ା ଦର ଇ-ଟେଣ୍ଡର ଆମନ୍ତ୍ରଣକାରୀ ପ୍ରେସ୍ ବିଜ୍ଞପ୍ତି**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ନିର୍ବାହୀ ଯନ୍ତ୍ରୀ (ସି), ଡାକ ସିଭିଲ ଡିଭିଜନ, ଭୁବନେଶ୍ୱର ନିମ୍ନଲିଖିତ କାର୍ଯ୍ୟ ପାଇଁ ଅନ୍‌ଲାଇନ ଶତକଡ଼ା ଦର କମ୍ପୋଜିଟ୍ ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି:

୧. ଏନ୍‌ଆଇଟି ନଂ.୬/ସିଡିବି/୨୦୨୩-୨୪। କାର୍ଯ୍ୟର ନାମ: ଭଦ୍ରକ ଡିଭିଜନ ଅଧୀନରେ ସିମୁଳିଆଠାରେ ମଲ୍ଟି ହ୍ୟାଣ୍ଡେଡ୍ ସ୍ମଲ୍ ପୋଷ୍ଟ ଅଫିସ୍‌ର ନିର୍ମାଣ । ଅଟକଳ ମୂଲ୍ୟ: ଟ.୭୯,୪୧,୨୮୪.୦୦ । ଅମାନତ ରାଶି: ଟ.୧,୫୮,୮୨୬.୦୦ । ସମାପ୍ତି ଅବଧି: ୧୮୦ (ଏକଶହ ଅଶୀ) ଦିନ । ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ତା୨୩।୦୬।୨୦୨୩ରିଖ, ୧୨.୦୦ ଘଟିକା ପର୍ଯ୍ୟନ୍ତ ।

୨. ଏନ୍‌ଆଇଟି ନଂ.୭/ସିଡିବି/୨୦୨୩-୨୪। କାର୍ଯ୍ୟର ନାମ: ମୟୂରଭଞ୍ଜ ଡିଭିଜନ ଅଧୀନରେ କରଞ୍ଜିଆଠାରେ ମଲ୍ଟି ହ୍ୟାଣ୍ଡେଡ୍ ସ୍ମଲ୍ ସାଇଜ୍ ପୋଷ୍ଟ ଅଫିସ୍‌ର ନିର୍ମାଣ । ଅଟକଳ ମୂଲ୍ୟ: ଟ.୬୩,୨୧,୧୨୨.୦୦ । ଅମାନତ ରାଶି: ଟ.୧,୨୬,୪୨୨.୦୦ । ସମାପ୍ତି ଅବଧି: ୧୮୦ (ଏକଶହ ଅଶୀ) ଦିନ । ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ତା୨୩।୦୬।୨୦୨୩ରିଖ, ୧୨.୦୦ ଘଟିକା ପର୍ଯ୍ୟନ୍ତ ।

୩. ଏନ୍‌ଆଇଟି ନଂ.୮/ସିଡିବି/୨୦୨୩-୨୪। କାର୍ଯ୍ୟର ନାମ: ବଲାଙ୍ଗୀର ଡିଭିଜନ ଅଧୀନରେ ବଲାଙ୍ଗୀର କୋର୍ଟ ସ୍ମଲ୍ ପୋଷ୍ଟ ଅଫିସ୍‌ର ନିର୍ମାଣ । ଅଟକଳ ମୂଲ୍ୟ: ଟ.୪୨,୭୩,୪୨୮.୦୦ । ଅମାନତ ରାଶି: ଟ.୮୫,୪୬୯.୦୦ । ସମାପ୍ତି ଅବଧି: ୧୫୦ (ଏକଶହ ପଚାଶ) ଦିନ । ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ତା୨୩।୦୬।୨୦୨୩ରିଖ, ୧୨.୦୦ ଘଟିକା ପର୍ଯ୍ୟନ୍ତ ।

୪. ଏନ୍‌ଆଇଟି ନଂ.୯/ସିଡିବି/୨୦୨୩-୨୪। କାର୍ଯ୍ୟର ନାମ: ଭୁବନେଶ୍ୱର ଡିଭିଜନ ଅଧୀନରେ ଆଇଆର୍‌ସି ଭିଲେଜ୍, ଭୁବନେଶ୍ୱରଠାରେ ସ୍ମଲ୍ ପୋଷ୍ଟ ଅଫିସ୍‌ର ନିର୍ମାଣ । ଅଟକଳ ମୂଲ୍ୟ: ଟ.୫୩,୩୮,୨୪୦.୦୦ । ଅମାନତ ରାଶି: ଟ.୧,୦୬,୭୬୫.୦୦ । ସମାପ୍ତି ଅବଧି: ୧୮୦ (ଏକଶହ ଅଶୀ) ଦିନ । ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ତା୨୩।୦୬।୨୦୨୩ରିଖ, ୧୨.୦୦ ଘଟିକା ପର୍ଯ୍ୟନ୍ତ ।

ବିଡ୍ ଫର୍ମ ଏବଂ ଅନ୍ୟାନ୍ୟ ବିବରଣୀ ୱେବ୍‌ସାଇଟ୍ https://dopcivil.euniwizarde.comରୁ ହାସଲ କରାଯାଇପାରିବ।

ସ୍ୱା./- ନିର୍ବାହୀ ଯନ୍ତ୍ରୀ (ସି)
ଡାକ ସିଭିଲ ଡିଭିଜନ, ଭୁବନେଶ୍ୱର

**कार्यपालक अभियंता का कार्यालय**
**पथ निर्माण विभाग, पथ प्रमंडल, जामताड़ा**

**ई-प्रोक्योरमेंट सूचना सं०-02 / 2023-24**

ई-निविदा प्रसंग- RCD/JAMTARA/ 548 दिनांक 12.06.2023

| | | |
|---|---|---|
| 1 | कार्य का नाम | Construction of ROB in lieu of Existing Level Crossing No.13/B/E 266.650 Km at Jamtara-Karmatand Laharjori Road (MDR) under Setu Bandhan Sub Scheme (CRIF) in Jamtara District for the year 2023-24 |
| 2 | प्राक्कलित राशि | रू 5395.00 लाख (तिरपन करोड़ पंचानबे लाख) |
| 3. | कार्य पूर्ण करने की अवधि | 24 महीना |
| 4. | ई-निविदा प्राप्त करने की अंतिम तिथि एंव समय | 22.07.2023 के दोपहर 12:00 बजे तक |
| 5 | ई-निविदा का वेबसाईट पर प्रकाशन की तिथि एंव समय | 23.06.2023 के अपराहन 4:30 बजे से |
| 6. | ई-निविदा आमंत्रित करने वाले कार्यालय का नाम एंव पता | कार्यपालक अभियंता, पथ प्रमंडल, जामताड़ा। |
| 7. | ई-प्रोक्यूरमेंट अधिकारी का संपर्क नं0 / मोबाईल नं0 | 8210084525 |
| 8. | ई-प्रोक्यूरमेंट सेल का संपर्क सहायता नम्बर | 0651-2401010 |

नोटः- प्राक्कलित राशि घट-बढ़ सकती हैं। निविदा संबंधी अन्य जानकारी http://jharkhandtenders.gov.in पर देखा जा सकता है।

ह0/- कार्यपालक अभियंता
पथ निर्माण विभाग, पथ प्रमंडल, जामताड़ा

PR 299908 Road (23-24)_D

**IIIT Bhubaneswar**
Imagine, Innovate, Inspire
(A University established by Government of Odisha)

**Admission Announcement**
**B.Tech. Programme**

IIIT Bhubaneswar reserves 50% seats for Odisha category candidates and the counseling for admission shall be done by the Institute directly. The admission for the rest of the seats shall be done by JoSAA 2023.
Applications are invited for admission to B.Tech. Programme under **Odisha category** in the following disciplines :

- Computer Science & Engineering
- Electronics & Telecommunication Engineering
- Electrical & Electronics Engineering
- Information Technology
- Computer Engineering

Admission to the above disciplines shall be strictly done only through JEE (Main) 2023 Rank.
For Admission Bulletin and more details visit the following link : **https://www.iiit-bh.ac.in/admission**

**Phone : 0674-2653305**
**E-mail : btechadmission@iiit-bh.ac.in, Home page : www.iiit-bh.ac.in**
**IIIT Bhubaneswar, Gothapatna, PO: Malipada, Bhubaneswar-751003, India**

**ODISHA SUB-ORDINATE STAFF SELECTION COMMISSION**
**ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ**
ବ୍ଲକ ନଂ-3 ଏବଂ 5, ୟୁନିଟ-1, ଭୁବନେଶ୍ୱର-751009
ଦୂରଭାଷ-0674-2597149, 2597152 (ଅଫିସ), ଫାକ୍ସ-0674-2597155, ୱେବସାଇଟ:www.osssc.gov.in

**BIDDING**

No.IIE-26/2023-1055/OSSSC Date:13.06.2023

**FOR SELECTION OF SERVICE PROVIDERS FOR SERVICES RELATING TO RECRUITMENT EXAMINATIONS**

**No.T:**The Odisha Sub-ordinate Staff Selection Commission, Bhubaneswar, set up by the Government of Odisha to conduct recruitment examinations for District Cadre Group- B & C Civil posts, invites Bid for selection of Service Providers for the following examination related services.
1. **Examination**:- DTP Typing (bilingual - English/ Odia), designing, printing and supply of Question Booklets and Two Part Carbonless blank OMR Answer Sheets.
2. **Post Examination**:- Scanning of OMR Answer Sheets, validation of data, evaluation, verification and authentication of roll numbers, processing, preparation of merit list of all candidates along with district-wise, category-wise break up.

The selection will remain valid for the next 5 years unless otherwise found wanting in performance. The Commission reserves the right to select up to three service providers, i.e. L1, L2 and L3 bidders for this service provided the L2 and L3 bidders agree to provide the services at L1 rate. In case the Commission selects two or three service providers, the work will be allocated to the service providers on rotation basis as will be decided by the Commission from time to time.

The terms of reference, detailed scope of work, eligibility criteria etc. are available in the full document hosted in the Commission's web portal **www.osssc.gov.in.** BID complete in all respect with documents indicated in the proper proforma should reach **"The Secretary, Odisha Sub-ordinate Staff Selection Commission, Block No.3 & 5, Unit I, Bhubaneswar-751009"** by Registered/Speed Post or private courier in a sealed envelope superscribed on the Top cover **"BID FOR SELECTION OF RECRUITMENT SERVICE PROVIDERS"** latest by 05.00 PM on 20.07.2023.

a) Pre-Bid meeting will be held at 04.00 PM on 21.06.2023 in virtual mode. Agencies/parties, if interested to participate in the pre-bid meeting will have to submit their willingness by Email osssc.od@nic.in to the Commission on or before 19.06.2023. The link to join Pre-Bid meeting will be made available to the parties in advance.
b) After the Pre-Bid meeting required modification, if any, will be incorporated in the document and will be finally published on 26.06.2023.
c) The bidding process will start from 26.06.2023 and close at 05.00 PM on 20.07.2023.
d) The Technical BIDs will be opened at 11.00 AM on 21.07.2023 at OSSSC and Financial bid will be opened at a later date which will be intimated to the parties who qualify in Technical Bid.

The OSSSC, Bhubaneswar reserves rights to cancel or reject any or all the BIDs without assigning any reason thereof.

OIPR-09007/11/0007/2324 **Sd./- Secretary**

## ସଂକ୍ଷେପରେ

### ହତ୍ୟା ମାମଲାର ଫେରାର ଅଭିଯୁକ୍ତ ଗିରଫ

ଜୟପୁର ୧୪।୬ (ପବନ ପାଣିଗ୍ରାହୀ)- ଏକ ହତ୍ୟା ମାମଲାର ଫେରାର ଅଭିଯୁକ୍ତଙ୍କୁ ଜୟପୁର ସଦର ପୋଲିସ ବୁଧବାର ଗିରଫ କରିଛି। ସେ ହେଲେ ବାଲିଆ ଗ୍ରାମର ସେନାପତି ହରିଜନ (୩୦)। ସେନାପତିଙ୍କ ନାମରେ ସଦର ଥାନାରେ ଏକ ହତ୍ୟା ମାମଲା ଦୀର୍ଘଦିନ ଧରି ରହିଥିଲା। ୨୦୧୫ରେ ବାଲିଆ ବ୍ରିଜ ଉପରେ ଘଟିଥିବା ହତ୍ୟାକାଣ୍ଡରେ ସେନାପତି ଜଡିତ ଥିଲେ। ଦୀର୍ଘଦିନ ହେଲା ସେ ଫେରାର ଥିବାରୁ ତାଙ୍କୁ ଗିରଫ କରାଯାଇପାରି ନ ଥିଲା। ବୁଧବାର ତାଙ୍କୁ ବାଲିଆ ଗ୍ରାମରୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

### ହିତାଧିକାରୀଙ୍କ ସମସ୍ୟା ବୁଝିଲେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ

ଜୟପୁର ୧୪।୬ (ପବନ ପାଣିଗ୍ରାହୀ): ଜୟପୁର ପୌରାଞ୍ଚଳର ହିତାଧିକାରୀଙ୍କ ସମସ୍ୟା ବୁଝିଛନ୍ତି ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ। ପୌରାଞ୍ଚଳର ୨୫ ଓ ୨୮ ନମ୍ବର ୱାର୍ଡରେ ରହୁଥିବା ବୃଦ୍ଧା, ଦିବ୍ୟାଙ୍ଗ, ଶଯ୍ୟାଶାୟୀ ହିତାଧିକାରୀଙ୍କ ଘରକୁ ଯାଇ କାର୍ଯ୍ୟନିର୍ବାହୀ ଅଧିକାରୀ ପଟ୍ଟନାୟକ ସେମାନଙ୍କ ସୁବିଧା ଓ ଅସୁବିଧା ପଚାରି ବୁଝିଥିଲେ। ସେମାନେ ନିୟମିତ ଭତ୍ତା ପାଉଛନ୍ତି କି ନାହିଁ ପଚାରି ବୁଝିଥିଲେ। ଯେଉଁ ହିତାଧିକାରୀଙ୍କ କେହି ପରିବାର ଲୋକ ନ ଥିବେ ସେମାନଙ୍କ ସମସ୍ୟା କିପରି ସମାଧାନ ହେବ ସେନେଇ ପଟ୍ଟନାୟକ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରୀ ପଟ୍ଟନାୟକ, କାଉନସିଲର ଯଶପାଲ ପାଜି , ଶାନ୍ତି ନାୟକଙ୍କ ସମେତ ଅନ୍ୟମାନେ ସାମିଲ ହୋଇ ଥିଲେ।

### ନୂତନ ଆଇଆଇସିଙ୍କୁ ସମ୍ବର୍ଦ୍ଧନା

ବୋରିଗୁମ୍ମା,୧୪।୬(ବିଜୟ ବେହେରା): ବୋରିଗୁମ୍ମା ଥାନାରେ ନୂତନ ଆଇଆଇସି ଭାବେ ଯୁଗଳ କିଶୋର ସା ଯୋଗ ଦେଇଛନ୍ତି। ସେ ୨୦୧୨ ବ୍ୟାଚର ହୋଇଥିବା ବେଳେ ଦୀର୍ଘ ବର୍ଷ ହେବ ସମ୍ବଲପୁର ଜିଲାରେ କାର୍ଯ୍ୟରତ ଥିଲେ। ସମ୍ବଲପୁରର ମହୁଲପାଲି ଥାନାରୁ ବଦଳି ହୋଇ କୋରାପୁଟ ଜିଲାର ବୋରିଗୁମ୍ମା ଥାନାକୁ ଆସିଛନ୍ତି। ଆଇନ ଶୃଙ୍ଖଳା ପରିସ୍ଥିତିକୁ ପ୍ରାଥମିକତା ଦେଇ ରାତ୍ରିକାଳୀନ ପାଟ୍ରୋଲିଂକୁ କଡାକଡି କରିବେ ବୋଲି ଆଇଆଇସି ସା କହିଛନ୍ତି। ବୋରିଗୁମ୍ମା ପ୍ରେସ କ୍ଲବ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରେସ କ୍ଲବ ସଭାପତି ବିଜୟ ନାରାୟଣ ସାହୁଙ୍କ ନେତୃତ୍ୱରେ ପ୍ରେସ କ୍ଲବ ସଭ୍ୟମାନେ ଥାନାକୁ ସା'ଙ୍କୁ ସ୍ୱାଗତ କରିଥିଲେ। ସମ୍ପାଦକ ଏନ.ପିମ୍ପସ କୁମାର, ଉପଦେଷ୍ଟା କେ.ସାକିଲି ଦୋରା,ଉପ ସଭାପତି ରଞ୍ଜନ ମିଶ୍ର, କୋଷାଧ୍ୟକ୍ଷ ମାନସ ରଞ୍ଜନ ହୋତା, ଜି.ମୋହନ ଦୋରା, ମାନସ ରଥ, ଚିଣ୍ଟୁ ପଣ୍ଡା,ଶଙ୍କର ମହାନ୍ତି, ଅମରିତ ଖୋସଲା,ପି.ଅନନ୍ତ ରାଓ,ବିଘ୍ନରାଜ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ବୋରିଗୁମ୍ମାରେ କାର୍ଯ୍ୟ କରୁଥିବା ଆଇଆଇସି କ୍ଷୀରେଶ୍ୱର ସାହୁଙ୍କ ନୂଆପଡ଼ା ଜିଲାକୁ ବଦଳି ହୋଇଛି।

### ବିଶ୍ୱ ରକ୍ତଦାତା ଦିବସ ଅବସରରେ ଶୋଭାଯାତ୍ରା

ଜୟପୁର, ୧୪।୬ (ପବନ ପାଣିଗ୍ରାହୀ): ବିଶ୍ୱ ରକ୍ତଦାତା ଦିବସ ଅବସରରେ ଜୟପୁରରେ ଏକ ସଚେତନତା ଶୋଭାଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜୟପୁର ରକ୍ତଦାନ କେନ୍ଦ୍ର ପକ୍ଷରୁ ହୋଇଥିବା ଏହି ଶୋଭାଯାତ୍ରା ରଜାନହରଠାରୁ ବାହାରି ସହର ପରିକ୍ରମା କରିଥିଲା। ଡାକ୍ତର ସୂର୍ଯ୍ୟ ଶେଖର ମିଶ୍ର ସବୁଜ ପତାକା ଦେଖାଇ ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ଶୋଭାଯାତ୍ରାରେ ଏଏନ୍‌ଏମ୍ ଛାତ୍ରୀମାନେ ସଚେତନତାମୂଳକ ପ୍ଲା କାର୍ଡମାନ ଧରି ବିଭିନ୍ନ ସ୍ଲୋଗାନ ଦେଇ ସଚେତନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଚିକିତ୍ସାଳୟ ମ୍ୟାନେଜର ରୂପସି ନାୟକ, ରକ୍ତଦାନ ପ୍ରବକ୍ତା ପ୍ରମୋଦ ରାଉଳ, ଆଶୁତୋଷ ପାଠୀ ମୋମୋରିଆଲ ଟ୍ରଷ୍ଟର ପ୍ରଫୁଲ ପାଠୀ, କାର୍ତ୍ତିକ ରାଉତ ପ୍ରମୁଖ ସାମିଲ ହୋଇଥିଲେ।

### ଓଲଟିଲା ଶାଳମଞ୍ଜି ବୋଝେଇ ଟ୍ରକ୍

ବାଲିଗୁଡ଼ା,୧୪।୬(ସଞ୍ଜୟ ପାଣିଗ୍ରାହୀ): ଭାରସାମ୍ୟ ହରାଇ ଓଲଟିଲା ଶାଳମଞ୍ଜି ବୋଝେଇ ଟ୍ରକ୍ ଏଭଳି ଏକ ଘଟଣା ଘଟିଛି କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ଗଡ୍ରିଙ୍ଗିଆ ଘାଟି ନିକଟରେ। ବୁଧବାର ବାଲିଗୁଡ଼ା ଥାନା ବାରଖମା ଗ୍ରାମରୁ ଟ୍ରକରେ ଶାଳ ମଞ୍ଜି ବୋଝେଇ କରି ବାଲିଗୁଡ଼ା ୫୯ ନଂ. ଜାତୀୟ ରାଜପଥ ଦେଇ ରାୟପୁର ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା। ହେଲେ ବାଲିଗୁଡ଼ାରୁ ପ୍ରାୟ ୧୮ କି.ମି. ଯିବା ପରେ ଗଡ୍ରିଙ୍ଗିଆ ଘାଟି ନିକଟସ୍ଥ ଇର୍ପିଗୁଡ଼ାରେ ଓଲଟି ପଡିଥିଲା।

# ଦିନେ ଗୌରବ ଆଣୁଥିଲେ, ଏବେ ବାଲି ବୋହୁଛନ୍ତି

## ଦିବ୍ୟାଙ୍ଗ ଆଦିବାସୀ ଖେଳାଳିଙ୍କ ଦୁଃଖ

ନନ୍ଦପୁର, ୧୪।୬ (ଶଙ୍କର ପୂଜାରୀ)

ଉଚ୍ଚଶିକ୍ଷିତ ତଥା ଅନ୍ତଃରାଷ୍ଟ୍ରୀୟ ଦୃଷ୍ଟିହୀନ କ୍ରିକେଟ ଖେଳରେ କୋରାପୁଟ ଜିଲା ତଥା ଓଡ଼ିଶାର ପ୍ରତିନିଧିତ୍ୱ କରି ଗୋଲୁର ପଞ୍ଚାୟତ ପୋଡ଼େଇସିଂ ଗ୍ରାମର ଯୁବକ ରଘୁରାମ ନାୟକ ଦିନେ ନନ୍ଦପୁର ବ୍ଲକ ପାଇଁ ଆଣିଥିଲେ ଗୌରବ। ଏବେ ସେ ଜାତୀୟ ସ୍ତରରେ ହୋଇଛନ୍ତି ସମ୍ମାନିତ। ଭାରତୀୟ ଦୃଷ୍ଟିହୀନ କ୍ରିକେଟ ଆସୋସିଏଶନ (ସିଏବିଆଇ) ପକ୍ଷରୁ ଆୟୋଜିତ ଅନ୍ତଃରାଷ୍ଟ୍ରୀୟ ନାଗେଶ କ୍ରିକେଟ ଟୁର୍ନାମେଣ୍ଟରେ ଭାଗନେଇ ରଘୁରାମ ରାଜ୍ୟକୁ ୨୦୨୦ରେ ଚାମ୍ପିୟନ, ୨୦୨୧ ଓ ୨୦୨୨ରେ ଉପବିଜେତା କରିବାରେ ପ୍ରମୁଖ ଭୂମିକା ନେଇଥିଲେ। ବର୍ତ୍ତମାନ ମଧ୍ୟ ସେ ରାଜ୍ୟ ତଥା ଜିଲା ଦୃଷ୍ଟିବାଧିତ କ୍ରିକେଟ ଟିମ୍‌ର ସଦସ୍ୟ ଅଛନ୍ତି। ନିଜ ଗୁଜୁରାଣ ମେଣ୍ଟାଇବାକୁ ରଘୁରାମ ନନ୍ଦପୁର ବ୍ଲକ ଅନ୍ତର୍ଗତ ଡୁରୁବା-ଗାଲଗାଣ୍ଡା ବାଲି ସଇରାତର ବାଲିବୁହା ଟ୍ରାକ୍ଟରରେ ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି। ଓଡ଼ିଶା ପରି କ୍ରୀଡ଼ାଭିତ୍ତିକ ରାଜ୍ୟରେ ଦିବ୍ୟାଙ୍ଗ ଆଦିବାସୀ ଖେଳାଳିଙ୍କୁ ପ୍ରୋତ୍ସାହନ ମିଳୁ ନ ଥିବା ଅଭିଯୋଗ କରିଛନ୍ତି ରଘୁରାମ।



ଗ୍ରାମବାସୀ ପାନୀୟ ଜଳ ସଂଗ୍ରହ କରୁଛନ୍ତି।

କୋରାପୁଟ ଦୃଷ୍ଟିହୀନ ବିଦ୍ୟାଳୟରେ ଦଶମ ଓ କୋରାପୁଟ ଡିଏଭି କଲେଜରେ ସ୍ନାତକ ହାସଲ କରିଥିବା ରଘୁରାମ ୨୦୧୬ରେ ଦଶମ ଶ୍ରେଣୀ ପଢୁଥିବା ସମୟରେ ତାଙ୍କର କ୍ରିକେଟ ଖେଳ ପ୍ରତି ଥିବା ଆଗ୍ରହକୁ ଚିହ୍ନଟ କରିଥିଲେ ଗୁରୁ ଚନ୍ଦ୍ରଶେଖର ପଟ୍ଟନାୟକ। ପ୍ରଥମେ ଜିଲା ଦୃଷ୍ଟିହୀନ କ୍ରିକେଟ ଟିମ୍ ପରେ ରାଜ୍ୟ ଦୃଷ୍ଟିହୀନ କ୍ରିକେଟ ଟିମ୍‌କୁ ସେ ମନୋନୀତ ହୋଇ ଗତ ୬ବର୍ଷ ହେଲା ନିୟମିତ ସଦସ୍ୟ ଅଛନ୍ତି। ଅନ୍ତର୍ଜାତୀୟ କ୍ରିକେଟର ସୁଖରାମଙ୍କୁ ନିଜ ଆଦର୍ଶ ବୋଲି ମାନିଥିବା କହନ୍ତି ରଘୁରାମ। ରାଜ୍ୟ ପକ୍ଷରୁ ୩ଟି ଜାତୀୟ ନାଗେଶ ଟ୍ରଫି ପ୍ରତିଯୋଗିତାରେ ଖେଳି ସେ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ରାଜ୍ୟ ସରକାର ଓ ଜିଲା ପ୍ରଶାସନ କିମ୍ବା କୌଣସି ବେସରକାରୀ ଅନୁଷ୍ଠାନ ପକ୍ଷରୁ ତାଙ୍କୁ କୌଣସି ପ୍ରୋତ୍ସାହନ ମିଳୁ ନ ଥିବା କହନ୍ତି ସେ। କ୍ରିକେଟ୍ ଟୁର୍ନାମେଣ୍ଟ ସମୟରେ ଡାକ ଓ ମେଲ୍ ଯୋଗେ ଗୋଟେ ଚିଠି ଆସେ। ସେ ଭୁବନେଶ୍ୱର ଯାଆନ୍ତି। ଯାତାୟାତ ଖର୍ଚ୍ଚ ଓ ଖେଳିବା ସମୟର ଖାଦ୍ୟପେୟ ବ୍ୟବସ୍ଥା ରାଜ୍ୟ ଦୃଷ୍ଟିହୀନ କ୍ରିକେଟ ସଂଘ ବହନକରେ। ଜାତୀୟ ସ୍ତରର ପ୍ରତିଯୋଗିତାରେ ଅଂଶଗ୍ରହଣ କଲେ ମ୍ୟାଚ ପିଛା ମାତ୍ର ୬ଶହ ଟଙ୍କା ମିଳୁଥିବା କହିଛନ୍ତି ରଘୁରାମ। ଏବେ ସେ ନିଜ ଗାଁ ପୋଡ଼େଇସିଂରେ ବୃଦ୍ଧ ବାପା ସାଧୁ ନାୟକ, ମା' ପାର୍ବତୀ, ୪ଭାଇ ନରସିଂହ, ରଘୁରାମ, ସୁନ୍ଦରାୟ, ଶୁକଦେବଙ୍କ ସହ ରହୁଛନ୍ତି। ପାରିବାରିକ ସ୍ଥିତି ଦୁର୍ବଳ ଯୋଗୁ ସ୍ନାତକ ପରେ ପାଠପଢ଼ାରେ ଡୋରି ବାନ୍ଧିଛନ୍ତି ଏହି ଖେଳାଳି। ସରକାରଙ୍କ ପକ୍ଷରୁ ତାଙ୍କୁ ଉପଯୁକ୍ତ ପ୍ରୋତ୍ସାହନ ଯୋଗାଇଦେବାକୁ ସାଧାରଣରେ ମତ ପ୍ରକାଶ ପାଉଛି। ନିଜ ସଫଳତାର ଶ୍ରେୟ ସେ ଦୃଷ୍ଟିହୀନ କ୍ରିକେଟ ସଂଘ ସମ୍ପାଦକ ମହମ୍ମଦ ଜାଫର ଇକ୍‌ବାଲ ଓ ଜାତୀୟ ସିଏବିଆଇ ସମ୍ପାଦକ ଜହନ ଡେଭିଡ୍‌ଙ୍କୁ ଶ୍ରେୟ ଦେଇଛନ୍ତି।

# ଆଧାର ଅପରେଟରଙ୍କୁ ତାଲିମ

କୋରାପୁଟ,୧୪।୬(ଅମିତାଭ ବେହେରା)

କୋରାପୁଟସ୍ଥିତ ସଦ୍‌ଭାବନା ସଭାଗୃହରେ ଅବିଭକ୍ତ କୋରାପୁଟ ଜିଲାର ଆଧାର ଅପରେଟରମାନଙ୍କୁ ନେଇ ଏକ ତାଲିମ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ୟୁଆଇଡିଏଆଇ ଅଫିସ ତତ୍ତ୍ୱାବଧାନରେ ହୋଇଥିବା ଏହି କର୍ମଶାଳାରେ ହାଇଦ୍ରାବାଦସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟର ଅଧିକାରୀମାନେ ଉପସ୍ଥିତ ରହି ଅପରେଟରମାନଙ୍କୁ ଆଧାର ଅପ୍‌ଡେଟ୍ ନେଇ ତାଲିମ ଦେଇଥିଲେ। ୧୦ ବର୍ଷ ତଳେ ଯେଉଁମାନେ ଆଧାରକାର୍ଡ ପାଇଛନ୍ତି ଏହାକୁ କେବେ ଅପ୍‌ଡେଟ୍ କରିନାହାନ୍ତି ସେମାନେ କିପରି ଆଧାରକାର୍ଡ ଅପ୍‌ଡେଟ୍ କରିପାରିବେ ସେନେଇ ଅପରେଟରମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଆଧାର ମାଧ୍ୟମରେ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ସହ ଆଧାର କେନ୍ଦ୍ରରେ ହିତାଧିକାରୀମାନେ ଅନ୍ୟ ସରକାରୀ ଯୋଜନା ସମ୍ପର୍କରେ ଅବଗତ ହୋଇପାରୁଛନ୍ତି ବୋଲି କର୍ମଶାଳାରେ ମତ ପ୍ରକାଶ ପାଇଥିଲା। କିଛି ପରିମାଣରେ ଆଧାରକାର୍ଡ ଅପ୍‌ଡେଟ୍ ହୋଇ ନ ଥିବାରୁ ଦିବ୍ୟାଙ୍ଗ ଓ ବୃଦ୍ଧାବୃଦ୍ଧମାନେ ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି। ଏଥିପ୍ରତି ଦୃଷ୍ଟିଦେବାକୁ କର୍ମଶାଳାରେ ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ୟୁଆଇଡିଏଆଇର ନିର୍ଦ୍ଦେଶକ, ୟୁଆଇଡିଏଆଇର ଦେବବ୍ରତ ଗୋସ୍ୱାମୀ, ପ୍ରକଳ୍ପ ମ୍ୟାନେଜର ଗିରିଜା ଶଙ୍କର ସାହୁ, ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି, କୋରାପୁଟ ଡିଇଜିଏମ୍ ମନୋଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ନିଟ୍ ପରୀକ୍ଷାରେ ନନ୍ଦପୁରର ସୁଧାଂଶୁ

ନନ୍ଦପୁର, ୧୪।୬ (ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକର ସୁଧାଂଶୁ ମୋହନ ପଣ୍ଡା ପ୍ରକାଶ ପାଇଥିବା ନିଟ୍ ପରୀକ୍ଷାରେ ୯୯.୭୮ ପ୍ରତିଶତ ନମ୍ବର ରଖି ସର୍ବଭାରତୀୟ ସ୍ତରରେ ୪୨୩୭ ଓ ସାଧାରଣ ବର୍ଗରେ ୨୩୨୭ ର୍‍ୟାଙ୍କ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ତାଙ୍କ ପାଇଁ ପରିବାର ସମେତ ନନ୍ଦପୁରବାସୀ ଗୌରବାନିତ୍ୱ ହୋଇଛନ୍ତି। ଭବିଷ୍ୟତରେ ଜଣେ ଭଲ ଡାକ୍ତର ହୋଇ ରୋଗୀସେବା କରିବେ ବୋଲି କହିଛନ୍ତି ସୁଧାଂଶୁ। ନନ୍ଦପୁର ନିବାସୀ ମୌସୁମୀ ପଣ୍ଡା ଓ ସନ୍ତୋଷ ପଣ୍ଡାଙ୍କ ବଡ଼ପୁଅ ହେଉଛନ୍ତି ସୁଧାଂଶୁ। ନିଜ ସଫଳତାର ଶ୍ରେୟ ସୁଧାଂଶୁ ସେ ପଢ଼ିଥିବା ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀଶିକ୍ଷକ ଓ ଗୁରୁଜନଙ୍କୁ ଦେଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ଏସ୍‌ଡିପିଓ ସଞ୍ଜୟ ମହାପାତ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦୁବରାଜ ମୁର୍ମୁ, ଲ୍ୟାମ୍ପ ପରିଚାଳକ ସୁରେଶ ପଣ୍ଡା ଓ ଗ୍ରାମବାସୀ ଶୁଭେଚ୍ଛା ଜଣାଇଛନ୍ତି। ନନ୍ଦପୁର ବ୍ଲକରେ କାର୍ଯ୍ୟରତ ନାରାୟଣ ପଣ୍ଡା ସ୍ମୃତି ସାହିତ୍ୟ ସଂସଦ ସୁଧାଂଶୁଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛି। ଆଗାମୀ ଦିନରେ ତାଙ୍କୁ ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବ ବୋଲି ଏହାର ସମ୍ପାଦକ ବିଚିତ୍ରାନନ୍ଦ ପଣ୍ଡା କହିଛନ୍ତି।

# ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ,ହସ୍ପିଟାଲ ପକ୍ଷରୁ ବିଶ୍ୱ ରକ୍ତଦାତା ଦିବସ



ରକ୍ତଦାତାମାନେ ପ୍ରମାଣପତ୍ର ଦେଖାଉଛନ୍ତି।

କୋରାପୁଟ,୧୪।୬(ଅମିତାଭ ବେହେରା )

ବୁଧବାର ହେଉଛି ବିଶ୍ୱ ରକ୍ତଦାତା ଦିବସ। ଏହି ଅବସରରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲଠାରେ ରକ୍ତ ଭଣ୍ଡାର ପକ୍ଷରୁ ବିଶ୍ୱ ରକ୍ତଦାତା ଦିବସ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରକ୍ତଦାତାମାନେ ଅଂଶ ଗ୍ରହଣ କରି ୧୦୦ରୁ ଉର୍ଦ୍ଧ୍ୱ ୟୁନିଟ ରକ୍ତ ଦାନ କରିଥିଲେ। ସମଗ୍ର ବିଶ୍ୱରେ ରକ୍ତ ଅଭାବ ପୂରଣ କରିବା ଉଦ୍ଦେଶ୍ୟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଆନୁକୂଲ୍ୟରେ ୨୦୦୪ରୁ ପ୍ରତିବର୍ଷ ଜୁନ ୧୪ ତାରିଖରେ ବିଶ୍ୱ ରକ୍ତଦାତା ଦିବସ ପାଳନ କରାଯାଉଛି। କାର୍ଲ ଲେଣ୍ଡଷ୍ଟର୍ନଙ୍କୁ ସମ୍ମାନ ପ୍ରଦର୍ଶନ କରିବା ଉଦ୍ଦେଶ୍ୟରେ ତାଙ୍କ ଜନ୍ମଦିନ ଜୁନ ୧୪ରେରେ ପ୍ରତିବର୍ଷ ବିଶ୍ୱ ରକ୍ତଦାତା ଦିବସ ପାଳିତ ହେଉଛି। ଏହି ଅବସରରେ ସୁରକ୍ଷିତ ରକ୍ତଦାନର ଆବଶ୍ୟକତା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ରକ୍ତଦାନ କରିବା ଦ୍ୱାରା ଶରୀର ଦୁର୍ବଳ ହୋଇଯାଏ ଏବଂ ଶରୀରର ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇଥାଏ ବୋଲି ଥିବା ଧାରଣା ଭୁଲ୍ ବୋଲି ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ନିୟମିତ ରକ୍ତଦାନ କରିବା ଦ୍ୱାରା ନୂଆ ଲୋହିତ ରକ୍ତକଣିକା ସୃଷ୍ଟି ହୋଇଥାଏ। ଏହା ଶରୀରକୁ ସୁସ୍ଥ ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ ଓ ହସ୍ପିଟାଲର ଅଧୀକ୍ଷକ ପ୍ରଫେସର ଡାକ୍ତର ସୀତାରାମ ମହାପାତ୍ର ସମସ୍ତଙ୍କୁ ଅବଗତ କରାଇଥିଲେ। ଶିବିରରେ ଜି. ସଂଜୀବ କୁମାରଙ୍କ ସହ ଅନ୍ୟମାନେ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ଅତିଥିମାନେ ରକ୍ତଦାନ କରିଥିବା ସମସ୍ତଙ୍କୁ ପ୍ରମାଣପାତ୍ର ପ୍ରଦାନ କରିଥିଲେ।

# ସମିତିର ନୂତନ କର୍ମକର୍ତ୍ତା ଚୟନ

ଦଶମନ୍ତପୁର,୧୪।୬( ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ମହକୁମାସ୍ଥିତ ଏକ କଲ୍ୟାଣ ମଣ୍ଡପଠାରେ ବୁଧବାର ସମିତି ସଭ୍ୟାସଭ୍ୟଙ୍କ ନୂତନ କର୍ମକର୍ତ୍ତା ଚୟନ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗିର୍ଲିଗୁମ୍ମା ପଞ୍ଚାୟତ ସମିତିସଭ୍ୟ ଦୁକୁ ବେନ୍ୟାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ବୈଠକରେ ୧୬ ଜଣ ସମିତି ସଭ୍ୟାସଭ୍ୟ ଯୋଗଦେଇଥିଲେ। ଏହି ଅବସରରେ ସମସ୍ତେ ମିଶି ଏକ ସଂଘ ଗଠନ କରିଥିଲେ। ବ୍ଲକର ଉନ୍ନୟନ କାର୍ଯ୍ୟଗୁଡ଼ିକ କିପରି ଗ୍ରାମାଞ୍ଚଳରେ ଲୋକଙ୍କ ନିକଟରେ ପହଞ୍ଚିପାରିବ ସେନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଅବସରରେ ସର୍ବସମ୍ମତିକ୍ରମେ ସଂଘର ନୂଆ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ରୂପେ ଦୁକୁ ବେନ୍ୟାଙ୍କୁ ମନୋନୀତ କରାଯାଇଥିଲା। ଚିକାମ୍ବ ପଞ୍ଚାୟତର ସମିତିସଭ୍ୟ ପଦ୍ମନାଭ ଜାନି ଉପସଭାପତି ହୋଇଥିଲେ। ଅଞ୍ଚଳର ଉନ୍ନତି ପାଇଁ ସମିତି ସଭ୍ୟାସଭ୍ୟମାନେ ଶପଥ ପାଠ କରିଥିଲେ।

# ଧବଳେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ : ଥୁବା ଚାମ୍ପିୟନ

ନନ୍ଦପୁର, ୧୪।୬(ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ କୁଲାବିର ପଞ୍ଚାୟତ ଡିପି କ୍ୟାମ୍ପ ଖେଳ ପଡ଼ିଆରେ ଗତ ୮ ଦିନ ଧରି ଚାଲିଥିବା ଧବଳେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ୧୬ଟି ଦଳକୁ ନେଇ ଆୟୋଜିତ ଏହି କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଥୁବା ଓ ଦାର୍ଲିପୁଟ ମଧ୍ୟରେ ହୋଇଥିଲା। ବିଜେତା ଓ ଉପବିଜେତା ଦଳକୁ ଅତିଥିମାନେ ମାନପତ୍ର, ଟ୍ରଫି ଓ ଆର୍ଥିକ ପୁରସ୍କାର ଦେଇ ସମ୍ମାନିତ କରିଥିଲେ। ବାଞ୍ଜିଲାପୁଟ କ୍ରିକେଟ ଟିମ୍ ସଦସ୍ୟ ମନୋରଞ୍ଜନ ଦାସ, ତ୍ରିପାଠୀ ରାଓ, ଅନିଲ ପାଙ୍ଗୀ, ରିଙ୍କୁ କୁରେଶି, ବିନୟ ଦାସ, ମନୋଜ ଡାକୁଆ, ଡମ୍ବରୁ ଖିଲ ପ୍ରମୁଖ ଟୁର୍ନାମେଣ୍ଟ ଆୟୋଜନ କରିଥିଲେ। ଫାଇନାଲ ମ୍ୟାଚ୍ ଦିଶାରି ବାବୁ ଓ ରିଙ୍କୁ ବାବୁ ପରିଚାଳନା କରିଥିଲେ।

# ଶିବିରରୁ ୨୫ ୟୁନିଟ ରକ୍ତ ସଂଗ୍ରହ



ଜଣେ ରକ୍ତଦାତା ରକ୍ତ ଦେଉଛନ୍ତି।

ଜୟପୁର ୧୪।୬ (ପବନ ପାଣିଗ୍ରାହୀ)

ଜୟପୁର ରକ୍ତ ଭଣ୍ଡାରରେ ବୁଧବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ବିକ୍ରମଦେବ କଲେଜ ଏନସିସି କ୍ୟାଡେଟ ଓ ରକ୍ତ ଭଣ୍ଡାର ପକ୍ଷରୁ ମିଳିତ ଭାବେ ଏହି ଶିବିର ହୋଇଥିଲା। ଶିବିରରେ ଏନସିସି କ୍ୟାଡେଟ ସହ ସ୍ୱେଚ୍ଛାକୃତ ରକ୍ତଦାତାମାନେ ରକ୍ତଦାନ କରିଥିଲେ। ଏହାକୁ ଡାକ୍ତର ଏସ.ଏସ. ମିଶ୍ର ଉଦ୍‌ଘାଟନ କରିଥିଲେ। ଶିବିରରୁ ୨୫ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏହି ଅବସରରେ ୧୦ ଜଣ ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ ସସ୍ମିତା ପତି, ସୁନିତାରାଣୀ ପଟ୍ଟନାୟକ, ରାଧାକାନ୍ତ ଦାସ, ଜି. ଶ୍ରୀନୁ, ଏମ.ଡି ରସୁଲ ସରିଫ, ଅଭିପ୍‌ସା ସାହୁ, ରଞ୍ଜନ ପାଣିଗ୍ରାହୀ, ପ୍ରମୋଦ ମହାନ୍ତି, ସନ୍ତୋଷ ମାଳି ଓ ଶିବ ଜାନି। ରକ୍ତଭଣ୍ଡାରର ବୁଲୁ ଗୌଡ, ନିବେଦିତା ମହାରଣା, ଅଭୟ ପଣ୍ଡା, ପ୍ରତିଭା ପାତ୍ର ସହଯୋଗ କରଥିଲେ।

# ରାଜ୍ୟ ମିଳିତ ଅମଲା ସଂଘର କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି

ବୈପାରିଗୁଡ଼ା,୧୪।୬ (କଳ୍ପତରୁ ମହାନ୍ତି)

ବିଭିନ୍ନ ଦାବି ନେଇ ରାଜ୍ୟ ମିଳିତ ଅମଲା ସଂଘ ଆନ୍ଦୋଳନ ଜାରି ରଖିଛନ୍ତି। ଏହାର ପ୍ରଭାବ ବିଭିନ୍ନ ବିଭାଗ ଉପରେ ପ୍ରଭାବ ପଡିଛି। ଉଚ୍ଚଶିକ୍ଷା ପାଇଁ ଆବେଦନ କରିବାକୁ ଜାତି ପ୍ରମାଣପତ୍ର ଆବଶ୍ୟକ ଥିବା ବେଳେ ଅମଲାଙ୍କ ଆନ୍ଦୋଳନ ଯୋଗୁ ଏହି ପ୍ରମାଣପତ୍ର ମିଳିବାରେ ବିଳମ୍ବ ହେଉଛି।

କୋରାପୁଟ ଜିଲା ବୈପାରିଗୁଡ଼ା ବ୍ଲକରେ ଅନେକ ଆଦିବାସୀ ଓ ତଫସିଲଭୁକ୍ତ ଜାତିର ପିଲାମାନେ ଦଶମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ଏବେ ଯୁକ୍ତ ୨ରେ ନାମ ଲେଖାଇବା ପାଇଁ ଅନ୍‌ଲାଇନରେ ଆବେଦନ କରୁଛନ୍ତି। ସଂରକ୍ଷଣ ବ୍ୟବସ୍ଥାରେ ଜାତି ପ୍ରମାଣପତ୍ର ନିହାତି ଜରୁରୀ । ମାତ୍ର ଅମଲାଙ୍କ ଆନ୍ଦୋଳନ ଯୋଗୁ ଆବେଦନକାରୀଙ୍କୁ ଏହି ପ୍ରମାଣପତ୍ର ମିଳିବାରେ ବିଳମ୍ବ ହେଉଛି। ଗତ ୧ ତାରିଖଠାରୁ ଅମଲାମାନେ ଆନ୍ଦୋଳନ ଚଳାଇଛନ୍ତି। ସେବେଠାରୁ ଡିଲିଂ କ୍ଲର୍କ ନ ଥିବାରୁ ଅନ୍‌ଲାଇନ ଆବେଦନ ପତ୍ର ରାଜସ୍ୱ ନିରୀକ୍ଷକଙ୍କ ନିକଟକୁ ଯାଉନାହିଁ । ଯୁକ୍ତ ୨ପାଇଁ ଆବେଦନ କରିବାର ଶେଷ ତାରିଖ ଚଳିତ ମାସ ୨୦ ତାରିଖ ରହିଛି। ସ୍ଥାନୀୟ ଅଞ୍ଚଳରେ ହନୁମାନ ନଗର ବସ୍ତି ଅଞ୍ଚଳରେ ରହୁଥିବା ଛାତ୍ର ଅମର ଗୋଲରି କହନ୍ତି, ୪ ତାରିଖରୁ ଏହି ସାର୍ଟିଫିକେଟ ପାଇଁ ସେ ଆବେଦନ କରିଛନ୍ତି। ମାତ୍ର ଏଯାଏ ତାଙ୍କୁ ସାର୍ଟିଫିକେଟ୍ ମିଳିନାହିଁ। ମଙ୍ଗଳବାର ମା' ତହସିଲ ଅଫିସକୁ ଯାଇଥିଲେ। ତହସିଲଦାର ଛୁଟିରେ ଥିବାରୁ ସେ ନିରାଶରେ ଫେରିଥିଲେ ବୋଲି କହିଛନ୍ତି ଅମର। ଏ ସମ୍ପର୍କରେ ବୈପାରିଗୁଡ଼ା ତହସିଲଦାର ସ୍ନିଗ୍‌ଧା ଚୌଧୁରୀଙ୍କୁ ପଚାରିବାରୁ ସେ କହିଲେ, ଅମଲା ସଂଘର ଆନ୍ଦୋଳନ ଯୋଗୁ ଅଫିସ୍ କାମ ପ୍ରଭାବିତ ହୋଇଛି। ତେବେ ପାଠ ପଢିବା ପାଇଁ ଆବଶ୍ୟକ ପଡୁଥିବା ଜାତିଗତ ପ୍ରମାଣପତ୍ର ଆବେଦନକୁ ଅନ୍‌ଲାଇନ ପ୍ରକ୍ରିୟାରେ ଆମେ ଯୋଗାଇଦେବାକୁ ଚେଷ୍ଟା କରୁଛୁ ବୋଲି ସେ କହିଥିଲେ।

# ମଠ ମନ୍ଦିର ଓ ଚର୍ଚ୍ଚ ନିର୍ମାଣ ଲାଗି ୨ କୋଟି ୩୮ ଲକ୍ଷ

ଆର.ଉଦୟଗିରି,୧୪।୬(ମନୋଜ ପାଢ଼ୀ)

ଗଜପତି ଜିଲାର ସମସ୍ତ ମଠ ମନ୍ଦିର ଓ ଚର୍ଚ୍ଚ ଏଥର ସୁସଜ୍ଜିତ ହେବ। ଯେତିକି ଅସମ୍ପୂର୍ଣ୍ଣ ହୋଇ ପଡିରହିଥିବ ସେସବୁର କାର୍ଯ୍ୟ ଶୀଘ୍ର ସମାପ୍ତ ହେବ। ଏ ନେଇ ଆର.ଉଦୟଗିରି ବ୍ଲକରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଏଥିରେ ଗଜପତି ବିଜେଡି ଜିଲାସଭାପତି ଜଗବନ୍ଧୁ ଦାସ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଶବର, ଶବର ସମାଜ କଲ୍ୟାଣ ସମିତି ସର୍ବୋଚ୍ଚ ସଭାପତି ଝାମ୍ପୁରା ରଇତ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ସଭାପତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିବା ପରେ ଜିଲା ସଭାପତି ଆର.ଉଦୟଗିରି ବ୍ଲକକୁ ୨ କୋଟି ୩୮ ଲକ୍ଷ ଅନୁଦାନ ମିଳିଥିବା ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏହି ଟଙ୍କା ବ୍ଲକ ପାଇଁ ପ୍ରଦାନ କରାଯାଇଥିବାରୁ ସଭିଏ ମୁଖ୍ୟମନ୍ତ୍ରୀଙ୍କ ସମେତ ୫- ଟି ସଚିବ ଭି.କେ ପାଣ୍ଡିଆନ୍‌ଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

# ଶାବର ଶ୍ରୀକ୍ଷେତ୍ର ରଥଯାତ୍ରା ସୁରକ୍ଷା ତଦାରଖ କଲେ ଏସ୍‌ପି

କୋରାପୁଟ,୧୪।୬(ଅମିତାଭ ବେହେରା)

କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ହେବାକୁ ଥିବା ରଥଯାତ୍ରାର ସୁରକ୍ଷା ବ୍ୟବସ୍ଥା ବୁଧବାର ତଦରଖ କରିଛନ୍ତି ଏସ୍‌ପି ଏସପି ଅଭିନବ ସୋନକାର। ସେ ବଡଦାଣ୍ଡରୁ ମାଉସୀ ମା ମନ୍ଦିର ପର୍ଯ୍ୟନ୍ତ ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଥିବା ଜଣାପଡିଛି। ମାଉସୀମା ମନ୍ଦିର ଦେଇ ବୋରିଗୁମ୍ମା ଯାଇଥିବା ରାସ୍ତା, କୋରାପୁଟ- ଜୟପୁର ରାସ୍ତା, କୋରାପୁଟରୁ ସୁନାବେଡା ରାସ୍ତାରେ ରଥଯାତ୍ରା ଓ ବାହୁଡା ଯାତ୍ରା ସମୟରେ କିପରି ଗାଡି ଚଳାଚଳ ବନ୍ଦ ରଖାଯିବ, ସେ ସମୟରେ ସହରର ଅନ୍ୟବାଟ ଦେଇ କିପରି ଗାଡି ଛଡାଯିବ ସେ ନେଇ ଟ୍ରାଫିକ ସୁପରିଚାଳନା ନେଇ ଏସପି ଅନୁଧ୍ୟାନ କରିଥିଲେ । ଚଳିତ ବର୍ଷ କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ୫୧ତମ ରଥଯାତ୍ରା ଅନୁଷ୍ଠିତ ହେଉଛି। ମନ୍ଦିର ପରିଚାଳନା କମିଟି ପକ୍ଷରୁ ପ୍ରସ୍ତୁତ ୩ ରଥ ବଡଦାଣ୍ଡରେ ଗଡିବା ନେଇ ଟ୍ରାଫିକ ବ୍ୟବସ୍ଥା, ପାର୍କିଂ, ବିଦ୍ୟୁତ ଆଦି ବିଭିନ୍ନ ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି ଏସ୍‌ପି ସୋନକାର। ଏହି ସମୟରେ ଏସଡିପିଓ ମୋନଜ ପୂଜାରୀ, ଟାଉନ ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜଳକଷ୍ଟରେ ମଜାଗୁଡ଼ାବାସୀ

■ ଗ୍ରାମବାସୀ ଗାଁକୁ ଆଣିଛନ୍ତି ଜଳ ଉତ୍ସ

■ ଅଚଳ ହୋଇପଡ଼ିଛି ସ୍ପ୍ରିଙ୍ଗ୍ ବେସ୍ ପାନୀୟ ଜଳ ପ୍ରକଳ୍ପ

ନନ୍ଦପୁର, ୧୪।୬ (ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଚାଟୁଆ ପଞ୍ଚାୟତର ମଜାଗୁଡ଼ା ଗ୍ରାମରେ ଗ୍ରାମବାସୀ ଭୋଗୁଛନ୍ତି ଜଳକଷ୍ଟ। ୪୦ ପରିବାର ବସବାସ କରୁଥିବା ଉକ୍ତ ଗ୍ରାମରେ ଗ୍ରାମବାସୀଙ୍କ ପାଇଁ ନାହିଁ ପାନୀୟ ଜଳର କୌଣସି ଉତ୍ସ। ଗ୍ରାମବାସୀ ଗ୍ରାମ ତଳମୁଣ୍ଡ ବିଲଜମିରୁ ଦେଢ଼ କି.ମି. ଦୂରରୁ ନାଳ କରି ଗ୍ରାମକୁ ଆଣିଛନ୍ତି ଜଳସ୍ରୋତ। ୨୦ବର୍ଷ ତଳେ ସ୍ୱଜଳଧାରା ଯୋଜନାରେ ପାହାଡ଼ ଉପରେ ଥିବା ଝରଣା ପାଣିକୁ ଆଣି ଗ୍ରାମରେ ହୋଇଥିଲା ସ୍ପ୍ରିଙ୍ଗ୍‌ବେସ୍ ପାନୀୟ ଜଳ ପ୍ରକଳ୍ପ। ପାହାଡ଼ ଉପର ଝର ଶୁଖିବା ପରେ ଉକ୍ତ ପ୍ରକଳ୍ପ ୪/୫ ବର୍ଷ ହେଲା ଅଚଳ ହୋଇପଡ଼ିଛି। ଗ୍ରାମ ମଝିରେ କେବଳ ଉକ୍ତ ପ୍ରକଳ୍ପର ଟାଙ୍କି ରହିଛି। ବାରମ୍ବାର ଗ୍ରାମର ପାନୀୟ ଜଳ ସମସ୍ୟା ନେଇ ନଳକୂପ ଖନନ କରିବାକୁ ୱାର୍ଡସଭ୍ୟ, ପଞ୍ଚାୟତ ଏବଂ ବ୍ଲକ ପ୍ରଶାସନକୁ ଜଣାଇ କିଛି ସୁଫଳ ମିଳିନାହିଁ ବୋଲି କହିଛନ୍ତି ଚାଟୁଆ ପଞ୍ଚାୟତର ୩ ନମ୍ବର ୱାର୍ଡ ତଥା ମଜାଗୁଡ଼ା ଗ୍ରାମବାସୀ ପ୍ରେମାନନ୍ଦ ଖରା, ବଳରାମ ଗେମେଲ, ପର୍ଶୁରାମ ଖରା, ରାମାରାଓ ଗେମେଲ, ବସୁଧା ଗେମେଲେ, ଆପାଲାମା ସେଡା, ଯମୁନା ଗେମେଲ, ରତ୍ନା ଖରା, କୁସୁମା ସେଡ଼ା ପ୍ରମୁଖ। ୪୦ ପରିବାରର ୧୭୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଗ୍ରାମରେ ବସବାସ କରୁଥିଲେ ସୁଦ୍ଧା ପଞ୍ଚାୟତ, ବ୍ଲକ କିମ୍ବା ଗ୍ରାମ୍ୟ ଜଳଯୋଗାଣ ବିଭାଗ କିଛି ବୁଝୁ ନ ଥିବା ସେମାନେ ପ୍ରକାଶ କରିଛନ୍ତି। ବ୍ଲକ ଗ୍ରାମ୍ୟ ଜଳଯୋଗାଣ ଯନ୍ତ୍ରୀ କାହ୍ନୁ ଚରଣ ସେଠୀଙ୍କୁ ଏ ବିଷୟରେ ପଚାରିବାରୁ ସେ କହିଲେ, ଦିନେ ଦୁଇଦିନ ମଧ୍ୟରେ ଗ୍ରାମ ପରିଦର୍ଶନକରି ଆବଶ୍ୟକ ପଦକ୍ଷେପ ନେବେ। ନନ୍ଦପୁର ବିଡିଓ ଓ କୋରାପୁଟ ଆରଡବ୍ଲୁଏସ୍‌ଏସ୍ ନିର୍ବାହୀଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ସମସ୍ୟାର ସମାଧାନ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ରଥଯାତ୍ରା ପାଇଁ ଶୁଭଖୁଣ୍ଟି ସ୍ଥାପନ

**ଗୁଡ଼ାରି,୧୪।୬ (ପ୍ରମୋଦ କୁମାର ପତି):** ଆସନ୍ତା ରଥଯାତ୍ରା ପାଳନ ନିମନ୍ତେ ରାୟଗଡ଼ା ଜିଲା ଗୁଡ଼ାରି ଗୁଣ୍ଡିଚା ମନ୍ଦିର ପରିସରରେ ବୁଧବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ବୁଧବାର ସକାଳେ ଧୂପଦୀପ ଜାଳି ଶଙ୍ଖ ଫୁଙ୍କି ପୂଜାର୍ଚ୍ଚନା କରାଯିବା ପରେ ଜଗନ୍ନାଥ ମନ୍ଦିର ସେବକ ରବି ପଣ୍ଡା ଶୁଭଖୁଣ୍ଟି ସ୍ଥାପନ କରିଥିଲେ। ଗୁରୁବାରଠାରୁ ରଥଯାତ୍ରା ନିମନ୍ତେ ଗୁଣ୍ଡିଚା ମନ୍ଦିର ପରିସରରେ ସମସ୍ତ ପ୍ରକାର କାର୍ଯ୍ୟ ଆରମ୍ଭ ହେବ। ଗୁଣ୍ଡିଚା ମନ୍ଦିରର ସୌନ୍ଦର୍ଯ୍ୟକରଣ, ରୋଷେଇ ଗୃହ ସଫା ଏବଂ ମନ୍ଦିର ପରିସର ପରିଷ୍କାର ପରିଚ୍ଛନ୍ନ କରାଯିବ ବୋଲି କମିଟି ସଦସ୍ୟ ଦିଲୀପ କୁମାର ସାହୁ ସୂଚନା ଦେଇଛନ୍ତି । ଶୁଭଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମରେ ଜଗନ୍ନାଥ ମନ୍ଦିର କମିଟି ସଦସ୍ୟ ଭାସ୍କର ନନ୍ଦ, ପାଣ୍ଡ ସାହୁ, ସୁଜି ପଟ୍ଟନାୟକଙ୍କ ସମେତ ବହୁ ଭକ୍ତ ଉପସ୍ଥିତ ଥିଲେ।

### ଗଛରେ ପିଟିହେଲା ଔଷଧ ବୋହେଇ ଗାଡି



**ଚନ୍ଦ୍ରପୁର,୧୪।୬(ବିଜୟ ପ୍ରସାଦ ଉଲାକା):** ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ମୁଖ୍ୟ ଚିକିତ୍ସା କେନ୍ଦ୍ରରୁ ବୁଧବାର ଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଥିବା ଔଷଧ ବୋହେଇ ଗାଡ଼ି ବୁଧବାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଔଷଧ ବୋହେଇ ଗାଡ଼ି ନଂ (ଓଡି ୩୩ଏଏ ୫୧୨୧) ପଙ୍କାଳଗୁଡ଼ି ଗ୍ରାମ ନିକଟରେ ରାସ୍ତା ପାର୍ଶ୍ୱରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲା। ତେବେ ଡ୍ରାଇଭର ଅଳ୍ପକେ ବର୍ତି ଯାଇଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ଗାଡ଼ି ଗୋଟେ ପଟକୁ ଢ଼ଳି ପଡ଼ିବାରୁ ଡ୍ରାଇଭର ଭାରସାମ୍ୟ ହରାଇ ରାସ୍ତା ପାଖରେ ଥିବା ଏକ ଗଛରେ ପିଟି ଦେଇଥିଲେ। ଖବରପାଇ ଚନ୍ଦ୍ରପୁର ଭାରପ୍ରାପ୍ତ ଡାକ୍ତର ସାଲୁଙ୍କୀ ପୂର୍ତି ଘଟଣାସ୍ଥଳକୁ ଯାଇ ଡ୍ରାଇଭରଙ୍କୁ ଉଦ୍ଧାର କରି ଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଗାଡ଼ି ଚାଳକ ବର୍ତ୍ତମାନ ସୁସ୍ଥ ଥିବା ଜଣାପଡ଼ିଛି। ଏନେଇ ଚନ୍ଦ୍ରପୁର ଥାନାକୁ ମଧ୍ୟ ସୂଚନା ଦିଆଯାଇଛି।

### ରାୟଗଡ଼ାରୁ ଜମ୍ମୁ ଗଲେ ୭୦ ସିଆର୍‌ପିଏଫ୍ ଯବାନ

**ରାୟଗଡ଼ା,୧୪।୬(ଆଶିଷ ରଞ୍ଜନ ପଣ୍ଡା):** ଅମରନାଥ ଯାତ୍ରାର ସୁରକ୍ଷା ପାଇଁ ରାୟଗଡ଼ା ସ୍ଥିତ ସିଆରପିଏଫ ଚତୁର୍ଥ ବାଟାଲିୟନର ୭୦ଜଣ ଯବାନ ଜମ୍ମୁର ସାମ୍ବା ଅଭିମୁଖେ ଯାତ୍ରା କରିଛନ୍ତି । ସୂଚନା ଅନୁଯାୟୀ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ କ୍ରିଷ୍ଣା ରାଓଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟ୍ରେନରେ ବୁଧବାର ଦିନ ୧୨ଟା ସମୟରେ ରାୟଗଡ଼ା ରେଳ ଷ୍ଟେସନଠାରୁ ୭୦ଜଣ ଯବାନ ଜାମ୍ମୁ କାଶ୍ମୀରର ସାମ୍ବା ଜିଲା ଅଭିମୁଖେ ଯାତ୍ରା କରିଛନ୍ତି । ସେଠାରେ ପହଞ୍ଚି ରିପୋର୍ଟିଂ କରି ଅମରନାଥ ଯାତ୍ରାର ସୁରକ୍ଷା ଦାୟିତ୍ୱରେ ରହିବେ ବୋଲି ସିଆରପିଏଫ ବାଟାଲିୟନ ପକ୍ଷରୁ ସୂଚନା ମିଳିଛି ।

### ପୋଲିସ ସିଲ୍ କରିଥିବା କାରଖାନାରୁ ଚୋରି

**ବ୍ରହ୍ମପୁର,୧୪।୬(ସୁବାସ ଚନ୍ଦ୍ର ପାଢ଼ୀ):** ପୋଲିସ ସିଲ କରିଥିବା ଏକ କାର୍ଡବୋର୍ଡ଼ ପ୍ରସ୍ତୁତ କମ୍ପାନୀରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଛି। ଦୋକାନ ମାଲିକ ପି. ସନ୍ତୋଷ କୁମାର ସୁବୁଦ୍ଧି ଏ ନେଇ ସଦର ଥାନାରେ ଅଭିଯୋଗ କରିଛନ୍ତି। ବ୍ରହ୍ମପୁର - ଲାଠୀ ମୁଖ୍ୟ ରାସ୍ତାରେ ଥିବା ସନ୍ତୋଷ ଟ୍ରେଡର୍ସ ନାମକ ଏକ କାର୍ଡବୋର୍ଡ଼ ପ୍ରସ୍ତୁତ କମ୍ପାନୀକୁ ପୋଲିସ କୌଣସି କାରଣରୁ ସିଲ କରିଦେଇଥିଲା। ଏହାର ସୁଯୋଗ ନେଇ ଲୁଟିଆ ଗ୍ୟାଙ୍ଗ ଗତ ୧୧ ତାରିଖ ରାତିରେ ଉକ୍ତ ସିଲ କମ୍ପାନୀରେ ପଶି ସମସ୍ତ ବିଦ୍ୟୁତ ସରଞ୍ଜାମ ସହିତ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରିଥିଲେ। ଖବରପାଇ କମ୍ପାନୀ ମାଲିକ ସେଠାରେ ପହଞ୍ଚି ଚୋରି ହୋଇଥିବା ଜାଣି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ସଂକ୍ରାନ୍ତରେ ୩୦୫/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା କହିଛି।

# ପାଣି ପାଇଁ ଜିଲାପାଳଙ୍କୁ ଗୁହାରିକଲେ ଗ୍ରାମବାସୀ

**ରାୟଗଡ଼ା,୧୪।୬(ଆଶିଷ ରଞ୍ଜନ ପଣ୍ଡା)**



ଜିଲାପାଳଙ୍କୁ ସାକ୍ଷାତ ପାଇଁ କାର୍ଯ୍ୟାଳୟରେ ଅପେକ୍ଷାରତ କୋଣ୍ଡିଗୁଡ଼ା ଗ୍ରାମବାସୀ।

- ୩ ନଳକୂପରୁ ୨ ଅଚଳ
- ଗୋଟିଏରୁ ବାହାରୁଛି ଦୁର୍ଗନ୍ଧ ପାଣି
- ନଦୀର ଦୂଷିତ ପାଣି ପିଉଛନ୍ତି ଗ୍ରାମବାସୀ
- ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ

ରାୟଗଡ଼ା ବ୍ଲକ ହାଲୁଆ ପଞ୍ଚାୟତର କୋଣ୍ଡିଗୁଡ଼ା ଗ୍ରାମରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଜଳ ସଙ୍କଟର ସମାଧାନ ପାଇଁ କୋଣ୍ଡିଗୁଡ଼ା ଗ୍ରାମବାସୀ ବ୍ଲକ୍ ପ୍ରଶାସନ ନିକଟକୁ ଦୌଡ଼ି ଦୌଡ଼ି ନୟାନ୍ତ ହେବା ପରେ ବୁଧବାର ଜିଲାପାଳ ସ୍ୱାଧାଦେବ ସିଂଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଗ୍ରାମର ସମସ୍ତ ମହିଳା ପୁରୁଷ ଜିଲାପାଳଙ୍କୁ ଭେଟି ଗ୍ରାମକୁ ତୁରନ୍ତ ପାନୀୟ ଜଳ ଯୋଗାଇଦେବାକୁ ଦାବିପତ୍ର ପ୍ରଦାନ କରିଥିଲେ। ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ହେବ ବୋଲି ଜିଲାପାଳ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଗ୍ରାମରେ ପୂର୍ବରୁ ୩ଟି ନଳକୂପ ରହିଛି । ହେଲେ ସେଥିମଧ୍ୟରୁ ୨ଟି ନଳକୂପରୁ ଆଦୌ ପାଣି ବାହାରୁନାହିଁ । ଅନ୍ୟଟିରୁ ଦୁର୍ଗନ୍ଧ ପାଣି ବାହାରୁଥିବାରୁ ସେ ପାଣି ପିଇବାଯୋଗ୍ୟ ନୁହେଁ। ଫଳରେ ସେମାନେ ପାନୀୟ ଜଳ ଟୋପାଏ ପାଇଁ ଛଟପଟ ହେବା ସହ ବାଧହୋଇ ନଦୀପାଣି ବ୍ୟବହାର କରୁଛନ୍ତି । ତେବେ ନଦୀର ଦୂଷିତଜଳ ବ୍ୟବହାର କରିବା ଦ୍ୱାରା ଅନେକ ସମୟରେ ହଇଜା, ମ୍ୟାଲେରିଆ ଆଦି ରୋଗର ଶିକାର ହେଉଥିବା ଗ୍ରାମବାସୀ କହିଛନ୍ତି। ଆଗକୁ ବର୍ଷା ଦିନ ଆସୁଥିବାରୁ ନଦୀ ଜଳସ୍ତର ବଢ଼ିବା ସଙ୍ଗେ ସଙ୍ଗେ ନଦୀପାଣି ଗୋଳିଆ ରହିବ । ଫଳରେ ନଦୀଜଳ ମଧ୍ୟ ଆଉ ପିଇବାଯୋଗ୍ୟ ହେବ ନାହିଁ । ତେଣୁ ଜିଲାପାଳ ତୁରନ୍ତ କୋଣ୍ଡିଗୁଡ଼ା ଗ୍ରାମରେ ପାନୀୟଜଳର ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଯଦି ଦାବି ପୂରଣ ନ ହୁଏ ତେବେ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି । ଦାବିପତ୍ର ପ୍ରଦାନ ସମୟରେ କୋଣ୍ଡିଗୁଡ଼ା ଗ୍ରାମର ଆଇ.ଜଗନ୍ନାଥ କଲାକା, ଗୋବର୍ଦ୍ଧନ ଜାକାକା, ଦାଲମେ ଜାକାକା, ନୀଲାମା ଜାକାକା ଓ ସମସ୍ତ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ଉପାନ୍ତ ଅଞ୍ଚଳରେ ରଜ ଉତ୍ସବ

**ରାୟଗଡ଼ା,୧୪।୬(ଆଶିଷ ରଞ୍ଜନ ପଣ୍ଡା)**



ପିଲାଙ୍କ ସହ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ ଓ ଜେକେ କାଗଜକଳ କର୍ମକର୍ତ୍ତା।

ରାୟଗଡ଼ା ବ୍ଲକ ମାଲିଗାଁ ପଞ୍ଚାୟତର ଅଡ଼ପଡିଗୁଡ଼ା ଗ୍ରାମରେ ଅଙ୍କୁର ଫାଉଣ୍ଡେଶନ ପକ୍ଷରୁ ରଜ ଉତ୍ସବ ପାଳନ କରାଯାଉଛି । ଜେକେ କାଗଜକଳର ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଧୁନିକ ଯୁଗରେ ଓଡ଼ିଆ ଭାଷା, ସଂସ୍କୃତି ଓ ପରମ୍ପରା ବଜାୟ ରଖିବା ପାଇଁ ଉପାନ୍ତ ଅଞ୍ଚଳରେ ଏଭଳି କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି ବୋଲି କହିଥିଲେ । ଏଥିସହ ସେ ପୌରାଣିକ ଗୀତ ମାଧ୍ୟମରେ ରଜ ପାଳନର ମହତ୍ତ୍ୱ ବୁଝାଇଥିଲେ। ଅଙ୍କୁର ଫାଉଣ୍ଡେଶନ ସମ୍ପାଦିକା ଚିନ୍ମୟୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ତ୍ରଷ୍ଟି ଗୋବିନ୍ଦ ପାଣି, ଜେକେ କାଗଜକଳ ସିଏସ୍‌ଆର୍ ଅଧିକାରୀ ହରିହର ଖମାରି, ଲୋକ ସମ୍ପର୍କ ଅଧିକାରୀ ମିଳନ ଲେଙ୍କା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୨ ଜଣ ସାମାଜିକ କର୍ମୀ ତ୍ରିନାଥ ତୋଇକା ଓ ମନ୍ମଥ କାଡ୍ରାକାଙ୍କୁ ସମ୍ମାନିତ କରାଯାଇଥିଲା। ରଜ ଉତ୍ସବରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ମଧ୍ୟ ସାମିଲ ହୋଇଥିଲେ। ସମସ୍ତ ଛାତ୍ରୀଛାତ୍ରଙ୍କୁ ଜେକେ କାଗଜକଳ ପକ୍ଷରୁ ପଠନ ସାମଗ୍ରୀ ଓ ସ୍କୁଲ ବ୍ୟାଗ୍ ବଣ୍ଟନ କରାଯାଇଥିଲା । ଉପସ୍ଥିତ ଅତିଥିବୃନ୍ଦ ପିଲାଙ୍କ ସହିତ ଦୋଳି ଖେଳି ରଜ ପର୍ବ ପାଳନ କରିଥିଲେ ।

# ନିଟ୍ ପରୀକ୍ଷାରେ ଗାନ୍ଧୀ ପବ୍ଲିକ ସ୍କୁଲ ଛାତ୍ରୀଛାତ୍ରଙ୍କ ସଫଳତା



ନିଟ୍‌ରେ ସଫଳତା ପାଇଥିବା ଗୁଣପୁର ଗାନ୍ଧୀ ପବ୍ଲିକ ସ୍କୁଲର ୩ ଛାତ୍ର ।

**ଗୁଣପୁର,୧୪।୬ (ପ୍ରଦୀପ କୁମାର ପାଢ଼ୀ)**

ସର୍ବ ଭାରତୀୟ ମେଡିକାଲ ପରୀକ୍ଷା (ନିଟ୍)ରେ ରାୟଗଡ଼ା ଜିଲା ଗୁଣପୁର ଗାନ୍ଧୀ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ର ସଫଳତା ପାଇଛନ୍ତି। ବିଦ୍ୟାଳୟର କୃତି ଛାତ୍ରୀଛାତ୍ରଙ୍କ ମଧ୍ୟରେ ପି.ଦେବୀ ପ୍ରସାଦ ୭୨୦ ମାର୍କରୁ ୬୫୩ , ଆୟଷ୍ମାନ ହୋତା ୬୨୩, ଅକ୍ଷତ ପାତ୍ର ୬୧୧ ମାର୍କ ପାଇ ଦେଶର ସୁନାମଧନ୍ୟ ମେଡିକାଲ କଲେଜରେ ପଢିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏହାସହ ଜି ଶ୍ୱେତବିନ୍ଦୁ ୫୦୪, ଭି ଭର୍ଷିନୀ ୪୨୧, ଶୁଭଲକ୍ଷ୍ମୀ ଚୌଧୁରୀ ୪୨୦, ସ୍ୱାଗତ ବାଘେଲ ୪୦୫ ସହ ବିଭିନ୍ନ ବର୍ଗର ୧୩ ଜଣ ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ପ୍ରତିବର୍ଷ ଭଳି ଗାନ୍ଧି ପବ୍ଲିକ ସ୍କୁଲର ଉନ୍ନତ କୋଚିଂ, ସର୍ବ ଭାରତୀୟ ପରୀକ୍ଷା ପ୍ରସ୍ତୁତି ତଥା ଉଭୟ ଅନଲାଇନ ଅଫଲାଇନ ମାଧ୍ୟମରେ ମକ ଟେଷ୍ଟ , ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମାର୍ଗଦର୍ଶନ ଏବଂ ଉତ୍ତମ ଶିକ୍ଷା ଦାନ ପାଇଁ ସ୍କୁଲର ଛାତ୍ରଛାତ୍ରୀମାନେ ଜାତୀୟ ସ୍ତରୀୟ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିଥାନ୍ତି ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି । ପିଲାଙ୍କ ଏହି ସଫଳତା ପାଇଁ ବିଦ୍ୟାଳୟର ଅଧ୍ୟକ୍ଷ ସୁବ୍ରତ ରଞ୍ଜନ ପାଠୀ, ଜିଆଇଇଟି ବିଶ୍ୱ ବିଦ୍ୟାଳୟର ମହାନିର୍ଦ୍ଦେଶକ ଡ଼. ଜଗଦୀଶ ପଣ୍ଡା ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଏହି ଅବସରରେ ଛାତ୍ର ପି ଦେବୀ ପ୍ରସାଦଙ୍କ ପିତାମାତା ପି.ରବି କୁମାର ପି.ଅନିତା, ଆୟୁଷ୍ମାନ ହୋତାଙ୍କ ପିତାମାତା ଅଶୋକ କୁମାର ହୋତା ନିରୁପମା ମିଶ୍ର ଏବଂ ଅକ୍ଷତ ପାତ୍ରଙ୍କ ପିତାମାତା ଜଗନ୍ନାଥ ପାତ୍ର ସମିତା ସାହୁ ପିଲାମାନଙ୍କ ସଫଳତାର ଶ୍ରେୟ ଅନୁଷ୍ଠାନର କର୍ମକର୍ତ୍ତା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଦେଇଥିଲେ । ଜିଆଇଇଟି ବିଶ୍ୱବିଦ୍ୟାଳୟର ସଭାପତି ଡ଼ଃ ସତ୍ୟପ୍ରକାଶ ପଣ୍ଡା ଉପସଭାପତି ଡ଼. ଚନ୍ଦ୍ରଧ୍ୱଜ ପଣ୍ଡା ଛାତ୍ରଛାତ୍ରୀଙ୍କ ସଫଳତା ପାଇଁ ଶୁଭେଚ୍ଛା ଜଣାଇଥିଲେ ।

## ଗରମ ସାଙ୍ଗକୁ ହନ୍ତସନ୍ତ କରୁଛି ବିଦ୍ୟୁତ କାଟ୍

**ମୁନିଗୁଡ଼ା, ୧୪।୬ (ରାଧେଶ୍ୟାମ ଅଗ୍ରୱାଲ)**

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ୍‌ରେ ଟାଣ ଖରା ସାଙ୍ଗକୁ ଅଘୋଷିତ ବିଦ୍ୟୁତ୍‌କାଟ୍ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଉଛି । ଗତ ୪ ଦିନ ହେଲା ପ୍ରବଳ ଖରା ଯୋଗୁ ଲୋକେ ଘରୁ ବାହାରକୁ ବାହାରିବା ମୁସ୍କିଲ ହୋଇପଡ଼ିଛି। ସେପଟେ ବାରମ୍ବାର ବିଦ୍ୟୁତ ବିଭ୍ରାଟ ଲୋକଙ୍କ ସମସ୍ୟା ଆହୁରି ବଢ଼ାଇ ଦେଉଛି। ଗରମ ଯୋଗୁ ଲୋକେ କଲବଲ ହେଉଥିବାବେଳେ ଲୋ-ଭୋଲଟେଜ ଯୋଗୁ ଘରେ ପଙ୍ଖା ନାମକୁ ମାତ୍ର ବୁଲୁଛି । ଏସି ଓ ଇନଭର୍ଟର ଲଗାଇ ବି ଲୋକେ ଟିକେ ଶାନ୍ତିରେ ରହି ପାରୁନାହାନ୍ତି। ଗତ ୪ ଦିନ ହେଲା ମୁନିଗୁଡ଼ାର ତାପମାତ୍ରା ୩୯ ରୁ ୪୧ ଡିଗ୍ରୀ ରହିଥିବା ଜଣାଯାଇଛି। ସେହିପରି ପାନୀୟ ଜଳ ସମସ୍ୟା ଲୋକଙ୍କ ସମସ୍ୟାକୁ ଆହୁରି ବଢ଼ାଇ ଦେଇଛି।

# ଲୋକକଳା ଦିବସରେ ବିଭିନ୍ନ ପ୍ରତିଯୋଗିତା



ଅତିଥି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

**ପଦ୍ମପୁର, ୧୪।୬ (ପ୍ରଶାନ୍ତ କର )**

ରାୟଗଡା ଜିଲା ପଦ୍ମପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବୁଧବାର ଲୋକକଳା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତିକୁ ଉଜ୍ଜୀବିତ କରିବା ନିମନ୍ତେ ବାଳିକା ଏବଂ ମହିଳାମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ମ୍ୟୁଜିକାଲ ଚେୟାର, ପୁଚି ଖେଳ, ଝୋଟି, ରଜ ପିଠା ଏବଂ ରଜ ଗୀତ ପ୍ରତିଯୋଗିତା କରାଯାଇଥିଲା। ଉକ୍ତ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୀନା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲୋକକଳା ଦିବସ ପାଳନର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିବା ସହ ଆମ ଭାଷା, ସଂସ୍କୃତି ଏବଂ ଐତିହ୍ୟ ର ଗାରିମା ବଜାୟ ରଖିବା ନିମନ୍ତେ ଗୁରୁତ୍ୱାରୋପ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଶିଶୁ ବିକାଶ ବିଭାଗ ଅଧିକାରୀ ପ୍ରମିଳା ବେହେରା, ମିଶନ ଶକ୍ତି ବ୍ଲକ ସଂଯୋଜକ ସୁନୀଲ ମିଶ୍ର, ଆଇସିଡିଏସ ମଣ୍ଡଳ ପରିଦର୍ଶିକା ଶୈଳବାଳା କାଡ୍ରାକା, ସନ୍ଧ୍ୟାରାଣୀ ଦାସ, ଉର୍ମିଳା ରତ୍ନାଲୁ, ଆଦିତ୍ୟ ମିଶ୍ର, ଜଗମୋହନ ସାହୁ, ଜସ୍ମିତା ଗମାଙ୍ଗ, ମିଶନ ଶକ୍ତି ବ୍ଲକ ଏବଂ ପଞ୍ଚାୟତ ସ୍ତରୀୟ ମହାସଂଘର କର୍ମକର୍ତ୍ତା, ଅଙ୍ଗନବାଡି କର୍ମୀ ଏବଂ ସହାୟିକା, ଗୋଷ୍ଠୀସହାୟିକାମାନେ ଉପସ୍ଥିତ ଥିଲେ। ରଜ ଗୀତ ପ୍ରତିଯୋଗିତାରେ ସ୍ଥାନୀୟ ସଙ୍ଗୀତ ପ୍ରେମୀ ମନୋଜ କୁମାର ଜେନା ବିଚାରକ ଭାବେ ଉପସ୍ଥିତ ଥିଲେ ।

# ମାରିଭଙ୍ଗାକୁ ହରାଇ ଚମ୍ପାଯୋଡ଼ି ଚାମ୍ପିୟନ



ଟ୍ରଫି ସହ ଚାମ୍ପିୟନ ଦଳ ଓ ଅତିଥି ।

**ଟିକିରି ୧୪।୬ (ପ୍ରଫୁଲ କୁମାର ବେହେରା)**

### କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ରାୟଗଡା ଜଲ୍ଲା କାଶୀପୁର ବ୍ଲକ ରେଙ୍ଗା ପଞ୍ଚାୟତ ଚମ୍ପାଯୋଡିଠାରେ ଗତ ୨୦ ତାତିଖରେ ଆରମ୍ଭ ହେଇଥିବା ବ୍ଲକସ୍ତରୀୟ ଚମ୍ପାଯୋଡି ପ୍ରିମିଅର୍ ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ମାରିଭଙ୍ଗା ଟିମକୁ ହରାଇ ଚମ୍ପାଯୋଡି ଚାମ୍ପିୟନ ହୋଇଛି।

ଟୁର୍ଣ୍ଣାମେଣ୍ଟରେ ୩୨ଟି ଟିମ ମଧ୍ୟରେ ଲିଗ ପର୍ଯ୍ୟାୟରେ ମ୍ୟାଚ ଖେଳାଯାଇଥିଲା। ଉକ୍ତ ସମସ୍ତ ମ୍ୟାଚ ଗୁଡ଼ିକ ନକ୍‌ଆଉଟ ପର୍ଯ୍ୟାୟରେ ହୋଇଥିଲା । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଚାଷୀ ଏକତା ପରିଷଦ ଜିଲ୍ଲା ସଭାପତି ପ୍ରତାପ ପୁଆଲା, ସମ୍ମାନୀୟ ଅତିଥି ଭାବେ ସାଂଗଠନିକ ସମ୍ପାଦକ ପ୍ରିତମ କୁମାର୍, ଚାଷୀ ଏକତା ପରିଷଦ ସଂଗଠକ ଧର୍ମେନ୍ଦ୍ର ନାଏକ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଟିମକୁ ଟ୍ରଫି ସହ ୧୬ହଜାର ଓ ରନର୍ସ ଅଫ ଟିମକୁ ଟ୍ରପି ସହ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

## ମହିଳାଙ୍କୁ ଅସଦାଚରଣ, ଅଭିଯୁକ୍ତ ଗିରଫ

**ବ୍ରହ୍ମପୁର,୧୪।୬(ସୁବାସ ପାଢ଼ୀ)**

ଜଣେ ମହିଳାଙ୍କୁ ଅସଦାଚରଣ କରିବା ସହ ଟଙ୍କା ନେଇଯାଇଥିବା ଅଭିଯୋଗରେ ଅଭିଯୁକ୍ତଙ୍କୁ ବୈଦ୍ୟନାଥପୁର ଥାନା ପୋଲିସ ଗିରଫ କରିଛି। ସେ ହେଲେ ଅଶୋକନଗରରେ ରହୁଥିବା ଶ୍ରବଣ କୁମାର ପାଢୀ(୫୧)। ପ୍ରକାଶ ଯେ, ଶ୍ରବଣ ଜଣେ ମହିଳାଙ୍କୁ ପିଛା କରିବା ସହ ତାଙ୍କୁ ଏକତରଫା ପ୍ରେମ କରୁଥିଲେ। ମହିଳା ଜଣଙ୍କ ରାସ୍ତାରେ ଯାଉଥିବା ବେଳେ ଶ୍ରବଣ ତାଙ୍କୁ ଅଟକାଇ ବଳାତ୍କାର ଉଦ୍ୟମ କରିଥିଲେ। ସେ ଏହାର ପ୍ରତିବାଦ କରିବାରୁ ଶ୍ରବଣ କ୍ରୋଧାନ୍ୱିତ ହୋଇ ସେ ଧରିଥିବା ୫୦ହଜାର ଟଙ୍କା ନେଇଯାଇଥିଲେ।

# ବୁଦ୍ଧିଜୀବୀ ସମାବେଶରେ ଯୋଗଦେଲେ ଡି.ପୁରନ୍ଦେଶ୍ୱରୀ

**ମୁନିଗୁଡ଼ା, ୧୪।୬ (ରାଧେଶ୍ୟାମ ଅଗ୍ରୱାଲ)**

ରାୟଗଡ଼ା ଜିଲା ମୁନିଗୁଡ଼ାସ୍ଥିତ ସୁଭଦ୍ରା - ଉଦ୍ଧବ ଶୌଣ୍ଡିକ ମଙ୍ଗଳ ଭବନ ପରିସରରେ ଜିଲା ଭାଜପା ଏବଂ ମୁନିଗୁଡ଼ା ମଣ୍ଡଳ ଭାଜପା ଆନୁକୁଲ୍ୟରେ ଏକ ବୁଦ୍ଧିଜୀବୀ ସମାବେଶ ଅନୁଷ୍ଠିତ ହୋଇଥିଲା। ଭାଜପା ଜିଲା ସଭାପତି ଶିବ ପଟ୍ଟନାୟକଙ୍କ ସଭାପତିତ୍ୱ ଓ ରାଜ୍ୟ ଓବିସି ମୋର୍ଚ୍ଚା ଉପ-ସଭାପତି ରାମଚନ୍ଦ୍ର ବେହେରାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦିକା ଡି. ପୁରନ୍ଦେଶ୍ୱରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭାଜପା ଜାତୀୟ ଜନଜାତି ମୋର୍ଚ୍ଚା ସାଧାରଣ ସମ୍ପାଦକ କାଳିରାମ ମାଝୀ ଓ ଜିଲା ଉପସଭାପତି ରାମକୃଷ୍ଣ ପଣ୍ଡା ଉପସ୍ଥିତ ଥିଲେ। ସରକାରଙ୍କ ୯ ବର୍ଷ ପୂର୍ତ୍ତିରେ ବିଧାୟକ ଓ ମନ୍ତ୍ରୀମାନେ କ୍ଷେତ୍ର ପରିଦର୍ଶନ କରି କେନ୍ଦ୍ର ସରକାରଙ୍କ ଜନସେବା ଓ ବିକାଶମୂଳକ କାର୍ଯ୍ୟକୁ ସଚେତନ କରାଯାଉଛି ବୋଲି ଡି. ପୁରନ୍ଦେଶ୍ୱରୀ କହିଥିଲେ। ଭାରତବର୍ଷକୁ ବିଶ୍ୱଗୁରୁ ଓ ପରମ ବୈଭବଶାଳି ଭାବେ ଦେଖିବାକୁ ହେଲେ ବୁଦ୍ଧିଜୀବୀମାନେ ପ୍ରତ୍ୟେକ ସ୍ତରରେ ଆଗକୁ ଆସି ଦେଶପାଇଁ କାର୍ଯ୍ୟ କରିବା ଉଚିତ ବୋଲି ସେ ପରାମର୍ଶ ଦେଇଥିଲେ। ପରେ ମୁନିଗୁଡ଼ାର ୧୮ଟି ମାଧ୍ୟମିକ ବିଦ୍ୟାଳୟ,୪ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ ପରୀକ୍ଷାରେ ଟପର ବିଦ୍ୟାର୍ଥୀ ସହିତ ୧୦ଜଣ ବୁଦ୍ଧିଜୀବୀ,୫ଜଣ ଖବରଦାତା, ୮ଜଣ ସଫଳ ଓ ସଚ୍ଚୋଟ ବ୍ୟବସାୟୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ।

# ପିସିସି ସାଧାରଣ ସମ୍ପାଦକ, ଜିଲା କଂଗ୍ରେସ ସଭାପତିଙ୍କୁ ସମ୍ବର୍ଦ୍ଧନା

**ରାୟଗଡ଼ା, ୧୪।୬ (ଆଶିଷ ରଞ୍ଜନ ପଣ୍ଡା)**



ଜିଲା କଂଗ୍ରେସ ସଭାପତି ବିଜୟ ଗମାଙ୍ଗଙ୍କୁ ଏମ୍‌ପି ସପ୍ତଗିରି ଉଲାକା ସମ୍ବର୍ଦ୍ଧିତ କରୁଛନ୍ତି।

ନୂତନ ଜିଲା କଂଗ୍ରେସ ସଭାପତି ବିଜୟ ଗମାଙ୍ଗ ଏବଂ ପିସିସି ସାଧାରଣ ସମ୍ପାଦକ ଦୁର୍ଗାପ୍ରସାଦ ପଣ୍ଡାଙ୍କୁ ବୁଧବାର ଏମ୍‌ପି ସପ୍ତଗିରି ଉଲାକାଙ୍କ ବାସଭବନଠାରେ ସମ୍ବର୍ଦ୍ଧିତ କରାଯାଇଛି । ଦୁର୍ଗାପ୍ରସାଦ ୨୦୦୭ରୁ ରାୟଗଡ଼ା ଜିଲା କଂଗ୍ରେସ ସଭାପତି ଭାବେ ଦାୟିତ୍ୱ ତୁଲାଇଥିଲେ । ଶରତ ପଟ୍ଟନାୟକ ପ୍ରଦେଶ କଂଗ୍ରେସ କମିଟି ସଭାପତି ହେବା ପରେ ରାଜ୍ୟ କମିଟି ଘୋଷଣା କରିଥିଲେ । ଏଥିରେ ଦୁର୍ଗାପ୍ରସାଦଙ୍କୁ ସାଧାରଣ ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା । ତେବେ ଦୁର୍ଗାପ୍ରସାଦ ସାଧାରଣ ସମ୍ପାଦକ ହେବା ପରେ ଜିଲା କଂଗ୍ରେସ ସଭାପତି ପଦ ଖାଲି ରହିଥିଲା । ବିଜୟ ଗମାଙ୍ଗ ଦଳର ଜଣେ ବରିଷ୍ଠ ନେତା ଏବଂ ସେ ପୂର୍ବରୁ ଜିଲା ପରିଷଦ ଅଧ୍ୟକ୍ଷ ରହିଥିବାରୁ ତାଙ୍କୁ ପିସିସି ସଭାପତି ଶରତ ପଟ୍ଟନାୟକ ଜିଲା କଂଗ୍ରେସର ସଭାପତି ଭାବେ ମନୋନୀତ କରିଛନ୍ତି । ବିଜୟଙ୍କ ଅନୁଭବ ଜିଲା କଂଗ୍ରେସକୁ ଆଗାମୀ ନିର୍ବାଚନରେ ସହାୟକ ହେବ ବୋଲି ଦଳୀୟ କର୍ମୀଙ୍କ ମଧ୍ୟରେ ଆଲୋଚନା ହେଉଛି । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଏମ୍‌ପି ଉଲାକାଙ୍କ ସମେତ ଜିଲା କଂଗ୍ରେସର ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ ।

# ବର୍ଷାଦିନ ପୂର୍ବରୁ ରାସ୍ତା ମରାମତି, ଡ୍ରେନ୍ କାମ ଶେଷ କରିବାକୁ ଦାବି

**ମୁନିଗୁଡ଼ା,୧୪।୬ (ରାଧେଶ୍ୟାମ ଅଗ୍ରୱାଲ)**



ରାସ୍ତାରେ ଭାସୁଛି ନର୍ଦ୍ଦମାପାଣି।

ରାୟଗଡ଼ା ଜିଲାର ପ୍ରମୁଖ ବ୍ୟବସାୟ ନଗରୀ ମୁନିଗୁଡ଼ାର ଅଧିକାଂଶ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଥିବାବେଳେ ଡ୍ରେନେଜ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ତେଣୁ ବର୍ଷାଦିନ ପୂର୍ବରୁ ରାସ୍ତା ମରାମତି ସହିତ ଡ୍ରେନ୍ ସଫେଇ ଯୁଦ୍ଧକାଳୀନ ଭିତ୍ତିରେ ସାରିବାକୁ ମୁନିଗୁଡ଼ା ମର୍ଚ୍ଚାଣ୍ଟ ଆସୋସିଏଶନ,ପ୍ରେସ୍‌କ୍ଲବ ଓ ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ଦାବି କରାଯାଇଛି।

ସୂଚନାଯୋଗ୍ୟ, ମୁନିଗୁଡ଼ାର ବ୍ୟସ୍ତବହୁଳ ସିନେମା ହଲ୍ ରୋଡ୍ ପାର୍ଶ୍ୱସ୍ଥ ଗଣେଶନଗରର ରାସ୍ତା ଦୀର୍ଘଦିନ ହେଲା ମରାମତି ହୋଇ ନ ଥିବାରୁ ଅତି ଶୋଚନୀୟ ହୋଇପଡ଼ିଛି । ସେହିପରି ମୁଖ୍ୟ ଆର୍‌ଡି ରୋଡ୍ ମେଡିକାଲ ଛକରୁ ଗଣେଶନଗର ଛକ ପର୍ଯ୍ୟନ୍ତ କଂକ୍ରିଟ ରୋଡ୍ ହୋଇଥିଲେ ମଧ୍ୟ ରୋଡ୍‌ର ଉଭୟ ପାର୍ଶ୍ୱରେ ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନେଜର ସୁବିଧା କରାଯାଇ ନାହିଁ । ସେପଟେ ଏହି ରାସ୍ତାକୁ ସିନେମା ହଲ୍ ବ୍ରିଜ୍ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ କଂକ୍ରିଟ କରାଯାଇ ନ ଥିବାରୁ ସାମାନ୍ୟ ବର୍ଷା ହେଲେ ପାଣି ନିଷ୍କାସନ ହୋଇ ନ ପାରି ଡ୍ରେନେଜ ସମସ୍ୟା ସୃଷ୍ଟି ହେଉଛି। ତେବେ ରାସ୍ତା ଉଚ୍ଚା ହୋଇଯିବା କାରଣରୁ ବର୍ଷାପାଣି ଏବେ ସାହି ଭିତରେ ପ୍ରବେଶକରି ଲୋକଙ୍କ ଘର ଭିତରେ ଡ୍ରେନ୍ ପାଣି ପଶୁଥିବା ଅଭିଯୋଗ ହେଉଛି। ଫଳରେ ବର୍ଷାଦିନ ଆସିଲେ ଜଗ କଲୋନି ଓ ଗଣେଶନଗରବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଚଳିତ ବର୍ଷା ଋତୁରେ ବଗିଚାସାହି, ଖଣ୍ଡିଆସାହି, ଶୁଣ୍ଡିସାହି, ଗୁପ୍ତା କଲୋନି, ଦୁବେ କଲୋନି, ଖମଣସାହି, ଇନ୍ଦିରାପଡା, ଦୋରାସାହି, ଗୋବର୍ଦ୍ଧନ, ହରିଜନ ସାହି, ଟିକରପଡା, ଗୌଡ଼ସାହି, ଧୋବାସାହି ଆଦି ଅନେକ ଅଞ୍ଚଳରେ ଡ୍ରେନ୍ ସମସ୍ୟା ଉଗ୍ରରୂପ ନେବ ବୋଲି କୁହାଯାଇଛି। ଗତ ବର୍ଷ ଡ୍ରେନେଜ ସମସ୍ୟା ଉପୁଜି ବର୍ଷାଜଳ କ୍ଷୁଦ୍ର ଜଳସେଚନ ବିଭାଗ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ, ବସ୍‌ଷ୍ଟାଣ୍ଡ, ଥାନା, ତହସିଲ କାର୍ଯ୍ୟାଳୟ ପରିସର ସମେତ ଦୋକାନଘରେ ପାଣି ପଶିଥିବା ଦେଖିବାକୁ ମିଳିଥିଲା। ସେହିପରି ଗତ କିଛି ବର୍ଷ ପୂର୍ବେ ଏଭଳି ଦୟନୀୟ ଅବସ୍ଥା କାରଣରୁ ମୁନିଗୁଡ଼ା ଉପକଣ୍ଠ ଟିକରପଡ଼ାରେ ମହାମାରୀ ଡେଙ୍ଗୁ ଯୋଗୁ ଅନେକ ଜୀବନ ଯାଇଥିଲା। ତେଣୁ ବର୍ଷାଦିନ ପୂର୍ବରୁ ରାସ୍ତା ମରାମତି ସହ ଡ୍ରେନ୍ ସଫେଇ କରାଯିବାକୁ ଦାବି ହେଉଛି।

## ସଂକ୍ଷେପରେ

### କ୍ଷୁଦ୍ର ଚଳଚ୍ଚିତ୍ର ସତ୍ୟ ଖବର ଉନ୍ମୋଚିତ



ମାଲକାନଗିର,୧୪।୬(ଦୁର୍ଯ୍ୟୋଧନ ପାତ୍ର): ମାଲକାନଗିରି ଜିଲାର କଳାକାର ମାନଙ୍କୁ ନେଇ ଏକ କ୍ଷୁଦ୍ର ଚଳଚ୍ଚିତ୍ର 'ସତ୍ୟ ଖବର' ବୁଧବାର ସ୍ଥାନୀୟ ନଗର ଭବନଠାରେ ଉନ୍ମୋଚିତ ହୋଇଯାଇଛି। ସାମାଜିକ ବ୍ୟବସ୍ଥାରେ ଗଣମାଧ୍ୟମର ଭୂମିକା ଓ ସତ୍ୟ ଖବର ପ୍ରକାଶିତ କରିବା ପରେ ଖବରଦାତାମାନେ କିଭଳି ନିର୍ଯାତନାର ଶିକାର ହେଉଛନ୍ତି ଏବଂ କେତେକ ଗଣମାଧ୍ୟମ ରାଜନୈତିକ ଲୋକଙ୍କ ପ୍ରଚାର ପ୍ରସାରରେ ରହି ମିଥ୍ୟା ଖବର ପରିବେଷଣ କରୁଥିବା ଏହି ଚଳଚ୍ଚିତ୍ରର ମୁଖ୍ୟ ବିଷୟବସ୍ତୁ । ଡି.ଏସ୍. କ୍ରୟେଶନ ଦ୍ୱାରା ନିର୍ମିତ ଏହି ଚଳଚ୍ଚିତ୍ରର ଲେଖକ ଓ ନିର୍ଦ୍ଦେଶକ ମାତୃପ୍ରସାଦ ପରିଡ଼ା ରହିଥିବା ବେଳେ ବିଭୂତି ଭୂଷଣ ଗଡ଼ନାୟକ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ବାଲାରାଜୁ, ଦିବ୍ୟା, ଶୁଭସ୍ମିତା, ଜଗୁ, ବୈଷ୍ଣବ ଚନ୍ଦ୍ର ଦଳେଇ, ନଦିଆ ବୈରାଗୀ, ମନୋଜ, ପ୍ରକାଶ ପଟ୍ଟନାୟକ, ପ୍ରଦୀପ, ଜଗା, ସାଗର, ଶିଶିର, ବିଶୁ, ଭୀମସେନ ମିଶ୍ର, ଚାନ୍ଦିନୀ, ରିଣ୍ଟୁ ଓ ବିନାଶ ମିଶ୍ର ପ୍ରମୁଖ ଏହି ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ସେହିପରି ବିନାଶ ମିଶ୍ର ଏହି ଚଳଚ୍ଚିତ୍ରରେ ସହାୟତା କରିଛନ୍ତି। ରାଜସ୍ୱ ଅମଲା ସଂଘ ଉପଦେଷ୍ଟା ଶ୍ୟାମସୁନ୍ଦର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବରିଷ୍ଠ ଆଇନଜୀବୀ ଜୋସେଫ୍ ଜେମ୍ସ, ସାମାଜିକ କର୍ମୀ ରତ୍ନାକର ଦାସ, ଦେବ ପ୍ରସାଦ ଦାସ ଯୋଗଦେଇଥିଲେ।

### ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

ଖଇରପୁଟ,୧୪।୬(ହୃଷୀକେଶ ସେଠୀ): ମାଲକାନଗିରି ଜିଲା କୁଡୁମୁଲୁଗୁମ୍ମା ବ୍ଲକ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ପ୍ରକାଶ ଯେ, ଜୟପୁର କୁମ୍ଭାରସାହିର ବାଲାଜି ମହନ୍ତ ନାମକ ଜଣେ ଯୁବକ ଜୟପୁରରୁ ବାଲିମେଳା ଆସୁଥିବା ବେଳେ କୁଡୁମୁଲୁଗୁମ୍ମାଠାରୁ ୩ କି.ମି.ଦୂର ମୁଖ୍ୟ ରାସ୍ତାରେ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ପଡ଼ିଯିବାରୁ ତାଙ୍କ ଶରୀରରେ ଗଭୀର ଆଘାତ ଲାଗିଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। କୁଡୁମୁଲୁଗୁମ୍ମା ଫାଣ୍ଡି ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଚୋରି ସାମଗ୍ରୀ ଜବତ, ଜଣେ ଗିରଫ

ତେନ୍ତୁଲିଖୁଣ୍ଟି ୧୪।୬ (ଚିଦାନନ୍ଦ ସାହୁ) : ନବରଙ୍ଗପୁର ଜିଲା ଖାତିଗୁଡା ପୋଲିସ ଚୋରି ଅଭିଯୋଗରେ ଜଣଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଚୋରି ସାମଗ୍ରୀ ଉଦ୍ଧାର କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ପବିତ୍ର କୁମ୍ଭାର । ପୋଲିସ ତାଙ୍କ ନିକଟରୁ ନଗଦ ୧୭୦୦ ଟଙ୍କା, ଏକ ମୋବାଇଲ, ଦାମୀ ଶାଢ଼ି, ଗିଫ୍ଟ ସାମଗ୍ରୀ ଓ ଏକ ପାଣି ପମ୍ପ ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, ସ୍ଥାନୀୟ ଅଞ୍ଚଳର ସୁଶୀଲ ପଣ୍ଡାଙ୍କ ଘରୁ ଚୋରି ହୋଇଥିବା ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁକରି ଘଟଣାସ୍ଥଳ ଛାନ୍‌ଭିନ୍ କରିବା ପରେ ପବିତ୍ର କୁମ୍ଭାରଙ୍କ ଉପରେ ସନ୍ଦେହ ହେଉଥିବାରୁ ତାଙ୍କୁ ଥାନାକୁ ନେଇ ପଚରାଉଚରା କରିଥିଲା। ପବିତ୍ର ପୋଲିସ ଆଗରେ ଚୋରି କରିଥିବା ସ୍ୱୀକାର କରିବା ସହ ସମସ୍ତ ଚୋରି ସାମଗ୍ରୀ ଫେରାଇଥିବା ଜଣାପଡ଼ିଛି।

# କରମା ମୁଦୁଲିଙ୍କୁ ଷ୍ଟେଟ ବ୍ୟାଙ୍କର ପାଠ୍ୟ ଉପକରଣ ପ୍ରଦାନ

ମାଲକାନଗିରି,୧୪।୬(ଦୁର୍ଯ୍ୟୋଦନ ପାତ୍ର)



କରମା ମୁଦୁଲିଙ୍କୁ ପାଠ୍ୟ ଉପକରଣ ପ୍ରଦାନ କରାଯାଉଛି।

ମାଲକାନଗିରି ଜିଲା ଓର୍କେଲ ଷ୍ଟେଟ୍ ବ୍ୟାଙ୍କ ତରଫରୁ ଖଇରପୁଟ ବ୍ଲକ ବଣ୍ଡାଘାଟିର ଯୁକ୍ତ ୨ ବାଣିଜ୍ୟରେ ଜିଲା ଟପ୍ପର ଛାତ୍ରୀ କରମା ମୁଦୁଲିଙ୍କୁ ବୁଧବାର ପାଠ୍ୟ ଉପକରଣ ପ୍ରଦାନ କରା ଯାଇଛି। ପ୍ରକାଶ ଯେ, ଖଇରପୁଟ ବ୍ଲକ ବଣ୍ଡାଘାଟି ଅଞ୍ଚଳ ପଦେଇଗୁଡ଼ା ଗ୍ରାମର କରମା ଗତ ବର୍ଷ ଯୁକ୍ତ ୨ ବାଣିଜ୍ୟରେ ଜିଲା ଟପ୍ପର ହୋଇଥିଲେ। ପ୍ରଶାସନ ତରଫରୁ ତାଙ୍କୁ ଗତବର୍ଷ ଭୁବନେଶ୍ୱରରେ ଯୁକ୍ତ ୩ରେ ଭର୍ତ୍ତି କରାଯାଇଥିବା ବେଳେ ଚଳିତ ବର୍ଷ ସେ ଆର୍ଥିକ ଅନଟନ ଯୋଗୁ କୁଲି କାମ କରୁଥିବା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏହାକୁ ଦୃଷ୍ଟିରେ ରଖି ତାଙ୍କୁ ଜିଲା ପ୍ରଶାସନ ତରଫରୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯାଇଥିବା ବେଳେ ଓର୍କେଲ ଷ୍ଟେଟ୍ ବ୍ୟାଙ୍କ ତରଫରୁ ମଧ୍ୟ କରମା ଯେ ପର୍ଯ୍ୟନ୍ତ ଉଚ୍ଚଶିକ୍ଷା ଗ୍ରହଣ କରିବେ ସେ ପର୍ଯ୍ୟନ୍ତ ତାଙ୍କୁ ସମସ୍ତ ପାଠ୍ୟ ଉପକରଣ ସହ ଟ୍ୟୁଶନ ଫି, ୟୁନିଫର୍ମ ଇତ୍ୟାଦି ଦିଆଯିବ ବୋଲି ଓର୍କେଲ ଷ୍ଟେଟ୍ ବ୍ୟାଙ୍କ ପରିଚାଳକ କଙ୍କଣ କୁମାର ବିଶ୍ୱାସ କହିଥିଲେ। କରମାଙ୍କୁ ବହି, ଖାତା, କଲେଜ ବ୍ୟାଗ୍, ପାଣି ବୋତଲ, ଟିଫିନ ବକ୍ସ, ଛତା, ଜୋତା, ୫ ହଜାର ଟଙ୍କା ଟ୍ୟୁଶନ ଫି ଏବଂ ୟୁନିଫର୍ମ ନିମନ୍ତେ ୧ ହଜାର ଟଙ୍କା ପ୍ରଦାନ କରିଛନ୍ତି।

# ବିଭିନ୍ନ ଦାବି ନେଇ ଆମ୍ବୁଲାନ୍ସ କର୍ମଚାରୀଙ୍କ ସିଡିଏମ୍‌ଓଙ୍କୁ ଦାବିପତ୍ର



ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଆମ୍ବୁଲାନ୍ସ କର୍ମଚାରୀମାନେ।

ମାଲକାନଗିରି,୧୪।୬(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ କାର୍ଯ୍ୟରତ ୧୦୮ ଆମ୍ବୁଲାନ୍ସର ସମସ୍ତ କର୍ମଚାରୀ ଯଥା ଡ୍ରାଇଭର, ଆଟେଣ୍ଡାଣ୍ଟ, ଇଏମ୍‌ଟି ତାଙ୍କର ବିଭିନ୍ନ ଦାବି ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ମଙ୍ଗଳବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ ରହିଛି, ୨୦୧୩ ଠାରୁ ୧୦୮ରେ ଏହି କର୍ମଚାରୀମାନେ ନିଷ୍ଠାପର ଭାବେ ନିଜର କାର୍ଯ୍ୟ ତୁଲାଇ ଆସୁଛନ୍ତି। ଏପରିକି କୌଣସି ପ୍ରାକୃତିକ ବିପର୍ଯ୍ୟୟ ଯଥା ବନ୍ୟା, ବାତ୍ୟା, କରୋନା ଓ ସାମୁହିକ ଦୁର୍ଘଟଣା, ଏପରିକି ବାଲେଶ୍ୱର ଟ୍ରେନ ଦୁର୍ଘଟଣାରେ ବି ରୋଗୀମାନଙ୍କୁ ଠିକ୍ ସେବା ଦେଇ ଆସୁଛନ୍ତି। ଏପରି ଉତ୍ତମ କାର୍ଯ୍ୟକରି ଆସୁଥିଲେ ସୁଦ୍ଧା ସରକାରଙ୍କ ଦୃଷ୍ଟିରେ ଆସି ପାରୁନାହାନ୍ତି। ସରକାର ଏମାନଙ୍କୁ ଅଣଦେଖା କରି ଆସୁଛନ୍ତି। ତେଣୁ ଏହି କର୍ମଚାରୀମାନେ ଦାବି କରିଛନ୍ତି, ୧୦୮ ଆମ୍ବୁଲାନ୍ସରେ କାର୍ଯ୍ୟରତ କର୍ମଚାରୀଙ୍କୁ ନିୟମିତ କରାଯାଉ, ନ ହେଲେ ସ୍ୱତନ୍ତ୍ର ପ୍ୟାକେଜ୍ ୮ ଘଣ୍ଟିଆ ପାରିଶ୍ରମିକ ଅନୁସାରେ ଇଏମ୍‌ଟିଙ୍କୁ ୩୦ହଜାର ଓ ପାଇଲଟଙ୍କୁ ୨୫ହଜାର ଆଟେଣ୍ଡାଣ୍ଟଙ୍କୁ ୨୦ହଜାର ଏବଂ ଆଡଭାନ୍ସ ଲାଇଫଇଏମ୍‌ଟିଙ୍କୁ ୩୫ ହଜାର ଟଙ୍କା ଦିଆଯାଉ। ବାର୍ଷିକ ଦରମା ବୃଦ୍ଧି ନିଶ୍ଚିନ୍ତ କରାଯାଉ, ୧୦୮ ଆମ୍ବୁଲାନ୍ସ କର୍ମଚାରୀ ଲୋକଙ୍କ ଆକ୍ରମଣର ଶିକାର ହେଲେ ସ୍ୱତନ୍ତ୍ର ଦଣ୍ଡବିଧାନ ସହ ଦୋଷୀମାନଙ୍କ ପ୍ରତି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ, କୌଣସି ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପୂର୍ବରୁ ୧୦୮ ଆମ୍ବୁଲାନ୍ସ ସଂଘ ସହିତ ଆଲୋଚନା କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ପ୍ରତ୍ୟେକ ୧୦୮ ଆମ୍ବୁଲାନ୍ସ ରହୁଥିବା ସ୍ଥାନରେ, କର୍ମଚାରୀମାନଙ୍କ ପାଇଁ ରହିବା ଓ ଶୌଚାଳୟ ବ୍ୟବସ୍ଥା କରାଯାଉ, ୧୦୮ ଆମ୍ବୁଲାନ୍ସ କର୍ମୀଙ୍କ ଆକସ୍ମିକ ମୃତ୍ୟୁ ହେଲେ ଅନୁକମ୍ପା ରାଶି ୨୦ ଲକ୍ଷ ଓ ଅକର୍ମଣ୍ୟ ହେଲେ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ତେବେ ତାଙ୍କ ଏହି ଦାବି ଗୁଡିକ ତୁରନ୍ତ ପୂରଣ କରିବା ପାଇଁ ସମସ୍ତ କର୍ମଚାରୀମାନେ ଦାବି କରିଛନ୍ତି।

# ଝାଡୁ ମାରିଲେ ଅମଲା ସଂଘ କର୍ମକର୍ତ୍ତା



ମାଲକାନଗିରି ଜିଲା ଅମଲା ସଂଘ କର୍ମକର୍ତ୍ତାମାନେ ଝାଡୁ ମାରୁଛନ୍ତି।

ମାଲକାନଗିରି,୧୪।୬(ଡି.ଏନ୍.ଏ.)

ଜୁନ୍ ୧ ତାରିଖରୁ ସାରା ରାଜ୍ୟରେ ଏକଦଫା ଦାବି ନେଇ ମିଳିତ ଅମଲା ମଞ୍ଚ ପକ୍ଷରୁ ସମୂହ ଛୁଟିରେ ରହି ଆନ୍ଦୋଳନ କରୁଛନ୍ତି। ମାଲକାନଗିରି ଜିଲା ଅମଲା ସଂଘ ପକ୍ଷରୁ ମଧ୍ୟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୧୩ ଦିନ ଧରି ଧାରଣା ଚାଲିଥିବା ବେଳେ ମଙ୍ଗଳବାର ଅମଲା ସଂଘର କର୍ମକର୍ତ୍ତାମାନେ କଲମ ଛାଡି ଝାଡୁ ମାରି ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ ଜଣାଇଛନ୍ତି। ଅମଲା ସଘ ସଦସ୍ୟା ସଦସ୍ୟ ମାନେ ବସ୍‌ଷ୍ଟାଣ୍ଡ ପରିସରରେ ଝାଡୁମାରି ସଫେଇ କାମରେ ନିୟୋଜିତ ରଖି ଶାନ୍ତିପୂର୍ଣ୍ଣ ଭାବେ ନିଜ ଦାବି ରଖି ପ୍ରତିବାଦ କରିଛନ୍ତି। ଏହା ପୂର୍ବରୁ ମଧ୍ୟ ଧାରଣାରେ ରହି ରେଳ ଦୁର୍ଘଟଣାରେ ଆହତଙ୍କ ପାଇଁ ରକ୍ତଦାନ କରିବା ସହ ସେମାନଙ୍କୁ ୫୫ ହଜାର ଟଙ୍କା ସହାୟତାର ପ୍ରଦାନ କରିଥିଲେ । ସେହିପରି ମାଲକାନଗିରି ମୁଖ୍ୟ ଚିକିତ୍ସାଳୟ ପରିସରରେ ଝାଡୁ ଧରି ସଫେଇ କାର୍ଯ୍ୟ କରିବା ସହ ମନ୍ଦିର ପରିସର ମଧ୍ୟ ସଫା କରାଯାଇଥିଲା। ମାଲକାନଗିରି ଭଳି ଆଦିବାସୀ ଅଞ୍ଚଳରେ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ବିଭିନ୍ନ ପ୍ରକାର କାର୍ଯ୍ୟ ବନ୍ଦ ହେବା ସହ ସାଧାରଣ ଲୋକମାନେ ବିଭିନ୍ନ ପ୍ରକାରର ସମସ୍ୟାରେ ପଡୁଛନ୍ତି। ଯଥାଶୀଘ୍ର ଅମଲା ସଂଘ ଦାବି ପୂରଣ କରାଗଲେ ସାଧାରଣ ଲୋକେ ମଧ୍ୟ ଉପକୃତ ହେବେ । କାର୍ଯ୍ୟକ୍ରମରେ ମିଳିତ ଅମଲା ମଞ୍ଚ ଆବାହକ ଶ୍ୟାମସୁନ୍ଦର ନାୟକଙ୍କ ସହ ଅମଲା ମଞ୍ଚ ସଭାପତି ଲକ୍ଷ୍ମୀକାନ୍ତ ସେଠୀ, ସାଧାରଣ ସମ୍ପାଦକ, ସିଏଚ୍. କ୍ରିଷ୍ଣା ରାଓ, ଲକ୍ଷ୍ମୀଧର ଦାସ, ଟୁକୁନା ପଢିଆରି, ବସନ୍ତ କୁମାର ପୃଷ୍ଟି, ସୁକାନ୍ତ କୁମାର ସାହୁ ଓ ସନ୍ତୋଷ କୁମାର ସେନାପତି ପ୍ରମୁଖଙ୍କ ସହ ସମସ୍ତ ଅମଲା ଉପସ୍ଥିତ ଥିଲେ।

## ସିଆରପିଏଫ ପକ୍ଷରୁ ରକ୍ତଦାନ ଶିବିର

ମାଲକାନଗିରି,୧୪।୬(ଦୁର୍ଯ୍ୟୋଧନ ପାତ୍ର)

ର ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ସୁକୁମା ଜିଲାରେ ସିଆରପିଏଫ ବାହିନୀ ତରଫରୁ ଏକ ରକ୍ତଦାନ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସିଆରପିଏଫ କମାଣ୍ଡାଣ୍ଟ ରତିକାନ୍ତ ବେହେରାଙ୍କ ନିର୍ଦ୍ଦେଶ ଅନୁଯାୟୀ ବରିଷ୍ଠ ଚିକିତ୍ସାଧିକାରୀ ଡାକ୍ତର ଅନିଲ କୁମାରଙ୍କ ନେତୃତ୍ୱରେ ସୁକୁମାର ଏସ୍‌ଟିଏଫ୍ କ୍ୟାମ୍ପରେ ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। କମାଣ୍ଡାଣ୍ଟ ରତିକାନ୍ତ ବେହେରା, ୦୨ ବାହିନୀ ସିଆରପିଏଫର ବହୁ ଅଧିକାରୀ ଯୋଗଦେଇଥିବା ବେଳେ ଏହି ଯବାନମାନେ ରକ୍ତଦାନ କରିଥିଲେ। ଏହି ଅବସରରେ ମୋଟ ୩୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସୁକୁମା ଏବଂ ନିକଟବର୍ତ୍ତୀ ବହୁ ଅଞ୍ଚଳରେ ଅଧିକାଂଶ ରୋଗୀ ରକ୍ତହୀନତାର ଶିକାର ହଅନ୍ତି ଏବଂ ସେମାନଙ୍କ ଚିକିତ୍ସା ସମୟରେ ଜିଲା ଡାକ୍ତରଖାନା ସୁକୁମାର ଚିକିତ୍ସିତ ହେଉଥିବା ରୋଗୀଙ୍କ ଚିକିତ୍ସା ପାଇଁ ବହୁ ରକ୍ତର ଆବଶ୍ୟକତା ପଡୁଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା ବୋଲି କମାଣ୍ଡାଣ୍ଟ ବେହେରା ପ୍ରକାଶ କରିଛନ୍ତି। ଅନ୍ୟ ଅତିଥିମାନେ ରକ୍ତଦାନର ମହତ୍ୱ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ୨ ବାହିନୀ ସିଆରପିଏଫ ଯବାନଙ୍କ ଦ୍ୱାରା ଜରୁରିକାଳୀନ ପରିସ୍ଥିତିରେ ରକ୍ତଦାନ କରି ସ୍ଥାନୀୟ ନାଗରିକଙ୍କ ଜୀବନ ଅନେକ ଥର ବଞ୍ଚାଇଥିବା କହିଛନ୍ତି।

# ବଳରାମ ଯୋଜନାରେ ଭୂମିହୀନଙ୍କୁ କୃଷି ଋଣ




ମାଲକାନଗିରି,୧୪।୬(ଦୁର୍ଯ୍ୟୋଧନ ପାତ୍ର)/ ଖଇରପୁଟ(ହୃଷୀକେଶ ସେଠୀ)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲା କୃଷି ବିଭାଗ ତରଫରୁ କୃଷକମାନଙ୍କ ପାଇଁ ବଳରାମ ଯୋଜନାରେ ଭୂମିହୀନଙ୍କୁ ଚାଷ ଋଣ ପ୍ରଦାନ ମେଳା ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ କୃଷି ଅଧିକାରୀ ନନ୍ଦଗିରି ରାମକୃଷ୍ଣ ହାୟାଗ୍ରିବଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ମେଳାରେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, କୁଡୁମୁଲୁଗୁମ୍ମା ବ୍ଲକ କୃଷି ଅଧିକାରୀ ହେମନ୍ତ କୁମାର ପଢିଆରି, ମାଥିଲି କେସିସି ବ୍ୟାଙ୍କର ପରିଚାଳକ ବିଦ୍ୟାଦର ପ୍ରଧାନ, ବଣ୍ଡା ଲ୍ୟାମ୍ପସ୍, ଗୋବିନ୍ଦପାଲ୍ଲୀ ପରିଚାଳକ ଅନ୍ତଯ୍ୟାମି ସାହୁ, କୁଡୁମୁଲୁଗୁମ୍ମା ଲ୍ୟାମ୍ପ ପରିଚାଳକ ରମେଶ ଚନ୍ଦ୍ର ରାଉତ, ବ୍ଲକ ମିଶନ ଶକ୍ତି ପ୍ରକଳ୍ପ ସହକାରୀ ଅଧିକାରୀ ନଳିନୀ ସିଂ, ଖଇରପୁଟ ଷ୍ଟେଟ ବ୍ୟାଙ୍କ ପରିଚାଳକ ଉଦୟନାଥ ବେବର୍ତ୍ତା ଅଂଶଗ୍ରହଣ କରିଥିଲେ। ଏହି ବଳରାମ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ଭୂମିହୀନମାନେ କିପରି ଅନ୍ୟ ଚାଷୀମାନଙ୍କ ବଳକା ଜମିରେ ଭାଗ ଚାଷ କରି ଲାଭବାନ ହୋଇ ପାରିବେ ସେଥି ନିମନ୍ତେ ସେମାନଙ୍କୁ ଆର୍ଥିକ ସହାୟତା ଯୋଗାଇଦେବା ମୂଳ ଲକ୍ଷ୍ୟ । ପ୍ରତି ୫ ଜଣ ଭୂମିହୀନ ଗୋଟିଏ ଦଳ ଗଠନ କରି ତାଙ୍କ ଅଞ୍ଚଳରେ ଯେଉଁ ଜମି ମାଲିକମାନେ ଚାଷ ନ କରି ଜମି ପଡିଆ ରଖିଛନ୍ତି, କିମ୍ବା ଭାଗ ଚାଷ ଦେବାକୁ ଇଛା କରୁନାହାନ୍ତି, ସେହି ଜମି ମାଲିକଙ୍କ ସହ ଏକ ଚୁକ୍ତିନାମା କରି ବଳରାମ ଯୋଜନାରୁ ଅର୍ଥ ନେଇ ଉଭୟ ରବି ଏବଂ ଖରିପ ଋତୁରେ ହେଉଥିବା ବିଭିନ୍ନ ଫସଲ କରିପାରିବେ । ଏହି ଋଣ ବର୍ଷକ ମଧ୍ୟରେ ପରିଶୋଧ କଲେ ସୁଦ୍ଧ ଦେବାକୁ ପଡିବ ନାହିଁ ବୋଲି ଜିଲା ମୁଖ୍ୟ କୃଷି ଆଧିକାରୀ ହାୟାଗ୍ରିବ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ମାଥିଲି କେସିସି ବ୍ୟାଙ୍କ ତରଫରୁ ଖଇରପୁଟ ବ୍ଲକ ବଣ୍ଡାଘାଟି ଭୂମିହୀନ ଚାଷୀଙ୍କୁ ୧୮ଟି ଗ୍ରୁପ୍ ଖଇରପୁଟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ୧୨ ଲକ୍ଷ ଟଙ୍କା କୁଡୁମୁଲୁଗୁମ୍ମାର ୭ ଗ୍ରୁପ୍‌କୁ ୭ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି।

# ମା ଘର ସୁରକ୍ଷା ସେନାର ରାଜ୍ୟସ୍ତରୀୟ ସମ୍ମିଳନୀ

ମାଲକାନଗିରି,୧୪।୬(ଦୁର୍ଯ୍ୟୋଧନ ପାତ୍ର)



ମା' ଘର ସୁରକ୍ଷ ସେନା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

ମାଲକାନଗିରି ଜିଲା ସଦର ମହକୁମା ସଂସ୍କୃତି ଭବନରେ ମଙ୍ଗଳବାର ରାଜ୍ୟ ମା ଘର ସୁରକ୍ଷା ସେନାର ୧୦ମ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଉପଦେଷ୍ଟା ପ୍ରଭାକର ହନ୍ତାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଏମ୍ ରମେଶ ଚନ୍ଦ୍ର ମାଝି, ସମ୍ମାନନୀୟ ଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ମା ଘର ସୁରକ୍ଷା ସେନା ରାଜ୍ୟ ସଭାପତି ମମତା ମଲିକ, ମାଲକାନଗିରି ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ପଦ୍ମିନୀ ମୁଦୁଲି, ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲ, ଅତିରିକ୍ତ ତହସିଲଦାର ଜଗଦୀଶ କାର୍ତ୍ତାମୀ, ଆଦିବାସୀ ମହାସଂଘ ସଭାପତି ଘନଶ୍ୟାମ ମାଡକାମି, ବରିଷ୍ଠ ଆଇନଜୀବି ତଥା ବିଜେଡି ସାଂଗଠନିକ ସମ୍ପାଦକ ଗୋପାଳକୃଷ୍ଣ ପଣ୍ଡା, ଉତ୍କଳ ସାମ୍ବାଦିକ ସଂଘ ସଭାପତି ଦୁର୍ଯ୍ୟୋଧନ ପାତ୍ର, ଏମ୍‌ୟୁଜେ ସଭାପତି ଦେବ ପ୍ରସାଦ ଦାସ, ମଞ୍ଚାସୀନ ଥିଲେ। ମା ଘର ସୁରକ୍ଷା ସେନା ମାଲକାନଗିରି ଜିଲାରେ ବିଭିନ୍ନ ପାରିବାରିକ ସମସ୍ୟା ସମାଧାନ କରିବା ସହ ୬୦୦ଥାନାରେ ଅଭିଯୋଗ ହୋଇଥିବା ମାମଲାଗୁଡିକୁ ଆପୋଷ ମିଳାମିଶା ମଧ୍ୟରେ ସମାଧାନ କରିଛନ୍ତି। ଏଥିସହ ଜିଲାରେ ବସବାସ କରୁଥିବା ସମସ୍ତ ପରିବାର ଶାନ୍ତିରେ ରହିବା ସହ ପାରିବାରିକ କିମ୍ବା ଅନ୍ୟ କୌଣସି ଗଣ୍ଡଗୋଳ, ବିଚ୍ଛେଦ ଓ ନିର୍ଯାତନା ଇତ୍ୟାଦି କାର୍ଯ୍ୟରେ ଲିପ୍ତ ନ ରହିବା ପାଇଁ ଏମ୍‌ପି ମାଝି ପରାମର୍ଶ ଦେଇଥିଲେ। ମା ଘର ସୁରକ୍ଷା ସେନା ବିଭିନ୍ନ ସାମାଜିକ କାର୍ଯ୍ୟରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବିଧାୟକ ବାକା ପ୍ରକାଶ କରିବା ସହ ଆଗାମୀ ଦିନରେ ମହିଳାମାନଙ୍କ ଦ୍ୱାରା ନାରୀ ସଶକ୍ତିକରଣ ଏବଂ ଶାନ୍ତି ଆମ ଜିଲାରେ ବଜାୟ ରହିବ । ମାଲକାନଗିରି ଜିଲା ମା ଘର ସୁରକ୍ଷା ସେନା ସଭାପତି ପ୍ରଶାନ୍ତିଲତା ବିଶୋଇ ଏବଂ ସମ୍ପାଦକ ଦୁଲାଲି ଥଣ୍ଡର ମାଲକାନଗିରି ଜିଲାରେ ଏହି ସଂଗଠନ କିପରି କାର୍ଯ୍ୟ ଜାରି ରଖିଛି ନିଜ ନିଜର ବକ୍ତବ୍ୟରେ କହିଥିଲେ। ଆଗାମୀ ଦିନରେ ମାଲକାନଗିରି ଜିଲା ସଂଗଠନକୁ ଅଧିକ ସୁଦୃଢ କରାଯିବ ବୋଲି ରାଜ୍ୟ ସଭାପତି ସାହୁ ପ୍ରକାଶ କରିଥିଲେ। ଏହି ଅବସରରେ ଜିଲାରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ମହିଳା ପୁରୁଷମାନଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ ମାଲକାନଗିରି ଜିଲାର ୭ ବ୍ଲକ ଅଧ୍ୟକ୍ଷ ଅଧ୍ୟକ୍ଷା ବୁଦ୍ଧିଜୀବିଙ୍କ ସହ ରାଜ୍ୟର ବିଭିନ୍ନ ଜିଲାର ମା ଘର ସୁରକ୍ଷା ସେନାର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ସର୍ବ ବିଶୋଇ ପରିଚାଳନା କରିଥିବା ବେଳେ ମା ଘର ସମ୍ପାଦକ ଦୁଲାଲି ଥଣ୍ଡର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗୁମ୍ମଝରଣ ଜଳପ୍ରପାତ ରାସ୍ତା ପଥର ପ୍ୟାକିଂ କଲେ ସରପଞ୍ଚ

ମାଥିଲି,୧୪।୬।(ସୁବାଷ ଚନ୍ଦ୍ର ଖୁଡୁପିଆ)



ଜଳପ୍ରପାତକୁ ଥିବା ମାଟିରାସ୍ତାରେ ଲୋକେ ପଥର ପ୍ୟାକିଂ କରୁଛନ୍ତି ।

ଖଇରପୁଟ ବ୍ଲକ ମାଡକାପଦର ପଞ୍ଚାୟତ ଗୁମ୍ମଝରଣରେ ମଙ୍ଗଳବାର ଏମ୍.ଜି.ଏନ୍.ଆ.ର୍.ଇ.ଜି.ଏସ୍.ରେ ଗୁମ୍ମଝରଣରେ ଥିବା ଜଳପ୍ରପାତକୁ ଅଧିକ ସୁନ୍ଦର ଓ ଯାତାୟାତ ପାଇଁ ପକ୍କା ରାସ୍ତା ତିଆରି ଲାଗି ବାରମ୍ବାର ଗ୍ରାମବାସୀ ବିଡିଓ ଏବଂ ଜିଲାପାଳଙ୍କୁ ଜଣାଇଥିଲେ। ପରେ ରାଜନେତାଙ୍କୁ କହିଥିଲେ ମଧ୍ୟ ଏମାନଙ୍କ କଥା କେହି ଶୁଣି ନ ଥିଲେ। କିନ୍ତୁ ମାଡକାପଦର ସରପଞ୍ଚ ଡମ୍ବରୁ ସୀସା ମାଟି ରାସ୍ତା ପଥର ପ୍ୟାକିଂ କାମ ପାଇଁ ଆଗେଇ ଆସିଛନ୍ତି। ବାରମ୍ବାର କହିବା ପରେ ବର୍ତ୍ତମାନ ବ୍ଲକ ତରଫରୁ ଟେଣ୍ଡର ମାଧ୍ୟମରେ ଜଳପ୍ରପାତକୁ ମାଟି ରାସ୍ତା ତିଆରି ହୋଇଥିବା ବେଳେ ତାହା ଧୋଇଯିବା ଆଶଙ୍କା କରାଯାଉଥିଲା। କିପରି ମାଟି ନ ଧୋଇ ହେବ ସେଥିପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ପଥର ପ୍ୟାକିଂ କାମ ସରପଞ୍ଚ ଆରମ୍ଭ କରାଇଛନ୍ତି। ଯାହା ପାଇଁ ଗୁମ୍ମଝରଣ ବାସିନ୍ଦା ସରପଞ୍ଚ ଡମ୍ବରୁଙ୍କୁ ଧନ୍ୟବାଦ ଦେଇଛନ୍ତି।

# ମାଲ୍ୟବନ୍ତ ଦେଶିଆ ନାଟଗୁରୁ ସାଂସ୍କୃତିକ ସଂଗଠନର ସମ୍ମିଳନୀ

ମାଲକାନଗିରି,୧୪।୬ (ଦୁର୍ଯ୍ୟୋଧନ ପାତ୍ର)




କର୍ମଶାଳାରେ ଯୋଗଦେଇଥିବା ଅତିଥି।

ପ୍ରଥମ ରଜ ଅବସରରେ ମାଲକାନଗିରି ଜିଲା ମାଲ୍ୟବନ୍ତ ଦେଶିଆ ନାଟଗୁରୁ ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ଜିଲାସ୍ତରୀୟ ସମ୍ମିଳନୀ ମାଲକାନଗିରି ଥାନା ବୀରଲକ୍ଷ୍ମଣପୁରଠାରେ ସଂଘ ସଭାପତି ଅନାଦୀ କଡାଙ୍କ ସଭାପତିତ୍ୱରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଜିଲା କଳା ସଂସ୍କୃତି ସଂଘ ଉପସଭାପତି ଭୀମ ମୁଦୁଲି, ସାଧାରଣ ସମ୍ପାଦକ ଧାନଫୁଲ ବାରିକ, ଉପଦେଷ୍ଟା ଦାମୋଦର କଡା, ସଙ୍ଗଠନ ଉପସଭାପତି ଭୀମସେନ କୁଡୁପିଆ, ମାଲକାନଗିରି ବ୍ଲକ ସଭାପତି ରାମଚନ୍ଦ୍ର ହନ୍ତାଳ, ମାଥିଲି ବ୍ଲକ ସଭାପତି ଡମ୍ବରୁଧର ପେରେମା, ଖଇରପୁଟ ବ୍ଲକ ସଭାପତି କୋମୁଲୁ ମୁଦୁଲି, କାଲିମେଳା ବ୍ଲକ ସଭାପତି ଭଗବାନ ହନ୍ତାଳ, ଚିତ୍ରକୋଣ୍ଡା ବ୍ଲକ ସଭାପତି ଅମଳ ମଣ୍ଡଳ, ଲଖଣପୁର କଳା ଗ୍ରାମ ସଭାପତି ମୁକୁନ୍ଦ ଖୋଲା, ଜିଲା ପରିଷଦ ସଭ୍ୟ କୃଷ୍ଣଚନ୍ଦ୍ର ଅନୁଗୁ, ବୀରଲକ୍ଷ୍ମଣପୁର ସରପଞ୍ଚ ନୀଳକଣ୍ଠ ଖୋଲାଙ୍କ ସହ ଜିଲାର ୧ ହଜାରରୁ ଊର୍ଦ୍ଧ୍ୱ ପୁରୁଷ ମହିଳା କଳାପ୍ରେମୀ ଉପସ୍ଥିତ ଥିଲେ। ମାଲକାନଗିରି ଜିଲାର କଳା ସଂସ୍କୃତି କିପରି ଜୀବିତ ରହିବ ସେଥିପାଇଁ ନୃତ୍ୟ, ନାଟକ, କବିତା, ଉପନ୍ୟାସ, ମାଧ୍ୟମରେ ବଞ୍ଚାଇ ରଖିବା ପାଇଁ ନାଟଗୁରୁମାନେ ନିଜର ମନ୍ତବ୍ୟ ରଖିଥିଲେ। ଯୁବପିଢ଼ି ଜିଲାର ପରମ୍ପରା କଳା ସଂସ୍କୃତି ମାଧ୍ୟମରେ ଆଗକୁ କିପରି ଜାରି ରଖିବେ ମାଲକାନଗିରି ଜିଲାର କଳାକାରମାନେ ଉଚ୍ଚକୋଟିର କଳା ପ୍ରଦର୍ଶନ କରି ଜିଲା ସହ ରାଜ୍ୟ ଓ ଜାତୀୟସ୍ତରରେ କୃତିତ୍ୱ ଅର୍ଜନ କରିଥିବାରୁ ସମସ୍ତ କଳାକାରଙ୍କୁ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝି ପ୍ରଶଂସା କରିଥିଲେ। କଳାକାରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ ଏବଂ ମାନପତ୍ର ପ୍ରଦାନ କରା ଯିବା ପରେ ମହିଳା ଏବଂ ଯୁବତୀଯୁବକମାନଙ୍କୁ ନେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ସଂକ୍ଷେପରେ

### ନିଟ୍ ପରୀକ୍ଷାରେ ଖାତିଗୁଡାର ଅନନ୍ତଙ୍କ କୃତିତ୍ୱ



**ତେନ୍ତୁଳିଖୁଣ୍ଟି ୧୪।୬ (ଚିଦାନନ୍ଦ ସାହୁ):** ସର୍ବ ଭାରତୀୟ ମେଡିକାଲ ପରୀକ୍ଷା (ନିଟ୍)ରେ ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡାରେ ରହୁଥିବା ଅନନ୍ତ କୁମାର ସଫଳତା ପାଇଛନ୍ତି। ଅନନ୍ତ ନିଟ୍ ପରୀକ୍ଷାରେ ୭୨୦ ରୁ ୬୬୨ ନମ୍ବର ରଖିଛନ୍ତି । ସେ ତୃତୀୟ ପ୍ରୟାସରେ ଏହି ସଫଳତା ପାଇଥିବା ଜଣାପଡ଼ିଛି। ତାଙ୍କ ମା ଏକ ଛୋଟିଆ ଦୋକାନ କରିଥିବାରୁ ପୁଅକୁ କୌଣସି ନାମୀଦାମୀ କୋଚିଂ ସେଣ୍ଟରରେ ଛାଡି ନିଟ ପ୍ରସ୍ତୁତି କରାଇ ପାରି ନଥିଲେ। ତଥାପି ପୁଅର ଲକ୍ଷ୍ୟ ଭବିଷ୍ୟତରେ ଡାକ୍ତର ହେବା ଓ ତାର ଅଧବସାୟ ଯୋଗୁ ସ୍ୱଳ୍ପ ଆୟରେ ମଧ ପୁଅକୁ ଅନ ଲାଇନ କୋଚିଂ ପାଇଁ ପାରୁପର୍ଯ୍ୟନ୍ତ ଆର୍ଥିକ ସହଯୋଗ କରିଥିଲେ। ଗତବର୍ଷ ଭଲ ନମ୍ବର ନଥିବାରୁ କାଉସଲିଂରେ ଡାକ୍ତରୀ ମିଳିନଥିଲା , ଡେଣ୍ଟାଲ ମିଳିବା ସମ୍ଭାବନା ଥିବାରୁ ତୃତୀୟ ଥର ପ୍ରୟାସ କରିଥିଲେ ଅନନ୍ତ। ତାଙ୍କ ସଫଳତାରେ ଅଞ୍ଚଳବାସୀ ଖୁସି ଥିବା ପ୍ରକାଶ କରିଛନ୍ତି।

### ବିଦ୍ୟୁତ୍ ଆଘାତରେ ଡ୍ରାଇଭର ମୃତ

**କୋଷାଗୁମୁଡ଼ା,୧୪। ୬ (ପ୍ରସାଦ ବିଷୋୟୀ):** ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ଅନ୍ତର୍ଗତ ଉକିଆପାଲୀ ପଞ୍ଚାୟତର ଗଜାଗାଁ ବାଲି ଘାଟରେ ବିଦ୍ୟୁତ୍ ଆଘାତରେ ଜଣେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ କୋରାପୁଟ ଜିଲା ପଟାଙ୍ଗୀ ଥାନା ଅନ୍ତର୍ଗତ ଶୁଣ୍ଡିପୁଙ୍ଗା ଗ୍ରାମର ଅନନ୍ତ ଗିରଲିଆ (୪୫) । ସୂଚନା ଅନୁଯାୟୀ, ଡ୍ରାଇଭର ଅନନ୍ତ ଗଜାଗାଁ ବାଲିଘାଟରେ ବାଲି ବୋଝେଇ ଗାଡି ଉପରେ ପାଲ ପକାଇବା ବେଳକୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ତଳକୁ ଛିଟିକି ପଡିଥିଲେ । ସଙ୍ଗେ ସଙ୍ଗେ ଅନ୍ୟ ଗାଡିର ଡ୍ରାଇଭରମାନେ ତାଙ୍କୁ ଉଦ୍ଧାର କୋଷାଗୁମୁଡା ଗୋଷ୍ଠୀ ସ୍ୟାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

### ଖରା ସାଙ୍ଗକୁ ଦାଉ ସାଧୁଛି ବିଦ୍ୟୁତ୍ କାଟ୍

**ଚନ୍ଦାହାଣ୍ଡି, ୧୪।୬ (ଦିଲୀପ ଦାସ ):** ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକରେ କଲବଲ କରୁଛି ଗ୍ରୀଷ୍ମ ତାତି । ଅସହ୍ୟ ଗରମ ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଉଛି । ସକାଳ ୧୦ଟାରୁ ଘରୁ ବାହାରିବା ମୁସ୍କିଲ ହୋଇପଡୁଛି। ଅନ୍ୟପଟେ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ପାନୀୟ ଜଳ ସମସ୍ୟା ଓ ଅଘୋଷିତ ବିଦ୍ୟୁତକାଟ ଏବେ ବ୍ଲକବାସୀଙ୍କୁ ଚିନ୍ତାକୁ ଆହୁରି ବଢ଼ାଇ ଦେଇଛି । ଟାଣ ଖରା ଯୋଗୁ ଲୋକେ ପଦାକୁ ବାହାରି ପାରୁ ନ ଥିବାବେଳେ ବାରମ୍ବାର ବିଦ୍ୟୁତ୍କାଟ୍ ଯୋଗୁ ଲୋକେ ଘରେ ମଧ ଶାନ୍ତିରେ ରହି ପାରୁନାହାନ୍ତି। ଲୋ- ଭୋଲଟେଜ୍ ସମସ୍ୟା ମଧ ଲୋକଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଛି। ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହେଉଛି।

# ଉମରକୋଟରେ ଦେଶରେ ପ୍ରଥମ ପାଇରଲସିସ୍ ପ୍ଲାଣ୍ଟ

**ଉମରକୋଟ, ୧୪।୬(ସନ୍ତୋଷ ଶତପଥୀ)**



ପ୍ଲାଣ୍ଟ ଉଦ୍‌ଘାଟନୀ ଉତ୍ସବରେ ଜିଲାପାଳ କମଳ ଲୋଚନ ମିଶ୍ର ଓ ଅନ୍ୟମାନେ।

ନବରଙ୍ଗପୁର ଜିଲା ପ୍ରଶାସନ ଉଦ୍ୟମରେ ଉମରକୋଟଠାରେ ଥିବା କୃଷି ବିଭାଗ ଫାର୍ମରେ ବୁଧବାର ଭାରତରେ ସର୍ବ ପ୍ରଥମ ପାଇରଲସିସ୍ ପ୍ଲାଣ୍ଟ ସ୍ଥାପନ ହୋଇଛି । ମିଶନ ନବରଙ୍ଗପୁର ନାମରେ ଆରମ୍ଭ ହେଇଥିବା ପାଇଲଟ ପ୍ରକଳ୍ପ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ଏହା ସ୍ଥାପନ କରାଯାଇଛି। ସାଧାରଣତଃ ଶସ୍ୟ ଅମଳ ହେବା ପରେ ଚାଷୀ ବର୍ଜ୍ୟବସ୍ତୁକୁ ଫୋପାଡ଼ି ଦିଅନ୍ତି କିମ୍ବା ନିଆଁ ଲଗାଇଦେଇ ଥାନ୍ତି। କିନ୍ତୁ ଏହି ପ୍ଲାଣ୍ଟରେ ୨ଟି ୟୁନିଟ ରହିଛି। ଗୋଟିଏକୁ ବାଇଓମାସ ପଲିଟାଇଜର ଓ ଅନ୍ୟଟି ମୋବାଇଲ ପାଇରଲାଇଜର ବୋଲି କୁହାଯାଉଛି । ପ୍ରଥମେ ବାୟୋମାସ୍ ପଲିଟାଇଜର ମେଶିନରେ ନଡ଼ା, କାଠି ଓ ପରିତ୍ୟକ୍ତ ବସ୍ତୁକୁ ଗୁଣ୍ଡ କରିଥାଏ। ଏହାପରେ ଅଳ୍ପ ପାଣି ପକାଇ ତାକୁ ପିଲେଟ ତିଆରି କରାଯାଇଥାଏ। ଏହି ଯନ୍ତ୍ରଟିକୁ ବିଦ୍ୟୁତ୍ ମାଧ୍ୟମରେ ସଞ୍ଚାଳନ କରାଯାଏ । ଏହି ମେଶିନ ଉତ୍ତର ପ୍ରଦେଶ, ପଞ୍ଜାବ, ହରିୟାଣା ଆଦି ରାଜ୍ୟର କୃଷକମାନେ ବ୍ୟବହାର କରିସାରିଲେଣି। କିନ୍ତୁ ମୋବାଇଲ ପାଇରଲାଇଜର ମେଶିନ ଏହା ଭାରତର ପ୍ରଥମ, ଏହାକୁ ଉମରକୋଟଠାରେ ସ୍ଥାପନ କରାଯାଇଛି। ଏହି ମେଶିନରେ ପୂର୍ବରୁ ତିଆରି ହୋଇଥିବା ପିଲେଟକୁ କଞ୍ଚାମାଲ ଭାବରେ ବ୍ୟବହାର କରାଯାଏ। ୧ ଘଣ୍ଟାରେ ପ୍ରାୟ ୩୦ କେଜି ପଲେଟ ବ୍ୟବହାର ହୋଇପାରିବ। ଏହି ମେଶିନରେ ପିଲେଟଗୁଡ଼ିକ ଗରମ କରାଯାଇ ଏଥିରୁ ରନ୍ଧନ ଗ୍ୟାସ , ରାସ୍ତା ନିର୍ମାଣରେ ବ୍ୟବହାର ହେଉଥିବା ପିଚୁ ଓ ତୈଳ ଉତ୍ପାଦନ କରା ଯାଇପାରିବ। ଏହି ଗ୍ୟାସକୁ ଏକ ସ୍ୱତନ୍ତ୍ର ବେଲୁନ ମାଧ୍ୟମରେ ଘରେ ବ୍ୟବହାର ହୋଇପାରିବ, ଯାହାକି ଅଳ୍ପ ଟଙ୍କାରେ ଜାଳେଣି ଖର୍ଚ୍ଚ ହେବ। ଶେଷରେ ବାହାରୁ ଥିବା ପଦାର୍ଥକୁ କୋଇଲା ଭାବେ ମଧ ଆମେ ସ୍ୱତନ୍ତ୍ର ଚୁଲି ମାଧ୍ୟମରେ ଜାଳେଣି ଭାବେ ବ୍ୟବହାର କରିପାରିବ । ଏହାକୁ ଜମିରେ ବ୍ୟବହାର କଲେ ସାର ଭାବେ କାର୍ଯ୍ୟ କରିବ । ଫଳରେ ଜମିର ଜଳଧାରଣ କ୍ଷମତା ବୃଦ୍ଧି ପାଇବ ବୋଲି ପ୍ରମୁଖ ବୈଜ୍ଞାନିକ ଡକ୍ଟର ମାନସ କୁମାର ସୂଚନା ଦେଇଛନ୍ତି। ଏହି ପିଲେଟକୁ ଏକ ସ୍ୱତନ୍ତ୍ର ଭାବେ ତିଆରି ହୋଇଥିବା ଚୁଲାରେ ରୋଷେଇ ହୋଇପାରିବ । ୪ କେଜି ପିଲେଟରେ ପ୍ରାୟ ଦେଢ଼ ଘଣ୍ଟା ଚୁଲି ଜଳିପାରିବ। ଯାହାକି ସମ୍ପୂର୍ଣ୍ଣ ପ୍ରଦୂଷଣମୁକ୍ତ ବୋଲି କୁହାଯାଇଛି। ଏହି ଚୁଲା ବିଦ୍ୟୁତ୍ ଓ ବିନା ବିଦ୍ୟୁତ୍‌ରେ ମଧ ଚାଲିପାରିବ। ଏହି ପାଇରଲସିସ ପ୍ରକଳ୍ପ ଡେରାଡୁନସ୍ଥିତ ସିଏସଆଇଆରର ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ ପେଟ୍ରୋଲିୟମ ଦ୍ୱାରା ପ୍ରସ୍ତୁତ କରାଯାଇଛି। ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରିଛନ୍ତି ସିଏସ୍ଆଇଆର- ଆଇଆଇପି ଡେରାଡୁନର ମୁଖ୍ୟ ବୈଜ୍ଞାନିକ ଡ. ଥାଲଡା ଭାସ୍କର ଓ ଭୁବନେଶ୍ୱର ସିଏସଆଇଆର – ଆଇଆଇଏମଟିର ସହଯୋଗ ରହିଛି। ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଜିଲାପାଳ ଡ. କମଳ ଲୋଚନ ମିଶ୍ର ଯୋଗ ଦେଇଥିବା ବେଳେ ଭୁବନେଶ୍ୱର ସ୍ଥିତ ସିଏସଆଇଆର – ଆଇଏମଏମଟିର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ, ସିଏସଆଇଆର- ଆଇଆଇପି ଡେରାଡୁନର ମୁଖ୍ୟ ବୈଜ୍ଞାନିକ ଡ. ଥାଲାଡ ଭାସ୍କର, ଭୁବନେଶ୍ୱରସ୍ଥିତ ସିଏସଆଇଆର -ଆଇଏମ ଏମଟିର ପ୍ରମୁଖ ବୈଜ୍ଞାନିକ ଡ. ମନୀଷ କୁମାର ଓ ଡ. ଡି.ଏସ. ରାଓ, ସିଏସଆଇଆର- ଆଇଆଇପି ଡେରାଡୁନର ଟିଓ ଜିତେନ୍ଦ୍ର କୁମାର, ସିଏସ ଆଇଆର,- ଆଇଏମଏମଟି ଭୁବନେଶରର ମୁଖ୍ୟ ବୈଜ୍ଞାନିକ ଡ. ସ୍ନେହାଂଶୁ ବେହେରା, ଓରମାସ ସହକାରୀ ନିର୍ଦ୍ଦେଶକ ଏ.ଉମା ମହେଶ, ପାପଡାହାଣ୍ଡି କୃଷି ଅଧିକାରୀ ଜି. ଭେଙ୍କଟ ରେଡ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ଉମରକୋଟ ଫାର୍ମର ପରିଚାଳକ ସନ୍ତୋଷ କୁମାର ନାୟକ ଓ ଫାର୍ମର କୃଷି ଅଧିଦର୍ଶକ ଧନୁ ଖୋସଲା ଉପସ୍ଥିତ ଥିଲେ ।

## ଲୋକକଳା ଦିବସରେ ବିଭିନ୍ନ ପ୍ରତିଯୋଗିତା

**ଡାବୁଗାଁ, ୧୪।୬ (ପ୍ରଜ୍ଞା ରଞ୍ଜନ ପରିଡ଼ା)**



ବିଧାୟକ ଏସ୍ଏଚ୍‌ଜି ମହିଳା ଗୋଷ୍ଠୀଙ୍କୁ ପୁରସ୍କୃତ କରୁଛନ୍ତି।

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ଜୟନ୍ତୀନଗର ସ୍ଥିତ ମହାତ୍ମା ଗାନ୍ଧୀ ପାର୍କଠାରେ ବୁଧବାର ଲୋକକଳା ଦିବସ ପାଳିତ ହୋଇଯାଇଛି । ବ୍ଲକ ଅଧକ୍ଷା ବୀଣା ମାଝିଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଝୋଟି, ଚିତ୍ରାଙ୍କନ, ସଙ୍ଗୀତ, ବକ୍ତୃତା, ନୃତ୍ୟ, ଦଳଗତ ନୃତ୍ୟ ଓ ଶଙ୍ଖନାଦ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଚିତ୍ରାଙ୍କନ ପ୍ରତିଯୋଗିତାରେ ଅର୍ପିତା ତ୍ରିପାଠୀ ପ୍ରଥମ, ଦିବ୍ୟଶ୍ରୀ ପାତ୍ର ଦ୍ୱିତୀୟ, ସୌମ୍ୟଜିତ ମହାଙ୍କୁଡ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ବକ୍ତୃତାରେ ବିନ୍ଦୁ ସାଗର, ରାୟମାତୁନ ଅନ୍‌ସାରୀ, ଚାନ୍ଦିନୀ ଜାଲ ଯଥାକ୍ରମେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିପରି ଝୋଟିରେ ସାଇରାମ ଏସ୍ଏଚ୍‌ଜି ପ୍ରଥମ, ଭଣ୍ଡାର ଘରଣୀ ଏସ୍ଏଚ୍‌ଜି ୨ୟ, ଓମ ସାଇରାମ ଏସ୍ଏଚ୍‌ଜି ୩ୟ ସ୍ଥାନ ହାସଲ କରିଛନ୍ତି। ନୃତ୍ୟରେ ମୀନା ବିଶୋଇ ପ୍ରଥମ, ନିବେଦିତା ପଟ୍ଟନାୟକ ୨ୟ, ଶୁଭଶ୍ରୀ ପଣ୍ଡା ୩ୟ ସ୍ଥାନ ଅଧିକାର କରିଥିବାବେଳେ ଶଙ୍ଖନାଦରେ ଗଦାଧର ତ୍ରିପାଠୀ ୧ମ, ବିଶଶେ କୁମାର ତ୍ରିପାଠୀ ୨ୟ, ନମିତା ଜେନା ୩ୟ ଏବଂ ଦଳଗତ ନୃତ୍ୟରେ ଶବର ଶବରୁଣୀ ମାନିଆଗୁଡା ୧ମ, ଭୀମ ଭୋଇ ଭଜନ ୨ୟ ଓ ଡେମସା ନୃତ୍ୟ ୩ୟ ସ୍ଥାନ ଅଧିକାର କରିଥିଲେ । ଏଥିରେ ବିଚାରକ ଭାବ ଅଧାପକ ରମେଶ ଚନ୍ଦ୍ର ନାହକ, ତ୍ରିପତି ଜେନା, କାର୍ତ୍ତିକ ଭତ୍ରା ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ । କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ବିଧାୟକ ମନୋହର ରନ୍ଧାରୀଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବ୍ଲକ ଉପାଧକ୍ଷ ସଦାନନ୍ଦ ନାୟକ, ଏମ୍‌ପି ପ୍ରତିନିଧି ଏମ. ଆପ୍ପା ରାଓ, ବିଧାୟକ ପ୍ରତିନିଧି ଏମ. ବୁଲୁ ରାଓ, ଜିଲା ପରିଷଦ ସଭ୍ୟ ଗୁପ୍ତ ବିଶୋୟୀ, ବିଡିଓ ଶରତ ମାଝି, ଏବିଡିଓ ପଦ୍ମନାଭ ତ୍ରିପାଠୀ, ସିଡିପିଓ ଗୀତାଞ୍ଜଳି ମହାରଣା, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଏ.ଡି. ପ୍ରସାଦ, ପଞ୍ଚାୟତ ନିର୍ବାହୀ ଅଧିକାରୀ ପର୍ଶୁରାମ ମାଳୀ ପ୍ରମୁଖ ଉପସ୍ଥିତ ଥିଲେ।

## ଲୋକକଳା ଦିବସ, ରଜପର୍ବ ପାଳିତ

**ନବରଙ୍ଗପୁର,୧୪।୬(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ସଦର ମହକୁମାସ୍ତରୀୟ ଲୋକକଳା ଦିବସ ଓ ରଜ ପର୍ବ ସ୍ଥାନୀୟ ମିଶନ ଶକ୍ତି ସଭା ଗୃହରେ ପାଳିତ ହୋଇଯାଇଛି। ଜିଲ୍ଲା ସଂସ୍କୃତି ବିଭାଗ ଓ ନବରଙ୍ଗପୁର ବ୍ଲକର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଳାକାରଙ୍କ ଏକ ଶୋଭାଯାତ୍ରା ଜିଲ୍ଲା ସଂସ୍କୃତି ଭବନରୁ ବାହାରି ମିଶନ ଶକ୍ତି ସଭାଗୃହ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଡ. କମଳ ଲୋଚନ ମିଶ୍ର ଯୋଗଦେଇ ପବିତ୍ର ରଜପର୍ବ ପାଳନ ଅବସରରେ ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକ ସାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଡ. ବିଜୟ କୁମାର ମିଶ୍ର, ବିଜୟ କୁମାର ଚୌଧୁରୀ,ଜେମାମଣି ବିଶୋଇ,ପ୍ରେମଚାନ୍ଦ ପଟ୍ଟନାୟକ, ପ୍ରଭାସିନି ମହାନ୍ତି ଯୋଗଦେଇ ଉତ୍ସବ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଆୟେଜିତ ଝୋଟି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଏବଂ କଳାକାରଙ୍କୁ ଜିଲ୍ଲାପାଳ ପୁରସ୍କୃତ କରିଥିଲେ। ଏହି ଅବସରରେ କବି ଜେମାମଣିଙ୍କ ଲିଖିତ ରଜପର୍ବ ଗୀତ ସମ୍ପର୍କିତ ଏକ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଜିଲା ସଂସ୍କୃତି ଅଧିକାରୀ ଘାସିରାମ ହରିଜନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଲୋକକଳା ଦିବସରେ କଳାକାର ସମ୍ମାନିତ

**ଚନ୍ଦାହାଣ୍ଡି,୧୪।୬( ଦିଲୀପ ଦାସ)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକସ୍ଥିତ କଲ୍ୟାଣ ମଣ୍ଡପଠାରେ ବ୍ଲକ ସ୍ତରୀୟ ଲୋକକଳା ଦିବସ ଓ ରଜ ମହୋତ୍ସବ ୨୦୨୩ ପାଳିତ ହୋଇଯାଇଛି। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବ୍ଲକ କଳାକାର ସଂଗଠନର ସଭାପତି ତଥା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧର୍ମରାଜ ମାଝୀଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ, ମୁଖ୍ୟବକ୍ତା ଭାବେ ଉଠା ଜଳସେଚନର ଉପଦେଷ୍ଟା ପ୍ରମୋଦ କୁମାର ପାଢ଼ୀ, ସମ୍ମାନୀୟ ଅତିଥି ଭାବେ ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦର ସଦସ୍ୟ ହର ପୂଜାରୀ ଓ ଲଛମନ ମାଝୀ, ବାସୁଦେବ ଗୌଡ, କଳାକାର ପୁରୁଷୋତ୍ତମ ପାରୀ ପ୍ରମୁଖ ମଞ୍ଚାସିନ ଥିଲେ। ଏହି ଅବସରରେ ବିଭିନ୍ନ ଗ୍ରାମରୁ ଆସିଥିବା କଳାକାରଙ୍କ ଦ୍ୱାରା ନାଚଗୀତ ପରିବେଷଣ କରାଯାଇଥିଲା ଉପସ୍ଥିତ ସମସ୍ତ କଳାକାରଙ୍କୁ ବିଡ଼ିଓ ମାଝୀ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ସମସ୍ତ କଳାକାରଙ୍କୁ ପରିଚୟ ପ୍ରଦାନ କରାଯିବା ସହ ଯେଉଁମାନେ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି ସେମାନେ ଆବେଦନ କରି ମୁଖ୍ୟମନ୍ତ୍ରୀ କଳାକାର ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ଭତ୍ତା ପାଇପାରିବେ ବୋଲି ବିଡ଼ିଓ ମାଝୀ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି, ନାଟ୍ୟକାର, ଦେଶିଆ ପୌରାଣିକ ନାଟକର ଲେଖକ ବୃନ୍ଦ ଯଥା ରିମିଚନ ଚୋହୁଆନ, ହୃଷୀକେଶ ସୁନାନି, ପୀତାମ୍ବର ସୋରୀ, କମଲୁ ମନହିରା, ଲୁଦରାସ ନାୟକ, ରାଜେନ୍ଦ୍ର ଖମାରୀ, ମହେଶ୍ୱର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ୮୨ ଗୋଷ୍ଠୀରୁ କାହାକୁ ମିଳୁନି ଚାଷରଣ

**ଚନ୍ଦାହାଣ୍ଡି, ୧୪।୬ (ଦିଲୀପ ଦାସ )**

ଭୂମିହୀନ ଚାଷୀଙ୍କୁ ଚାଷ କାର୍ଯ୍ୟ ପ୍ରତି ଆର୍ଥିକ ସହାୟତା ପ୍ରଦାନ କରିବା ନିମନ୍ତେ ରାଜ୍ୟ ସରକାର ବଳରାମ ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାରେ ଯେଉଁ ଚାଷୀମାନଙ୍କ ଜମିପଟ୍ଟା ଓ ଆନୁସାଙ୍ଗିକ କାଗଜପତ୍ର ନ ଥିବ ଏବଂ ଅନ୍ୟ ଚାଷୀଙ୍କ ଜମିକୁ ଭାଗଚାଷ କରୁଥିବେ ସେମାନେ ୫ ଜଣିଆ ଗୋଷ୍ଠୀ ଗଠନ କରି କୃଷି ବିଭାଗ ସହଯୋଗରେ ବ୍ୟାଙ୍କଠାରୁ କମ୍ ସୁଧରେ ଏବଂ ଅତି ସହଜରେ କୃଷି ଋଣ ନେଇ ପାରିବେ । ହେଲେ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ କୃଷି ବିଭାଗ ତରଫରୁ ଭୂମିହୀନ ଚାଷୀଙ୍କୁ ନେଇ ଗୋଷ୍ଠୀ ଗଠନ କରାଯାଇଛି। ଚାଷୀଙ୍କୁ ଋଣ ପ୍ରଦାନ ପାଇଁ ବ୍ୟାଙ୍କକୁ ଗୋଷ୍ଠୀମାନଙ୍କର ଆବଶ୍ୟକୀୟ କାଗଜପତ୍ର ସହ ତାଲିକା ଦୀର୍ଘ ମାସ ଧରି ପଠାଇଥିଲେ ମଧ ଭାଗଚାଷୀଙ୍କୁ ଚାଷ ଋଣ ଦେବାକୁ ବ୍ୟାଙ୍କମାନେ ଅମଙ୍ଗ ହେଉଥିବା ଅଭିଯୋଗ ହେଉଛି। ବ୍ଲକର ୮୨ ଟି ଗୋଷ୍ଠୀ ମଧ୍ୟରୁ ଗୋଟିଏ ମଧ ଗୋଷ୍ଠୀକୁ ଏ ପର୍ଯ୍ୟନ୍ତ ଋଣ ମିଳିନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ନାବାର୍ଡ ସହାୟତାରେ ଆରମ୍ଭ ହୋଇଥିବା ଏହି ଯୋଜନାର ମୂଳଲକ୍ଷ୍ୟ ଥିଲା ଗୋଷ୍ଠୀ ମାଧ୍ୟମରେ ଚାଷ ଋଣ ପ୍ରଦାନ କରି ଭୂମିହୀନ ଚାଷୀ ମାନଙ୍କ ଦକ୍ଷତା ବୃଦ୍ଧି କରିବା । କାରଣ ଅନେକ ଭୂମିହୀନ ଚାଷୀ ନିଜର ଚାଷ ଜମି ନ ଥାଇ ଅନ୍ୟ ଚାଷୀଙ୍କ ଜମିକୁ ଭାଗଚାଷ କରି ସେମାନଙ୍କ ଜୀବିକା ନିର୍ବାହ କରୁଛନ୍ତି

### ଦିଗହରା ବଳରାମ ଯୋଜନା

। ବଳରାମ ଯୋଜନାରେ ଗୋଟିଏ ଗୋଷ୍ଠୀକୁ ସର୍ବାଧିକ ଦେଢ଼ ଲକ୍ଷ ଟଙ୍କା ଓ ସର୍ବନିମ୍ନ ପଚାଶ ହଜାର ଟଙ୍କା ପର୍ଯ୍ୟନ୍ତ କୃଷି ଋଣ ମିଳିପାରିବ। ହେଲେ ଦୁର୍ଭାଗ୍ୟର କଥା ବଳରାମ ଯୋଜନା କାର୍ଯକାରୀ ହେବା ଦିନଠାରୁ ଚନ୍ଦାହାଣ୍ଡି ବ୍ଲକର ୧୪ ଟି ପଞ୍ଚାୟତର ଗୋଟିଏ ମଧ ଗୋଷ୍ଠୀକୁ ଋଣ ମିଳିପାରି ନାହିଁ। ଏହି ଯୋଜନାରେ ଚାଷ ଋଣ ନ ମିଳିବା ବଳରାମ ଯୋଜନାର ସଫଳତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବ୍ଲକର ୪୧୦ ଚାଷୀଙ୍କୁ ନେଇ ୮୨ ଟି ଗ୍ରୁପ ଗଠନ କରି ବ୍ଲକରେ ଥିବା ଭାରତୀୟ ଷ୍ଟେଟବ୍ୟାଙ୍କ ଶାଖା, ବ୍ୟାଙ୍କ ଅଫ ବରୋଦା ଶାଖା, ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଶାଖା, ଲ୍ୟାମ୍ପ ଶାଖାକୁ ଚାଷୀଙ୍କ କାଗଜପତ୍ର ପଠାଇ ଥିବା ବ୍ଲକ ସହକାରୀ କୃଷି ଅଧିକାରୀ ଗଜାନନ ସାହୁ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ବ୍ୟାଙ୍କ ଶାଖା ମ୍ୟାନେଜରମାନଙ୍କୁ ପଚାରିବାରୁ ଚାଷୀଙ୍କ କାଗଜପତ୍ର ଯାଞ୍ଚ ଚାଲିଥିବା, ସିଭିଲ ଖରାପ ଥିବା, ତାଙ୍କ ସମ୍ପର୍କୀୟମାନଙ୍କ ନାମରେ ଋଣ ଥିବା ଆଳ ଦେଖାଇ ଋଣ ପ୍ରଦାନ କରୁ ନ ଥିବା ଜଣାପଡିଛି । ବର୍ତ୍ତମାନ ଖରିଫ ଚାଷ କାର୍ଯ୍ୟ ଆରମ୍ଭ ହୋଇ ସାରିଥିବା ବେଳେ ଚନ୍ଦାହାଣ୍ଡି ବ୍ଲକରେ ବଳରାମ ଯୋଜନାରେ ଅଧିକରୁ ଅଧିକ ଚାଷୀ ଋଣ ନେଇ ଚାଷ କାର୍ଯ୍ୟ କରିପାରିବେ ସେ ନେଇ ଜିଲାପାଳ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଚାଷୀ ମହଲରେ ଦାବି ହୋଇଛି।

## ଅକ୍ସିଜେନ୍ ପ୍ଲାଣ୍ଟରୁ ୫-ଟି ବୋର୍ଡ ହଟିଲା

**ନବରଙ୍ଗପୁର,୧୪।୬(ସଦାଶିବ ପ୍ରହରାଜ)**

### ଜଳଶକ୍ତି ମନ୍ତ୍ରୀଙ୍କ ଜିଲା ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ



ଜିଲା ସଦର ମହକୁମା ଡାକ୍ତରଖାନାରେ ଅକ୍ସିଜେନ୍ ପ୍ଲାଣ୍ଟ ଦେଖୁଛନ୍ତି କେନ୍ଦ୍ର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ।

ମୋଦି ସରକାରଙ୍କ ୯ ବର୍ଷ ପୂର୍ତ୍ତି ପରେ ବିକାଶ ତୀର୍ଥଯାତ୍ରାରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ନବରଙ୍ଗପୁରରେ ବୁଧବାର ଯୋଗ ଦେଇଥିଲେ। ଭାରତମାଳା ସଡକ ନିର୍ମାଣ କାର୍ଯ୍ୟ ଦେଖିବା ଶହ ଭାରତମାଳା ଅସ୍ଥାୟୀ କାର୍ଯ୍ୟାଳୟରେ କିଛି ସମୟ ସମୀକ୍ଷା କରି ସେଠାରୁ ଜିଲା ସଦର ମହକୁମା ଡାକ୍ତରଖାନା ଯାଇ କେନ୍ଦ୍ରୀୟ ଅନୁଦାନରେ ହୋଇଥିବା ଅକ୍ସିଜେନ୍ ପ୍ଲାଣ୍ଟ ଦେଖିଥିଲେ। ସେଠାରେ ୫-ଟି ବୋର୍ଡ ଲାଗିଥିବାରୁ ବିରକ୍ତି ପ୍ରକାଶ କରି ତୁରନ୍ତ ବୋର୍ଡ ହଟାଇବାକୁ ସିଡିଏମ୍‌ଓ କାଳୀ ପ୍ରସାଦ ବେହେରାଙ୍କୁ କହିଥିଲେ। ପରେ ବୋର୍ଡ ହଟାଯାଇଥିଲା। ସେଠାରୁ ଯାଇ ଏକ ଖବରଦାତା ସମ୍ମିଳନୀରେ ଯୋଗଦେଇଥିଲେ। ଏହାପରେ ସ୍ଥାନୀୟ ଏକ ହୋଟେଲରେ ଦଳୀୟ କର୍ମୀମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ପରେ ସାମାଜିକ ଗଣମାଧ୍ୟମ ବ୍ୟକ୍ତିମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ସମସ୍ତ କାର୍ଯ୍ୟକ୍ରମ ଶେଷ କରି କେନ୍ଦ୍ରମନ୍ତ୍ରୀ ଟୁଡୁ କୋରାପୁଟ ଯାଇଥିଲେ। କାର୍ଯ୍ୟକ୍ରମରେ ଦଳୀୟ ରାଜ୍ୟ ଉପସଭାପତି ତଥା ପୂର୍ବତନ ଏମ୍‌ପି ବଳଭଦ୍ର ମାଝି ଓ ପର୍ଶୁରାମ ମାଝି, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଭାଜପା ନବରଙ୍ଗପୁର ଜିଲା ସଭାପତି ଜଗଦୀଶ ବିଷୋୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌରୀ ମାଝି ପ୍ରମୁଖ ଯୋଗଦେଇଥିବା ବେଳେ ନବରଙ୍ଗପୁର ଲୋକ ସଭା ନିର୍ବାଚନମଣ୍ଡଳୀର ବରିଷ୍ଠ ନେତାମାନେ ଯୋଗ ଦେଇଥିଲେ । କେନ୍ଦ୍ରମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ ଓ ଜିଲା ମଙ୍ଗଳ ଅଧିକାରୀ ପଲକା ରବୀନ୍ଦ୍ର ଉପସ୍ଥିତ ଥିଲେ ।

## କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ଡି. ପୁରନ୍ଦେଶ୍ୱରୀଙ୍କ ଖବରଦାତା ସମ୍ମିଳନୀ

**ନବରଙ୍ଗପୁର,୧୪।୬(ସଦାଶିବ ପ୍ରହରାଜ)**




କେନ୍ଦ୍ର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଖବରଦାତାଙ୍କୁ ସୂଚନା ଦେଉଛନ୍ତି ।

ରାଜ୍ୟ ସରକାରଙ୍କ କୌଣସି ଯୋଜନା ନ ଥିବା ବେଳେ କେନ୍ଦ୍ର ଯୋଜନାକୁ ହଡପ କରୁଥିବା ଆଦିବାସୀ ବ୍ୟାପାର ଓ ଜଳଶକ୍ତି କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଓ ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦିକା ଡି. ପୁରୁନ୍ଦେଶ୍ୱରୀ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ ଟାର୍ଗେଟ କରିଛନ୍ତି । କେନ୍ଦ୍ର ଭାଜପା ସରକାରକୁ ଦେଶରେ ୧୫ ବର୍ଷ ଶାସନ ମିଳିଛି। ସେଥିମଧ୍ୟରୁ ମୋଦି ସରକାରଙ୍କ ୯ ବର୍ଷ ପୂର୍ତ୍ତିରେ ବିଧାୟକ ଓ ମନ୍ତ୍ରୀମାନେ କ୍ଷେତ୍ର ପରିଦର୍ଶନ କରି କେନ୍ଦ୍ର ସରକାରଙ୍କ ଜନସେବା ଓ ବିକାଶମୂଳକ କାର୍ଯ୍ୟକୁ ସଚେତନ କରାଯାଉଛି ବୋଲି କେନ୍ଦ୍ରମନ୍ତ୍ରୀ ଟୁଡୁ ନବରଙ୍ଗପୁର ସର୍କିଟ ହାଉସରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବୁଧବାର ଏହା କହିଛନ୍ତି। ବିଜେଡି ସରକାର ଓ ୫-ଟିକୁ ଟାର୍ଗେଟ କରିଛନ୍ତି। କରୋନା ସମୟରୁ ଏଯାଏ କେନ୍ଦ୍ର ସରକାର ପଡିକାର୍ଡ଼ଧାରୀଙ୍କୁ ମୁଣ୍ଡପିଛା ୫ କିଲୋ ଚାଉଳ ଓ ଗୋଟିଏ କିଲୋ ଡାଲି ମାଗଣାରେ ଦେଉଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କେନ୍ଦ୍ର ସରକାର ରାଜ୍ୟକୁ ୯ ଲକ୍ଷ ୫୮ ହଜାର ଆବାସ ଯୋଗାଇଛନ୍ତି। ନବରଙ୍ଗପୁର ଜିଲାରେ ୪୦ ହଜାର ଆବାସ ହିତାଧିକାରୀ ପାଇବେ। ପ୍ରଧାନମନ୍ତ୍ରୀ ଆବାସକୁ ବନ୍ଦକରି ରାଜ୍ୟ ସରକାରଙ୍କ ନିଜସ୍ୱ "ମୋ ଘର" ଯୋଜନାରେ ଗରିବଙ୍କୁ ଋଣ ଦେଇ ଋଣୀ କରିବା ପାଇଁ ଚେଷ୍ଟିତ। ହିତାଧିକାରୀଙ୍କୁ ମାଲିକ ନ କରି ଋଣୀ କରାଇବା ରାଜ୍ୟ ସରକାରଙ୍କ ନୀତିକୁ ସମାଲୋଚନା କରିଥିଲେ। ୨୦୧୪ ବେଳକୁ ଧାନ କୁଇଣ୍ଟାଲ ପିଛା ୧୩୧୦ ଟଙ୍କା ଥିଲା । ମୋଦି ସରକାର ଆସିବା ପରେ ଏହା ବୃଦ୍ଧି କରାଯାଇ ଏମ୍ଏସ୍‌ପି ୨୧୮୩ ଟଙ୍କା କରାଯାଇଛି।

### ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ ଟାର୍ଗେଟ

ରାୟପୁର ବିଶାଖାପାଟଣାକୁ ଭାରତମାଳା ସଡ଼କ ସଂଯୋଗ କରିବ। ନବରଙ୍ଗପୁର ଜିଲାରେ ୧୨୪ କି.ମି. ରାସ୍ତା ହେଉଛି। ଏହାଦାରା ଜିଲାର ବ୍ୟବସାୟ ବୃଦ୍ଧିହେବ। ରାଜ୍ୟ ସରକାର ଗୋଟିଏ ମଧ କଳ କାରଖାନା ସ୍ଥାପନ କରି ପାରିଲେ ନାହିଁ । ଜିଲାରେ ଫଳ, ଫୁଲ, ଔଷଧୀୟ ଚାଷର ବୃଦ୍ଧି, ମାଛ ଚାଷରେ ଉନ୍ନତି କରିଛି। ବାର୍ଷିକ ୧୦୦ କୋଟି ଟଙ୍କାର ବ୍ୟବସାୟ ହୋଇପାରୁଛି। ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନାରେ ଆଇସିୟୁ ରହିଛି। ୧୧ ଜଣ ଡାକ୍ତର ଓ କର୍ମଚାରୀ ପରିବର୍ତ୍ତେ ୩ ଜଣ ରହିଛନ୍ତି। ସେହିପରି ଗୁରୁପ୍ରିୟା ସେତୁ ନିର୍ମାଣ ପାଇଁ ୧୮୧ କୋଟି ଟଙ୍କା ଓ ୯ ପଞ୍ଚାୟତର ଲୋକଙ୍କୁ ଥଇଥାନ ପାଇଁ କେନ୍ଦ୍ର ସରକାର ୩ ଶହ କୋଟି ଟଙ୍କା ପ୍ରଦାନ କରିଛନ୍ତି ବୋଲି ଅଭିଯୋଗ କରିଥିଲେ। ଖବରଦାତା ସମ୍ମିଳନୀରେ ଜିଲା ଭାଜପା ସଭାପତି ଜଗଦୀଶ ଚନ୍ଦ୍ର ବଶୋଇ, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ପୌରାଧକ୍ଷ କୁନୁ ନାୟକ, ପୂର୍ବତନ ଏମ୍‌ପି ତଥା ଭାଜପା ରାଜ୍ୟ ଉପସଭାପତି ବଳଭଦ୍ର ମଝି ଓ ପର୍ଶୁରାମ ମଝି ପ୍ରମୁଖ ଉପସ୍ଥିତ ଥିଲେ ।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ରାଜ୍ୟସ୍ତରୀୟ ରଜ ମହୋତ୍ସବ ପାଳନ ଅବସରରେ ଖୋଲାଯାଇଥିବା ପାନ ପସରା।



କଟକ ବଳଭଦ୍ରପୁର ଜୟମହାବୀର ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ରଜ ମହୋତ୍ସବରେ ଯୁବତୀମାନେ ପୋଡ଼ପିଠା ଖୁଆଇ ରଜ ଉତ୍ସବ ପାଳନ କରୁଛନ୍ତି।

# ଜମିଲା ପହିଲି ରଜ

**ଗଣପର୍ବ ରଜ ପାଇଁ ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ଗାଁ ଓ ସହର ସବୁଠି ଉତ୍ସବର ମାହୋଲ୍ ଆରମ୍ଭ ହୋଇଛି। ବୁଧବାର ପହିଲି ରଜରେ ପିଠା, ମିଠା, ପାନ ସାଙ୍ଗକୁ ଦୋଳି ଖେଳରେ ମଜି ଯାଇଛନ୍ତି ଛୋଟ ପିଲାଙ୍କଠାରୁ ଆରମ୍ଭ କରି ଝିଅ, ବୋହୂମାନେ। ବିଶେଷକରି ତରୁଣୀମାନେ ସଜବାଜ ହୋଇ ସାଙ୍ଗସାଥୀଙ୍କ ମେଳରେ ବୁଲାବୁଲି କରିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇ ରଜର ମଜା ନେଉଛନ୍ତି। ସହରର ବିଭିନ୍ନ ହୋଟେଲ, ଅନୁଷ୍ଠାନ, କ୍ଲବ୍ ଓ ଘରୋଇ ଭାବେ ସ୍ୱତନ୍ତ୍ର ରଜ ଉତ୍ସବର ଆୟୋଜନ କରାଯାଇଥିବାବେଳେ ରଜଦୋଳି, ଝୋଟି, ରଙ୍ଗୋଲି, ସାଜସଜ୍ଜା, ରଜକୁମାରୀ ପ୍ରତିଯୋଗିତା ସହ ନାଚଗୀତର ଆସର ଖୁବ୍ ଜମୁଛି।**

## ଓଡ଼ିଆଣୀଙ୍କ ରଜମଉଜ

"ବନସ୍ତେ ଡାକିଲା ଗଜ ବରଷକେ ଥରେ ଆସିଛି ରଜ..." ଭଳି ରଜଗୀତର ମୂର୍ଚ୍ଛନାରେ ସଭିଏଁ ହୋଇ ଉଠୁଥିଲେ ଉତ୍ସବ ମୁଖର। ଅବସର ଥିଲା ଓଡ଼ିଶାର ପ୍ରମୁଖ ତଥା ଆଦିପର୍ବ ରଜ ଉତ୍ସବ ଉପଲକ୍ଷେ ପହିଲି ରଜ ସନ୍ଧ୍ୟାରେ ସଂଭାବନା ଓଡ଼ିଆଣୀ ସମିତି ପକ୍ଷରୁ ସୂଚନା ଭବନଠାରେ ଓଡ଼ିଆଣୀଙ୍କୁ ନେଇ ଆୟୋଜିତ 'ରଜ ମଉଜ'। ତ୍ରୁଷ୍ଟି ସ୍ମୃତି ମହାନ୍ତିଙ୍କ ପରିଚାଳନାରେ ପୋଡ଼ପିଠା ଓ ରଜ ପାନର ପ୍ରଦର୍ଶନ ସହ ଦର୍ଶକମାନଙ୍କୁ ପରିବେଷଣ ଏବଂ କବିତା ପାଠୋତ୍ସବ, ସଙ୍ଗୀତ ଗାନ ଓ ନୃତ୍ୟ ଆଦିରେ ଉପସ୍ଥିତ ଓଡ଼ିଆଣୀମାନେ ଭାଗ ନେଇ ଚମତ୍କାର ପ୍ରଦର୍ଶନ କରିଥିଲେ। ଅତିଥି ଭାବେ ବିଧାୟକ ସମୀର ରଞ୍ଜନ ଦାସ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସାହିତ୍ୟିକ ଦାଶ ବେନହୁର, କଣ୍ଠଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକ, ୨୦୨୩ ଶ୍ରେଷ୍ଠ ଓଡ଼ିଆଣୀ ସୌଭାଗ୍ୟଲକ୍ଷ୍ମୀ ମହାନ୍ତି, ସମାଜସେବୀ କସ୍ତୁରିକା ପଟ୍ଟନାୟକ, ଅନୁଷ୍ଠାନର ସମ୍ପାଦକ ଦେବ ପ୍ରସାଦ ପରିଜା, ଓଡ଼ିଆଣୀ ସମିତିର ସଭାନେତ୍ରୀ ସୌଦାମିନୀ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତବର୍ଷ ପ୍ରଥମଥର ପାଇଁ ଅନୁଷ୍ଠାନ ପକ୍ଷରୁ ପରିବେଶ ଲାଗି ଉତ୍ସର୍ଗୀକୃତ କାର୍ଯ୍ୟ ପାଇଁ ବିଶିଷ୍ଟ ପରିବେଶବିତ୍ ଡ. ସୁନ୍ଦର ନାରାୟଣ ପାତ୍ରଙ୍କୁ 'ବାଙ୍କବିହାରୀ ପରିବେଶ ସମ୍ମାନ ୨୦୨୩' ପ୍ରଦାନ କରାଯାଇଥିଲା।

## ଆଜି 'ସ୍ମୃତିରେ ଅକ୍ଷୟ'

ଭୁବନେଶ୍ୱର ଉପକଣ୍ଠ ପାହାଲ ଉତ୍କଳ ହାଇଟ୍ସ୍ଥିତ କଲ୍‌ଚରାଲ୍ ଆସୋସିଏଶନ ପକ୍ଷରୁ ରଜ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହା ୩ ଦିନ ଧରି ଚାଲିବ। ମହୋତ୍ସବର ପ୍ରଥମ ଦିନରେ ଏକାଗ୍ରତା ଡ୍ୟାନ୍ସ ଫାଉଣ୍ଡେଶନ ଏବଂ ଉତ୍କଳ ହାଇଟ୍‌ସ ପରିବାର ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ନୃତ୍ୟାଞ୍ଜଳୀ ଆୟୋଜନ କରାଯାଇଥିଲା। ଅନ୍ନପୂର୍ଣ୍ଣା ମହିଳା ଗୋଷ୍ଠୀଙ୍କ ବିଭିନ୍ନ ସୁସ୍ୱାଦୁ ଓଡ଼ିଆ ଖାଦ୍ୟର ଷ୍ଟଲ, ରଜ ପାନ ଓ ରଜ ଦୋଳିର ବ୍ୟବସ୍ଥା କରାଯାଇଛି। ଶତାଧିକ ମହିଳାଙ୍କ ସହ ବିଭିନ୍ନ ବର୍ଗର ଲୋକେ ଯୋଗଦେଇଥିଲେ। ଗୁରୁବାର 'ସ୍ମୃତିରେ ଅକ୍ଷୟ' କାର୍ଯ୍ୟକ୍ରମ ରହିଛି।

—ଶର୍ମିଷ୍ଠା ପାଣିଗ୍ରାହୀ, ଭୁବନେଶ୍ୱର

## ରାଜଧାନୀର ଗାଁ ଗାଁରେ ରଜ

ରାଜଧାନୀର ବିଭିନ୍ନ ଗାଁରେ ପହିଲି ରଜର ଆସର ଜମିଛି। ବରମୁଣ୍ଡା, ଘାଟିକିଆ, ପାତ୍ରପଡ଼ା, ନୟାପଲ୍ଲୀ ଆଦି ଗାଁର ବିଭିନ୍ନ ଆଞ୍ଚଳିକ କମିଟି ପକ୍ଷରୁ ରଜ ମହୋତ୍ସବ ଆୟୋଜନ କରାଯାଇଛି। ପଡ଼ିଆରେ ରଜଦୋଳି ଗୀତ ଗୁଞ୍ଜରିତ ହୋଇଥିବାବେଳେ ମିଠାପାନ ସହ ଭଲିକି ଭଲି ଖାଦ୍ୟ ପସରାର ମଜା ନେଇଛନ୍ତି ସହରବାସୀ।

ପାତ୍ରପଡ଼ା ଗାଁରେ ସକାଳରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଭିଡ଼ ଜମିଥିଲା। ମହାରାଜା କ୍ରିକେଟ୍ ଆସୋସିଏଶନ ଓ ପାତ୍ରପଡ଼ା– ଭଗବାନପୁର ଯୁବ ବାହିନୀ ପକ୍ଷରୁ ଆୟୋଜିତ ୧୩ତମ ରଜ ମହୋତ୍ସବରେ ସାରା ସହର ତଥା ସହର ବାହାରୁ ଲୋକମାନେ ଯୋଗ ଦେଇଥିଲେ। ଖରାକୁ ଖାତିର ନ କରି କୁନି କୁନି ପିଲାଙ୍କଠାରୁ ବୟସ୍କମାନେ ରଜ ପର୍ବର ମଜା ନେଇଛନ୍ତି। ଦିନ ତମାମ ନେତା, ଅଭିନେତା ଓ ଅଭିନେତ୍ରୀ ଏଠାରେ ପହଞ୍ଚି ଲୋକଙ୍କ ସହ ରଜ ପାଳନ କରୁଥିବା ଦେଖିବାକୁ ମିଳିଥିଲା। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଦୋଳିରେ ରାଧାକୃଷ୍ଣଙ୍କୁ ଝୁଲାଇଥିଲେ। ଅପରାହ୍ନରେ ଓଲିଉଡ୍ ଅଭିନେତ୍ରୀ ଏଲିନା ସାମନ୍ତରାୟ ପହଞ୍ଚି ରଜ ଉତ୍ସବରେ ନିଜକୁ ସାମିଲ କରିଥିଲେ। ରଜ ଗୀତ ଗାଇ ପ୍ରିୟ ଅଭିନେତ୍ରୀଙ୍କ ସହ ସେଲ୍‌ଫି ନେବାର ସୁଯୋଗକୁ ପ୍ରଶଂସକ ହାତଛଡ଼ା କରି ନ ଥିଲେ। ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ ରାଉତ, ମେୟର ସୁଲୋଚନା ଦାସ ପ୍ରମୁଖ ଯୋଗଦେଇଥିଲେ। ସେହିପରି ନୟାପଲ୍ଲୀରେ ଓଲିଉଡ଼ର ବିଶିଷ୍ଟ କଳାକାରମାନେ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଘାଟିକିଆ ମେଳଣ ପଡ଼ିଆରେ ଆୟୋଜିତ ରଜ ମହୋତ୍ସବରେ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା।

—ଅନୁରାଧା ମହାରଣା, ଭୁବନେଶ୍ୱର



କଟକ ବଳଭଦ୍ରପୁର ଜୟମହାବୀର ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ରଜ ମହୋତ୍ସବରେ ଯୁବତୀମାନେ ସେଲ୍‌ଫି ନେଉଛନ୍ତି।



କଟକ ବିକାଶ ଭବନରେ ଅନୁଷ୍ଠିତ ରଜ ମହୋତ୍ସବରେ ଜଣେ ଯୁବତୀ ଦୋଳି ଖେଳୁଛନ୍ତି।



ଭୁବନେଶ୍ୱର କଳ୍ପନା ଛକସ୍ଥିତ ରାଜ୍ୟ ସଂଗ୍ରହାଳୟରେ ଆୟୋଜିତ ରଜ ଉତ୍ସବରେ ପାରମ୍ପରିକ ନୃତ୍ୟ ପରିବେଷଣ।



ଭୁବନେଶ୍ୱର ରାଜ୍ୟ ସଂଗ୍ରହାଳୟରେ ଆୟୋଜିତ ରଜ ଉତ୍ସବରେ ଅନ୍ୟମାନଙ୍କ ସହ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଶ୍ରୀମୟୀ ମିଶ୍ର ଦୋଳି ଖେଳୁଛନ୍ତି।



କଟକ ବିକାଶ ଭବନରେ ବୁଧବାର ଅନୁଷ୍ଠିତ ରଜ ମହୋତ୍ସବ ତଥା ଲୋକକଳା ଉତ୍ସବ ଅବସରରେ ଯୁବତୀମାନେ ପରସ୍ପରକୁ ପାନ ଖୁଆଉଛନ୍ତି।



କଟକ ବିକାଶ ଭବନରେ ଆୟୋଜିତ ରଜ ମହୋତ୍ସବରେ କଟକ ମେୟର ସୁବାସ ସିଂ କଟକ–ବାରବାଟୀ ବିଧାୟକ ମହମ୍ମଦ ମୋକିମଙ୍କୁ ପୋଡ଼ପିଠା ଖୁଆଇ ଦେଉଛନ୍ତି। ନିକଟରେ ଅଛନ୍ତି କଟକ–ଚୌଦ୍ୱାର ବିଧାୟକ ସୌଭିକ୍ ବିଶ୍ୱାଳ।



ଧଉଳି ଗୋପୀନାଥପୁର ମେଳଣ ପଡ଼ିଆରେ ମା' ଦକ୍ଷୀଣଚଣ୍ଡୀ ମହିଳା ମହାସଂଘ ପକ୍ଷରୁ ଅନୁଷ୍ଠିତ ୭ମ ରଜ ଉତ୍ସବରେ ଜଣେ ମହିଳା ଦୋଳି ଖେଳୁଛନ୍ତି।



ଭୁବନେଶ୍ୱର ପାତ୍ରପଡ଼ାଠାରେ ଆୟୋଜିତ ରଜ ମହୋତ୍ସବରେ ଯୋଗଦେଇ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ଦୋଳିରେ ଝୁଲାଉଛନ୍ତି।

# ମନେ ରହିବ 'ଲଷ୍ଟ'

ଚଳିତ ବର୍ଷ ଫେବୃୟାରୀ ୧୬ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଥିଲା ହିନ୍ଦୀ ସିନେମା 'ଲଷ୍ଟ'। ଏଥିରେ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ୟାମି ଗୌତମ। ରୋଲ୍‌ଟି ଥିଲା ବିଧି ସାହାଣୀ। ଆମର ହଜିଯାଉଥିବା ପରମ୍ପରାକୁ କିପରି ରକ୍ଷା କରାଯାଇପାରିବ ସେଥିଲାଗି ଜଣେ ନାରୀ କିପରି ଅଣ୍ଟା ଭିଡିଛି, ତାହା ଏହି ଫିଲ୍ମରେ ଦେଖିବାକୁ ମିଳିଛି। ଏଥିରେ ନିଜ ଭୂମିକାକୁ ଠିକ୍ ଭାବେ ତୁଲାଇ ୟାମି ସାଉଁଟି ଚାଲିଛନ୍ତି ପ୍ରଶଂସା। ଏ ସମ୍ପର୍କରେ ସେ କହନ୍ତି, 'ଯେତେବେଳେ ଏହି ଅଫରଟି ମୋତେ ମିଳିଲା ଆଉ ଫିଲ୍ମର କାହାଣୀ ଏବଂ ମୋ ଭୂମିକା ବିଷୟରେ ଏହାର ନିର୍ଦ୍ଦେଶକ ଅନିରୁଦ୍ଧ ରାୟ ଚୌଧୁରୀ ମୋତେ ସୂଚନା ଦେଲେ ସେତେବେଳେ ମୁଁ ଭାବିଥିଲି ସିନେମାଟି ନିଶ୍ଚୟ ଦର୍ଶକଙ୍କ ମନକୁ ଛୁଇଁବ। ଆଉ ଶେଷରେ ତାହା ହିଁ ହୋଇଥିଲା। କିନ୍ତୁ ବଡ଼ ପରଦାରେ ରିଲିଜ୍ ହେବା ପୂର୍ବରୁ ଗତବର୍ଷ ସେପ୍ଟେମ୍ବର ୨୨ରେ ଅନୁଷ୍ଠିତ ଚିକାଗୋ ସାଉଥ୍ ଏସିଆନ୍ ଫିଲ୍ମ ଫେଷ୍ଟିଭାଲ ଏବଂ ଗୋଆରେ ଆୟୋଜିତ ୫୩ତମ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ ଅଫ୍ ଇଣ୍ଡିଆରେ ପ୍ରଦର୍ଶିତ ହୋଇ ପ୍ରଶଂସିତ ହୋଇଥିଲା। ଏହି ଫିଲ୍ମଟି ମୋ କ୍ୟାରିୟରକୁ ବେଶ୍ ମାଇଲେଜ୍ ଦେଇଛି।' ୟାମିଙ୍କ କ୍ୟାରିୟର ଆରମ୍ଭ ହୋଇଥିଲା ଛୋଟ ପରଦାରୁ। 'ଚାନ୍ଦ୍ କି ପାର୍ ଚଲୋ' ଧାରାବାହିକରେ ସେ ଅଭିନୟ କରିଥିଲେ। କନ୍ନଡ ଫିଲ୍ମ 'ଉଲ୍ଲାସ ଉତ୍ସାହ'ରୁ ତାଙ୍କର ବଡ଼ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା। ଏହାବ୍ୟତୀତ ସେ ତାମିଲ, ତେଲୁଗୁ, ମାଲାୟାଲମ, ପଞ୍ଜାବୀ ଫିଲ୍ମରେ ମଧ୍ୟ ଅଭିନୟ କରିଛନ୍ତି। ୟାମି ଅଭିନୟ କରିଥିବା ପ୍ରମୁଖ ହିନ୍ଦୀ ସିନେମାଗୁଡ଼ିକ ହେଲା–'ଭିକି ଡୋନର', 'ଆକ୍ସନ ଜ୍ୟାକ୍‌ସନ', 'ବଦ୍‌ଲାପୁର', 'ସନମ୍ ରେ', 'ସରକାର–୩', 'ବାଲା', 'ଗିନି ୱେଡ୍‌ସ ସନି', 'ଭୂତ ପୋଲିସ୍' ଏବଂ 'ଏ ଥର୍ସ ଡେ'।


ୟାମି

# ଜହ୍ନ ରାତିର ସାଥୀ


ସମ୍ବିତ୍

କୋଟିପତି ସତ୍ୟଜିତ ପଟ୍ଟନାୟକ ନିଜ ବ୍ୟବସାୟକୁ ନେଇ ବ୍ୟସ୍ତ। ଜମିଦାର ଭବାନୀ ଶଙ୍କର ରାୟ ଚୌଧୁରୀଙ୍କ ସହ ସୃଷ୍ଟି ହୁଏ ବନ୍ଧୁତା। ସମୟକ୍ରମେ ଦୁହେଁ ଏକାଠି ବିଜନେସ୍ କରିବାକୁ ସ୍ଥିର କରନ୍ତି। ଏହାଭିତରେ ସତ୍ୟଜିତଙ୍କ ଏକମାତ୍ର ଝିଅ ନେହାର ଭବାନୀଙ୍କ ପୁତୁରା ଅମିତ୍ ସହ ପ୍ରେମସମ୍ପର୍କ ଗଢ଼ିଉଠେ। ଏକ ଘଟଣାକ୍ରମରେ ନେହା ଜଙ୍ଗଲରେ ହଜିଯିବା ପରେ ପ୍ରେମ କାହାଣୀ ନିଏ ନୂଆ ମୋଡ଼। ସୁନୟନା ନାମ୍ନୀ ଜଣେ ଯୁବତୀ (ଯାହାର ଆତ୍ମା ଅତୃପ୍ତ ରହିଛି) ସଂସ୍ପର୍ଶରେ ଆସିବା ପରେ କାହାଣୀରେ ଆସେ ରୋଚକ ପରିବର୍ତ୍ତନ। ତେବେ ସୁନୟନା ଆତ୍ମା କାହିଁକି ଅତୃପ୍ତ ରହିଛି ଏବଂ ପରବର୍ତ୍ତୀ ସମୟରେ ଅମିତ–ନେହାର ପ୍ରେମ କିପରି ଆଗକୁ ଆଗଉଛି ଆଉ ସତ୍ୟଜିତ ଏବଂ ଶଙ୍କରଙ୍କ ଭିତରେ ଥିବା ବନ୍ଧୁତା ଅତୁଟ ରହେ କି ନାହିଁ ତାହାର ଉତ୍ତର ସିନେମାଟି ଦେଖିଲେ ହିଁ ଜାଣିପାରିବେ। ହଁ, ଏଭଳି ଏକ ରହସ୍ୟ, ରୋମାଞ୍ଚଭରା କାହାଣୀକୁ ନେଇ ପ୍ରସ୍ତୁତ ହୋଇଛି ଓଡ଼ିଆ ସିନେମା 'ଜହ୍ନ ରାତିର ସାଥୀ'। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଅଜୟ କୁମାର ରାଉତ। କାର୍ଯ୍ୟନିର୍ବାହୀ ପ୍ରଯୋଜକ ଅଛନ୍ତି ବିକାଶ କୁମାର ରାଉତ। ଏଥିରେ ସମରେଶ ରାଉତରାୟ ଗୁଣିଆ ଚରିତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି। ଜିତେନ୍ଦ୍ର ଜେନାଙ୍କ ନିର୍ଦ୍ଦେଶନାରେ ଏହାର ବିଭିନ୍ନ ଭୂମିକାରେ ସିଦ୍ଧାନ୍ତ ମହାପାତ୍ର, ସମ୍ବିତ ଆଚାର୍ଯ୍ୟ, ଶୀତଲ ପାତ୍ର, ପୁନମ ମିଶ୍ର, ପ୍ରଜ୍ଞା ଖଟୁଆ, ପୃଥିରାଜ ନାୟକ, ନୈନା ଦାଶ ଏବଂ ଚୌଧୁରୀ ଜୟପ୍ରକାଶ ଦାସ ପ୍ରମୁଖ କଳାକାର। ଚିତ୍ରଟିର ସେନ୍‌ସର କାମ ଶେଷ ହୋଇଛି ଏବଂ ଏହା ଖୁବ୍‌ଶୀଘ୍ର ରିଲିଜ୍ ହେବ ବୋଲି ସୂଚନା ଦେଇଛନ୍ତି ପ୍ରଯୋଜକ।

ପରଦାରେ

# ଆଦିପୁରୁଷ


'ଆଦିପୁରୁଷ' ଫିଲ୍ମରେ ପ୍ରଭାସ ଏବଂ କ୍ରିତି

ରାମାୟଣ କଥାବସ୍ତୁକୁ ଆଧାର କରି ନିର୍ମିତ ହୋଇଛି 'ଆଦିପୁରୁଷ'। ଉଭୟ ହିନ୍ଦୀ ଏବଂ ତେଲୁଗୁ ଭାଷାରେ ଏହାକୁ ପ୍ରସ୍ତୁତ କରାଯାଇଛି। ଖାସ୍ କଥା ହେଲା ଫିଲ୍ମଟି ଆସନ୍ତାକାଲି ଅର୍ଥାତ୍ ୧୬ ତାରିଖରେ ମୁକ୍ତିଲାଭ କରିବାକୁ ଯାଉଛି। ଏହାର ପ୍ରାରମ୍ଭିକ କାମ ଆରମ୍ଭ ବେଳଠାରୁ ଏହାକୁ ନେଇ ଚର୍ଚ୍ଚା ଲାଗି ରହିଛି। କେତେକ ସିନେ ସମୀକ୍ଷକ ଆକଳନ କରିଛନ୍ତି ଯେ, ଚଳିତ ବର୍ଷ ଏହା ସବୁଠାରୁ ଅଧିକ ଆୟକାରୀ ଫିଲ୍ମ ଭାବରେ ପରିଗଣିତ ହେବ। ଏଥିରେ ରାମ ଭୂମିକାରେ ସାଉଥ୍ ଷ୍ଟାର ପ୍ରଭାସ, ରାବଣ ଚରିତ୍ରରେ ସୈଫ ଅଲ୍ଲୀ ଖାଁ ଏବଂ ସୀତା ରୋଲ୍‌ରେ କ୍ରିତି ସାନନ୍ ଅଭିନୟ କରିଛନ୍ତି। ଫିଲ୍ମଟିର କାହାଣୀ ରଚନା ସହ ନିର୍ଦ୍ଦେଶନାଭାର ତୁଲାଇଛନ୍ତି ଓମ୍ ରାୱତ। ପ୍ରଯୋଜନା କରିଛନ୍ତି ଟି–ସିରିଜ୍ ଏବଂ ରେଟ୍ରୋଫିଲିସ୍। ଅତ୍ୟାଧୁନିକ ଟେକ୍ନୋଲୋଜିରେ ଏହାର ଶୁଟିଂ କରାଯାଇଛି। ଫିଲ୍ମଟିର ବଜେଟ୍ ରହିଛି ୭୦୦ କୋଟି। ୧୯୯୨ରେ ରିଲିଜ୍ ହୋଇଥିବା ଜାପାନୀ ଫିଲ୍ମ 'ରାମାୟଣ : ଦ ଲିଜେଣ୍ଡ ଅଫ୍ ପ୍ରିନ୍ସ ରାମ'କୁ ଦେଖିବା ପରେ 'ଆଦିପୁରୁଷ' ନିର୍ମାଣ କରିବାକୁ ମନ ବଳାଇଥିଲେ ଓମ୍। ଫିଲ୍ମଟିର ଟିଜର ରିଲିଜ୍ ହେବା ପରେ ତାହା ଏତେ ଲୋକପ୍ରିୟ ହେଲା ଯେ ପୂର୍ବ ବଜେଟ୍ ୪୦୦ କୋଟିକୁ ଟପି ଏହା ୭୦୦ କୋଟିରେ ପହଞ୍ଚି ଯାଇଥିଲା। ଏ ନେଇ ଓମ୍ କୁହନ୍ତି, 'ଏଥିରେ ରାମ–ସୀତା–ରାବଣ ଚରିତ୍ର ନାମକୁ ବଦଳାଇ 'ରାଘବ–ଜାନକୀ–ଲଙ୍କେଶ' ରଖାଯାଇଛି। ଆଦିପୁରୁଷ ଅର୍ଥ ହେଲା ପ୍ରଥମ ପୁରୁଷ। କିନ୍ତୁ ଏହି ଟାଇଟଲର ଅର୍ଥ ହେଉଛି ବେଷ୍ଟ ମ୍ୟାନ୍ ବା ଶ୍ରେଷ୍ଠ ପୁରୁଷ। ସୀତା ଭୂମିକା ପାଇଁ କ୍ରିତିଙ୍କୁ ସାଇନ୍ କରିବା ପୂର୍ବରୁ ଆଉ କେତେଜଣ ଅଭିନେତ୍ରୀ–ଅନୁଷ୍କା ସେଟ୍ଟି, ଅନୁଷ୍କା ଶର୍ମା, କିଆରା ଆଡ୍‌ୱାନୀ ଏବଂ କୀର୍ତ୍ତି ସୁରେଶଙ୍କ ନାମ ବିଚାରକୁ ନିଆଯାଇଥିଲା।' ଏହି ଫିଲ୍ମରେ ଅଭିନୟ କରିବା ଲାଗି ପ୍ରଭାସ ପାରିଶ୍ରମିକ ଆକାରରେ ୧୫୦ କୋଟି ନେଇଛନ୍ତି।

# ଶିବ ଅବତାର


'ଓଏମ୍‌ଜି–୨' ଫିଲ୍ମରେ ଅକ୍ଷୟ

ଖିଲାଡି ମାଷ୍ଟର ଅକ୍ଷୟ କୁମାର ଖୁବ୍ ଶୀଘ୍ର ଏକ ନୂଆ ଗେଟ୍‌ଅପ୍‌ରେ ଦର୍ଶକଙ୍କ ସାମ୍ନାକୁ ଆସିବେ। ଅବଶ୍ୟ ଏହା ତାଙ୍କ ପାଇଁ ନୂଆ ନୁହେଁ। ପୂର୍ବରୁ ଅନେକ ଭିନ୍ନ ଭୂମିକା ତାଙ୍କୁ ଚର୍ଚ୍ଚିତ କରିବା ସହ ଦର୍ଶକଙ୍କ ନିକଟତର କରାଇବାରେ ସାହାଯ୍ୟ କରିଛି। ଏଥରର ନୂଆ ଅବତାର ହେଲା ଶିବ ଆଉ ସିନେମାଟି ହେଉଛି 'ଓଏମ୍‌ଜି ୨'। ଏହାପୂର୍ବରୁ ୨୦୧୨ରେ ତାଙ୍କ ଅଭିନୀତ 'ଓଏମ୍‌ଜି' (ଓ ମାଇଁ ଗଡ୍) ହିଟ୍ ସାବ୍ୟସ୍ତ ହୋଇଥିଲା। ସେଥିରେ ଅକ୍ଷୟଙ୍କ ବ୍ୟତୀତ ପରେଶ ରାୱଲ, ମିଥୁନ ଚକ୍ରବର୍ତ୍ତୀ, ଗୋବିନ୍ଦ ନାମଦେବ ମଧ୍ୟ ଅଭିନୟ କରିଥିଲେ। ୨୦୨୧ରେ ଏହାର ସିକ୍ୱେଲ ନିର୍ମାଣ କରିବାକୁ ଚିନ୍ତା କରିଥିଲେ ଅକ୍ଷୟ ଆଉ ଏବେ ତାଙ୍କର ସେହି ସ୍ୱପ୍ନ ସାକାର ହୋଇଛି। ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା ଉପରେ କାହାଣୀ ଗତି କରିଛି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଭିପୁଲ ଡି. ଶାହା, ରାଜେଶ ବହଲ ଏବଂ ଅଶ୍ୱିନୀ ବର୍ଦ୍ଦେ। ଅମିତ ରାଇଙ୍କ ନିର୍ଦ୍ଦେଶିତ 'ଓଏମ୍‌ଜି ୨'ରେ ଅକ୍ଷୟଙ୍କ ବ୍ୟତୀତ ପଙ୍କଜ ତ୍ରିପାଠୀ, ୟାମି ଗୌତମ, ଅରୁଣ ଗୋଭିଲଙ୍କୁ ମଧ୍ୟ ଦେଖିବାକୁ ମିଳିବ। ତେବେ ଏହି ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ରିଲିଜ୍ ପରେ ହିଁ ଜଣାପଡ଼ିବ।

ରିଲିଜ୍ ଅପେକ୍ଷାରେ

# ଶଙ୍କର

ଆକ୍ସନ, ରୋମାଣ୍ଟିକ୍ ଓ ସସ୍‌ପେନ୍ସ ଭରା ତଥା ଏକ ଭିନ୍ନ ଧରଣର କାହାଣୀକୁ ନେଇ ନିର୍ମିତ ହୋଇଛି ଓଡ଼ିଆ ସିନେମା 'ଶଙ୍କର'। ନାୟକ (ଦେବା) ନିଶାକୁ ଜୀବନର ସର୍ବସ୍ୱ ଭାବି ଚାଲୁଥିବା ବେଳେ ଦେଖାହୁଏ ଆଉ ଜଣେ ସୁନ୍ଦରୀ (ଦିବ୍ୟା) ସହ। ଦୁହେଁ ଦୁହିଙ୍କୁ ଭଲ ପାଇ ବସନ୍ତି। ତା'ପରେ କ'ଣ ଘଟେ ତାହା ସିନେମାରେ ଦେଖିବାକୁ ପାଇବେ। ଚିତ୍ରର ବିଭିନ୍ନ ଭୂମିକାରେ ଦେବା, ସିଦ୍ଧାନ୍ତ ମହାପାତ୍ର, ଶିବା, ଦିବ୍ୟା, କୁନା ତ୍ରିପାଠୀ, କେକେ, କାଳୀ, ବିଜୁ ବଡ଼ଜେନା, ଦୀପ୍ତିରେଖା ପଣ୍ଡା, ସୁପ୍ରିୟା, ମିତା ଚକ୍ରବର୍ତ୍ତୀ, ନୂପୁର ଘୋଷ୍ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ସାଇ ଦରବାର ଫିଲ୍ମସ ବ୍ୟାନରରେ ଏହାର କାହାଣୀ, ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି ଏନ୍. ପାଢ଼ୀ। ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ବୈଦ୍ୟନାଥ ଦାଶ। "ରଜ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଉଛି। ଭିନ୍ନ ଧରଣର କାହାଣୀକୁ ଆଧାର କରି ନିର୍ମିତ ଏହି ଫିଲ୍ମଟି ଖୁବ୍‌ଶୀଘ୍ର ପରଦା ଉପରକୁ ଆସିବ। ଦର୍ଶକ ଏଥିରୁ ଶତ ପ୍ରତିଶତ ମନୋରଞ୍ଜନ ପାଇବେ ଏହା ମୋର ଦୃଢ଼ ବିଶ୍ୱାସ ବୋଲି କୁହନ୍ତି ଏହାର ପ୍ରଯୋଜକ ଅରବିନ୍ଦ ସାହୁ।"


'ଶଙ୍କର' ଫିଲ୍ମରେ (ବାମରୁ) ଦେବା, ସିଦ୍ଧାନ୍ତ, ଶିବା

# କାରଣ ଖୋଜୁଛନ୍ତି ନୁସ୍‌ରତ

ନୁସ୍‌ରତ ଭରୁଚା କେତେ ଆଶା ରଖିଥିଲେ। ଯାହା ହେଉ ପୁଣି ଏକ ଅଫର ମିଳିଛି। ଏପରି କି ନୂଆ ସିନେମାଟିରେ ଅଭିନୟ କରିବାକୁ ସେ ନିଜର ସମ୍ମତି ଜଣାଇ ସାରିଥିଲେ। କିନ୍ତୁ ରାତାରାତି କ'ଣ ହେଲା କେଜାଣି, ଦେଖିଲା ବେଳକୁ ନୁସ୍‌ରତଙ୍କୁ ଫାଇନାଲ କାଷ୍ଟିଂରୁ ଆଉଟ୍ କରିଦିଆଯାଇଥିଲା। ଏହା ପଛରେ କି କାରଣ ରହିଛି ତାହାର ଖିଅ ଏଯାଏ ସେ ଖୋଜି ପାଉନାହାନ୍ତି। ତାଙ୍କ ସ୍ଥାନରେ ଅନନ୍ୟା ପାଣ୍ଡେଙ୍କୁ ସାଇନ୍ କରାଯାଇଥିଲା। ଏଭଳି ଘଟଣା ସମ୍ପର୍କରେ ନୁସ୍‌ରତ କହନ୍ତି, 'ମୋତେ କାହିଁକି ଶେଷକୁ କାଷ୍ଟିଂରୁ ବାଦ୍ ଦିଆଗଲା, ତାହା ମୁଁ ଜାଣିପାରୁନି। ଅବଶ୍ୟ ଏହି ଫିଲ୍ମରେ ଆକ୍ଟିଂ କରିବାକୁ ମୁଁ ରାଜି ହୋଇଥିଲି, କିନ୍ତୁ ସାଇନିଂ ଆମାଉଣ୍ଟ ନେଇ ନ ଥିଲି। ପ୍ରଯୋଜନା ସଂସ୍ଥା ମୋ ବଦଳରେ ଅନନ୍ୟାଙ୍କୁ ନେଇଛି। ଏହାକୁ ମୁଁ ଅଧିକ ତର୍ଜମା କରିବାକୁ ଚାହୁଁନାହିଁ। କାରଣ ଆକ୍ଟିଂ ଲାଇନ୍‌ରେ ଏମିତି ଅନେକ ଘଟଣା ଘଟିଥାଏ।' ହଁ, ଏହି ଫିଲ୍ମଟିର ଟାଇଟଲ ରହିଛି 'ଡ୍ରିମ୍ ଗର୍ଲ–୨'। ଚିତ୍ରଟି ଚଳିତ ମାସ ୨୩ରେ ପରଦା ଉପରକୁ ଆସୁଛି। ଏଥିରେ ଅନନ୍ୟାଙ୍କ ନାୟକ ସାଜିଛନ୍ତି ଆୟୁଷ୍ମାନ୍ ଖୁରାନା।

ନୁସ୍‌ରତ



# ଅତୀତରୁ

ଚିନ୍ମୟୀ



➤ଉଦୟ ପିକ୍‌ଚର୍ସ, କଟକ ବ୍ୟାନରରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ସୂର୍ଯ୍ୟମୁଖୀ'। ପ୍ରଫୁଲ୍ଲ ସେନ୍‌ଗୁପ୍ତାଙ୍କ ନିର୍ଦ୍ଦେଶନାରେ ଏହାର ବିଭିନ୍ନ ଭୂମିକାରେ ସୌମେନ୍ଦ୍ର, ମିନତି, ଅନନ୍ତ ଏବଂ ସୁଖଲତା ପ୍ରମୁଖ କଳାକାର ଅଭିନୟ କରିଥିଲେ।

➤ଶ୍ରୀନିବାସ ପାଇକରାୟଙ୍କ ପ୍ରଯୋଜିତ ଏବଂ ପ୍ରଭାତ ମୁଖାର୍ଜୀଙ୍କ ନିର୍ଦ୍ଦେଶିତ 'ଜୀବନସାଥୀ'ର ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ବାଳକୃଷ୍ଣ ଦାଶ। ଏଥିରେ ଶରତ ପୂଜାରୀ, ଗୀତା, ସାମୁଏଲ ସାହୁ (ବାବି) ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିଥିଲା।

➤ଓଡ଼ିଆ ସିନେମା 'ଅମଡ଼ାବାଟ'ର ପ୍ରଯୋଜନା କରିଥିଲେ ବାବୁଲାଲ ଦୋଷୀ। ଉମାକାନ୍ତ, ଅକ୍ଷୟ, ଝରଣା ଦାସ, ଗୀତା ପ୍ରମୁଖ କଳାକାର ଏଥିରେ ଅଭିନୟ କରିଥିଲେ।

➤ରାଜାରାଣୀ ଫିଲ୍ମସ, କଟକ ବ୍ୟାନରରେ ନିର୍ମିତ 'ବନ୍ଧନ'ର ନାୟକ ସାଜିଥିଲେ ପ୍ରଶାନ୍ତ ନନ୍ଦ। ଏଥିରେ ଗୀତାଞ୍ଜଳି, ଗୋବିନ୍ଦ, ଧୀର ବିଶ୍ୱାଳ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିଥିଲା।

➤'ଅଶାନ୍ତ ଗ୍ରହ' ଫିଲ୍ମର ପ୍ରଯୋଜନା କରିଥିଲେ ତୋଫାନ ତ୍ରିପାଠୀ ଏବଂ ନିର୍ଦ୍ଦେଶନା ଦେଇଥିଲେ ଶରତ ପୂଜାରୀ। ଏହି ଚିତ୍ରରେ ଶରତଙ୍କ ବ୍ୟତୀତ ଉତ୍ତମ ମହାନ୍ତି, ମହାଶ୍ୱେତା ରାୟ ମଧ୍ୟ ଅଭିନୟ କରିଥିଲେ।

➤ରାହାସ ବିହାରୀ ପଣ୍ଡାଙ୍କ ପ୍ରଯୋଜନାରେ ପ୍ରସ୍ତୁତ 'ସମର୍ପଣ'ର ବିଭିନ୍ନ ଭୂମିକାରେ ଶରତ ପୂଜାରୀ, ଗିରିଶ, ତନ୍ଦ୍ରା, ନିହାରିକା ପ୍ରମୁଖ କଳାକାର ଅଭିନୟ କରିଥିଲେ।

➤କେ.ଏଚ୍.ଡି. ରାଓଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ଝିଲି ମିଲି'ରେ ଶ୍ରୀରାମ ପଣ୍ଡା ଏବଂ ମହାଶ୍ୱେତା ରାୟ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ।

➤ଓଡ଼ିଆ ସିନେମା 'ତଅପୋଇ'ର ପ୍ରଯୋଜନା କରିଥିଲେ ସୁବୋଧ ଚନ୍ଦ୍ର ସାମଲ ଏବଂ ନିର୍ଦ୍ଦେଶନା ଦେଇଥିଲେ ଶରତ ପୂଜାରୀ। ଏହାର ବିଭିନ୍ନ ଭୂମିକାରେ ପ୍ରଶାନ୍ତ ନନ୍ଦ, ସାମୁଏଲ ସାହୁ (ବାବି), ଧୀର ବିଶ୍ୱାଳ, କ୍ଷଣପ୍ରଭା ପ୍ରମୁଖ କଳାକାର ଅଭିନୟ କରିଥିଲେ।

# ଅପେକ୍ଷାରେ ଚିନ୍ମୟୀ

ନବାଗତା ଚିନ୍ମୟୀ ମଲ୍ଲ ଓରଫ ରାନୀ। ପାଠପଢ଼ା ସହିତ ମଡେଲିଂ ସହ ଜଡ଼ିତ। ହେଲେ ତା' ଭିତରେ ବଡ଼ ପରଦାରେ ନାୟିକା ସାଜିବାର ଆଶା ରଖିଛନ୍ତି। ଅବଶ୍ୟ ଯା ଭିତରେ ତାଙ୍କୁ କେତୋଟି ଅଫର ମିଳିଛି। ନିଜର ଆକ୍ଟିଂ କ୍ୟାରିୟର ସମ୍ପର୍କରେ ସେ କହନ୍ତି, 'ଯେତେବେଳେ ସ୍କୁଲରେ ପଢୁଥିଲି ସେତେବେଳେ ଡ୍ରାମାରେ ଅଭିନୟ କରୁଥିଲି। ଡ୍ୟାନ୍ସ ଥିଲା ମୋର ଆଉ ଏକ ରୁଚି। ଏବେ ପାଠ ପଢ଼ିବା ସହ ମଡେଲିଂ ଚାଲିଛି। ବର୍ତ୍ତମାନ ଅଭିନୟକୁ କ୍ୟାରିୟର କରିବାକୁ ଆଶା ରଖିଛି। ଏ ନେଇ ତରବର ହେଲେ ତ ହେବ ନାହିଁ। ଅପେକ୍ଷା କରିବାକୁ ପଡ଼ିବ। କାରଣ ବଡ଼ ପରଦାରେ କୌଣସି ନୂଆ ଅଫର ଗ୍ରହଣ କରିବା ପୂର୍ବରୁ ମୋତେ ଗମ୍ଭୀରତା ସହ ଚିନ୍ତା କରିବାକୁ ପଡ଼ିବ। ବାକି ରହିଲା ରୋଲ୍ କଥା। ଜଣେ କଳାକାର ସବୁପ୍ରକାର ଭୂମିକା ତୁଲାଇ ପାରୁଥିବା ଦରକାର, ଆଉ ସେ ଆତ୍ମବିଶ୍ୱାସ ନିଜ ଉପରେ ରହିଛି।' ବଲିଉଡ୍‌ରେ ଶାହରୁଖ, ସଲ୍‌ମାନ ଏବଂ ଓଲିଉଡ୍‌ରେ ବାବୁସାନ୍, ଅର୍ଚ୍ଚିତା ହେଉଛନ୍ତି ତାଙ୍କ ମନପସନ୍ଦର କଳାକାର। ଇତିମଧ୍ୟରେ ସେ 'ଆଖି ପଲକରେ ତୁ' ନାମକ ଏକ ମ୍ୟୁଜିକ୍ ଆଲବମ୍‌ରେ ମଧ୍ୟ ଅଭିନୟ କରିଛନ୍ତି। ତେବେ କଟକ ଜିଲ୍ଲା ସାଲେପୁରରେ ଜନ୍ମିତା ଚିନ୍ମୟୀଙ୍କ ବଡ଼ ପରଦା ଆଶା କେବେ ପୂରଣ ହେଉଛି ତାହା ଜାଣିବାକୁ ଅପେକ୍ଷା କରିବାକୁ ହିଁ ପଡ଼ିବ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ତନିସ୍କର ନୂଆ 'ସୁନା ବଦଳ ନୀତି' ପ୍ରଚଳନ

ଭୁବନେଶ୍ୱର,୧୪।୬
(ଅଭୟ ଦାଶ)

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ତନିସ୍କ ପକ୍ଷରୁ ଏକ ଅଭିନବ ପଦକ୍ଷେପ ତଥା ସୁବିଧା 'ସୁନା ବଦଳ ନୀତି'ର ପ୍ରଚଳନ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ସୁନାର ବର୍ଦ୍ଧିତ ଦର ମଧ୍ୟରେ ତନିସ୍କ ତା'ର ନୂଆ 'ସୁନା ବଦଳ ନୀତି' ପ୍ରଚଳନ କରିଛି। ବିଶେଷକରି ଅସ୍ଥିର ଦର ମଧ୍ୟରେ ଗ୍ରାହକଙ୍କ ବର୍ଦ୍ଧିତ ଆବଶ୍ୟକତା ପୂରଣ କରିବା ହେଉଛି ଏହାର ମୂଳ ଲକ୍ଷ୍ୟ। ସେହିଭଳି ଗ୍ରାହକଙ୍କୁ ସେମାନଙ୍କ ସୁନାର ସର୍ବୋତ୍ତମ ମୂଲ୍ୟ ପ୍ରଦାନ କରିବା ସହ ଉକ୍ତ ନୀତି ସେମାନଙ୍କୁ ବେଶ୍ ସହାୟକ ଓ ପୁରୁଣା ସୁନାକୁ ଅପ୍‌ଗ୍ରେଡ୍ କରିବାର ସୁଯୋଗ ଦେଉଛି। ଫଳରେ ସେମାନେ ତନିସ୍କର ନୂଆ ତଥା ଅତ୍ୟାଧୁନିକ ଡିଜାଇନ ପାଇପାରିବେ। ବର୍ତ୍ତମାନ ତନିସ୍କରେ ସୁନା ବଦଳ ୧,୦୦,୦୦୦ କିଲୋଗ୍ରାମର ମାଇଲଖୁଣ୍ଟ ଛୁଇଁବା ପରିପ୍ରେକ୍ଷୀରେ ଏହି ସୁନା ବଦଳ ନୀତି ଘୋଷଣା କରାଯାଇଛି। ଏପରିକି ୧୦୦ ଟନ୍ ସୁନା ବଦଳ ମାଧ୍ୟମରେ ୨୦ ଲକ୍ଷ ଗ୍ରାହକ ତନିସ୍କ ଉପରେ ସେମାନଙ୍କ ଭରସା ଦେଖାଇଛନ୍ତି ଏବଂ ଏକ୍ସଚେଞ୍ଜ ପାଇଁ ତନିସ୍କକୁ ବାଛିଛନ୍ତି। ସୁନା ଦରରେ ବୃଦ୍ଧି ଧାରା ଜାରି ରହିଥିବାବେଳେ ଗ୍ରାହକ ସେମାନଙ୍କର ପୁରୁଣା ସୁନାର ମୂଲ୍ୟ ବଢ଼ାଇବା ପାଇଁ ବିଭିନ୍ନ ପ୍ରକାର ପନ୍ଥା ଆପଣାଉଛନ୍ତି। ଏହାକୁ ବଦଳାଇ ଆଧୁନିକ ଡିଜାଇନ ଗହଣା ନେଉଛନ୍ତି। ଏପରିକି ପ୍ରତି ୨୦ କ୍ୟାରେଟ୍ ଏବଂ ତଦୂର୍ଦ୍ଧ୍ୱ ମାନର ପୁରୁଣା ସୁନା ବଦଳ ଉପରେ ତନିସ୍କ ୧୦୦% ମୂଲ୍ୟ ପ୍ରଦାନ କରୁଛି। ଏହାର ସୁନା ବଦଳ ପ୍ରୋଗ୍ରାମ ଭରସା, ସ୍ୱଚ୍ଛତା ଏବଂ ଗ୍ରାହକଙ୍କ ପାଇଁ ଅଦ୍ୱିତୀୟ ମୂଲ୍ୟ ପ୍ରଦାନକୁ ସୂଚାଉଛି। ଏହି ନୂଆ ବଦଳ ନୀତି ଦେଶରେ ଥିବା ସମସ୍ତ ତନିସ୍କ ଷ୍ଟୋରରେ ବୈଧ। ଲୋକମାନେ ବିବାହ ଋତୁ ଏବଂ ଅନ୍ୟାନ୍ୟ ଅବସର ପାଇଁ ସୁନା କିଣିବାକୁ ଯୋଜନା କରୁଥିବାବେଳେ ଏହି ବଦଳ ନୀତିକୁ ତନିସ୍କ ପ୍ରଚଳନ କରିଛି।

ଏ ସମ୍ପର୍କରେ ଟାଇଟନ କମ୍ପାନୀ ଲିମିଟେଡ୍‌ର ଗହଣା ଡିଭିଜନ ସିଇଓ ଅଜୟ ଚାୱଲା କହିଛନ୍ତି, ଦେଶବ୍ୟାପୀ ୨୦ଲକ୍ଷ ଗ୍ରାହକଙ୍କ ଦ୍ୱାରା ୧୦୦ଟନ୍ ସୁନା ବଦଳର ଏହି ସେଲିବ୍ରେଶନ ବର୍ଷ ବର୍ଷ ଧରି ଆମ ଉପରେ ରହିଥିବା ଗ୍ରାହକଙ୍କ ଭରସା ଏବଂ ବିଶ୍ୱାସର ସଙ୍କେତ। ବର୍ତ୍ତମାନ ସୁନାର ବର୍ଦ୍ଧିତ ଦରକୁ ଦେଖିଲେ ଗ୍ରାହକଙ୍କ ପାଇଁ ଏହାର ବଦଳ ଏକ ଭଲ ନିଷ୍ପତ୍ତି। ଲକରରେ ସୁନାକୁ ପକାଇ ରଖିବା ଅପେକ୍ଷା ଏହାକୁ ବଦଳ କରିବା ଉତ୍ତମ। ଏହି ପ୍ରୋଗ୍ରାମରେ ସାମିଲହେବାକୁ ସମସ୍ତଙ୍କୁ ଆହ୍ୱାନ। ଯେକୌଣସି ଗହଣା ଦୋକାନରୁ କିଣାଯାଇଥିବା ସୁନା ମଧ୍ୟ ତନିସ୍କ ଗ୍ରହଣ କରୁଛି। ଗ୍ରାହକ ନିଜ ସୁବିଧା ଅନୁସାରେ ଏହାକୁ ଦେଶରେ ଥିବା ଯେକୌଣସି ତନିସ୍କ ଷ୍ଟୋରରେ ବଦଳ କରିପାରିବେ। ଏହି ଏକ୍ସଚେଞ୍ଜ ପ୍ରୋଗ୍ରାମ ବିଶାଳ ରେଞ୍ଜ ଗହଣା ଯେପରି ଗୋଲ୍ଡ ପ୍ଲେନ୍, ଗ୍ଲାସ୍ କୁନ୍ଦନ, କୁନ୍ଦନ ପୋଲ୍‌କୀ, ଓପନ୍ ପୋଲ୍‌କୀ, ପିଜେଡବ୍ଲ୍ୟୁଏସ୍, କଲର ଷ୍ଟୋନ୍ ଆଦିରେ ଉପଲବ୍ଧ।




# ମିନ୍ତ୍ରାର ସ୍ୱତନ୍ତ୍ର ଅଭିଯାନ

ଭୁବନେଶ୍ୱର,୧୪।୬

ଇ-କର୍ମସ ପ୍ଲାଟ୍‌ଫର୍ମ ମିନ୍ତ୍ରାର ସ୍ୱତନ୍ତ୍ର ଅଭିଯାନ ସହ ମିନ୍ତ୍ରା ଇଓଆର୍‌ଏସ୍‌ର ୧୮ତମ ସଂସ୍କରଣ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ୬୦୦୦ରୁ ଅଧିକ ପ୍ରତିଷ୍ଠିତ ଘରୋଇ ଓ ଅନ୍ତର୍ଜାତୀୟ ଉତ୍ପାଦ ଏବଂ ଡି୨ସି ବ୍ରାଣ୍ଡଗୁଡ଼ିକରୁ ୨୦ଲକ୍ଷରୁ ଅଧିକ ଫ୍ୟାଶନ,ବିୟୁଟି ଓ ଲାଇଫଷ୍ଟାଇଲ୍ ପ୍ରଡକ୍ଟ ସହ ମିନ୍ତ୍ରା ଇଓଆର୍‌ଏସ୍‌ର ୧୮ତମ ସଂସ୍କରଣ ବର୍ତ୍ତମାନ ଲାଇଭ୍ ରହିଛି। ଏପରିକି ଗ୍ରାହକମାନଙ୍କୁ ଏକ ଆକର୍ଷଣୀୟ ଶପିଙ୍ଗ୍ ଅନୁଭୂତି ପ୍ରଦାନ କରିବା ପାଇଁ ମିନ୍ତ୍ରା ପକ୍ଷରୁ ଇଓଆର୍‌ଏସ୍ ୧୮ରେ ପ୍ରତ୍ୟେକ ଫ୍ୟାଶନିଷ୍ଟାଙ୍କ ସ୍ୱପ୍ନ ପୂରଣ ହେବ ତାହା ମିନ୍ତ୍ରା ପକ୍ଷରୁ ସୁନିଶ୍ଚିତ କରାଯାଉଛି। ଏଠାରେ ମିନ୍ତ୍ରାର ୫ଟି ଆକର୍ଷଣୀୟ ଫିଚର ସମ୍ପର୍କରେ ମଧ୍ୟ ଉଲ୍ଲେଖ କରାଯାଇଛି, ଯାହାକୁ ଗ୍ରାହକମାନେ ଇଓଆର୍‌ଏସ୍ ୧୮ର ଶପିଙ୍ଗ୍ କରିବା ବେଳେ ନିଶ୍ଚିତ ଭାବେ ଦେଖିବା ଓ ବ୍ୟବହାର କରିବା ଉଚିତ। ଫଳରେ ଶପରମାନଙ୍କ ଏଣ୍ଡ-ଟୁ-ଏଣ୍ଡ ଶପିଙ୍ଗ୍ ଯାତ୍ରାକୁ ଉନ୍ନତ କରିବା ପାଇଁ ଆରମ୍ଭ କରାଯାଇଛି।

# ୧୬ରୁ ୩ ଦିନିଆ ଜୋୟା ଅଳଙ୍କାର ପ୍ରଦର୍ଶନୀ



ଭୁବନେଶ୍ୱର,୧୪।୬

ଜୋୟା ଦେଶର ପ୍ରମୁଖ ବାଣିଜ୍ୟିକ ପ୍ରତିଷ୍ଠାନ। ଟାଟା ଗ୍ରୁପ୍‌ର ସହଯୋଗୀ ପ୍ରତିଷ୍ଠାନ ତଥା ଟାଟା ହାଉସର ସୂକ୍ଷ୍ମ ହୀରା ବୁଟିକ୍ ଜୋୟାର ବିରଳ ଓ ପ୍ରିମିୟମ ଅଳଙ୍କାର ପ୍ରଦର୍ଶନୀ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ୨୦୨୩ ଜୁନ୍ ୧୬ରୁ ୩ ଦିନିଆ ଜୋୟା ଅଳଙ୍କାର ପ୍ରଦର୍ଶନୀ ଭୁବନେଶ୍ୱରର ଏକ ଘରୋଇ ହୋଟେଲରେ ଆୟୋଜିତ ହେବାକୁ ଯାଉଛି। ବିଶେଷକରି ଭୁବନେଶ୍ୱରରେ ଜୋୟାର ପ୍ରଥମ ଟ୍ରଙ୍କ୍ ଶୋ' ପ୍ରଦର୍ଶିତ ହେବ ବୋଲି ବ୍ରାଣ୍ଡ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ଏହି ଶୋ' ଗ୍ଲାମର ମହିଳାମାନଙ୍କ ପାଇଁ ଏକ ସୁଯୋଗ ପ୍ରଦାନ କରୁଛି। ଏପରିକି ଉତ୍କର୍ଷ ତଥା ଆଖି, ସୌନ୍ଦର୍ଯ୍ୟତା ଏବଂ ଜୋୟା ସାରେଜେୱେଲାରୀ ଅନ୍ୱେଷଣର ଏକ ବ୍ୟାପକ ସମ୍ଭାର ପ୍ରଦର୍ଶିତ ଏବଂ ବିକ୍ରୟ ହେବ। ବିଶେଷକରି ଜୋୟାର ସୂକ୍ଷ୍ମ ଅଳଙ୍କାରର ବ୍ୟାପକ ଅନୁଭୂତିକୁ ସବୁସ୍ତରରେ ଗ୍ରାହକମାନେ ନିର୍ଣ୍ଣୟ କରୁଛନ୍ତି। ଫଳରେ ସମସାମୟିକ ତଥା କ୍ଲାସିକ୍ ଶୈଳୀରେ ଜୋୟାର ଅବିସ୍ମରଣୀୟ ଅଳଙ୍କାର ଉଭୟ ଦେଶର ଓ ବିଦେଶର ମହିଳାଙ୍କ ଚାହିଦା ଓ ଆଗ୍ରହକୁ ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥାଏ। ଉଲ୍ଲେଖଯୋଗ୍ୟ, ଏହି ପ୍ରଦର୍ଶନୀ ୨୦୨୩ ୧୬ ଜୁନ୍‌ରୁ ୧୮ ପର୍ଯ୍ୟନ୍ତ ପ୍ରତ୍ୟହ ସକାଳ ୧୦ ଘଟିକାରୁ ରାତ୍ର ୮ ଘଟିକା ପର୍ଯ୍ୟନ୍ତ ଜାରି ରହିବ। ଅପରପକ୍ଷରେ ଏକ କପ୍ ଚା କିମ୍ବା କଫି ସହିତ ଜୋୟାର ସୁନ୍ଦର ସଂଗ୍ରହକୁ ଅନୁସନ୍ଧାନକରି କିଛି ଅନିଚ୍ଛାକୃତ 'ସମୟ' ବିତାନ୍ତୁ। ଏପରିକି ଭାରତର ପ୍ରାଚୀନ ଷ୍ଟେପ୍‌ୱେଲସ ଦ୍ୱାରା ଅନୁପ୍ରାଣିତ ଗୋଲାପ ଏବଂ ଧଳା ସୁନାରେ ଏକ ଅଟୋଗ୍ରାଫ୍ ସଂଗ୍ରହ ସହ ପାଟେଣ୍ଟେଡ ଜୋୟା ବାଓଲି' ସେଟିଂ ଆଟେର୍ନା, ପାଟେଣ୍ଟେଡ ଆଦିର ପଥର କଟିଂ ପ୍ରଦର୍ଶିତ ଏବଂ ବ୍ୟକ୍ତିଗତ ଭାବେ ଷ୍ଟାକ୍ କିମ୍ବା ପିନ୍ଧାଯାଇପାରିବ। ବିଶେଷକରି ଦିନରୁ ସନ୍ଧ୍ୟା ପର୍ଯ୍ୟନ୍ତ ପରିଧାନ ସମୟରେ ଏକ ସହଜପଣ ଓ ମନରେ ପରିବର୍ତ୍ତନ ଆଣିପାରେ ବୋଲି ଜୋୟା ପକ୍ଷରୁ କୁହାଯାଇଛି।

# ବାହାନଗା ରେଳ ଦୁର୍ଘଟଣା ପୀଡ଼ିତଙ୍କ ପିଲାଙ୍କୁ ନିଷ୍ଟର ସହାୟତା

ଭୁବନେଶ୍ୱର,୧୪।୬




ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ନିଷ୍ଟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି (ଏନ୍‌ଆଇଏସ୍‌ଟି), ବ୍ରହ୍ମପୁର ପକ୍ଷରୁ ବାଲେଶ୍ୱର ବାହାନଗା ରେଳ ଦୁର୍ଘଟଣା ପୀଡ଼ିତଙ୍କ ପିଲାମାନଙ୍କ ପାଇଁ ଏକ ବଡ଼ ଘୋଷଣା କରାଯାଇଛି। ଏ ନେଇ ଅନୁଷ୍ଠାନ ପକ୍ଷରୁ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ଅନୁଷ୍ଠାନ ରେଳ ଦୁର୍ଘଟଣା ପୀଡ଼ିତଙ୍କ ପିଲାମାନଙ୍କୁ ମାଗଣାରେ ପାଠ ପଢ଼ାଇବା ସହ ଅନ୍ୟାନ୍ୟ ସୁବିଧା ପ୍ରଦାନ କରିବା ଲାଗି ଘୋଷଣା କରିଥିବା ବେଳେ ନିଷ୍ଟର ପ୍ରତିଷ୍ଠାତା ଡ. ସୁକାନ୍ତ ମହାପାତ୍ର ରେଳ ଦୁର୍ଘଟଣାରେ ପ୍ରଭାବିତ ପରିବାର ପ୍ରତି ଗଭୀର ସମବେଦନା ଜଣାଇବା ସହ ଉକ୍ତ ପରିବାରର ଯେଉଁ ପିଲାମାନେ ନିଷ୍ଟରେ ଇଞ୍ଜିନିୟରିଂ, ମ୍ୟାନେଜମେଣ୍ଟ କିମ୍ବା ବିଜ୍ଞାନରେ ପଢ଼ିବାକୁ ଚାହୁଁଛନ୍ତି, ସେମାନଙ୍କ ପାଇଁ ଶତ ପ୍ରତିଶତ ଏକାଡେମିକ୍ ଫି'ଛାଡ଼ କରାଯିବ ବୋଲି ସେ ଘୋଷଣା କରିଛନ୍ତି। ଅପରପକ୍ଷରେ ରେଳ ଦୁର୍ଘଟଣାରେ ପୀଡ଼ିତ ପରିବାରର ସଦସ୍ୟମାନଙ୍କୁ ଉତ୍ସର୍ଗୀକୃତ ହେଲ୍ପ ଡେସ୍କ +୯୧-୯୭୭୭୧୪୬୪୭୮ରେ ଯୋଗାଯୋଗ କରିବାକୁ ମହାପାତ୍ର ଅନୁରୋଧ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ସବ୍ୟସାଚୀ ରଥ, ଡିନ୍, ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ, ନିଷ୍ଟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି (ଏନ୍‌ଆଇଏସ୍‌ଟି), ବ୍ରହ୍ମପୁର ଏବଂ ଡ. ପ୍ରିୟଦର୍ଶୀ ତ୍ରିପାଠୀ, ପ୍ରିନ୍ସିପାଲ, ନିଷ୍ଟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି (ଏନ୍‌ଆଇଏସ୍‌ଟି), ବ୍ରହ୍ମପୁର ପ୍ରମୁଖ ଉପସ୍ଥିତ ରହିଛନ୍ତି।

# ୟୁବିଆଇ ପକ୍ଷରୁ ୧.୩୪ କୋଟିର ଋଣ ମଞ୍ଜୁର

ଭୁବନେଶ୍ୱର,୧୪।୬

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ)ର ବାଲେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ବାଲେଶ୍ୱରର ବାଳମୁକୁଳିଠାରେ ଏକ ଜନ ସୁରକ୍ଷା ଶିବିର ଓ ସ୍ୱୟଂ ସହାୟକ ଗୋଷ୍ଠୀ ଋଣମେଳାର ଆୟୋଜନ କରାଯାଇଥିଲା। ଏହି ଅବସରରେ ୟୁବିଆଇ ବାଲେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ଜୟଗୋପାଳ ବେହେରା,ଉପ କ୍ଷେତ୍ରୀୟ ମୁଖ୍ୟ ଜି.ଏନ୍. ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବାଳମୁକୁଳି ଶାଖାର ଶାଖା ପ୍ରବନ୍ଧକ ସୁଶାନ୍ତ ମଲ୍ଲିକଙ୍କ ସମେତ ଉଙ୍ଗରା ଶାଖାର ଶାଖା ପ୍ରବନ୍ଧକ ରାକେଶ ଦାଶ ଓ ଯାଜପୁର ମୁଖ୍ୟ ଶାଖାର ଶାଖା ପ୍ରବନ୍ଧକ ସଚିନ ସୋନୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର କ୍ଷେତ୍ରର ବିଭିନ୍ନ ଶାଖାର ପ୍ରମୁଖ ଗ୍ରାହକ ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ମଧ୍ୟ ଯୋଗ ଦେଇଥିଲେ। ଏପରିକି ମୋଟ ୨୭ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧.୩୪ କୋଟି ଟଙ୍କାର ଋଣ ମଞ୍ଜୁରୀ ପତ୍ର ଜୟଗୋପାଳ ବେହେରା ପ୍ରଦାନ କରିଥିଲେ। ସେହିଭଳି କ୍ଷେତ୍ରର ସବୁ ବର୍ଗର ଗ୍ରାହକଙ୍କ ମଧ୍ୟରେ ଜନସୁରକ୍ଷା ବୀମା ଯଥା ପିଏମ୍‌ଜେଜେବିୱାଇ ଓ ପିଏମ୍‌ଏସ୍‌ବିୱାଇ ବିଷୟରେ ଅବଗତ କରାଇବା ସହିତ ଜନସଚେତନତା ସୃଷ୍ଟି କରିବା ଦିଗରେ ଗୁରୁତ୍ୱ ଦେବା ପାଇଁ ଶାଖା ମୁଖ୍ୟମାନଙ୍କୁ ଉଭୟ ବେହେରା ଓ ଦାସ କହିଥିଲେ। ସେହିପରି ଉକ୍ତ ଶିବିର ଜରିଆରେ ମୋଟ ୬୦୦ ଜନ ସୁରକ୍ଷା ବୀମା ନାମାଙ୍କନପତ୍ର ଗ୍ରହଣ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଶକ୍ତିପ୍ରସାଦ ରଥଙ୍କ ଦ୍ୱାରା ଉକ୍ତ ଶିବିର ଉତ୍ତମ ଭାବେ ଆୟୋଜିତ ହୋଇଥିଲା।

# ନିଟ୍ ଫଳାଫଳରେ ଓଡିଏମ୍‌ର ବାଜିମାତ୍

ଭୁବନେଶ୍ୱର,୧୪।୬

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଓଡିଏମ୍ ପବ୍ଲିକ୍ ସ୍କୁଲ ନିଟ୍-୨୦୨୩ ଫଳାଫଳରେ ଉଲ୍ଲେଖନୀୟ ସଫଳତା ସହ ପୁଣିଥରେ ବାଜିମାତ୍ କରିଛି। ଏପରିକି ସଦ୍ୟ ପ୍ରକାଶିତ ନିଟ୍-୨୦୨୩ ପରୀକ୍ଷାରେ ଓଡିଏମ୍ ପବ୍ଲିକ୍ ସ୍କୁଲର ଛାତ୍ରୀଛାତ୍ରମାନେ ଅଭୂତ ପୂର୍ବ ସଫଳତାର ସହ କୃତିତ୍ୱ ହାସଲ କରିଛନ୍ତି। ସେହିଭଳି ସ୍କୁଲର ସର୍ବମୋଟ ୧୭୮ ଛାତ୍ରୀଛାତ୍ର ନିଟ୍-୨୦୨୩ ଚୟନ ତାଲିକାରେ ରହିଥିବା ବେଳେ ଦିପ୍ତେଶ କୁମାର ବେହେରା ସର୍ବଭାରତୀୟ ସ୍ତରରେ ୫୬୧ ତମ ସ୍ଥାନ ହାସଲକରି ବିଦ୍ୟାଳୟକୁ ଗୌରବମଣ୍ଡିତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନ, ନିର୍ଦ୍ଦେଶିକା (ବିତ୍ତ ଓ ପ୍ରଶାସନ) ତଥା ପ୍ରବନ୍ଧିକା ଇନ୍ଦୁମତୀ ରାୟ ଏବଂ ମୁଖ୍ୟ ସଞ୍ଚାଳନ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ ସ୍କୁଲର ସମସ୍ତ କୃତୀ ଛାତ୍ରୀଛାତ୍ର ଓ ତାଙ୍କର ଅଭିଭାବକ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ଫୁର୍‌ସତ୍

# ବିଜୟଙ୍କ ସହ ନଜର ଆସିବେ ମୃଣାଳ



ମୁମ୍ବାଇ

ଅଭିନେତ୍ରୀ ମୃଣାଳ ଠାକୁର୍‌ଙ୍କ ତେଲୁଗୁ ଫିଲ୍ମ 'ସୀତାରାମମ୍' ଜରିଆରେ ସେ ଦର୍ଶକଙ୍କ ଅଧିକ ପସନ୍ଦ ହୋଇପାରିଛନ୍ତି। ସେବେଠାରୁ ତାଙ୍କୁ ଅନେକ ଫିଲ୍ମ ପାଇଁ ଅଫର ଆସୁଛି। ତେବେ ଅଭିନେତ୍ରୀ ମୃଣାଳ ଓ ଅଭିନେତା ବିଜୟ ଦେବରକୋଣ୍ଡା ଏକାଠି ନଜର ଆସିବାକୁ ଯାଉଛନ୍ତି। ଦୁହିଁଙ୍କୁ ପ୍ରଥମ ଥର ପାଇଁ ଷ୍ଟେଜ୍‌ରେ ଦେଖିବାକୁ ମିଳିବ। ନିକଟରେ ଫିଲ୍ମ ଶୁଟିଂ ଆରମ୍ଭ ହେବାର ସମୟ ଧାର୍ଯ୍ୟ ହୋଇଯାଇଛି। ଚଳଚ୍ଚିତ୍ର ନାମ ଜଣାପଡି ନ ଥିବାବେଳେ ତାହା ଖୁବ୍‌ଶୀଘ୍ର ସମସ୍ତଙ୍କ ସାମ୍ନାକୁ ଆସିଯିବ। ଭେଙ୍କଟେଶ୍ୱର କ୍ରିଏଶନ ମାଧ୍ୟମରେ ମୁଭିକୁ ପରଶୁରାମ ପେଟ୍‌ଲା ପ୍ରଯୋଜନା କରିବେ। ବିଜୟ ବର୍ତ୍ତମାନ ଫିଲ୍ମ 'ଖୁସି'ରେ ବ୍ୟସ୍ତ ରହିଛନ୍ତି, ଯାହା ଏକ ରୋମାଣ୍ଟିକ୍ କମେଡି ମୁଭି। ତେବେ ମୃଣାଳ ୨୦୧୪ରେ ତାଙ୍କ ମରାଠୀ ଫିଲ୍ମ 'ଭିଟି ଦଣ୍ଡୁ' ଜରିଆରେ କ୍ୟାରିୟର ଆରମ୍ଭ କରିଥିଲେ। ସେ ସାଉଥ୍ ଇଣ୍ଡଷ୍ଟ୍ରିରେ ଅନେକ ଫିଲ୍ମ କରିଥିବାବେଳେ 'ସୀତାରାମମ୍'ରେ ଚର୍ଚ୍ଚାକୁ ଆସିଥିଲେ। ଆଗକୁ ତାଙ୍କ ହାତରେ ଆହୁରି ଅନେକ ଫିଲ୍ମ ରହିଛି। ଯେଉଁଥିପାଇଁ ସେ ବ୍ୟସ୍ତ ଅଛନ୍ତି। ଏଥିସହ ସେ ଟେଲିଭିଜନର ଅନେକ ସିରିଏଲରେ ମଧ୍ୟ କାମ କରିଛନ୍ତି।

## ୧ ମିନିଟ୍‌ରେ ପିଗି ବ୍ୟାଙ୍କରେ ୨୩ ମୁଦ୍ରା ଭର୍ତ୍ତି କଲେ

**ଲଣ୍ଡନ:** ୨ ବର୍ଷର କୁକୁର ନିକଟରେ ପିଗି ବ୍ୟାଙ୍କରେ ଟଙ୍କା ଭର୍ତ୍ତି କରି ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଛି। ବ୍ରିଟେନର ଆବେରଡିନ୍ ଅଞ୍ଚଳର କୁକୁର ଲିଓ ସ୍ୱାସ୍‌ଡ ୧ ମିନିଟ୍ ଭିତରେ ପିଗି ବ୍ୟାଙ୍କରେ ୨୩ଟି ମୁଦ୍ରା ଭର୍ତ୍ତି କରିଛି। ଏହା ପୂର୍ବରୁ ୨ ବର୍ଷର କକ୍କର ସ୍ପାନିଏଲ ନାମକ କୁକୁର ୧ ମିନିଟ୍‌ରେ ପିଗି ବ୍ୟାଙ୍କରେ ମୁଦ୍ରା ଭର୍ତ୍ତି କରି ଏହି ରେକର୍ଡ କରିଥିଲା। ତେବେ ଲିଓକୁ ତା' ମାଲିକ ଏମିଲି ଆଣ୍ଡରସନ୍ ଦେଢ ବର୍ଷ ହେବ ଟ୍ରେନିଂ ଦେଉଛନ୍ତି।

# ସବୁଜ ଶକ୍ତି ହିଁ ସର୍ବୋତ୍ତମ



**ବି**ଶ୍ୱରେ ପ୍ରଦୂଷଣ ମାତ୍ରା ବଢ଼ିଚାଲିଛି। ଶିଳ୍ପାୟନର ଦ୍ରୁତ ବିକାଶ ସହିତ ପ୍ରଦୂଷଣମୁକ୍ତ ଶକ୍ତିର ଚାହିଦା ବଢ଼ିବାରେ ଲାଗିଛି। ପୃଥିବୀକୁ ଆସନ୍ତା ପିଢ଼ିଙ୍କ ଲାଗି ଜୀବିତ ରଖିବା ପାଇଁ ସବୁଜ ଶକ୍ତି ଉତ୍ସ ଉପରେ ଗୁରୁତ୍ୱାରୋପ କରାଯାଉଛି। ସବୁଜ ଶକ୍ତି ମଧ୍ୟରେ ପବନ ଶକ୍ତି ବିଶେଷ ଆଦୃତି ଲାଭ କରିପାରିଛି। ପବନ ଶକ୍ତି ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଜୁନ୍ ୧୫ ରେ 'ବିଶ୍ୱ ପବନ ଦିବସ' ପାଳନ କରାଯାଇଥାଏ।

ଜାତୀୟ ପବନ ଶକ୍ତି ସଙ୍ଗଠନ ଏବଂ ପବନ ଶକ୍ତି ଉତ୍ପାଦନରେ ଜଡ଼ିତ କମ୍ପାନୀଗୁଡିକ ମିଳିତ ଭାବେ ବିଶ୍ୱର ଅନେକ ଦେଶରେ ଏହି ଦିବସ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଥାନ୍ତି। ୨୦୧୧ରେ, ୪ଟି ମହାଦେଶର ୩୦ଟି ଦେଶରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏସବୁ କାର୍ଯ୍ୟକ୍ରମରେ ଉପକୂଳ ଏବଂ ଅଫ୍‌ଶୋର ପବନ ଫାର୍ମ ପରିଦର୍ଶନ, ସୂଚନା ଅଭିଯାନ, ସହରରେ ସ୍ଥାପିତ ଟର୍ବାଇନ୍ ପ୍ରଦର୍ଶନୀ, ପବନ କର୍ମଶାଳା ଏବଂ ପବନ ପରେଡ ଅନ୍ତର୍ଭୁକ୍ତ ଥିଲା।

## ବିଶ୍ୱ ପବନ ଦିବସ

୨୦୦୭ ମସିହାରେ ପ୍ରଥମଥର ପାଇଁ ୟୁରୋପୀୟ ପବନ ଶକ୍ତି ସଂଘ (ଇଡବ୍ଲୁଇଏ) ଦ୍ୱାରା ଆନୁଷ୍ଠାନିକ ଭାବେ ସଂଗଠିତ ହୋଇଥିଲା। ୨୦୦୭ରେ, ୟୁରୋପରେ ପ୍ରଥମଥର ପାଇଁ ପବନ ଦିବସ ପାଳନ କରାଯାଇଥିଲା। ପବନ ଶକ୍ତିର ଉପଯୋଗିତା ଏବଂ ଏକ ସ୍ଥାୟୀ ଉତ୍ସ ଭାବରେ ଏହାର ଅପାର ପରିସର ହୃଦୟଙ୍ଗମ ହୋଇପାରିଥିଲା। ୨୦୦୯ରେ ଗ୍ଲୋବାଲ ପବନ ଶକ୍ତି ପରିଷଦ(ଜିଡବ୍ଲୁଇସି) ଏବଂ ୟୁରୋପୀୟ ପବନ ଶକ୍ତି ସଂଘ ବିଶ୍ୱ ପବନ ଦିବସକୁ ଏକ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ କରିବା ପାଇଁ ସହଯୋଗ କରିଥିଲେ। ୨୦୧୨ରେ ବିଭିନ୍ନ ଦେଶରେ ପ୍ରାୟ ୨୫୦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶ୍ୱ ପବନ ଦିବସ ଏକ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ଦିବସ ଭାବେ ଏକ ଜରୁରୀ ପ୍ରାକୃତିକ ସମ୍ପଦ ରୂପେ ପବନ ଶକ୍ତି ବିଷୟରେ ସଚେତନତା ସୃଷ୍ଟି କରିଥାଏ। ପବନ ଭଳି ନବୀକରଣଯୋଗ୍ୟ ସବୁଜ ଶକ୍ତି ଉତ୍ସଗୁଡ଼ିକ ଅତ୍ୟନ୍ତ ମୂଲ୍ୟବାନ୍। ସେଗୁଡ଼ିକ ମୁକ୍ତ ଏବଂ ପରିବେଶ ପାଇଁ ମଧ୍ୟ କ୍ଷତିକାରକ ନୁହେଁ। ଏହି ପ୍ରଦୂଷଣମୁକ୍ତ ସର୍ବୋତ୍ତମ ସବୁଜ ଶକ୍ତି ଉତ୍ସର ବିକାଶ ପାଇଁ ଏହି ଦିବସ ପାଳନ ଅବସରରେ ଉଦ୍ୟମ ହୋଇଥାଏ।

# ଚାକିରି ଛାଡ଼ି ଟ୍ରକ୍‌ରେ ରହୁଛନ୍ତି ମହିଳା



**ୱାଶିଂଟନ:** ଯୁଆଡ଼େ ଗଲେ ବି ଘରେ ହିଁ ସବୁଠୁ ଭଲ ନିଦ ହୋଇଥାଏ। ଏଠାରେ ଜଣେ ମହିଳା ତାଙ୍କ ଚାକିରି ଛାଡ଼ି ଟ୍ରକ୍‌ରେ ରହୁଥିବା କହିଛନ୍ତି। ଆମେରିକାର ବାସିନ୍ଦା ମୋଲି ୨ ବର୍ଷ ପୂର୍ବେ କର୍ପୋରେଟର ଚାକିରି ଛାଡ଼ି ଉତ୍ତର ଆମେରିକାର ବିଭିନ୍ନ ସ୍ଥାନକୁ ବୁଲିବାକୁ ବାହାରିଲେ। ସେଥିପାଇଁ ସେ ଏକ ଟ୍ରକ୍‌କୁ ବ୍ୟବହାର କଲେ। ସେଥିରେ ବିଭିନ୍ନ ସ୍ଥାନ ବୁଲିବା ସହ ଟ୍ରକ୍‌ରେ ହିଁ ରହିବାକୁ ଲାଗିଲେ। ତାଙ୍କସହ ତାଙ୍କ ସ୍ୱାମୀ କେନ୍ ଓ ପାଳିତ କୁକୁର ବି ଥିଲେ। ପ୍ରଥମେ ମୋଲିଙ୍କୁ ଲାଗୁଥିଲା କି ଲକ୍ଷେ ଟଙ୍କାର ଦରମା ମିଳିଲେ ଜୀବନ ଶାନ୍ତି ଲାଗିବ। ସେ ତାଙ୍କ ଚାକିରିରେ ଖୁସି ସହ ସନ୍ତୁଷ୍ଟ ବି ଥିଲେ। ହେଲେ ତାଙ୍କୁ ତାଙ୍କ ଜୀବନରେ କିଛି ଅଧା ରହିଗଲା ଭଳି ଲାଗୁଥିଲା। ସେଥିପାଇଁ ସେ ଚାକିରି ଛାଡ଼ି ଜୀବନର ପ୍ରତ୍ୟେକଟି ମୁହୂର୍ତ୍ତକୁ ଭଲରେ ବଞ୍ଚିବାକୁ ନିଷ୍ପତ୍ତି ନେଲେ। ସେ ଟ୍ରକ୍‌ରେ ସ୍ୱାମୀ ଓ ପାଳିତ କୁକୁରଙ୍କ ସହିତ ବୁଲିବାକୁ ଯିବା ସହ ଟ୍ରକ୍‌କୁ ତାଙ୍କ ଘର କରିସାରିଲେଣି। ଟ୍ରକ୍‌ରେ ରୋଷେଇ, ଖଟ, ରୁମ୍ ସବୁ ରହିଛି। ଫଳରେ ଟ୍ରକ୍‌ଟି ପୂରା ଘର ଭଳି ଦେଖାଯାଉଛି। ସେ ସୋସିଆଲ ମିଡିଆରେ ଲୋକଙ୍କୁ ଅଧିକାଂଶ ସମୟ ବୁଲିବାକୁ ପରାମର୍ଶ ମଧ୍ୟ କରିଥାନ୍ତି।


# Classified Everyday
0674-2580101, 2549949


REAL ESTATE
SALE

**Gharabari SC plot 2000 sqft. with 6ft. boundary wall at Rs.43,00,000/- at Dayanadi Bihar near Dayanadi Bridge, Lingipur. Contact : 9938115957 (Owner).** D-0535

ଗୃହୋପଯୋଗୀ ସ୍ଥିତିବାନ୍ ପ୍ଲଟ୍ 30' ରୋଡ୍, ଇଲେକ୍ଟ୍ରି ସହ ପିତାପଲ୍ଲିରେ ମିଳୁଛି। 7787017414. D-74874

GENERAL
SALE

One 4/5 Kaht with Dunlop Gaddi, one mixturegrinder for sale. 9439068944. D-75118




Asribadaa Panchakarma herbal SPA Kesharimall, Bhubaneswar. Contact : 8926173473. D-74695

Newly open health benefits SPA special offer @ 799 Jaydev Vihar. 8018429809. D-75117

**Relax, Refresh your Body, Mind at Saikrupa Spa with best therapies. 8984068077.** D-0536

Spa full body Massage only best therapist Gents & ladies@699/- Bhubaneswar. Kajal-9337672475. D-0552

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



୰ଦୋଳଗୋବିନ୍ଦ ଷଡ଼ଙ୍ଗୀ
ଅବସରପ୍ରାପ୍ତ ଓଡ଼ିଶା ରାଜ୍ୟ ଶିଳ୍ପ ଉପନିର୍ଦ୍ଦେଶକ
ଆବିର୍ଭାବ-୧୦।୦୩।୧୯୩୯
ତିରୋଧାନ- ୨୬।୦୬।୨୦୨୨ (ଆଷାଢ଼ କୃଷ୍ଣପକ୍ଷ ତ୍ରୟୋଦଶୀ)

ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା ଓ ନିଃସ୍ୱାର୍ଥପର ସେବା ମନୋଭାବ ଆମ ପାଇଁ ପ୍ରେରଣାର ଉତ୍ସ ହେଉ। ଆପଣ ସର୍ବଦା ଆମ୍ଭମାନଙ୍କୁ ଆଶୀର୍ବାଦ ପ୍ରଦାନ କରନ୍ତୁ। ପତ୍ନୀ ବିୟୋଗ ପରେ ଭୁବନେଶ୍ୱରସ୍ଥିତ ରତ୍ନପ୍ରଭା ଦେବୀ ମେମୋରିଆଲ ଟ୍ରଷ୍ଟର ସ୍ଥାପନା ଓ ଏହାର ଏକକ ସଂସ୍ଥାପକ ଅଧ୍ୟକ୍ଷ ଭାବେ ଆପଣଙ୍କ କାର୍ଯ୍ୟ ସମ୍ପାଦନ ଅବିସ୍ମରଣୀୟ ତଥା ପ୍ରେରଣାଦାୟୀ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ: ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୦୫୮୪

### ୨୯ତମ ଜନ୍ମ ବାର୍ଷିକୀ



୰ସତ୍ୟ ରଞ୍ଜନ ନାୟକ (ସୋନୁ)
ଆବିର୍ଭାବ: ୧୫।୦୬।୧୯୯୪
ତିରୋଧାନ: ୦୨।୦୧।୨୦୨୨

ତୋର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁ ଯେଉଁଠି ଥା ଭଲରେ ଥା।

-:ଶୋକସନ୍ତପ୍ତ:-
ମାମା, ବାବା, ଜେଜେ, ଦିଦି, ଭାଇ, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ, (ସାନୁ ଫାର୍ମ)
ଧ-୦୫୮୧

# ହ୍ୟାଟ୍ରିକ୍ ବିଜୟ ଭାରତର ଲକ୍ଷ୍ୟ

ଭୁବନେଶ୍ୱର, ୧୪।୬
(ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଚତୁଃରାଷ୍ଟ୍ରୀୟ ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟବଲ ଟୁର୍ନାମେଣ୍ଟର ଶେଷ ଦୁଇଟି ଲିଗ୍‌ମ୍ୟାଚ ଗୁରୁବାର ଅନୁଷ୍ଠିତ ହେବ। ଅପରାହ୍ନ ୪ଟା ୩୦ରେ ମଙ୍ଗୋଲିଆ ଓ ଭାନୁଆଟୁ ଏବଂ ସନ୍ଧ୍ୟା ୭ଟା ୩୦ରେ ଭାରତ ଓ ଲେବାନନ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବା ୪ ଦଳ ମଧ୍ୟରେ ଲେବାନନର ର୍‍ୟାଙ୍କିଙ୍ଗ୍ ସବୁଠୁ ଉପରେ। ତେବେ ଭାରତ ମଧ୍ୟ ବିଶେଷ ପଛରେ ନାହିଁ। ୯୯ ର୍‍ୟାଙ୍କ୍‌ପ୍ରାପ୍ତ ଲେବାନନକୁ ଘରୋଇ ପରିବେଶରେ କଡ଼ା ଚ୍ୟାଲେଞ୍ଜ ଦେବ ୧୦୧ତମ ସ୍ଥାନରେ ଥିବା ଭାରତ। ଚଳିତ ଟୁର୍ନାମେଣ୍ଟରେ ଭାରତ ଏପର୍ଯ୍ୟନ୍ତ ପ୍ରଭାବୀ ପ୍ରଦର୍ଶନ କରି ଆସିଛି। ନିଜର ପ୍ରଥମ ମ୍ୟାଚରେ ମଙ୍ଗୋଲିଆକୁ ୨-୦ରେ ହରାଇଥିବା ଘରୋଇ ଦଳ ଦ୍ୱିତୀୟ ମ୍ୟାଚରେ ଭାନୁଆଟୁକୁ ୧-୦ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରି ସାରିଛି। ୮୦ତମ ମିନିଟରେ ଅଧିନାୟକ ସୁନୀଲ ଛେତ୍ରୀଙ୍କ ଗୋଲ ଭାରତକୁ ଫାଇନାଲରେ ପହଞ୍ଚାଇ ଦେଇଥିଲା। ୨ ମ୍ୟାଚରୁ ଭାରତ ୬ ପଏଣ୍ଟ ପାଇ ସାରିଛି। ଲେବାନନ ୨ ମ୍ୟାଚରୁ ୪ ପଏଣ୍ଟ ପାଇଥିବାରୁ ଫାଇନାଲ ପାଇଁ ଅନ୍ୟତମ ଦାବିଦାର ହୋଇଛି। ଶେଷ ଲିଗ୍‌ରେ ଦୁଇଦଳ ପରସ୍ପରକୁ ଭେଟିବାକୁ ଯାଉଥିବାରୁ ଆଗାମୀ ମ୍ୟାଚ ସମ୍ଭାବ୍ୟ ଫାଇନାଲର ରିହର୍ସାଲ ବୋଲି ଆକଳନ କରାଯାଉଛି।



କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସ ଅବସରରେ ଭାରତୀୟ ଖେଳାଳି।

## ମଙ୍ଗୋଲିଆ ପାଇଁ ସୁଯୋଗ

ମଙ୍ଗୋଲିଆ ୨ ମ୍ୟାଚରୁ ୧ ପଏଣ୍ଟ ପାଇଛି। ଦଳ ଏହାର ପ୍ରଥମ ମ୍ୟାଚରେ ଭାରତଠାରୁ ୦-୨ ଗୋଲରେ ହାରିଥିବାବେଳେ ଦ୍ୱିତୀୟ ମ୍ୟାଚରେ ଲେବାନନକୁ କଡ଼ା ଚ୍ୟାଲେଞ୍ଜ ଦେଇ ଗୋଲଶୂନ୍ୟ ଡ୍ର ରଖିଥିଲା। ମଙ୍ଗୋଲିଆ ଏବେ ଫିଫା ର୍‍ୟାଙ୍କିଙ୍ଗ୍‌ରେ ୧୮୩ତମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଭାନୁଆଟୁର ର୍‍ୟାଙ୍କିଙ୍ଗ୍ ୧୬୪। ର୍‍ୟାଙ୍କିଙ୍ଗ୍ ଅନୁସାରେ ନିମ୍ନରେ ଥିଲେ ମଧ୍ୟ ଲେବାନନ ବିପକ୍ଷ ମ୍ୟାଚ ଦଳର ମନୋବଳ ବୃଦ୍ଧି କରିଛି। ଏହି ଦଳ ଭାନୁଆଟୁକୁ ବଡ଼ ବ୍ୟବଧାନରେ ହରାଇ ପାରିଲେ ଆଶା ଉଜ୍ଜୀବିତ ରଖିବ। ଦଳର ପଏଣ୍ଟ ସଂଖ୍ୟା ୪ରେ ପହଞ୍ଚିବ। ଯଦି ଭାରତଠାରୁ ଲେବାନନ ହାରିଯାଏ ତେବେ ଏହି ଦଳର ପଏଣ୍ଟ ମଧ୍ୟ ୪ରେ ରହିବ। ଏ କ୍ଷେତ୍ରରେ ଗୋଲ ବ୍ୟବଧାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏବେ ଲେବାନନର ଗୋଲ ବ୍ୟବଧାନ +୨ ଏବଂ ମଙ୍ଗୋଲିଆର -୨ ରହିଛି।

**ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟବଲ**

**ଲେବାନନ ବିପକ୍ଷ ଶେଷ ଲିଗ୍‌ମ୍ୟାଚ ଆଜି**



ଟ୍ରେନିଂ ସେସନରେ କୋଚ୍ ଇଗର ଷ୍ଟିମାକ୍ (ବାମ)।

## କେବଳ ବିଜୟ ଚାହାନ୍ତି ଷ୍ଟିମାକ୍

ଭାରତ ଇଣ୍ଟରକଣ୍ଟିନେଣ୍ଟାଲ କପ୍‌ର ଫାଇନାଲରେ ପ୍ରବେଶ କରି ସାରିଥିଲେ ମଧ୍ୟ ଲେବାନନ ବିପକ୍ଷ ମ୍ୟାଚକୁ ହାଲୁକା ନେଉନାହାନ୍ତି କୋଚ୍ ଇଗର ଷ୍ଟିମାକ୍। ''ଆମେ ଘରୋଇ ପରିବେଶରେ ଖେଳୁଛୁ। ପୂର୍ବ ୨ଟି ମ୍ୟାଚରେ ଆମେ କେବଳ ବିଜୟ ଲକ୍ଷ୍ୟରେ ଖେଳିଥିଲୁ। ଆଗାମୀ ମ୍ୟାଚରେ ମଧ୍ୟ ସେହି ଆଭିମୁଖ୍ୟ ରହିବ। ପୂର୍ବ ମ୍ୟାଚରେ ଲେବାନନ କିପରି ପ୍ରଦର୍ଶନ କରିଥିଲା ସେଥିରେ ଆମର କିଛି ଯାଏଆସେ ନାହିଁ। ଏହି ଦଳରେ ଅନେକ କ୍ୱାଲିଟି ଖେଳାଳି ଅଛନ୍ତି। ତେଣୁ ଏହି ଦଳ ବିପକ୍ଷ ମ୍ୟାଚ ଆମ ପାଇଁ ନିଶ୍ଚିତ କଷ୍ଟସାଧ୍ୟ ହେବ। ତେବେ ଏହି ଦଳର ମଧ୍ୟ କିଛି ଦୁର୍ବଳତା ଅଛି। ଆମେ ଏହାକୁ ଟାର୍ଗେଟ କରିବୁ। ଏହି ମ୍ୟାଚ ନିଶ୍ଚିତ ମଜାଦାର ହେବ'' ବୋଲି ଷ୍ଟିମାକ୍ ପ୍ରକାଶ କରିଛନ୍ତି। ଷ୍ଟିମାକ୍ ଆହୁରି କହିଛନ୍ତି ଯେ, ଭାନୁଆଟୁ ବିପକ୍ଷ ମ୍ୟାଚରେ ଆମେ ଯେପରି ଚାହୁଁଥିଲୁ ସେପରି ପ୍ରଦର୍ଶନ ହୋଇପାରି ନ ଥିଲା। ଟ୍ରେନିଂ ସେସନରେ ଆମେ ଏହାକୁ ଲକ୍ଷ୍ୟରେ ରଖି ଅଭ୍ୟାସ କରିଛୁ। ଯେତେଶୀଘ୍ର ପ୍ରତିପକ୍ଷ ଦଳକୁ ଚାପରେ ରଖିବ ସେତେ ଫାଇଦା ମିଳିବ। କାରଣ ସମୟ ଆଗେଇଲେ ସ୍ଥିତି କଷ୍ଟକର ହୋଇଚାଲିବ। ଲେବାନନ-ମଙ୍ଗୋଲିଆ ମ୍ୟାଚରେ ଏହା ଦେଖିବାକୁ ମିଳିଥିଲା। ପ୍ରଥମ ୨ଟି ଗେମ୍‌ରେ ଆମ ଦଳର ୨୨ ଖେଳାଳି ଖେଳି ସାରିଛନ୍ତି। ତେଣୁ ଲେବାନନ ବିପକ୍ଷରେ ଆମେ ଶ୍ରେଷ୍ଠ ଇଲେଭେନ ନେଇ ପଡ଼ିଆକୁ ଓହ୍ଲାଇବୁ ବୋଲି ସେ ପ୍ରକାଶ କରିଛନ୍ତି।

# ଆଥଲେଟ୍‌ଙ୍କୁ ଉତ୍ସାହିତ କଲେ ଉଷା

ଭୁବନେଶ୍ୱର, ୧୪।୬
(ତପନ ସ୍ୱାଇଁ)

ଭାରତୀୟ ଅଲିମ୍ପିକ୍ ଆସୋସିଏଶନ ସଭାପତି ତଥା ଏମ୍‌ପି ପି.ଟି. ଉଷା ବୁଧବାର କିଟ୍ ଆଥଲେଟିକ୍ ଷ୍ଟାଡିୟମ ପରିଦର୍ଶନ କରିଛନ୍ତି। ଚାଇନାର ଚେଙ୍ଗଡୁଠାରେ ଜୁଲାଇ ୨୮ରୁ ଅଗଷ୍ଟ ୮ ପର୍ଯ୍ୟନ୍ତ ହେବାକୁଥିବା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ପାଇଁ କିଟ୍‌ରେ ଚୟନ ଟ୍ରାଏଲ୍ ଚାଲିଛି। ଉଷା ଆଥଲେଟ୍‌ଙ୍କ ସହ ଭାବ ବିନିମୟ କରିବା ଅବସରରେ ଉତ୍ସାହିତ କରିଥିଲେ। ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଅଧିକରୁ ଅଧିକ ପଦକ ଜିତିବାକୁ ସେ ପରାମର୍ଶ ଦେଇଥିଲେ। ଚଳିତ ବର୍ଷ ଭାରତରୁ ୧୨ ଇଭେଣ୍ଟରେ ୩୩୫ ଆଥଲେଟ୍ ଅଂଶଗ୍ରହଣ କରିବାକୁ ଯାଉଥିବା ଉଷା ଏଠାରେ ଜାଣିବାକୁ ପାଇଥିଲେ। ଭାରତୀୟ ପ୍ରତିଯୋଗୀମାନେ ଆର୍ଚେରୀ, ଆଥଲେଟିକ୍ସ, ବ୍ୟାଡ୍‌ମିଣ୍ଟନ, ଫେନ୍‌ସିଂ, ଜୁଡୋ, ଶୁଟିଂ, ସୁଇମିଂ, ଟେବୁଲ ଟେନିସ, ଟାଇକୋଣ୍ଡୋ, ଟେନିସ, ଉଷୁ ଓ ଭଲିବଲ ଇଭେଣ୍ଟରେ ଅଂଶଗ୍ରହଣ କରିବ। ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ ଏତେ ସଂଖ୍ୟକୁ ଆଥଲେଟ୍ ପଠାଇବା ଏହା ପ୍ରଥମ।

ପ୍ରକାଶ ଯୋଗ୍ୟ ଯେ, ଭାରତୀୟ ଦଳ ଭାଗ ନେବାକୁ ଯାଉଥିବା ୧୨ ଇଭେଣ୍ଟରୁ କିଟ୍‌ରେ ୪ ବିଭାଗରେ ଚୟନ ଟ୍ରାଏଲ ଚାଲିଛି। ତାହା ହେଲା ଆର୍ଚେରୀ, ଆଥଲେଟିକ୍ସ, ବ୍ୟାଡ୍‌ମିଣ୍ଟନ ଓ ଭଲିବଲ। ଉଭୟ ମହିଳା ଓ ପୁରୁଷ ବିଭାଗରେ ଏହି ଟ୍ରାଏଲ ବୁଧବାର ଆରମ୍ଭ ହୋଇଛି ଏବଂ ଗୁରୁବାର ମଧ୍ୟ ଚାଲିବ। ଅଲିମ୍ପିଆନ ପ୍ରିୟଙ୍କା ଗୋସ୍ୱାମୀ ୨୦୨୪ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରି ସାରିଛନ୍ତି। ଲାଲୁ ପ୍ରସାଦ ଭୋଇ, ପ୍ରଜ୍ଞା ପ୍ରଶାନ୍ତି ସାହୁ, ବିକ୍ରାନ୍ତ ମଲିକ, ଆଶିଷ ସ୍ୱାଇଁ, ମାମାଲି ନାଗ୍, ଶିବାନୀ ପ୍ରିୟଦର୍ଶିନୀଙ୍କ ପରି କେତେକ ଓଡ଼ିଶା ଖେଳାଳି ଟ୍ରାଏଲରେ ପ୍ରଭାବୀ ପ୍ରଦର୍ଶନ କରି ଇଣ୍ଡିଆନ ୟୁନିଭର୍ସିଟି ଟିମ୍‌ରେ ସ୍ଥାନ ପାଇବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପକ୍ଷରୁ କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ସମ୍ମାନ ସ୍ୱରୂପ ଉଷାଙ୍କୁ ଜନଜାତୀୟ ଖେଳ ମହୋତ୍ସବର ଏକ ଟି-ଶାର୍ଟ ପ୍ରଦାନ କରିଥିଲେ। ଖେଳକୁ ପ୍ରୋତ୍ସାହନ ଦେଉଥିବାରୁ ଉଷା କିଟ୍ ଓ କିସ୍‌କୁ ପ୍ରଶଂସା କରିଥିଲେ।



ପି.ଟି. ଉଷାଙ୍କୁ ଉପହାର ସ୍ୱରୂପ ଜର୍ସି ପ୍ରଦାନ କରାଯାଉଛି।

**କିଟ୍ ଆଥଲେଟିକ୍ ଷ୍ଟାଡିୟମ ପରିଦର୍ଶନ**

# ଜୁନିୟର ରଗ୍‌ବୀ ୭ଏସ୍: ଓଡ଼ିଶାକୁ ବ୍ରୋଞ୍ଜ ପଦକ

ଭୁବନେଶ୍ୱର, ୧୪।୬
(ତପନ ସ୍ୱାଇଁ)

ଇଣ୍ଡିଆନ ରଗ୍‌ବୀ ଫୁଟବଲ ୟୁନିୟନ ଓ ରଗ୍‌ବୀ ଆସୋସିଏଶନ ଅଫ୍ ମହାରାଷ୍ଟ୍ରର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ସର୍ବଭାରତୀୟ ଜୁନିୟର ରଗ୍‌ବୀ ୭ଏସ୍ ଚାମ୍ପିୟନଶିପ୍ ପୁଣେଠାରେ ଶେଷ ହୋଇଛି। ଏଥିରେ ଅଂଶଗ୍ରହଣ କରିଥିବା ଓଡ଼ିଶା ବାଳକ ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ଲିଗ୍ ପର୍ଯ୍ୟାୟରେ ପୁଡୁଚେରୀକୁ ୫୭-୦ ଓ ମଣିପୁରକୁ ୨୯-୭ରେ ହରାଇବାପରେ ପ୍ରି-କ୍ୱାର୍ଟର ଫାଇନାଲରେ ଉତ୍ତର ପ୍ରଦେଶକୁ ୩୪-୦ ପଏଣ୍ଟରେ ପରାସ୍ତ କରିଛି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ଓଡ଼ିଶା ୨୨-୦ରେ ଗୁଜରାଟକୁ ହରାଇ ସେମିଫାଇନାଲରେ ପହଞ୍ଚି ଯାଇଥିଲା। ମାତ୍ର ସେମି ଫାଇନାଲରେ ବିହାରଠାରୁ ୭-୨୪ ପଏଣ୍ଟରେ ହାରିବାରୁ ବ୍ରୋଞ୍ଜ ପଦକପାଇଁ ପ୍ଲେ-ଅଫ୍ ଖେଳିଥିଲା। ଏଥିରେ ଦଳ ୨୪-୧୨ରେ ଝାଡ଼ଖଣ୍ଡକୁ ପରାସ୍ତ କରିଥିଲା।




ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଜୁନ୍ ୧୫/୨୦୨୩ Bhubaneswar, Thursday, June 15/ 2023

# ୧୮ ବର୍ଷରୁ କମ୍ ବିଶ୍ୱରେକର୍ଡ ଭାଙ୍ଗିଲେ ଅଦିତି

**ଆର୍ଚ୍ଚେରୀ ବିଶ୍ୱକପ ଷ୍ଟେଜ୍-୩**

ମେଡେଲିନ୍, ୧୪।୬ (ପି.ଟି.)

କଲମ୍ବିଆର ମେଡେଲିନଠାରେ ଅନୁଷ୍ଠିତ ଆର୍ଚ୍ଚେରୀ ବିଶ୍ୱକପ ଷ୍ଟେଜ୍-୩ କ୍ୱାଲିଫିକେଶନରେ ଚମତ୍କାର ପ୍ରଦର୍ଶନ କରି ଭାରତୀୟ ଟିନ୍‌ଏଜର ଅଦିତି ସ୍ୱାମୀ ୧୮ ବର୍ଷରୁ କମ୍ ବିଶ୍ୱରେକର୍ଡ ଭାଙ୍ଗିଛନ୍ତି। ଗତ ଡିସେମ୍ବରରେ ଶାରଜାରେ ଅନୁଷ୍ଠିତ ଏସିଆ କପ୍ ଲେଗ୍-୩ରେ ରୌପ୍ୟ ପଦକ ଜିତିଥିବା ୧୬ ବର୍ଷୀୟା ଅଦିତି ଏଠାରେ ସମ୍ଭାବ୍ୟ ୭୨୦ରୁ ୭୧୧ ପଏଣ୍ଟ ସ୍କୋର କରି କମ୍ପାଉଣ୍ଡ ମହିଳାଙ୍କ ମଧ୍ୟରେ ଶୀର୍ଷସ୍ଥାନ ଅଧିକାର କରିଛନ୍ତି। ଗତ ମେ'ରେ ଲିକୋ ଆରେଓଲା ୭୦୫ ପଏଣ୍ଟ ସହିତ ରେକର୍ଡର ଅଧିକାରୀ ଥିଲେ। ଅଦିତି ନିଜ ପ୍ରଥମ ବିଶ୍ୱକପ ସେସନରେ ଏହାଠାରୁ ଅଧିକ ସ୍କୋର କରି ବିଶ୍ୱରେକର୍ଡର ଅଧିକାରୀ ହୋଇଛନ୍ତି। ଆମେରିକା ପକ୍ଷରୁ ଆରେଓଲା ସିନିୟର ସ୍ତରରେ ପ୍ରଥମଥର ପାଇଁ ପ୍ରତିନିଧିତ୍ୱ କରି ୯ମ ସ୍ଥାନରେ ରହିଛନ୍ତି। ''ମୁଁ ବହୁତ ଖୁସି ଏବଂ ଉଲ୍ଲସିତ। ମୁଁ ଏପରି ଶୁଟ୍ କରିପାରିବି ବୋଲି ଭାବି ନ ଥିଲି। ମୁଁ ବହୁତ ଖୁସି, କାରଣ ମୋତେ ଏବେ ମାତ୍ର ୧୬ ବର୍ଷ'' ବୋଲି ଅଦିତି ପ୍ରକାଶ କରିଛନ୍ତି। ସାଥି ଆର୍ଚ୍ଚର ତଥା ବିଶ୍ୱକପ୍‌ରେ ଏକାଧିକ ସ୍ୱର୍ଣ୍ଣ ପଦକ ବିଜେତା ଜ୍ୟୋତି ସୁରେଖା ଭେନାମ ଓ ଘରୋଇ ଫେଭରାଇଟ ସାରା ଲୋପେଜଙ୍କୁ ଅଦିତି ୭୨ ଆରୋ ୫୦ ମିଟର କ୍ୱାଲିଫିକେଶନରେ ପଛରେ ପକାଇ ଦେଇଥିଲେ। ଭାରତୀୟ ମହିଳା କମ୍ପାଉଣ୍ଡ ଟିମ୍ ଅଦିତି, ଜ୍ୟୋତି (୭୦୮) ଓ ପ୍ରନୀତ କୌର (୭୦୦) କ୍ୱାଲିଫିକେଶନରେ ଶୀର୍ଷରେ ରହିଥିଲେ ହେଁ ମାତ୍ର ୧ ପଏଣ୍ଟ ପାଇଁ କୋରିଆ (୨୧୨୦) କରିଥିବା ବିଶ୍ୱରେକର୍ଡଠାରୁ ପଛରେ ପଡ଼ି ଯାଇଥିଲେ।



ଅଦିତି ସ୍ୱାମୀ

**କିଟ୍ ଅନ୍ତର୍ଜାତୀୟ ଚେସ୍ ଫେଷ୍ଟିଭାଲ**

## 'ବି' ବର୍ଗରେ ଶାମ୍ ଆର୍. ଚାମ୍ପିୟନ

ଭୁବନେଶ୍ୱର, ୧୪।୬ (ତପନ ସ୍ୱାଇଁ)

କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ଅନ୍ତର୍ଜାତୀୟ ଚେସ୍ ଫେଷ୍ଟିଭାଲର 'ବି' ବର୍ଗ ଟୁର୍ନାମେଣ୍ଟ ବୁଧବାର ଶେଷ ହୋଇଛି। ୧୦ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ତାମିଲନାଡୁର ଶାମ୍ ଆର. ୮.୫ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। ଆନ୍ଧ୍ର ପ୍ରଦେଶର ଜ୍ଞାନ ସାଇ ସନ୍ତୋଷ ଏମ୍. ଓ ପଶ୍ଚିମବଙ୍ଗର ବସକ ବିଶାଲ ସମାନ ୮.୫ ପଏଣ୍ଟ ଲେଖାଏ ପାଇଥିଲେ ହେଁ ବୁକୋଲଜରେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ପୁରସ୍କାର ଆକାରରେ ଏହି ୩ ପ୍ରତିଯୋଗୀଙ୍କୁ ଟ୍ରଫି ସହ ୬୦,୦୦୦, ୪୫,୦୦୦ ଓ ୩୫,୦୦୦ ଟଙ୍କା ପ୍ରଦାନ କରାଯାଇଛି। 'ବି' ବର୍ଗ ପ୍ରତିଯୋଗିତାରେ ୬ ଲକ୍ଷ ଟଙ୍କାର ପୁରସ୍କାର ରାଶିକୁ ୯୭ କୃତୀ ପ୍ରତିଯୋଗୀଙ୍କୁ ପ୍ରଦାନ କରାଯାଇଥିଲା।

# ଆଜିଠୁ ସିନିୟର ଆନ୍ତଃ ରାଜ୍ୟ ଆଥ୍‌ଲେଟିକ୍ସ



ଖବରଦାତା ସମ୍ମିଳନୀରେ ଅମିୟ ମଲିକ, ପାରୁଲ ଚୌଧାରୀ, ରାଧାକ୍ରିଷ୍ଣନ ନାୟାର ଓ ଜ୍ୟୋତି ୟାରାଜି।

- ଏସିଆନ ଚାମ୍ପିୟନଶିପ୍, ଏସିଆନ ଗେମ୍ସ ପାଇଁ ୨୦ରେ ଦଳ ଘୋଷଣା
- ଅଂଶଗ୍ରହଣ କରିବେନି ନୀରଜ, ଅବିନାଶ, ହିମା

ଭୁବନେଶ୍ୱର, ୧୪।୬ (ସରୋଜ ଜେନା)

କଳିଙ୍ଗ ଷ୍ଟାଡିୟମରେ ଗୁରୁବାରଠାରୁ ଅନୁଷ୍ଠିତ ହେବ ୬୨ତମ ଜାତୀୟ ଆନ୍ତଃରାଜ୍ୟ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍। ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍ଆଇ) ଓ ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଉଦ୍ୟମରେ ଏହି ସମ୍ମାନଜନକ ପ୍ରତିଯୋଗିତା ଚଳିତ ମାସ ୧୫ରୁ ୧୯ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ଏଏଫ୍ଆଇ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଆଥ୍‌ଲେଟିକ୍ସ ଟିମ୍‌ର ମୁଖ୍ୟ କୋଚ୍ ରାଧାକ୍ରିଷ୍ଣନ ନାୟାରଙ୍କ ସମେତ ସ୍ପ୍ରିଣ୍ଟର ଅମିୟ ମଲିକ୍, ଜ୍ୟୋତି ୟାରାଜୀ ଓ ଷ୍ଟିପଲଚେଜର ପାରୁଲ ଚୌଧାରୀ ଏଥିରେ ଯୋଗ ଦେଇଥିଲେ। ରାଜ୍ୟରେ ଇଣ୍ଟରକଣ୍ଟିନେଣ୍ଟାଲ ଫୁଟବଲ ଭଳି ଏକ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଚାଲିଥିବା ସମୟରେ ରାଜ୍ୟ ସରକାର ଯେଉଁଭଳି ଭାବରେ ତତ୍ପରତା ଦେଖାଇ ଏହି ଟୁର୍ନାମେଣ୍ଟ ଆୟୋଜନ କରିଛନ୍ତି ତାକୁ ବେଶ୍ ପ୍ରଶଂସା କରିଥିଲେ ନାୟାର। ଚଳିତ ଆନ୍ତଃରାଜ୍ୟ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ପ୍ରଦର୍ଶନ ଆଧାରରେ ହିଁ ଏସିଆନ୍ ଚାମ୍ପିୟନଶିପ୍ ଓ ଏସିଆନ୍ ଗେମ୍ସ ପାଇଁ ଆସନ୍ତା ୨୦ ତାରିଖରେ ଆଥ୍‌ଲେଟିକ୍ସ ଦଳ ଚୟନ କରାଯିବ ବୋଲି କହିଥିଲେ କୋଚ୍। ଏହି ଟୁର୍ନାମେଣ୍ଟରେ ନୀରଜ ଚୋପ୍ରା ଓ ଅବିନାଶ ସାବ୍‌ଲେ ଅଂଶଗ୍ରହଣ କରୁ ନ ଥିବା ବେଳେ ଆହତ କାରଣରୁ ଷ୍ଟାର ସ୍ପ୍ରିଣ୍ଟର ହିମା ଦାସ ଅଂଶଗ୍ରହଣ କରିବେ ନାହିଁ। ଉଭୟ ନୀରଜ ଓ ଅବିନାଶ ବର୍ତ୍ତମାନ ବିଦେଶରେ ପ୍ରଶିକ୍ଷଣ ନେବା ସହିତ ଡାଇମଣ୍ଡ ଲିଗ୍‌ରେ ଅଂଶଗ୍ରହଣ କରୁଛନ୍ତି। ଉଭୟ ଖେଳାଳିଙ୍କ ବିଶ୍ୱ ଚାମ୍ପିୟନଶିପ୍ ଅଂଶଗ୍ରହଣକୁ ପ୍ରାଥମିକତା ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ଭିଜା ସମସ୍ୟା ପାଇଁ ଭାରତ ପ୍ରତ୍ୟାବର୍ତ୍ତନ କରିଥିବା ମହିଳା ଜାଭେଲିନ୍ ଥ୍ରୋୟର ଅନୁ ରାଣୀ ମଧ୍ୟ ଅଂଶଗ୍ରହଣ କରିବେ ବୋଲି କୋଚ୍ ମତ ଦେଇଥିଲେ। ଓଡ଼ିଶାର ପରିବେଶ ସାଧାରଣତଃ ଆର୍ଦ୍ର ରହୁଥିଲେ ମଧ୍ୟ ଏହା ଖେଳାଳିଙ୍କ ପ୍ରଦର୍ଶନକୁ ଏତେଟା ପ୍ରଭାବିତ କରିବ ନାହିଁ ବୋଲି କୋଚ୍ କହିଛନ୍ତି। ଜାତୀୟ ରେକର୍ଡଧାରୀ ଧାବି ଜ୍ୟୋତି ୟାରାଜି ବିଦେଶରେ ଅଭ୍ୟାସ ଦ୍ୱାରା ତାଙ୍କ ପ୍ରଦର୍ଶନରେ ସ୍ଥିରତା ଆସିଛି ଏବଂ ଚଳିତ ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ କରିବା ନେଇ ଆଶା ପ୍ରକାଶ କରିଥିଲେ। ସେହିପରି ୨୦୨୩ରେ ଉଭୟ ୩୦୦୦ ଓ ୫୦୦୦ ମିଟର ଷ୍ଟିପଲଚେଜରେ ଜାତୀୟ ରେକର୍ଡ କରିଥିବା ପାରୁଲ ଚୌଧାରୀ ମଧ୍ୟ ଭଲ ପ୍ରଦର୍ଶନ ନେଇ ଆଶାବାଦୀ ଅଛନ୍ତି।

### ଟାଇମିଂରେ ଉନ୍ନତି ପାଇଁ ପ୍ରୟାସ କରିବି: ପାରୁଲ

ଚଳିତ ବର୍ଷ ମୋର ପ୍ରଦର୍ଶନରେ ଢେର ଉନ୍ନତି ଆସିଛି। ଉଭୟ ୩୦୦୦ ଓ ୫୦୦୦ ମିଟର ଷ୍ଟିପଲଚେଜରେ ଜାତୀୟ ରେକର୍ଡ କରିଥିବା ବେଳେ କଳିଙ୍ଗ ଷ୍ଟାଡିୟମରେ ମୋ ଟାଇମିଂରେ ଉନ୍ନତି କରିବାକୁ ପ୍ରୟାସ କରିବି ବୋଲି କହିଛନ୍ତି ପାରୁଲ ଚୌଧାରୀ। ବିଦେଶର ପରିବେଶ ଏବଂ ଏଠିକାର ପରିବେଶ ମଧ୍ୟରେ ବିଶେଷ ଫରକ ରହିଛି। ତେବେ ମୁଁ ଏଠାରେ ପୂର୍ବରୁ ଖେଳି ସାରିଛି ଓ ଏଠିକାର ପରିବେଶ ସହିତ ଅଭ୍ୟସ୍ତ। ତେଣୁ ଭଲ ପ୍ରଦର୍ଶନ ନେଇ ଆଶା ରହିଛି। ଓଡ଼ିଶାରେ ସର୍ବଦା ଉନ୍ନତ ସୁବିଧା ସୁଯୋଗ ମିଳିଥାଏ। ଏହା ସହିତ ଏଠିକୁ ଆସିବା ପୂର୍ବରୁ ମୋର ପ୍ରସ୍ତୁତି ବେଶ୍ ଭଲ ରହିଛି। ଆର୍ଦ୍ରତା ଓ ଗରମକୁ ଦେଖି ଅଭ୍ୟାସ ଆରମ୍ଭ କରିବି।

### ଘରୋଇ ପରିବେଶରେ ପ୍ରଦର୍ଶନ ପାଇଁ ଉତ୍ସାହିତ: ଅମିୟ

ଘରୋଇ ଦର୍ଶକଙ୍କ ସମ୍ମୁଖରେ ଖେଳିବାକୁ ନେଇ ବେଶ୍ ଉତ୍ସାହିତ ରହିଛି। ଏହା ସହିତ ଏସିଆନ୍ ଚାମ୍ପିୟନଶିପ ଓ ଏସିଆନ୍ ଗେମ୍ସ ପାଇଁ ଅନ୍ତିମ ଟ୍ରାଏଲ୍ସ ରହିଥିବାରୁ ଏକ ଚମତ୍କାର ଟାଇମିଂ ଆଶା କରୁଛି। ୟୁରୋପରେ ଅଭ୍ୟାସ କାରଣରୁ ମୋ ଟାଇମିଂ ଓ ପ୍ରଦର୍ଶନରେ ବେଶ୍ ଉନ୍ନତି ଆସିଛି। ମୋ ଟେକ୍‌ନିକ୍ ଓ ପ୍ରଦର୍ଶନ ଉପରେ ଦୃଢ଼ ବିଶ୍ୱାସ ରହିଛି ବୋଲି କହିଥିଲେ ଅମିୟ। ଓଡ଼ିଶାରେ ବର୍ତ୍ତମାନ ପ୍ରବଳ ଖରା ହେଉଥିଲେ ହେଁ ଏହା କେବଳ ମଧ୍ୟମ ଓ ଦୂରଗାମୀ ଧାବକଙ୍କୁ ପ୍ରଭାବିତ କରିବ, ସ୍ପ୍ରିଣ୍ଟ ଉପରେ ଏହାର କୌଣସି ପ୍ରଭାବ ପଡିବ ନାହିଁ।

# ଭାରତୀୟ ଦଳରେ ଓଡ଼ିଶାର ୪ ଖେଳାଳି

**ଆଇବିଏସ୍‌ଏ ୱାର୍ଲ୍ଡ ଗେମ୍ସପାଇଁ ଦୃଷ୍ଟିବାଧିତ ମହିଳା କ୍ରିକେଟ ଦଳ ଘୋଷଣା**

ଭୁବନେଶ୍ୱର, ୧୪।୬ (ତପନ ସ୍ୱାଇଁ)

ଅନ୍ତର୍ଜାତୀୟ ବ୍ଲାଇଣ୍ଡ ସ୍ପୋର୍ଟ୍ସ ଫେଡେରେଶନ (ଆଇବିଏସ୍‌ଏ) ଆନୁକୂଲ୍ୟରେ ୱାର୍ଲ୍ଡ ଗେମ୍ସ-୨୦୨୩ ଆସନ୍ତା ଅଗଷ୍ଟ ୧୮ରୁ ୨୭ ପର୍ଯ୍ୟନ୍ତ ବର୍ମିଂହାମଠାରେ ଅନୁଷ୍ଠିତ ହେବ। ଏଥିରେ ପ୍ରଥମଥରପାଇଁ ଦୃଷ୍ଟି ବାଧିତ କ୍ରିକେଟକୁ ସାମିଲ କରାଯାଇଛି। ତେଣୁ ଏହି ପ୍ରତିଯୋଗିତା ପାଇଁ କ୍ରିକେଟ ଆସୋସିଏଶନ ଫର ଦି ବ୍ଲାଇଣ୍ଡ ଇନ୍ ଇଣ୍ଡିଆ (ସିଏବିଆଇ) ପକ୍ଷରୁ ବୁଧବାର ବେଙ୍ଗାଲୁରୁଠାରେ ଭାରତୀୟ ମହିଳା ଦଳ ଘୋଷଣା କରାଯାଇଛି। ୧୬ ଜଣିଆ ଭାରତୀୟ ଦଳରେ ଓଡ଼ିଶାର ୪ ଜଣ ସାମିଲ ହୋଇଛନ୍ତି। ସେମାନେ ହେଲେ ବାସନ୍ତି ହାଁସଦା (ବି-୨), ପଦ୍ମିନୀ ଟୁଡୁ (ବି-୧), ଝିଲି ବିରୁଆ ଓ ଫୁଲ ସୋରେନ (ଉଭୟେ ବି-୩)। ଭାରତୀୟ ଦଳରେ ବି-୧ ଓ ବି-୩ ବର୍ଗରେ ୬ ଜଣ ଲେଖାଏ ଏବଂ ବି-୨ ବର୍ଗରେ ୪ ଖେଳାଳି ରହିଛନ୍ତି। ଭାରତୀୟ ଦଳ ୱାର୍ଲ୍ଡ ଗେମ୍ସପାଇଁ ପ୍ରସ୍ତୁତି ସ୍ୱରୂପ ନିକଟରେ କାଠମାଣ୍ଡୁରେ ନେପାଳ ବିପକ୍ଷରେ ୫ ମ୍ୟାଚ ବିଶିଷ୍ଟ ସିରିଜ ଖେଳିଥିଲେ।

ଭାରତୀୟ ଦଳ: ବର୍ଷା ୟୁ, ଭାଲାସାନାଇନି ରାଭାନି, ସିମୁ ଦାସ, ପଦ୍ମିନୀ ଟୁଡୁ, କିଲାକା ସନ୍ଧ୍ୟା, ପ୍ରୀୟା (ସମସ୍ତେ ବି-୧), ଗଙ୍ଗାଭା ନୀଳାପ୍ପା ହରିଜନ, ସାନ୍ଦ୍ରା ଡେଭିସ କରିମାଲିକ୍କାଲ, ବାସନ୍ତି ହାଁସଦା, ପ୍ରୀତି ପ୍ରସାଦ (ସମସ୍ତେ ବି-୨), ସୁଷମା ପଟେଲ, ଏମ. ସତ୍ୟବତୀ, ଫୁଲ ସୋରେନ, ଝିଲି ବିରୁଆ, ଗଙ୍ଗା ସମ୍ଭଜି କଦମ, ଦୀପିକା ଟି.ସି. (ସମସ୍ତେ ବି-୩)।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ